ମନେମନେ

[illegible] ବୈଷ୍ଣବ ଚରଣ ଦାସ

Digitized by srujanika@gmail.com

ଉତ୍ସର୍ଗ

ଦିନେ

ଯେ ସବୁ ମୋର ଥିଲା,—

ଆଜି

ଯେ ସବୁ କେବଳ ସ୍ମୃତି,—

ସେହି

ସବୁକୁ

ମନେ ମନେ

ଉତ୍ସର୍ଗ

କଲି ।

Digitized by srujanika@gmail.com

ଉପହାର

ଶ୍ରୀ .... ଙ୍କୁ

.... ନିଦର୍ଶନ ସ୍ୱରୂପ

ଉପହାର

ଦେଲି ।

....

ତା .... ଶ୍ରୀ ....

Digitized by srujanika@gmail.com

ନିବେଦନ

କେତେକ ବର୍ଷ ପୂର୍ବେ "ମନେ ମନେ"ର ପ୍ରଥମ ଖଣ୍ଡ ଗଳ୍ପାକାରରେ ସେହି ନାମରେ "ଉତ୍କଳ ସାହିତ୍ୟ"ରେ ପ୍ରକାଶିତ ହୋଇଥିଲା । ମୋର ଏ ଉଦ୍ୟମ ପ୍ରଶଂସନୀୟ ହେଉ ବା ନ ହେଉ, କେତେକ ବନ୍ଧୁଙ୍କ ଅନୁରୋଧରେ ମୁଁ ଗଳ୍ପଟିକୁ କ୍ରମେ ଉପନ୍ୟାସରେ ପରିଣତ କରି ପକାଇ ବର୍ତ୍ତମାନ ଉତ୍କଳର ପାଠକପାଠିକାଙ୍କ ସମକ୍ଷରେ ଉପସ୍ଥାପିତ କରୁଅଛି । ପ୍ରଥମରୁ ଉପନ୍ୟାସର ଧାରଣା ମାତ୍ର ନ ଥାଇ କ୍ଷୁଦ୍ର ଗଳ୍ପକୁ ଏପରି ଭାବରେ ପରିବର୍ଦ୍ଧନ କରି ତାକୁ ଉପନ୍ୟାସ ନାମରେ ଅଭିହିତ କରୁଛି ବୋଲି ମୁଁ ନିଜେ କୁଣ୍ଠିତ । ପାଠକପାଠିକା "ମନେ ମନେ"କୁ କୃପାଦୃଷ୍ଟିରେ ଦେଖି ମୋତେ ବାଧିତ କରିବେ ଏତିକି ମାତ୍ର ମୋର ଆଶା ।

"ଉତ୍କଳ ସାହିତ୍ୟ"ରେ ପ୍ରକାଶିତ ଅଂଶକୁ ମୋର ବର୍ତ୍ତମାନ "ମନେ ମନେ"ରେ ସନ୍ନିବେଶିତ କରିବାର ଅନୁମତି ଓ ତାଙ୍କର ଆଦ୍ୟୋପାନ୍ତ ସହାନୁଭୂତି ଓ ସର୍ବାଙ୍ଗୀନ ସହାୟତା ପାଇଁ "ଉତ୍କଳ ସାହିତ୍ୟ"ର ମାନନୀୟ ସମ୍ପାଦକ ମହୋଦୟଙ୍କଠାରେ ମୋର ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି । ଇତି ।

ରଜସଂକ୍ରାନ୍ତି
୧୩୩୪ } ଲେଖକ

Digitized by srujanika@gmail.com

ଲେଖକ—
୰ ବୈଷ୍ଣବ ଚରଣ ଦାସ

ପ୍ରକାଶକ ଓ ପ୍ରାପ୍ତିସ୍ଥାନ
ଉତ୍କଳ ପ୍ରିଣ୍ଟିଂ ପ୍ରେସ,
ଡଗରପଡ଼ା, କଟକ—୨

ଚତୁର୍ଥ ସଂସ୍କରଣ
୧୯୬୨

ମୂଲ୍ୟ—ଟ ୨·୫୦ ନୂ: ପ:

ମୁଦ୍ରାକର
ସ୍ୱର୍ଣ୍ଣପ୍ରଭା ପ୍ରିଣ୍ଟର୍ସ,
ଡଗରପଡ଼ା, କଟକ—୨

Digitized by srujanika@gmail.com

ମନେ ମନେ ।

—ପ୍ରଥମ ଖଣ୍ଡ—

ମେଘ ଭିତରେ !

(୧)

ସେଦିନ ହରି ବାବୁ କଚେରୀରୁ ସହଳ ସହଳ ଆସି ନିଜ ଦାଣ୍ଡଦୁଆରେ ପହଞ୍ଚିଲବେଳକୁ ବେଳ ଆସି ବୁଡ଼ିଲାଣି । ତାଙ୍କ ଦାଣ୍ଡ ଅଗଣା ପକ୍କା ଚଉଁରା ଉପରେ ବସି ଗାଁ ଝିଅପିଲେ କଇଁଫୁଲର ଅପୂର୍ବ କୋଠିମାନ—ଅବଶ୍ୟ ବଡ଼ ଓଷେଇଣୀଙ୍କ ଫରମାସ ଅନୁସାରେ—କାଟିବାରେ ବ୍ୟସ୍ତ ହୋଇଗଲେଣି । ଆଜ ସେମାନଙ୍କର ବଡ଼ଘର, କାଲି କୁମାରପୂର୍ଣ୍ଣିମା । ହରି ବାବୁ ସେ ଆଡ଼କୁ ଚାହିଁ ଡାକିଲେ—'କନକ' । କେହି ଉତ୍ତର ଦେଲେ ନାହିଁ । ମୁହଁ ଫେରାଇ ପିଣ୍ଡା ଉପରକୁ ଉଠିଲେ । ଉଠିବା ମାତ୍ରକେ ତାଙ୍କ ପରିଶ୍ରମ-ମଳିନ ମୁଖରେ ଟିକିଏ ଦରହାସ ଫୁଟି ଉଠିଲା । କିଛିକ୍ଷଣ ପରେ ସହାସ୍ୟ ବଦନରେ ସ୍ନେହଭରା କଣ୍ଠରେ ସେ କହିଲେ—"କି ଲୋ କଙ୍କି, ତମର ଆଜି ପରା ବଡ଼ଘର, ଏଠି ବସିଛୁ ଯେ ?" ଉତ୍ତରରେ କେବଳ ଶବ୍ଦ ହେଲା—"ଉଁ ଉଁ ଉଁ, ସୁଁ ସୁଁ ସୁଁ !" "କି ଲୋ,

Digitized by srujanika@gmail.com

ମନେ ମନେ ।

କାହ୍ନୁକୁ କାହିଁକି ?” କିଛି ଉତ୍ତର ନାହିଁ—ଦ୍ୱିଗୁଣିତ ବେଗରେ କ୍ରନ୍ଦନ ! ହରି ବାବୁ ହସି ହସି ନଇଁ ପଡ଼ି ଧୂଳିଧୂସରିତା ଦଶମ-ବର୍ଷୀୟା ବାଳିକାଟିର ନତ ମସ୍ତକଟି ସ୍ୱହସ୍ତରେ ଟେକି ଧରିବାକୁ ଚେଷ୍ଟା କଲେ; କିନ୍ତୁ କ୍ରନ୍ଦନରତପ୍ରିୟା କୌଣସିମତେ ମୁଣ୍ଡ ଟେକିଲା ନାହିଁ—ପୁଣି ରାଗିଯାଇ କାନ୍ଥ ଆଡ଼କୁ ବୁଲି ବସି ନିଜର କ୍ଷୁଦ୍ର ସୁଗୋଲ ହସ୍ତଦ୍ୱୟରେ କାନ୍ଥଟିକୁ ପ୍ରହାର କରିବାକୁ ଲାଗିଲା । ହରି ବାବୁ କଣ ବୁଝି ହୋ ହୋ କରି ହସି ଉଠି, ନିଜ ଛତାଟି ଭିତରୁ ଖଣ୍ଡେ ବିଲାତି ପାଟ୍ଟପାଡ଼ୀ ଲୁଗା ବାହାର କରି ଅତି କଷ୍ଟରେ ହାସ୍ୟ ସମ୍ବରଣ କରି ମଜାଟା ଦେଖିବାପାଇଁ ସମାଗତ ଦୁଇ ତିନୋଟି ପିଲାଙ୍କୁ ଆଖିଠାରି କହିଲେ—“ଦେଖିଲୁ କନକ, ଏ ଲୁଗାଟା ଏବେ ତୋ ମନକୁ ଲାଗୁଛି କି ନା ?” ଏହା କହି ଲୁଗା-ଖଣ୍ଡିକ ବାଳିକା ହସ୍ତରେ ଗୁଞ୍ଜି ଦେଇ ବିଜୟୋଲ୍ଲାସରେ ହସି ହସି ଭିତରକୁ ଚାଲିଯିବାକୁ ବସିଲେ । କିନ୍ତୁ ବାଳିକାଟି ଲୁଗା ଆଡ଼କୁ ଥରେ ମାତ୍ର ନ ଚାହିଁ ନିର୍ମମ ଭାବରେ ତାହା ବାବୁଙ୍କ ଉପରକୁ ଫୋପାଡ଼ି ଦେଲା; ଆଉ କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲା । ହରି ବାବୁ ଟିକିଏ ବିସ୍ମିତ ହୋଇ ଫେରିଲେ; କନକର ଦୁଇ ହାତ ଧରି କହିଲେ—“ସୁନା ଭଉଣୀଟି ପରା, କଣ ହେଇଛି କହିଲୁ । ତୋପାଇଁ ଆଜି ଏଇ ସୁନ୍ଦର ଲୁଗାଟି ଆଣିଛି । ଏଇ ଦେଖ୍, ଗୁଡ଼ିଆ ପାଖରୁ ବଡ଼ଧର ଭୋଗ ତୋ ପାଇଁ ଆଣିଛି । କହିଲୁ, କିଙ୍କି କଥା କଣ ? ନୂଆବୋଉ କିଛି କହିଲା ? କେହି ପିଲାଏ ମାରଧର କଲେ ?” ଏହିଥର ବାଳିକାଟି କଥା କହିଲା—ଅବଶ୍ୟ ବହୁ କଷ୍ଟରେ । କହିଲା, କି, ମିତୁ ଭାଇ କାହିଁକି ମତେ

Digitized by srujanika@gmail.com

କହି ଖାଇ ବୋଲି କହିଲି ? ଉଁ ଉଁ ଉଁ—ମୁଁ ଓଷା କରିବି ନାହିଁ—ଉଁ ଉଁ ଉଁ ! ମୁଁ ଲୁଗା ପିନ୍ଧିବି ନାହିଁ—ଉଁ ଉଁ ଉଁ ?" ହରିବାବୁ ହସି ଉଠୁଥିଲେ, କିନ୍ତୁ ତାଙ୍କ ମୁହଁ ଉପରେ ସ୍ଥାପିତ ଯୋଡ଼ିଏ ଦିବ୍ୟ-ଚକ୍ଷୁର ଅଶ୍ରୁପୂର୍ଣ୍ଣ ଝଲସରେ ତାଙ୍କ ହୃଦୟର କେଉଁ ସୂକ୍ଷ୍ମ ତନ୍ତ୍ରୀ କି ମଧୁର ଭାବରେ ତାଡ଼ିତ ହେଲା କେଜାଣି, ହସିବେ କଣ, ସେ ହଠାତ୍ ବାଳିକାଟିକୁ କୋଳ କରି ଧରି ଗୃହ ମଧ୍ୟକୁ ଚାଲି-ଗଲେ—କିଛି କହିଲେ ନାହିଁ ।

× × × ×

ପର ଦିନର କଥା, ଆଜି କୁମାରପୂର୍ଣ୍ଣିମା—କୁମାରୀମାନଙ୍କର ସୌନ୍ଦର୍ଯ୍ୟ-ଉପାସନାର ଦିବସ । ଘରେ ଘରେ ଆଜି ଆନନ୍ଦର ଢେଉ ଖେଳି ଯାଉଅଛି । କି ଧନୀ, କି ନିର୍ଦ୍ଧନ, ସମସ୍ତେ ନିଜ ନିଜ ପିଲାମାନଙ୍କୁ ଯଥାଶକ୍ତି ସଜାଇ ସୌନ୍ଦର୍ଯ୍ୟ-ଉପାସନାର ଚରମ ସହଯୋଗିତା ଅନ୍ତରରେ ଅନୁଭବ କରିବାକୁ ଭୁଲୁନାହାନ୍ତି । ଘରେ ଘରେ ଆନନ୍ଦକଲ୍ଲୋଳ—ଘରେ ଘରେ ଶୋଭାର ହାଟ ବସି ଯାଇଅଛି । ସରଳ ବାଳକ ବାଳିକାମାନେ ସ୍ୱଭାବ-ସୌନ୍ଦର୍ଯ୍ୟର ଚରମ ବିକାଶ ପୂଜାଫୁଲ ଅଙ୍ଗେ ଅଙ୍ଗେ ଖେଳାଇ ଶୋଡ଼ଶୋ-ପଚାରରେ ସୌନ୍ଦର୍ଯ୍ୟଦେବତାଙ୍କୁ ପୂଜା ଦେଉଅଛନ୍ତି ।

ସନ୍ଧ୍ୟା ପହରରେ କି ଦୁଇଘଣ୍ଟା ଆଉଁ ଚାନ୍ଦ ବଡ଼ାବଡ଼ିର ଧୂମ୍ ପଡ଼ିଗଲାଣି—ପିଲାଟିଠାରୁ ବୁଢ଼ା ବୁଢ଼ୀ ପର୍ଯ୍ୟନ୍ତ ସମସ୍ତେ ନିହାତି ବ୍ୟସ୍ତ ଥିଲା ପରି ଯଥାସମ୍ଭବ ଧାଁ ଦଉଡ଼ ଲଗାଇଅଛନ୍ତି, କେଉଁ-ଠାରେ ବୋହୂ ଟିଏ ରୁଣ୍ଡ ହୋଇ ଚହାକାଉରରେ ବସି ହସ ଖୁସିରେ

Digitized by srujanika@gmail.com

ମନେ ମନେ ।

ଆପଣା ଆପଣା କେଶ ବିନ୍ୟାସ କରିବାରେ ବ୍ୟସ୍ତ, କେଉଁଠାରେ କେତେଗୁଡ଼ଏ ପ୍ରୌଢ଼ା ନିଜ ନିଜ ପିତ୍ରାଳୟ, ତଥା ମାତୃଭୂମିର ପ୍ରଶଂସାଦ୍ୱାରା ଅସତ୍ୟ ଶ୍ୱଶୁରଗୃହ ଓ ଗ୍ରାମର ଦ୍ରବ୍ୟସାମଗ୍ରୀ, ରୀତି ନୀତି ଆଦିର ନିକୃଷ୍ଟତା ସ୍ପଷ୍ଟଭାବରେ ପ୍ରତିପାଦିତ କରି ପକାଉ ଅଛନ୍ତି । କିନ୍ତୁ ଏ ପ୍ରକାର ଅପଥା ବଡ଼ିମା ଏ ଘର ଓ ଗ୍ରାମର ଝିଅଗୁଡ଼ାକଙ୍କ ହୃଦୟରେ କେବେ ଯାଉନାହିଁ । ସେମାନେ ଯଥା ସମ୍ଭବ ଅଛା ସମ୍ବନ୍ଧମାନ ସ୍ମରଣ ବା ଆବିଷ୍କାର କରି ପ୍ରୌଢ଼ାମାନଙ୍କୁ ଯଥାମତ ଗାଳି ଦେବାକୁ ଛାଡୁନାହାନ୍ତି—ହେଲେ, ବୟସ୍ୱଭାବ ଓ ବଙ୍କଳାର ପରିସ୍ପୃକ ସେମାନଙ୍କର ଗୋଟିଏ ଗୋଟିଏ ମସ୍ତକ ସଞ୍ଚାଳନରେ ସେମାନେ ସଳଖେ ସଳଖେ ନିଜ ନିଜ ନ୍ୟୂନତା ଜ୍ଞାନରେ ଉପମାତହୋଇ ଭୂମି ହୋଇ ଯାଉଅଛନ୍ତି । ଗୋଟିଏ ଘରେ ସାନ୍ତାଣୀ ଖଣ୍ଡେ ଗାମୁଛା ଦେହରେ ବେଢ଼ାଇ ଦେଇ ନସର ପସର ହୋଇ ଶୃନ୍ଦ ବାଢ଼ିବାରେ ବ୍ୟସ୍ତ । ପିଲଗୁଡ଼ାକ ନୂଆ ଲୁଗା ପିନ୍ଧିବେ ବୋଲି ତାଙ୍କ ପିଛୁ ଧରିଅଛନ୍ତି, ବୋହୂଗୁଡ଼ାକ ତାଙ୍କ ମୁଣ୍ଡ ବାନ୍ଧିଦେବାକୁ ଚୁଁ ଚୁଁ କରି ଭିଡ଼ାଭିଡ଼ି ଲଗାଇଛନ୍ତି । ସାନ୍ତାଣୀ କିନ୍ତୁ ଗମ୍ଭୀର ଭାବରେ ସହସ୍ର ଅଦୃଷ୍ଟପୂର୍ବ ଶୃନ୍ଦର ପ୍ରତିକୃତି ଥାଳି ଥାଳିଆମାନଙ୍କରେ ବେଧଡ଼କ୍ ବସାଇଦେଇ ଯାଉଅଛନ୍ତି । ହେଲେ, ବେଳେ ବେଳେ ତାଙ୍କ କଣ୍ଠାନ୍ତର୍ଗତ ବାକ୍ୟସ୍ରୋତରେ ଡିଙ୍ଗିବାର ଆଉ ବାଟ ରହୁ ନାହିଁ । ଗାଁ ରୋଷେଇଘର ଆଉ ଡର ନାହିଁ—ଜହ୍ନ ବୁଡ଼ା ହୋଇ-ଯିବ ବୋଲି ପିଣ୍ଡି ଉପରେ ଆଣ୍ଠି ଦିନ ଘଡ଼ିଏ ଥାଉଁ ଜହ୍ନ ଫୁଲର ଗୋଟିଏ ପୂର୍ଣ୍ଣଚନ୍ଦ୍ର ଆଙ୍କି ପକାଇଲଣି ।

Digitized by srujanika@gmail.com

ମନେ ମନେ ।

ଆଜି କନକ ଅଝଟ ଧରି ବସିଛି—ମାଳ୍ତୀ ଘରେ ମାଇଁ ଗୃହ ବଡ଼ା ନ ହେଲେ ସେ ଗୃହ ବନ୍ଧାଇବାକୁ ଯିବ ନାହିଁ—ଲୁଗା ଚୂଡ଼ି କିଛି ପିନ୍ଧିବ ନାହିଁ, ଚୂଲି ଓଷା ମୁହରେ ନିଆଁ ଜାଳି ଦେବ । ହରିବାବୁଙ୍କ ଗୃହିଣୀ ଧରି ବସିଛନ୍ତି—ସେଇଟା କାହାର କିଏ, ତା ପାଇଁ ଆମେ ଗୋଟାଏ ଗୃହ ବାଡ଼ିବୁ କିଆଁ ! କନକ ପାଇଁ ଡାକ ଉପରେ ଡାକ ଆସୁଛି । ସେ ତ ନ ବୁଝିଲେ ସରିଲା—ସେମିତି ବାଡ଼କୁ ଆଉଜି ବସିଛି । ହରିବାବୁ କଚେରି ଫେରନ୍ତା ଆସି ଏ ସବୁ ଦେଖି କେଉଁଆଡ଼କୁ ହେବେ, କିଛି ସ୍ଥିର କରି ପାରୁନାହାନ୍ତି, ଥରେ କାର୍ଯ୍ୟବ୍ୟସ୍ତା ଅର୍ଦ୍ଧାଙ୍ଗିନୀଙ୍କ ଆଡ଼କୁ ଚାହିଁ କନକର କରୁଣ ମୂର୍ତ୍ତିଟି ଆଡ଼କୁ ଚାହିଁଲା ବେଳକୁ ଦୁଇଆଡ଼ୁ ମହା ଧନ୍ଦା ଲାଗିଯାଉଛି । ଇତିମଧ୍ୟରେ ପୁଣି ପତ୍ନୀଙ୍କ କଠୋର, ପ୍ରତିଜ୍ଞାସ୍ଥିର ନୟନର ବିଦ୍ୟୁତ୍-କଟାକ୍ଷ ମଧ୍ୟ ତାଙ୍କ ହୃଦୟର ଅପରିଜ୍ଞେୟ କୌଣସି ସ୍ଥାନରେ ଆଘାତ କଲାଣି । ହେଲେ, ହରି ବାବୁ ଯେତେବେଳେ ସେହି ପିତୃମାତୃହୀନା ସରଳା ବାଳିକାଟିର କଥା ସ୍ମରଣ କରୁଛନ୍ତି, ସେତେବେଳେ ସେ ଅସ୍ୱାଭାବିକ ବଳ ସଞ୍ଚୟ କରି ପତ୍ନୀଙ୍କୁ ଅବଜ୍ଞା କରିବାକୁ ଯାଉଅଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ତଥାପି କଚେରିଆ ବୁଦ୍ଧି ଛାଡ଼ି ଯାଇନାହିଁ । ଅତଏବ ଶେଷରେ ସିଦ୍ଧାନ୍ତ ହୋଇଗଲା ଯେ, ଯଥାସମ୍ଭବ ଦୁଇପକ୍ଷ ରକ୍ଷା କରିବାକୁ ହେବ, ଅତଏବ କିଛି ଗୋଟାଏ ଦୋମୁଣ୍ଡିଆ କରି କହିବାକୁ ହେବ । ସୁତରାଂ ହରିବାବୁ କହିଲେ, "ଆହା, ଗରିବ ଛେଉଣ୍ଡ ପିଲାଟି, ତା ପାଇଁ ଆଉ କିଏ ଗୃହ ବାଡ଼ିବ ?"

Digitized by srujanika@gmail.com

ମନେ ମନେ ।

ବାସ୍ତବକ, ମାନୁ ବଡ଼ ଗରିବ ପିଲାଟିଏ । ବାପ ନାହିଁ, ମା ନାହିଁ—ପିଲାଟି ସାତବର୍ଷ କାଳରୁ ଆସି ଏଠାରେ ଭଉଣୀ ଘରେ ଅଛି । ଭଉଣୀର ପୁଣି ଭାଇଭଗାରୀ ଘର, ସେଥିକି ପୁଣି ନିଜେ ଭଉଣୀ ବର୍ଷେ ହେଲା ଇହଧାମ ଛାଡ଼ି ଚାଲିଗଲେଣି; ଅଛନ୍ତି କେବଳ ଭଣୋଇ ନିତେଇ ବାବୁ । ନିତେଇ ବଡ଼ ଭଲ ଲୋକ । ହେଲେ, ଅବସ୍ଥା ତେତେ ଭଲ ନୁହେଁ ।

ମାନୁ ପିଲାଟି ଗାଁ ସାକରେ ଗୋଟିଏ ପିଲା ଏକା—ଦେଖିବାକୁ ଯେମିତି ସୁନ୍ଦର, ବୁଦ୍ଧିଶୁଦ୍ଧିରେ, ପାଠଶାଠରେ, ବ୍ୟବହାରରେ ତତୋଽଧିକ; ସେଥିପାଇଁ ସେ ପିଲାଟି ଗାଁ ଖଣ୍ଡିକରେ ପୁଅ—ତାକୁ କଏ ନ ଦେଖିପାରେ ? ଏକେତ ଗରିବ, ପୁଣି ଏଡ଼େ ସୁବୋଧ, ତେଣୁ ତା ପାଇଁ ଗାଁ ମାଇପଯାକଙ୍କ କଥା ତ ଛାଡ଼ିଦିଅ, ଝିଅଟିଟି-ଠାରୁ ଭେଣ୍ଡାଟିଏ ଯାଏଁ—ବୁଢ଼ା ବୁଢ଼ୀ ପର୍ଯ୍ୟନ୍ତ ସମସ୍ତେ ଧାଇଁଆନ୍ତି । ମାନୁ ଦିନେ ବାଧିକ ପଡ଼ିଲେ ଗାଁର ସାତପିଲାଙ୍କର ଖିଆପିଆ ବନ୍ଦ—ସାତ ଲୋକଙ୍କର ଧାଁ ଦଉଡ଼ର ପର୍ଯ୍ୟନ୍ତ ନ ଥାଏ ।

ଆଜ କୁମାରପୂର୍ଣ୍ଣିମାରେ ମାନୁ ବଡ଼ ବ୍ୟସ୍ତ—ବ୍ୟସ୍ତ ସବୁଠାରୁ ତାର ପାଟି ଓ ପେଟ । ତା ପାଇଁ ଖଣ୍ଡେ ନୂଆଲୁଗା ହୋଇଛି ସତ, ହେଲେ, ତାହା ହଳଦିଆ ହୋଇନାହିଁ । କଏ ଅଛି ଯେ ହଳ-ଦାଇବ ! ଚାନ୍ଦ ତ ବଡ଼ା ହୋଇନାହିଁ ! ଏଥିରେ କିନ୍ତୁ ମାନୁର ଅଣୁମାତ୍ର ଦୁଃଖ ଥିବାର ବୋଧ ହେଉନାହିଁ—ଆନନ୍ଦମନରେ ଧାଇଁ ଧାଇଁ ବୁଲୁଅଛି ।

Digitized by srujanika@gmail.com

ଗୃନ୍ଦବନ୍ଦାଣ ପୂର୍ବରୁ ମାଲୁ ହସି ହସି ଆସି କନକର ସଯତ୍ନନିର୍ମିତ ଖୋଷାଟି ଭିଡ଼ଦେଇ କହିଲା, "କ ଲୋ ଶୁଖୁଆଖାଇ—ଇସ୍, ଶୁଖୁଆଖାଇ ଜହ୍ନିଖାଇ ପୁଣି ଓଷା କରୁଛନ୍ତ—ଦଅ, ଏଇଠାକୁ ଛଡ଼ଦଅ ଏଠଉଁ ।" ଏ ସବୁର ଗୋଟିଏ କଡ଼ା ଉତ୍ତର ଆଶା କରି ବୋଧହୁଏ ମାଲୁ କନକ ଆଡ଼କୁ ଗୃହିଁଲା, କନ୍ତୁ ଦୁଃଖର ବିଷୟ କନକ ଅନ୍ୟଆଡ଼େ ମନ ଦେଇଥିଲା—ନ ହେଲେ ଗୋଟାଏ କଳିଗୋଳ ନ ହୋଇ ଯାଇନଥାନ୍ତା ।

ବାସ୍ତବିକ, ମାଲୁ ପିଲାଟା ଏତେ ମେଳିଆ, ଏତେ ସୁବୋଧ, ହେଲେ, ଦିନରେ ଦୁଇଓଳି କନକ ସଙ୍ଗରେ ଟିକିଏ କଳିଗୋଳ ମାରପିଟ, ଦଙ୍ଗାଫିସାଦ ନ ହେଲେ ତାକୁ ଆଉ ଭାତ ରୁଚେ ନାହିଁ । ଯେତେବେଳେ ଦୁହିଙ୍କର ଭେଟ ହେଲା—ଆଉ ସେମାନଙ୍କର ଗୁଡ଼ିବାଡ଼ ସହଜରେ ଦେଖାଯାଏ ନାହିଁ—କାହାରି କିଛି ଗୋଟାଏ ଅନିଷ୍ଟ ନ ହେବାଯାକେ କେଭେ ସାଙ୍ଗ ଗୁଡ଼ନ୍ତି ନାହିଁ; ଯାହା ବା ଛଡ଼ାଛଡ଼ି ହୁଅନ୍ତି, ତାହା କେବଳ ଅନ୍ୟ କାହାରି କଥାରେ—କଳିଗୋଳ ଦେଖି କେହି ଛଡ଼ାଇ ଦେଲେ ଯାଇଁ । ନ ହେଲେ—ଶୁଣାଶୁଣିରୁ ଜଣାଯାଏ, ଦିନେ ପରା ଦୁହେଁ ବସି ବାଗ୍‌ବିତଣ୍ଡା, ହସ ଖୁସି, ରୁଷା ବେଉଷା, ମାରପିଟ, କନ୍ଦାକଟାରେ ଓଳି ଗୋଟାଏ କଟାଇ ଦେଇ ପୁଣିଥରେ ସେହି ସେହି ବ୍ୟବସାୟ ନୂଆକରି ଆରମ୍ଭ କରିବାକୁ ଯାଇଥିଲେ; କନକ ନୂଆବଉ ଆସି ଦୁହିଁଙ୍କୁ ଦୁଇବାଡ଼ ଦେଇ କନକକୁ ଅଡ଼ାଇ ନେଇ ଗଲେ । ତଥାପି କନକ ମାଲୁ ଭାଇକି ନ ଦେଖିଲେ ଦଣ୍ଡେ ରହି

Digitized by srujanika@gmail.com

ମନେ ମନେ ।

ପାରେ ନାହିଁ, ଦେଖିଲେ ପୁଣି ଟିକଏ ଚିମୁଟିଗୁମୁଟି ଦେବାକୁ, ଟିକଏ ଖଚେଇ ବିଗୁଲେଇ ଦେବାକୁ ଛାଡ଼େନାହିଁ; ମାଳୁ ଟିକଏ ଯନ୍ତ୍ର—ଦଶାବିପାକରୁ ଅବଶ୍ୟ—ଏ ସବୁର ପ୍ରତିବ୍ୟବହାର ଦେବାକୁ ଯାଏ, ତାହାହେଲେ ଭେ ଭେ କରି ଡକା ପାରିବାକୁ ମଧ୍ୟ କୁଣ୍ଠିତ ହୁଏନାହିଁ । କନକର ଏ ସବୁ ପାଠରେ ଭରି ଦଖଲ—ଗୋଟାଏ ଆଖିରେ କାନ୍ଦିବା ସଙ୍ଗେ ସଙ୍ଗେ ଅନ୍ୟ ଆଖିରେ ହସିବାରେ ଯେମିତି, ଆଖିରୁ ଲୁହ ପୋଛୁ ପୋଛୁ କାନରେ (ମାଳୁର) ଛେପ ପକାଇବାରେ ଯେମିତି, ମାଳୁ ଭାଇ ହାତ ଧରି ଗୁଲୁ ଗୁଲୁ ରାଗିଯାଇଁ ତା ଆଡ଼କୁ ପଛକରି ତାହାର ପଛେ ପଛେ ଗୁଲିବାରେ ଯେମିତି ଦଖଲ, ମାଳୁ ଭାଇ ଏ ସବୁ ମାଳରୁ କାଟି ବରାମଦ୍ କରି ପକାଇଲେ ରଡ଼ିବାରେ ମଧ୍ୟ ତତୋଽଧିକ ! ମାଳୁ ପିଲା ଚାଲାଖ୍—ଲୁହା ଜାଣି ପାଣି ଦିଏ । ଦିନେ ଦିନେ ପ୍ରକାରାନ୍ତରେ ଏ କଠୋର ଶାସନର ପ୍ରତିବାଦ କରିବାକୁ ମଧ୍ୟ ଛାଡ଼େ ନାହିଁ । କନକ ଘରଠାକୁ ନ ଆସିଲେ ଚୂଡ଼ାନ୍ତ ପ୍ରତିବାଦ ହୁଅନ୍ତା । ତଥାପି ତତୋଽଧିକ ଆତ୍ମପରୀକ୍ଷା ସହ୍ୟ କରିବା ଅସମ୍ଭବ—କନକକୁ ନ ଦେଖିଲେ, ତାଦ୍ୱାରା ପ୍ରପୀଡ଼ିତ ନ ହେଲେ ତ ନ ହୁଏ ! ଅତଏବ ଯେଉଁଦିନ ଖିଆଲ ଉଠେ ଯେ, ଆଜି କନକକୁ ଜବଦ୍ କରିବି, ସେ ଦିନ ତାକୁ ବରଂ ଟିକଏ ସହଳ ସହଳ ତାଙ୍କ ଘରଠାକୁ ଯିବାକୁ ହୁଏ, ଯାଇଁ, କନକ ଆସିବା ଆଗରୁ ବଉଳଗଛ ଉପରେ ବସି ରହେ—କନକ ଆସିଲେ ମଜାଟା ଦେଖିବ । ଯାହାହେଉ ଏ ଆଶାରେ ତାକୁ

Digitized by srujanika@gmail.com

ଧନେ ହେଲେ ନିଗଣ ହେବାକୁ ପଡ଼େ ନାହିଁ—ବାସ୍ତବିକ, ମଜାଠା ଦେଖିବାର ଭଳିଆ ଜିନିସ ଏକା !

× × × ×

ଫୁଁ ଫୁଁ କରି ଶଙ୍ଖ ବାଜି ଉଠିଲା । ବଡ଼ ଓଷେଇଘି ନିଜ ଶଙ୍ଖଟି ତଳେ ଥୋଇଦେଇ ଶେଗ ପାଣିଛିଡ଼ାଇ ଦେଲେ—ଚୁନ୍ଦବନ୍ଧାଣ ହୋଇଗଲା । ତେଳଧାପରେ ଚନ୍ଦ୍ର କେତେଦୂର ପ୍ରୀତ ହେଲେ କେଜାଣି, କିନ୍ତୁ ପିଣ୍ଡିଟି ଉପରେ ଶହେ ଚନ୍ଦ୍ର ଝଲସି ଉଠିଲା—ସେ ଠିକ୍ ନୈବେଦ୍ୟ ଗ୍ରହଣ କଲେ ପରା !

ସବୁ ସରିଗଲା । ·ସମ୍ମାନସ୍ଥାନୀୟା କୌଣସି ପ୍ରୌଢ଼ା ଆସି ଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ଅର୍ଘ୍ୟ ଦେଇଗଲେ । ନିଜ ନିଜ 'ଚୁନ୍ଦ' ଧରି ଯେ ଯାହା ଘରକୁ ଚାଲିଗଲେ, ଏକା ମିଲୁ ଖାଲି ହାତରେ ସେହିଠାରେ ଥକ୍କା ହୋଇ ଛିଡ଼ା ହୋଇଥାଏ । ଏହି ସମୟରେ ଦୁଇ ହାତରେ ଦୁଇଟା ଥାଳିଧରି 'ମିଲୁଭାଇ' 'ମିଲୁଭାଇ' ବୋଲି ଡାକି ଡାକି ଦେଖା ଦେଲା କନକ । ଦୂରରୁ କହିଲା—"ନୀଳୁଭାଇ, ଦେଖ ଦେଖ ମୋର ଦୁଇଟା ଚୁନ୍ଦ । ଛି ଛି, ତୋର—ତୋ ଚୁନ୍ଦ କାହିଁ ? ଛି ଲୋ ଛି, ଯାର ଚୁନ୍ଦ ନାହିଁ ଲୋ ନାହିଁ !" ନୀଳୁ କିଛି କହିଲା ନାହିଁ ଦେଖି ହସି ହସି ଆସି ତା କପାଳରେ ଟିକା ମାରିଲା । ମିଲୁ ତାର ଯେଉଁଠି ସେଇଠି କାଠପିତୁଳାଟି ପରି ଛିଡ଼ା ହୋଇଥାଏ—ମୁହଁ ତଳକୁ, ଏ ଶରତ୍‌କାଳରେ ସୁଦ୍ଧା ଦେହରୁ ବିନ୍ଦୁ ବିନ୍ଦୁ ଝାଳ, ମୁହଁରେ କଥା ନାହିଁ । କନକକୁ ଦେଖି ମିଲୁ ହାତପିଠିଟା ଚଟ୍‌କରି ଆଖିରେ ଘଷି ଦେଲା । କନକ

Digitized by srujanika@gmail.com

ମନେ ମନେ ।

ଏଣେ ମାଙ୍କୁ ନାଗାକୁ ଲକ୍ଷ୍ୟ କରି କହିଲା—"ଦେଖ ମାଙ୍କୁ ଭାଇ, ମୋର କେମିତି ଝଲମଲିଆ ଲୁଗା । ତୋ ଲୁଗାଟା ଧୂଆ ବି ହୋଇ ନାହିଁ । ଛି, ଛି ! ମୁହଁକୁ ଲାଜ ନାହିଁ—ଆହୁରି କାନ୍ଦୁଛନ୍ତି !" ମାଙ୍କୁ ଏତେବେଳକୁ ଲୁହ ପୋଛିପାଛି ଦେଇ ଗାଲ ସଫା କରୁଥିଲା, କନକ କଥା ଶୁଣି ଆଉ ସମ୍ଭାଳି ନ ପାରି ଫୁଲି ଫୁଲି କାନ୍ଦି ଉଠି ସେଠାରୁ ଦଉଡ଼ି ପଳାଇଗଲା ।

କନକ ତ କେବେଁ ମାଙ୍କୁ ଭାଇକୁ ଏପରି ଭାବରେ କାନ୍ଦିବାର ଦେଖି ନାହିଁ—ବଡ଼ ବିଷମ ସମସ୍ୟା, 'ମାଙ୍କୁ ଭାଇଟା ଇମିତି କାନ୍ଦୁଛି କାହିଁକି ?' ମନକୁ କୌଣସି ପ୍ରକାରେ ବୁଝାଇ ନ ପାରି ନିଜେ ବସି ଅଧିମତେ ଉଚ୍ଛ୍ୱସିତଭାବରେ କାନ୍ଦିବାକୁ ଲାଗିଲା ! ଆଉ କଣ କରିବ ବିଚରା—ଗୁନ୍ଦଯୋଡ଼ାକ ଦୁଇ ହାତରେ ଧରି ଫୁଲାଫୁଲା କରି ଛୁଣ୍ଣାଇ ଉଜଟା ଉକଟି ପରସ୍ତେ କରିଦେଲା, କିନ୍ତୁ ସେଥିରୁ ତ କିଛି ବୁଝି ବାହାରିଲା ନାହିଁ ! ଅତଏବ ଥାଳିଯୋଡ଼ାକ ଠେଲି ଦେଇ ସ୍ଥିରପ୍ରଜ୍ଞଙ୍କ ଭାବରେ ମନମାଫିକ ଦମେ କାନ୍ଦି ନେବାକୁ ବସିଗଲା । କାନ୍ଦୁଛି, ଲୁହ ଶୁଖୁ ନାହିଁ, କୌଣସି ଆଡ଼କୁ ଭ୍ରୂକ୍ଷେପ ନ କରି କାନ୍ଦୁଛି । ହଠାତ୍ କାହାର ଗୋଟିଏ ସ୍ନିଗ୍ଧ ସୁକୋମଳ ହସ୍ତ ତାହାର ଟଳଟଳ ପଦ୍ମ ପରି ଭରା ଚକ୍ଷୁ ଯୋଡ଼ିକୁ ଚୁପି ଧରିଲା, ଆଉ ଗୋଟିଏ ହାତ ତାହାର ରକ୍ତିମାଭ ଚିକ୍କଣ କପୋଳରେ ଟିକା ମାରିଲା । ଭରାକଣ୍ଠରେ ମାଙ୍କୁ କହିଲା, "ଇଃ !" ବାଳିକା କନକ ଉଠି ହାତ ଛଡ଼ାଇବାକୁ ଗଲା, କିନ୍ତୁ ହାତ ଆପେ ଛୁଟିଗଲା; ଆଉ ମାଙ୍କୁ ଆଗକୁ ଡେଇଁ ଆଙ୍ଗୁଳି

Digitized by srujanika@gmail.com

ଦେଖାଇ କହିଲା, "କି ଲୋ, ମୋତେ କହୁଥିଲୁ ପରା !" ମାଲୁର ଇଚ୍ଛା—କନକ ଆଉ ଟିକିଏ କାନ୍ଦୁ ; କିନ୍ତୁ କାନ୍ଦିବା କଥା ଦୂରରେ ଥାଉ, କନକ ଏକାଦମକେ ପୂରା ଗମ୍ଭୀର ହୋଇଗଲା—ଯେମିତି ଆଉ କାନ୍ଦିବ ନାହିଁ । ମାଲୁକୁ ଏଇଟା କେମିତି ନୂଆ ବୋଧ ହେଲା—ସେ ବିସ୍ମିତ ହୋଇ ତା ଆଡ଼କୁ ଚାହିଁ ରହିଲା । କନକର ସଦ୍ୟସ୍ନାତ ମୁଖଟି ରଙ୍ଗ ପଡ଼ିଗଲା । ସେ ଡରଡର ହୋଇ କହିଲା— "ମାଲୁ ଭାଇ, ତମ ଗୋଡ଼ ଧରୁଛି, ଏଇଟା ତମ ଗୋଡ଼ !"

ମାଲୁ ନ ଶୁଣିଲା ପରି କହିଲା—"କହିଲୁ କନକ, ତୁ କାନ୍ଦୁ ନାହୁଁ କାହିଁକି, କହିଲୁ ?"

"ମୁଁ ତୋର ପର ହେଉଛି, ନୁହେଁ ?"

"କାନ୍ଦୁଥିଲୁ କେମିତି ? ଇଃ !"

"କାହିଁ, କିଏ କାନ୍ଦୁଥିଲା, କେତେବେଳେ ? ତୁ ତ କାନ୍ଦୁଥିଲୁ, ମୁଁ କୁଆଡ଼େ କାନ୍ଦିବ !"

ମାଲୁ କିନ୍ତୁ ହଠାତ୍ କନକର ହାତ ଯୋଡ଼ିକ ଦୁଇ ହାତରେ ଧରି ଆଖି ଛଳଛଳ କରି କହିଲା—"ଆଚ୍ଛା କନ୍କି, ତତେ ମୋ ରାଣଟି, କହ କାହିଁକି କାନ୍ଦୁଥିଲୁ ?"

"ତୁ କାନ୍ଦିବୁ ମୁଁ ଟିକିଏ କାନ୍ଦିଲେ ଅଖି ଲାଗିଗଲା ! ଯା, ମୁଁ ଫେର୍ କାନ୍ଦିବ ଯେ !"

"ବସ୍ ବସ୍, ରହ ; କାହିଁକି କାନ୍ଦୁଥିଲୁ କହ, ନ ହେଲେ ଛାଡ଼ିବି ନାହିଁ ।"

Digitized by srujanika@gmail.com

ମନେ ମନେ ।

"ତୁ କାହିଁକି କାନ୍ଦୁଥିଲୁ କହୁ ନାହୁଁ ?"

"ମୁଁ କଣ ଆଉ କାନ୍ଦୁଛି ? ଆଉ କାନ୍ଦିବ ନାହିଁ, ଯା ।"

"ଆଉ କଣ ମୁଁ କାନ୍ଦୁଛି—ଘର ପାଇଁ ! ନିଅ, ଏବେ ତମ ଚୁନ୍ଦ ଖାଇବ ତ ଖା, ନ ହେଲେ ମୁଁ ମୋର ଯାଉଛି !"

ମିଳୁ ଆଉ ଗାମ୍ଭୀର୍ଯ୍ୟ ରଖି ପାରିଲା ନାହିଁ, ହୋ ହୋ କରି ହସି ଉଠିଲା ।

ନିଜ ନିଜ ଚୁନ୍ଦ ହାତରେ ଧରି ଦୁହେଁ ଉଠିଲେ; ଖାଇ ଖାଇ ଚାଲିଲେ । ଦୁହିଙ୍କ ମୁଖରେ ମଧୁର ହାସ୍ୟରେଖା ଫୁଟି ଉଠୁଅଛି ! ଦୁହେଁ ନିର୍ବାକ୍‌ଭାବରେ ଚାଲିଅଛନ୍ତି । ଉପରେ ସ୍ୱଚ୍ଛ ଶାରଦୀୟ ଆକାଶର ମଧୁର ପୂର୍ଣ୍ଣିମା ଚନ୍ଦ୍ର—ଜଗତ୍ ବିମଳ ଜ୍ୟୋତ୍ସ୍ନାରେ ଭାସୁଅଛି, ଆଉ ପିଲା ଯୋଡ଼ିକଙ୍କ ନବୀନ ପ୍ରାଣ କପରି ଗୋଟିଏ ମଧୁର ଆଲୋକରେ ପୂରି ଯାଇଅଛି ! ଆଜି ଏ ଶୋଭାର ଅସୀମ ପ୍ରବାହରେ ନିସ୍ତବ୍ଧର ସ୍ଥିର ଅଧୀରତାର ମନ୍ଦ ପବନରେ ଏ କ୍ଷୁଦ୍ର ହୃଦୟଯୋଡ଼ିକ କେଉଁ ଆଡ଼କୁ ଭାସି ଯାଉଅଛି, କେଜାଣି !

(୨)

ହରିହର ପଟ୍ଟନାୟକଙ୍କ ଘର ଭଦ୍ରକ ସହର ନିକଟସ୍ଥ ଗୋବିନ୍ଦପୁର ଗ୍ରାମରେ । ସେ ଗ୍ରାମର ଜଣେ ମୁଖିଆ ଲୋକ । ତାଙ୍କ ଛଡ଼ା ଆଉ କେହି ସେ ଗ୍ରାମରୁ ଇଂରାଜୀ ଶିକ୍ଷା ପାଇ ନ ଥିଲେ । ହରି ବାବୁଙ୍କ ସ୍ୱର୍ଗତ ପିତା ମୁକ୍ତାର କରି ଅନେକ ଟଙ୍କା ଉପାର୍ଜନ କରିଥିଲେ ଓ ତାଙ୍କୁ ଇସ୍କୁଲରେ ପଢ଼ାଇ ଓକିଲ କରିବାର ଇଚ୍ଛା

Digitized by srujanika@gmail.com

କରିଥିଲେ; କିନ୍ତୁ ହରିବାବୁ ଏଣ୍ଟ୍ରାନ୍ସ ପରୀକ୍ଷା ଦେବା ପୂର୍ବରୁ ତାଙ୍କର ଅକାଳ ବିୟୋଗ ହେବାରୁ ପଢ଼ାପଢ଼ି ଛାଡ଼ି ହରିବାବୁଙ୍କୁ ଚାକିରୀ କରିବାକୁ ପଡ଼ିଲା । ଭଦ୍ରକ କଲେକ୍ଟରୀ କଚେରୀରେ କିରାଣି କାମରେ ପଶି ବର୍ତ୍ତମାନ ସେ ନାଜର କାମରେ ସୁପ୍ରତିଷ୍ଠିତ ଅଛନ୍ତି ।

ଗୋବିନ୍ଦପୁର ଗ୍ରାମଟିରେ ସମସ୍ତେ କଚେରିଆ । ଅନେକଗୁଡ଼ିଏ କରଣଙ୍କର ସେଠାରେ ବାସ; କିନ୍ତୁ ସମସ୍ତେ ପ୍ରାୟ ଦରିଦ୍ର—କଚେରୀରେ ମୋହରିର ବା ଠାଉଠରି ହେଲା ଅଧିକାଂଶଙ୍କର ପେସା । କେବଳ ଏହି ପଟ୍ଟନାୟକଙ୍କ ଘରଟି ଟିକେ ଭଲ । ହରି ବାବୁ ମଧ୍ୟବିତ୍ତ ଗୃହସ୍ଥ । ତାଙ୍କ ଘରକୁ ସେ ନିଜେ, ତାଙ୍କ ସ୍ତ୍ରୀ ସରସ୍ୱତୀ ଦେଈ ଓ ଗୋଟିଏ ସାନ ଭଉଣୀ—କନକ ବା କଙ୍କି । ବାପାଙ୍କ କାଳ ହେବା ପୂର୍ବରୁ ମାଆ ଇହଲୋକ ଛାଡ଼ି ଯାଇଥିଲେ । ୫।୬ ବର୍ଷ ବୟସବେଳୁ କନକ ମାତୃହୀନା । ସେହିଦିନୁ ସେ ନୂଆ-ବୋଉଙ୍କ (ସର ଦେଈ) ହାତରେ ବଢ଼ୁଅଛି ଓ ଗଢ଼ା ହୋଇ ଆସୁଅଛି । ସେ ଗଢ଼ାହେବା ପୁଣି ସାଧାରଣ ରକମର ନୁହେଁ—କୁମ୍ଭକାର ଯେପରି ମାଟିପିଣ୍ଡୁଳାଟିକୁ ବାଡ଼େଇ ନିଜ ଇଚ୍ଛାନୁରୂପ ପାତ୍ର ଗଢ଼େ, ଏ ସେହିପରି । ପାର୍ଥକ୍ୟ ମଧ୍ୟରେ ଏତିକ ଯେ, କନକ ମାଟି ପିଣ୍ଡୁଳାଟି ସହଜ ନୁହେଁ—ତା ହାତଗୋଡ଼ କଥା କହେ । ସରଦେଈଙ୍କ ପ୍ରକୃତି ଟିକିଏ ଖର । ହରିବାବୁ କଚେ-ରୀରେ ଯାହା ହେଉନ୍ତୁ, ଘରେ କିନ୍ତୁ ଏ ହାକିମଙ୍କ ପାଖରେ କୁକୁର ହୋଇଥାନ୍ତି । କନକ ଘରେ ସ୍ନେହ ଆଦର ଯାହା ପାଏ, ସେ ସବୁ ଭାଇଙ୍କଠାରୁ । ନୂଆବୋଉଙ୍କଠାରୁ ଗାଳି, ମାଡ଼, ବକାଝିକା

Digitized by srujanika@gmail.com

ମନେ ମନେ ।

ଛଡ଼ା ଆଉ କିଛି ପାଇବାର ସୌଭାଗ୍ୟ ତାର ବେଶି ହୁଏନାହିଁ । ତା ବୋଲି ଯେ ସର ଦେଈ କନକକୁ ସ୍ନେହ ନ କରନ୍ତି, ତାହା ବୋଲି ଯାଇ ନ ପାରେ—କେବଳ ତାଙ୍କ ବାହ୍ୟ ବ୍ୟବହାରରୁ କିଛି ଜାଣିପାରିବା କଷ୍ଟ । ଯେ ହେଉ, କନକ ସେ ଯୋଗେ ଘରେ ପଟଶ ନାହିଁ—ପୁଅପୁଅିକା ଲୁଗାଖଣ୍ଡେ ପିନ୍ଧି ଦାଣ୍ଡରେ ଗୃହଆଢ଼େ ତା ମିଳୁଭାଇ ସାଙ୍ଗରେ ଖେଳି ବୁଲେ ଓ ଭାଇଙ୍କ ଆସିବା ବେଳ ହେଲେ ଦାଣ୍ଡରୁ ତାଙ୍କ ସଙ୍ଗ ନେଇ ନୂଆବୋଉଙ୍କ ନାମରେ ନାଲିସ ଫେରାଦ କରୁଁ କରୁଁ ଘରକୁ ଆସେ ।

ଏହିପରି ମିଳୁ ଓ କନକର ବାଲ୍ୟଜୀବନଟା କଟିଗଲା । ମିଳୁ ଇସ୍କୁଲରେ ପଢ଼ିଲା ଦିନଠୁଁ ଦୁହିଙ୍କ ଦେଖା ସାକ୍ଷାତର ସୁଯୋଗ କ୍ରମେ କମିଆସିଲା । କନକକୁ କିଛି ପାଠ ପଢ଼ାଇବା ମଧ୍ୟ ହରି ବାବୁଙ୍କ ଇଚ୍ଛା, କିନ୍ତୁ କନକର ପାଠରେ ମନ ନାହିଁ । ମିଳୁ ଦିନେ ମୁରବିୟାନା କରି ବସିଲାରୁ ଆଶାତୀତ ଫଳ ଫଳିବାର ଦେଖି ହରିବାବୁ ତାକୁହିଁ କନକର ଭାର ଦେଇଦେଲେ । ନିଳୁ ତ ହରିବାବୁଙ୍କ ଘରେ ପଢ଼ାପଢ଼ି କରେ, ଏବେ କନକ ମଧ୍ୟ ବହି ବସ୍ତାନି ନେଇ ତା ଆଗରେ ବସିବାକୁ ଆରମ୍ଭ କଲା । କ୍ରମେ ନିଳୁର ମନଯୋଗ ଦେଖି କନକର ମଧ୍ୟ ପାଠରେ ମନ ବସିଲା, କିନ୍ତୁ ମିଳୁଭାଇ ଛଡ଼ା ଆଉ କାହାରି ପାଖରେ ସେ ପଢ଼ିବ ନାହିଁ— ଏତକ ସେ ସ୍ପଷ୍ଟ ସମସ୍ତଙ୍କୁ ଜଣାଇ ଦେଇଥିଲା ।

କନକର ମଧ୍ୟ ବୟସ ହେଲା । ସର ଦେଈ ତାକୁ ଆଉ ଘରୁ ଛାଡ଼ିବାକୁ, ନିଳୁ ଆଗରେ ହେବାକୁ ଦେବାକୁ ଅମଙ୍ଗ ହେଲେ ।

Digitized by srujanika@gmail.com

ଫଳରେ ମାଳୁ ଏଣ୍ଟ୍ରାନ୍‌ସ ପାସ୍ କରି ସାରିଲାବେଳକୁ ଦୁହିଙ୍କର ଦେଖା ପର୍ଯ୍ୟନ୍ତ ପ୍ରାୟ ବନ୍ଦ ହୋଇଗଲାଣି । ଏହି କେତେଦିନର ବିଚ୍ଛେଦରେ ଦୁହେଁ ନିଜ ନିଜ ବାଲ୍ୟସ୍ମୃତି ଉପରେ ଆହୁରି ରଙ୍ଗୀନ ଚିତ୍ରମାନ ନ୍ୟୂନାଧିକ ରଚନା କରି କି ସୁଖ, କି ଦୁଃଖ ଯେ ଅନୁଭବ କରିଥିଲେ, ତାହା କିଏ କହିବ ? କିନ୍ତୁ ସମ୍ପୂର୍ଣ୍ଣ ବିଚ୍ଛେଦ ବାକି ଥିଲା—ଏବେ ହେଲା । ମାଳୁ ଏଣ୍ଟ୍ରାନ୍‌ସରେ ବୃତ୍ତି ପାଇଲେ । ହରି ବାବୁଙ୍କ ଚେଷ୍ଟା ଓ ସାହାଯ୍ୟରେ କଟକ ଯାଇ ତାଙ୍କର ଏଫ୍. ଏ. ପଢ଼ିବାର ସ୍ଥିର ହୋଇଗଲା । ସେତେବେଳକୁ କନକର ବୟସ ୧୪ ବର୍ଷ ।

ମାଳୁ କଟକ ଯିବାର ସ୍ଥିର ହୋଇଗଲା ଦିନୁଁ ଯିବା ଦିନଯାଏ ପ୍ରାୟ ଏକ ମାସ କାଳ ଦୁହିଙ୍କର ସାକ୍ଷାତ ହୋଇ ନାହିଁ—କିଣ ଭାବି ଦୁହେଁ ଦୁହିଙ୍କି ଲୁଚି ଲୁଚି ବୁଲୁଛନ୍ତି । କନକର ସେ ହାସ୍ୟମୟୀ ପ୍ରକୃତି, ସେ ଚଞ୍ଚଳତା କୁଆଡ଼େ ଗଲାଣି; ମାଳୁ ମଧ୍ୟ କିପରି ଗମ୍ଭୀର ହୋଇ ଉଠିଅଛି । ଦୁହିଙ୍କର ଏପରି ଭାବର କାରଣ ଦୁହେଁ ସ୍ପଷ୍ଟ ବୁଝିଥିଲେହେଁ କେହି କାହାରି ଆଗକୁ ଆସିବାକୁ ସାହସ କରୁ ନାହାନ୍ତି । ଆଜି ବିଦାୟ ମୁହୂର୍ତ୍ତରେ ମାଳୁ ମଧ୍ୟ କନକକୁ ଖୋଜିଲା ନାହିଁ । ନୂଆବୋଉଙ୍କଠାରୁ ବିଦାୟ ନେଇ ଆସିବା-ବେଳେ ସେଠାରେ କନକ ନଥିବା ଦେଖି ସୁଦ୍ଧା କିଛି କହିଲା ନାହିଁ । ଛଳ ଛଳ ନେତ୍ରରେ ସେ ଘରୁ ବାହାରି ଆସିଲାବେଳେ ସେପଟ କୋଣଘର ଉପରେ ସ୍ୱତଃ ତାହାର ଦୃଷ୍ଟି ପଡ଼ିଗଲା । ଠିକ୍ ସେହି ମୁହୂର୍ତ୍ତରେ କାହାର ଗୋଟାଏ ଚଞ୍ଚଳ ଶାଢ଼ୀପଣନ୍ତ

Digitized by srujanika@gmail.com

ମନେ ମନେ ।

ଝଟ୍ ସେ ଘର ଭିତରେ ପଶି ଲୁଚିଗଲା—କିଏ ଗୋଟିଏ ତାଙ୍କୁ ଥରେ ମାତ୍ର ଦେଖିବା ଆଶାରେ ଛିଡ଼ା ହୋଇଥିଲା—ଧରା ପଡ଼ିବା ଭୟରେ ହଠାତ୍ ଭିତରେ ଅଦୃଶ୍ୟ ହୋଇଗଲା ଯେମିତି । ମାଳୁ ସେ ଆଡ଼କୁ ନ ଅନାଇ ଏକମୁହାଁ ହୋଇ ବାହାର ଚାଲିଗଲା ।

(୩)

"ହଇ ହୋ, କଣ କରିବା ? କନକର ତ ଆସି ବୟସ ହୋଇଗଲା, ବାହାଘରଟା କରି ପକାଇଲେ ହୁଅନ୍ତା, କଥା ହେଉଛି—ସୁପାତ୍ର ମିଳୁଛି କାହିଁ ? ମୁଁ ତ ରହିଲି କଚେରୀରେ, ତମେ ତ ରହିଲ ଘରକାମରେ; ଏସବୁ କଥା ଦେଖୁଛି ଶୁଣୁଛି କିଏ ? ଗୋପୀନାଥପୁର ମଧୁ ପିସାଙ୍କ ସାଙ୍ଗରେ ଦେଖା ହୋଇ-ଥିଲି । ସେ କହିଲେ—"ଝିଅଟା ଆସି ବୁଢ଼ୀ ହେଲା, ବାହା ନାଁ ତ ଧରିବାକୁ ନାହିଁ । ତୁ ନ କଲେ କିଏ କରିବ ? ତା ମା ଥିବା ଥାନ୍ତା—"

"ମା ଥିଲେ ଖାଲି ସରଗରେ ନେଇ ଥୋଇ ଆସନ୍ତେ ପରା ! ତମ ଝିଅ, ତମ ଭଉଣୀ, ତମର ସବୁ । ତମେ ରଖ, ଆମକୁ ଏତେ ଖୁଣ୍ଟା କାହିଁକି ଲୋ ମା ! ଏ ଜଳଜଳା ଜୀବନଟା ଯା ମୋର ଗଲା ନାହିଁ ! କଣ ନା, ମା ଥାନ୍ତା । କଲେ ମା—'ମୁଁ ତ ଖାଏଁ ମୋର ଭାତ, ତୋର କାହିଁକି ଗାଲରେ ହାତ !' ନାହିଁ ନାହିଁ, ସେ ପୋଡ଼ା ଝିଅ ଖଣ୍ଡିକ ପରା ମତେ ଜଳେଇ ପୋଡ଼େଇ ଖାଇବ ! କ, ମୁଁ ତ ତମକୁ ସେ ଦିନଠୁଁ କହୁଛି । ଆମ ଗାଁ ନଟ ତ ତେରସ୍ତା ବାହା ହୋଇଗଲା, ତାକୁ ତ ଦେଇଥିଲେ ହେଇଥାନ୍ତା ।

Digitized by srujanika@gmail.com

ମୁଁ ତ ତମକୁ କହୁଛି, ମତେ କାହିଁକି ଇଏ ସିଏ ଝୁଣ୍ଟା ଦେବ ! କିଏ କାହିଁକି ପଦେ କହିବ ନା ?"

"କିଏ ତମକୁ କଣ କହିଲା ମ ? ମୁଁ ତ ଭଲ କଥା କହୁଛି, ତମେ ଏତେ ଖପା ହୋଇଯାଉଛ କାହିଁକି ? ନଟ ତ ବାହା ହୋଇ ଗଲାଣି, ସେଥିପାଇଁ ତ ଝିଅ ବାଡ଼ୁଅ ରହିବ ନାହିଁ ! କାହାକୁ ଦେବା, ମୁଁ ସେଇଆ ପଚାରୁଛି ?"

"ତମ କଥା ତମେ ଜାଣ, ମୁଁ କାହିଁକି କହିବ ଲୋ ମା ! ମୁଁ କାହାର କିଏ ? ତମ ଭଉଣୀ ରାଣୀ ହେବେ—ମୁଁ ତ ଗରିବ ଘର ଝିଅ, ବଡ଼ ବଡ଼ କଥାରେ ମୋ ମୁଣ୍ଡ ପଶେ ନାହିଁ !"

"ଗଲା ତ ଆଉ; ଗଲା ସବୁ ସରିଗଲା ଯେ ! ତମ ନଟ ତ ବାହା ହେଇ ଗଲାଣି, ନ ହେଲେ ଭଲ ତାକୁ ଦିଆ ହୋଇଥାନ୍ତା । ମୋରି କସୁର୍ ହେଲା, ମୁଁ ତମ କଥା ଶୁଣି ନାହିଁ । ଏବେ କାହାକୁ ଦେବା କହିଲ ? ମୁଁ କହୁଛି, ଏଇ, ଏଇ—ମାଲୁ କଥା ହେଲେ ହୁଅନ୍ତା ନାହିଁ ନା ? ଏଥର ତ ଏଫ୍. ଏ.ରେ ସ୍କଲରସିପ୍—ଜଳପାନି ପାଇ ବି. ଏ. ପଢ଼ୁଛି—ପୁଣି ବିଲାତ ପଢ଼ିବ । ପିଲାଟା ଯେମିତି ବୁଦ୍ଧିଆ, ସେମିତି ଉଦ୍‌ଯୋଗୀ—ଆପଣା ବାହୁବଳରୁ ମାରିଗଲା ନା, ଆଉ କଣ ? କଣ କହୁଛ ? ଏମିତି ନାକସିଟକା ମତେ ଭଲ ଲାଗେ ନାହିଁ । କଣ ସଫା କଥାଟା କହୁ ନାହଁ କାହିଁକି ?"

"କରି, ତମର କରୁ ନାହିଁ, ମୋର କଣ ଅଛି ? ତମ ଭଉଣୀଙ୍କ ତମର ଗଛ ମୂଳରେ ବସାଇଲେ ବସାଇବ, ରାଣୀ କଲେ କରିବ—ସେ ତମକୁ ଶୋଭା ଦିଶିବ । ଆମେ କାହିଁକି ସେଥିରେ ପାଟି ଫିଟାଇବୁ ଲୋ ମା—"

Digitized by srujanika@gmail.com

ମନେ ମନେ ।

"ଆରେ ଯାଉଛ କୁଆଡ଼େ ମ ? ଶୁଣ, ମୁଁ ଗୋଟାଏ କଥାକୁ କହୁଥିଲି ନା—ଯାଃ, ମଲି ମଣିଷ ଆସି !"

× × × ×

ଯେତେବେଳେ ଦୁଆର ପିଣ୍ଡାରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଏପରି କଥୋପକଥନ ଚାଲିଥିଲା, ସେତେବେଳେ ନିକଟସ୍ଥ ଗୃହ ମଧ୍ୟରେ ଗୋଟିଏ ନବୀନା ଯୁବତୀ ଖଟିଏ ସଡ଼ପ ଉପରେ ଶୋଇଥିଲେ— ଜାଗ୍ରତ କି ନିଦ୍ରିତ ହଠାତ୍ ଜଣାଯିବ ନାହିଁ; ତେବେ ଏପରି ନିଶ୍ଚଳ ନିସ୍ତବ୍ଧ ଭାବରେ ପଡ଼ି ରହିଛନ୍ତି ଯେ, ଘରେ କେହି ଥିବାର ବାହାର ଲୋକେ ଜାଣିପାରିବେ ନାହିଁ; ଏଥିକୁ ଅଘୋର ନିଦ୍ରାରେ ପଡ଼ିଥିବାର ବିଶେଷ ସମ୍ଭାବନା । ହେଲେ, ନିଦ୍ରିତ ବ୍ୟକ୍ତିର ନିଶ୍ୱାସ ପ୍ରଶ୍ୱାସରେ ଟିକିଏ ଶବ୍ଦ ହେବା ବିଶେଷ ସମ୍ଭବ—ୟାଙ୍କର କିନ୍ତୁ ଘନ ଘନ ଶ୍ୱାସକ୍ରିୟା ଚାଲୁଥିଲେହେଁ ଟିକିଏ ମାତ୍ର ଶବ୍ଦ ଶୁଣାଯାଉ ନାହିଁ । ସେ ଯାହାହେଉ, ପୂର୍ବୋକ୍ତ କଥୋପକଥନର ଶେଷାଂଶ ଦ୍ୱାରା ତାଙ୍କର ପୂର୍ଣ୍ଣ ଚେତନା ଆସିବାର ଜଣାଗଲା । କାରଣ, ତାହା ସରୁ ନ ସରୁଣୁ ନବୀନାଟି ଅତି ସନ୍ତର୍ପଣରେ ଉଠି ଓଷ୍ଠାଧର ଦଂଶନ କରି, ଗୋଡ଼ର ମଲି ଆଣ୍ଠୁ ପର୍ଯ୍ୟନ୍ତ ଟେକି ଧରି ନିଃଶବ୍ଦ ଭାବରେ ସେ ଘରୁ ଅନ୍ୟ ଦ୍ୱାର ଦେଇ ବାହାରିଗଲେ—ଆଉ ଯାହା କରନ୍ତୁ, ଅନ୍ତତଃ ଅତ୍ୟନ୍ତ ସଚେତ୍ ନିଦ୍ରାର ପରିଚୟ ଦେଇଗଲେ ।

ନବୀନା ଯୁବତୀଟି କିଏ ? ଆମ୍ଭମାନଙ୍କର ପୂର୍ବପରିଚିତା କନକ ବା 'କନି'କୁ ବର୍ତ୍ତମାନ ଯୁବତୀ ଛଡ଼ା କିଛି ବୋଲିଯାଇ ନ ପାରେ ।

ବାସ୍ତବିକ, ଦୁଇ ବର୍ଷ ବିତିଗଲାଣି, କନକର ବର୍ତ୍ତମାନ ବିବାହ ଯୋଗ୍ୟ ବୟସ ମଧ୍ୟ ଉତ୍ତୀର୍ଣ୍ଣ ହୋଇଗଲାଣି । ଅଧିକ କଣ, କନକ

Digitized by srujanika@gmail.com

ବର୍ତ୍ତମାନ ଘର ଘରଜଣଙ୍କ କଣ୍ଠକ, ସାଇ ପଡ଼ିଶାଙ୍କର ଲଜ୍ଜାର ବିଷୟ, ଗ୍ରାମର ନିନ୍ଦାର କାରଣ, ଶତ୍ରୁମାନଙ୍କର ଉପଭୋଗର ସହାୟ, ପ୍ରତି-ଦ୍ୱନ୍ଦୀ କରଣ-ସାଆନ୍ତମାନଙ୍କ ଗମ୍ଭୀର ଆଲୋଚନାର କେନ୍ଦ୍ର । ଗୃହରେ ଗୂଢ଼ ଆନ୍ଦୋଳନ, ସାଙ୍ଗ ମେଳରେ ମଧୁର ପରିହାସ ଜ୍ୱାଳା, ଭୂଠରେ ଘାଟରେ-ବାଟରେ-ବୃଦ୍ଧଆଡ଼େ ଖୋଭ କଟାକ୍ଷ ସଙ୍ଗେ ସଙ୍ଗେ କର୍ଣ୍ଣଗୁମ୍ଫୀ ଗୁପ୍ତ ସମ୍ଭାଷଣ, ସାଧାରଣ ସ୍ତ୍ରୀ ମହଲରେ ଗଭୀର ଆନ୍ଦୋଳନ—ଏ ସବୁ କନକର ଜୀବନକୁ ଏହି ଦିନରୁ ସ୍ୱପ୍ନମୟ କରି ପକାଇଲାଣି ।

ସେଦିନ କନକ ଆଉ କୁଆଡ଼େ ନ ଯାଇ ଭାଇଙ୍କ ଶୋଇବା ଘରେ ବସି ଟିକିଏ ନିର୍ଜନତା ଭୋଗ କରୁଥିବା ବେଳେ ଦୂରରେ ଭାଇଙ୍କ ପାଟି ଶୁଣି ସେ ଘରୁ ବାହାରି ଯିବାକୁ ମନସ୍ଥ କରିଅଛି, ଏତିକି ବେଳେ ଭାଇ ଭାଉଜ ଦୁହେଁ ଆସି ସେହି ପିଣ୍ଡାରେ ବସି ପୂର୍ବୋକ୍ତ ମତେ କଥୋପକଥନ କରିବାକୁ ଲାଗିଲେ । ଜାଣି ରଖିବା ଆବଶ୍ୟକ ଯେ ଏବେବେଳେ ଆଉ ପୂର୍ବ କଥା ନାହିଁ । କନକ ଅନେକ ଦିନରୁ ହରି ବାବୁଙ୍କ ଆଗକୁ ସୁଦ୍ଧା ଯାଉ ନାହିଁ । ବିବାହ ଯୋଗ୍ୟ ବୟସର ବା କିଛି ଗୋପନୀୟ ଭାବ ଥିବ ! ଯା ହେଉ, ନିଜ ବିଷୟରେ କଥୋପକଥନ ହେଉଥିବାର ଜାଣି ସେ ଅପ୍ରତିଭ ଓ ଉତ୍କଣ୍ଠିତ ହୋଇ ସେହିଠାରେ ଶୟନ କରିଥିଲା ।

(୪)

ସେ ବର୍ଷ ଶ୍ରୀପଞ୍ଚମୀ ପଡ଼ିଲା ସୋମବାର । ସୋମବାର ମଙ୍ଗଳବାର କଲେଜ ବନ୍ଦ—ରବିବାରକୁ ମିଶାଇ ତିନିଦିନ ଛୁଟି । ନିକୁ ବାବୁଙ୍କର ଏଇଟା ଥାର୍ଡ଼ ଇୟର । ଏ ଛୁଟିରେ ସେ ଘରକୁ ବାହାରିଲେ । ତାଙ୍କର ଘର ତ ଏକପ୍ରକାର ନାହିଁ କହିଲେ ଚଳେ—ତେବେ ଉତ୍ଶୋଇଙ୍କ

Digitized by srujanika@gmail.com

ମନେ ମନେ ।

ଘରକୁ ଯିବେ । ଅନେକଙ୍କୁ ଏଇଟା ଆଶ୍ଚର୍ଯ୍ୟ ବୋଧ ହେଲା । ମାନ୍ତୁ ବାବୁ ପୂଜା ଛୁଟିରେ ସୁଦ୍ଧା କଟକ ଛାଡ଼ି ଯିବାର ଦେଖା ନାହିଁ, ଖନାଦାନ ଛୁଟିରେ ଭଉଣୀଙ୍କ ଘରକୁ ଯିବା ଆଶ୍ଚର୍ଯ୍ୟ ଲାଗିବାର କଥା ଏକା ।

କଥା କଣ କି, ମାନ୍ତୁ ବାବୁ ନିଜେ ମଧ୍ୟ ଏଥିରେ କମି ଆଶ୍ଚର୍ଯ୍ୟ ବୋଧ କରି ନ ଥିଲେ । ଏହି କେତେ ଦିନ ହେଲା ମାନ୍ତୁ ବାବୁଙ୍କ ମନ ସ୍ଥିର ନାହିଁ—ସବୁବେଳେ ଚଞ୍ଚଳ, କାହିଁରେ ଲାଗୁ ନାହିଁ; କଣ ଗୋଟାଏ ଅଜଣା କାରଣରୁ ମନ ଖାଲି ଖାଣ୍ଟି ଚକଟି ହେଉଅଛି । ଅଦୃଶ୍ୟ ବନ୍ଧନଦ୍ୱାରା ଟାଣି ହୋଇ ବାଲ୍ୟକାଳର ଶତ ମଧୁର ଦୃଶ୍ୟ ମଧ୍ୟରେ ତାଙ୍କ ମନ ଖେଳି ବୁଲୁଅଛି, ଆଉ ପ୍ରତ୍ୟେକ ଦୃଶ୍ୟର ପାଶ୍ଚାଦ୍‌ଭାଗରେ ଥାଇ କନକର ମଧୁର ମୂର୍ତ୍ତି ଗୁଡ଼ିଆଡ଼ୁ ଗୋଟିଏ ମଧୁର ସ୍ୱପ୍ନରାଜ୍ୟର ସୃଷ୍ଟି କରୁଅଛି । ପ୍ରତି କଥାରେ କନକର ମୂର୍ତ୍ତିଟି ଧରି ବାଲ୍ୟସ୍ମୃତି ଆଜ କେଜାଣି କାହିଁକି ମାନ୍ତୁ ବାବୁଙ୍କ ମନକୁ ଅସ୍ଥିର କରୁଅଛି । କେତେବେଳେ ପ୍ରଗଲ୍‌ଭା ବାଳିକା ତାଙ୍କୁ ସ୍ୱଦ୍ରୂପ ବହ୍ନିରେ ଜାଳି ଦେଉଅଛି, କେତେବେଳେ ଦୁଷ୍ଟା ଆସି ହସି ହସି ତାଙ୍କର କର୍ଣ୍ଣ ମର୍ଦ୍ଦନ କରୁଅଛି, କେତେବେଳେ ବା ଅଭିମାନିନୀ ତାଙ୍କ ହସ୍ତ ଉପରେ ଅଜସ୍ର ଅଶ୍ରୁ ବୃଷ୍ଟି କରୁଅଛି, କେତେବେଳେ ଅବା ଛଳ କ୍ରୋଧରେ ହାସ୍ୟପୂର୍ଣ୍ଣ ଆଖି ଯୋଡ଼ିକ ଛଳ ଛଳ କରି ମୁହଁ ଫେରାଇ ଚାଲି ଯାଉଅଛି କେତେବେଳେ ଅବା ତାହାର ମଧୁର ହସ ହସି ସ୍ନେହମୟୀ ବୀଣାଜିଣା କଣ୍ଠରେ ସରଳ ଭାଷାରେ ମଧୁ ବୃଷ୍ଟି କରୁଅଛି, କେତେବେଳେ ପୁଣି ତାଙ୍କ ଅଶ୍ରୁ ସହିତ ଆପଣାର ଅଶ୍ରୁଧାରା ମିଶାଇ ଦେଇ ତାଙ୍କ କୁଞ୍ଚ କାନିଟି ଧରି

Digitized by srujanika@gmail.com

ମୋଡ଼ି ମୋଡ଼ି ବିନା ବାକ୍ୟବ୍ୟୟରେ ସାନ୍ତ୍ୱନା ଦେବାକୁ ଚେଷ୍ଟା କରୁଅଛି । ଏହି ପ୍ରକାର ଶତ ଶତ ଛବି ତାଙ୍କ ଆଖି ଆଗରେ ଦିନ ରାତି ଖେଳି ବୁଲୁଅଛି । ସବୁଠି କନକ—କନକର ମୋହିନୀ ଛବିରେ ହେମନ୍ତ କି ସଂସାର ପୂରି ରହିଅଛି । ଏହି କେତେ ଦିନ ହେଲି କେତେ ଯେ ତାଙ୍କର ଅଧଃପତନ ଘଟି ଗଲାଣି, ତାହାର ସୀମା ନାହିଁ । କେତେବେଳେ ବସୁ ବସୁ କନକର ଛବି ଦେଖି ଚମକି ଉଠୁଅଛନ୍ତି; ଜାଗରଣରେ ସ୍ୱପ୍ନ ଦେଖି କେତେବେଳେ ବା କନ-କର ସଙ୍ଗ ଉପଭୋଗ କଲି ପରି ବୋଧକରି, ସେହି ବହୁଦିନର ନିର୍ମଳ ହାସ୍ୟରେ ହୃଦୟ ତାଙ୍କର ପୂର୍ଣ୍ଣ ହୋଇ ଯାଉଅଛି, ଆଉ ସାଙ୍ଗେ ସାଙ୍ଗେ କଠୋର ସତ୍ୟ ଆସି ସେ ହାସ୍ୟ ମୂଳରେ କୁଠାରା-ଘାତ କରି ଯାଉଅଛି; କେତେବେଳେ ବସୁ ବସୁ ନିଦ୍ରାକର୍ଷଣ ହେଉଅଛି; କେତେବେଳେ ବା ଶତ ଚେଷ୍ଟାରେ ସୁଦ୍ଧା ନିଦ୍ରାର ଅଭାବ;—ଏ ସବୁରେ ପଡ଼ି ମାଲ୍ଟୁ ବାବୁଙ୍କୁ ଜୀବନ ସ୍ୱପ୍ନମୟ ବୋଧ ହେଉଅଛି । ମସ୍ତକଟା ଯେପରି ଗୋଟିଏ ଦୁଃସ୍ୱପ୍ନ—ସ୍ୱପ୍ନୋତ୍ଥିତ ଅବସନ୍ନତା ଯେପରି ତାଙ୍କ ଅଙ୍ଗ ପ୍ରତ୍ୟଙ୍ଗ ଭଣି ଦେଇ ଯାଉଅଛି । ବାସ୍ତବିକ ଏହିସବୁ ସ୍ମୃତିର ଅନ୍ତରାଳରେ ଥାଇ କାହାର ଗୋଟିଏ ଅଜ୍ଞେୟ ହସ୍ତ ପ୍ରତ୍ୟେକଟିକୁ ବିଷାଦର ସୂକ୍ଷ୍ମ ଆବରଣରେ ମଣ୍ଡିତ କରି ଦେଉଅଛି—ଯେମନ୍ତ କି ଏ ସବୁ ସ୍ମୃତିର ଉପଭୋଗ ଅନ୍ୟ ପ୍ରକାରେ ହୋଇ ନ ପାରେ; ଯେମନ୍ତ କି, ସେ ସ୍ମୃତିରାଜ୍ୟର ଅଧିକାରୀ ସେହି ଦୁର୍ବହ ବିଷାଦ । ହୃଦୟ-ତନ୍ତ୍ରୀ ଚଞ୍ଚଳଭାବରେ ତାଡ଼ିତ ହେଉଅଛି—କିନ୍ତୁ କାହିଁ ସେ ମଧୁର ରାଗିଣୀ, କାହିଁ ସେ ଉନ୍ମାଦନା, କାହିଁ ସେ ବିଧୁରା ମଧୁର ଗାୟିକା ! କାହିଁ, କାହିଁ ?

Digitized by srujanika@gmail.com

ମନେ ମନେ ।

ଏହି ଯେ, ଏ କିଏ ? ଏ ବିଷାଦ ଓଡ଼ଣାର ତାତ୍ପର୍ଯ୍ୟ କଣ ?—ଉଃ—ଏ କିଏ ?

ମାନ୍ତୁ ବାବୁ ମନ୍ତ୍ରମୁଗ୍ଧବତ୍ ଆହାରପାନାଦି କରୁଅଛନ୍ତି—କିଛି ଠିକଣା ନାହିଁ । ସେହିପରି ଯନ୍ତ୍ରଚାଳିତ ପରି ଆଜି ବାହାରି ଅଛନ୍ତି ଗ୍ରାମକୁ । ସେ ନିଜେ ଜାଣନ୍ତି ନାହିଁ କାହିଁକି—ଯନ୍ତ୍ରଚାଳକର ଅଲଙ୍ଘ୍ୟ ଆଦେଶରେ ଯେପରି ପ୍ରେରିତ ହେଉଅଛନ୍ତି । ଯୋଡ଼ିଏ ପ୍ରିୟ ଆଖିର ଅର୍ଦ୍ଧପରିଚିତ ଗୋଟାଏ ସ୍ଥିର ଦୃଷ୍ଟି ତାଙ୍କ ଉପରେ ଲୁଚିଆଡ଼ୁ ଯେପରି ଅଜାଡ଼ି ହୋଇ ପଡ଼ୁଅଛି । ସେଥିରେ ଆଶା ନାହିଁ, ନିରାଶା ବି ନାହିଁ । ଅଛି କେବଳ ଗୋଟାଏ ଅସୀମ ଧୈର୍ଯ୍ୟ, ଆଉ ଗୋଟିଏ ସ୍ଥିର ନିର୍ଭରତା ଓ କରୁଣ ବ୍ୟାକୁଳତା । ସେ ଦୃଷ୍ଟି ବା ପ୍ରହେଳିକାର ଅର୍ଥ ଗ୍ରହଣ ଅସମ୍ଭବ ।

(୪)

ରାତି ପାହି ଆସିଲାଣି, ପୂର୍ବ ଆକାଶ ରଙ୍ଗା ପଡ଼ିଗଲାଣି । ସୁଲୁସୁଲିଆ ପାହାନ୍ତି ବାଆ ନୂତନ ଦିବସର ନୂତନ ଜୀବନର ସମ୍ବାଦ ବହି ଆଣୁଅଛି; ଆଉ ବହି ଆଣୁଅଛି—ସେହି ସଲଜ୍ଜ ପାହାନ୍ତି ତାରାର ବିଦାୟ ଗୃହିଣୀ, ସେହି ଦୂରାଗତ ବଂଶୀସ୍ୱନ । ସେ ବଂଶୀସ୍ୱନରେ ଗଛ ପତ୍ର ଜାଗି ଉଠି ନିମୀଳିତଭାବରେ ସେ ଆଦର୍ଶ ଗ୍ରହଣ କରି ଆନନ୍ଦରେ ହଲୁଅଛନ୍ତି, ଦୋହଲି ଦୋହଲି ନବ ଜୀବନର ନୂତନ ଲୀଳା'ର ଆଭିବାସ ଉପଭୋଗ କରୁଅଛନ୍ତି । କାଉ କୋଇଲାଙ୍କ ନିଦ ଭାଙ୍ଗିଲାଣି—'କା କା' 'କୁହୁ କୁହୁ' ରବରେ ଗାଁ-ମାଇପି ପିଲାଙ୍କ ମଧୁର ସ୍ୱପ୍ନ ଭାଙ୍ଗିଗଲାଣି ।

Digitized by srujanika@gmail.com

ଏହିପରି ସମୟରେ ପଟ୍ଟନାୟକଙ୍କ ଘରଦାଣ୍ଡରେ ବାଇଦ ବାଜି ଉଠିଲା—ଦଶ ବାର ହାତ ନହବତ ଉପରୁ ସୋଡ଼ାନାଗରା ଓ ମହୁରି ମଧୁର ପ୍ରଭାତୀ ତାନ ଛାଡ଼ିଦେଲା । ସ୍ୱରଲହରୀ ଗ୍ରାମର ନିସ୍ତବ୍ଧତା ଭଙ୍ଗ କରି ନାଚି ନାଚି ଖେଳି ଖେଳି ମୁକ୍ତ ବାୟୁ-କୋଳରେ ପଶି ସମସ୍ତଙ୍କୁ ସଂସାରର ମୁକ୍ତ ନିମନ୍ତ୍ରଣ ଶୁଣାଇ ଦେଲା ।

ହରି ବାବୁ ଏଣେ ଶଯ୍ୟା ତ୍ୟାଗ କରି ପିଣ୍ଡା ଉପରେ ବସି ଦାନ୍ତ ଘଷୁ ଘଷୁ ନାନାପ୍ରକାର ବରାଦ ଦେଉଛନ୍ତି । ସାଇପଡ଼ିଶା, ବନ୍ଧୁବାନ୍ଧବ ବର୍ଗରି ସାରି କରି ନାନାପ୍ରକାର କାର୍ଯ୍ୟରେ ଲାଗି ଯାଇଅଛନ୍ତି । ଗୃହିଣୀ ଇତିପୂର୍ବରୁ ଉଠି କେତେ ପାଇଟି ମଧ୍ୟରେ ନିଜ ମୁଣ୍ଡଟି ଦୁଇ ହାତରେ ଚିପିଧରି ହୁକୁମ୍ ଜାରି କରି ସାଇ-ମାଇପଙ୍କ ମନରେ ଏତିକବେଳୁଁ 'କଳ୍ପନା' ଆଣି ସାରିଲେଣି ।

ହରି ବାବୁ 'ଦାନ୍ତ ଘଷିସାରି ପାଇଖାନା ଯିବାର ବନ୍ଦୋବସ୍ତ ଲଗାଇଅଛନ୍ତି, ଏହିପରି ସମୟରେ ଭିତରଆଡ଼ୁ ଗୋଟିଏ ମୁକ୍ତ ହାର ଦେଇ ଚଞ୍ଚଳ ଗତିରେ କିଏ ଗୋଟିଏ ଆସି ଲଥ୍ କରି ତାଙ୍କ ଗୋଡ଼ ପାଖରେ ବସି ତାଙ୍କ ଲୁଗାକାନି ଧରି ଉଚ୍ଚୈଃସ୍ୱରରେ କ୍ରନ୍ଦନ କରିବାକୁ ଲାଗିଲା । ଏହା ଦେଖି ହରି ବାବୁ ବ୍ୟସ୍ତସମସ୍ତ ହୋଇ କହିଲେ, "କନ୍କି, କନ୍କି, ମତେ ତୁ ମାରିପକା ନା ଭଲା ।" କନକ କାନ୍ଦୁ ଏତେଦିନକେ ଘରକୁ ପାଇଅଛି । କାରଣ ହରି ବାବୁ ବଡ଼ ପୁରୁଷତ୍ତ୍ୱ କରି ବାହାଘର ପ୍ରସଙ୍ଗ ହେବାଦିନୁଁ ଲୁଚି ଲୁଚି ବୁଲୁଅଛନ୍ତି, କନକ ଆଡ଼କୁ ଚାହିଁବାକୁ ସୁଦ୍ଧା ମନ ବଳାଉ ନାହାନ୍ତି । ସ୍ତ୍ରୀ ପ୍ରଶ୍ନ କରିବାରୁ କହିଲେ, "ମୁଁ ତାକୁ ଚାହିଁଲେ ବାହାଘର କରିପାରିବି ନାହିଁ, ତା କାନ୍ଦଣା ବି ମୁଁ ଶୁଣିପାରିବି

Digitized by srujanika@gmail.com

ନାହିଁ ।" କନକ ଏତେଦିନେ ତାଙ୍କୁ ଧରି କାନ୍ଦିବାର ସୁବିଧା ପାଇଅଛି । ଏ ସୁବିଧାଟା ଯେ କେତେ, ତାହା ବୋଧହୁଏ ପୁରୁଷ-ମାନଙ୍କର, ବିଶେଷତଃ ନବ୍ୟ ଭଦ୍ରଲୋକଙ୍କର କଳନା କରିବା ଅସାଧ୍ୟ । ବାହାଘର ପୂର୍ବରୁ ଯେତେ ମନର କଥା, ଯେତେ ଦୁଃଖର କଷାଘାତ, ତାହା ସହିବାପାଇଁ ଦୃଢ଼ତମ ହୃଦୟ ଆବଶ୍ୟକ । ଅଳ୍ପ-ବୟସ୍କା କନ୍ୟା ମାନଙ୍କେ ବାହା ପୂର୍ବରୁ ଯେଉଁ କେତେଦିନ ଏକପ୍ରକାର ମୂକଭାବାପନ୍ନ ହୋଇ ଏ ବିଷମ ପରୀକ୍ଷାରେ ପଡନ୍ତି, ସେହି ଅବସ୍ଥାର ଯନ୍ତ୍ରଣାର ସାନ୍ତ୍ୱନାସ୍ୱରୂପ ବୋଧହୁଏ ଦୟାମୟ ଏ ଓଡ଼ିଆଘର ଝିଅଙ୍କପାଇଁ 'କାନ୍ଦଣା' ସୃଷ୍ଟି କରିଥିଲେ । ହା ଦୈବ ! କି କଠୋର ବିଧାନ ! ଯେଉଁ ଗୃହରେ ଜୀବନ ଲଭକରି, ଲାଳିତପାଳିତ ହୋଇ, ସ୍ନେହର ବସ୍ତୁମାନ ପଲକମାନଙ୍କେ ପ୍ରତି କଣାରେ ନିରୀକ୍ଷଣ କରିବାକୁ ହୁଏ, ସେହି ଗୃହ ଏତେ ଅଳ୍ପ ବୟସରେ ଛାଡ଼ି ଯିବାକୁ ହେବ— ଚିରଦିନପାଇଁ ଛାଡ଼ିଯିବାକୁ ହେବ—ଅଥଚ ଆପଣଙ୍କ ମୁଖରେ କିଏ ଆସି ବଳପୂର୍ବକ ଯୋଡ଼ା ପଟି ଲଗାଇଦେବ, ହୃଦୟ ଖୋଲି ପଦେ କଥା ଶେଷଥରପାଇଁ କହିବାକୁ ଆପଣଙ୍କର ସୁବିଧା କାଢ଼ି ନେବ ଏ କଠୋର ଶାସନରେ ନିୟନ୍ତ୍ରିତ ହୋଇ ଆପଣଙ୍କ ହୃଦୟର ଅବସ୍ଥା କଣ ହେବ, ଥରେ ଭାବି ଦେଖନ୍ତୁ । ଆଉ ଭାବନ୍ତୁ, ସେହି ଅବସ୍ଥାରେ ଯଦି ଦଣ୍ଡକପାଇଁ ମାତ୍ର ଟିକିଏ ସୁବିଧା ମିଳେ, ଆପଣ କାନ୍ଦିବେ କି ନାହିଁ—ସେହି ଭୁଞ୍ଜ ମାଇକିନିଆଙ୍କ ପରି ମୀର-ଭାବରେ ଡକାପାରି କାନ୍ଦିବେ କି ନାହିଁ—ଅବଶ୍ୟ ଯଦି ସେ ପର୍ଯ୍ୟନ୍ତ ଆପଣଙ୍କ ପୁରୁଷ ହୃଦୟ ନ ଭାଙ୍ଗି ରହିଥାଏ ! ଏହି କ୍ଷୁଦ୍ର

Digitized by srujanika@gmail.com

ଘୋଷାଟି ପୁଣି ଶ୍ୱଶୁରାଳୟର କଠୋର କାରବାସର, ନିର୍ମମ ଶାସନର ପୂର୍ବ ସଙ୍କେତ ମାତ୍ର !

ଅତଏବ କନକ କାନ୍ଦିଲା । ବଡ଼ କରୁଣ କାନ୍ଦଣା ସେ, ବଡ଼ ହୃଦୟଭେଦୀ ! ବାଲ୍ୟକାଳରୁ ଆରମ୍ଭ କରି ଯେତେ ସ୍ମୃତି, ସମସ୍ତ ଠିକ ଠିକ କରି ସ୍ମରଣ କରି ବର୍ତ୍ତମାନ ଅବସ୍ଥା ସହିତ ତାହାର ତୁଳନା କରି ସେ ଅତି ବିକଳଭାବରେ କାନ୍ଦିଲା । ଓହୋ, ସେ କାନ୍ଦଣାର ଅର୍ଥ ଅନ୍ୟ ଲୋକେ କଣ ବୁଝିବେ ! ହରି ବାବୁ କୌଣସି ମତେ ସେଠାରୁ ପଳାଇ ଯାଇ ନ ପାରି ନିଜେ ପିଲାଙ୍କ ପରି କାନ୍ଦିବାକୁ ଲାଗିଲେ ।

କନକ ଅଧଘଣ୍ଟାଏ କାଳ ଆତ୍ମବିସ୍ମୃତ ପରି କାନ୍ଦିଲା—ଯେତେ ବୁଝାଇଲେ ବୁଝା ହେଲା ନାହିଁ । ସେଠାରେ ଯେତେ ଲୋକ ଥିଲେ, ସମସ୍ତେ କାନ୍ଦିଲେ—ଜଣେ ଲୋକ କାନ୍ଦିଲା ନାହିଁ । ସେ କେବଳ କାନ୍ଦଣା ଆରମ୍ଭ ହେବାର ଟିକିଏ ପରେ ଆସି ଯେଉଁଠାରେ ଯେମିତି ଠିଆ ହୋଇଥିଲା, ସେହିଠାରେ ସେମିତି ଠିଆ ହୋଇଥାଏ । ଦୁଇ ଚାରିଜଣ ଗାଁ ଝିଏ ଯେତେବେଳେ ଆସି ଜୋର କରି କନକକୁ ସେଠାରୁ ବଳପୂର୍ବକ ନେଇ ଚାଲିଗଲେ, ସେତେବେଳେ ଯାଇଁ ମାନ୍ତ୍ର ବାବୁଙ୍କର ଚେତା ବସିଲା । ସେତେବେଳେ ସେ ବୁଝି ପାରିଲେ ଯେ, ସମସ୍ତେ ତାଙ୍କ ଆଡ଼କୁ ବିସ୍ମିତ ଭାବରେ ଚାହିଁ ରହିଅଛନ୍ତି । ଏହା ଦେଖି ସେ ଶୀଘ୍ର ଗଡ଼ରେ ଯାଇଁ ହରି ବାବୁଙ୍କ ଗୋଡ଼ ପାଖରେ ଲଥ କରି ମୁଣ୍ଡି ଆଠାଏ ମାରିଲେ । ହରି ବାବୁ କଣ ବୁଝିଲେ, କଣ ବା ତାଙ୍କଠେଇଁ ଦେଖିଲେ କେଜାଣି—ସେ ହଠାତ୍ ଦ୍ୱିଗୁଣିତ ବେଗରେ କାନ୍ଦି ଉଠି ସେଠାରୁ ପଳାଇଗଲେ ।

Digitized by srujanika@gmail.com

ମନେ ମନେ ।

ନିତେଇ ବାବୁ (ମିଳୁ ବାବୁଙ୍କ ଭଣେଇ) କୁଆଡ଼େ କାମରେ ଯାଇଥିଲେ; ଆସି ମିଳୁଙ୍କୁ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇ ତାଙ୍କୁ ନିଜ ଘରଠାକୁ ନେଇଗଲେ ।

× × × ×

ସେଦିନ ଉପର ଓଳିର କଥା । ମିଳୁବାବୁ ବାଲ୍ୟକାଳର ସେହି ଭଣେଇଙ୍କ ଘରେ ଶୋଇ ଶୋଇ ଜଣ ଭାବୁଅଛନ୍ତି । ଗଲା ରାତିଟା ସାରା ଅନିଦ୍ରା, ତଥାପି ଶତ ଚେଷ୍ଟାରେ ସୁଦ୍ଧା କୌଣସି ମତେ ନିଦ୍ରାକର୍ଷଣ ହେଉ ନାହିଁ—ଶତ ଶତ ସ୍ମୃତି ଆସି ତାଙ୍କ ଉପରେ ଅଜାଡ଼ି ହୋଇ ପଡ଼ୁଅଛି । ଭାବୁଅଛନ୍ତି, ଦୁଇ ଆଖିରୁ ଅଶ୍ରୁଧାରା ଗଡ଼ି ଗଡ଼ି ଯାଉଅଛି । ହଠାତ୍ ଉଠି ବସି ପ୍ରତିଜ୍ଞାର ବଦ୍ଧ ମୁଷ୍ଟି ଉନ୍ନତ କରି ଗମ୍ଭୀର ସ୍ୱରରେ କହିଲେ—'ନା !' ଏହି ସମୟରେ ନିତେଇ ବାବୁ ଆସି କହିଲେ, "ଆରେ ମିଳୁ, ହରି ବାବୁ ତତେ ଡାକୁଛନ୍ତି । ଟିକିଏ ଯା, ମୁଁ ଟିକିଏ ଗଡ଼ପଡ଼ି ହେଇ ଯାଉଛି । ନିଦ କେତେବେଳେ ଭାଙ୍ଗିଲା ?" ମିଳୁ ବାବୁ "ଏଇକ୍ଷଣି" ବୋଲି କହି ଧୀରେ ଧୀରେ ଉଠି ବାହାରି ଗଲେ ।

ହରି ବାବୁ ଦାଣ୍ଡ ପିଣ୍ଡାରେ ବସିଥିଲେ । ମିଳୁଙ୍କୁ ଅତ୍ୟନ୍ତ ଆଦର ସହିତ ଗ୍ରହଣ କରି ନାନାପ୍ରକାର କଥା କହିଲେ; ତାଙ୍କ ଘରଠାରେ ସେହି କେତେଦିନ ରହିବା ପାଇଁ ମଧ୍ୟ ଅନୁରୋଧ କଲେ । ଆହୁରି ମଧ୍ୟ କହିଲେ ଯେ, ସେ ନିଜେ ଇଚ୍ଛା କରି ବିବାହ ବିଷୟ ତାଙ୍କଠାକୁ ଲେଖି ନ ଥିଲେ । ଏହା କହି ପ୍ରଶ୍ନ କଲାପରି ଦୁଇ ଆଖି ମିଳୁଙ୍କ ଉପରେ ସ୍ଥାପିତ କଲେ । ମିଳୁ ବାବୁ ସେ ଚାହାଣିର ଅର୍ଥ ବୁଝିପାରି ମସ୍ତକ ଅବନତ କଲେ । ଅନେକକ୍ଷଣ କଥାବାର୍ତ୍ତା ପରେ

Digitized by srujanika@gmail.com

ହରି ବାବୁ କହିଲେ, "କିରେ, ଏବେ ଘର ଆଡକୁ ଯା । ନୂଆବୋଉ ତୋତେ ଡାକୁଥିଲା ।"

ମାନ୍ତୁ ବାବୁ ଉଠି ଭିତରକୁ ଗଲେ; ଯାଇଁ ହରି ବାବୁଙ୍କ ଶୋଇବା ଘରେ ଦେଖିଲେ—ନୂଆବୋଉ ଅକାତର ନିଦ୍ରାରେ ମଗ୍ନ । ତାଙ୍କୁ ଡାକିବା ଠିକ୍ ବିବେଚନା ନ କରି ସେ ଦାଣ୍ଡକୁ ଫେରି ଯାଉଥିଲେ, କିନ୍ତୁ ବୁଲି ପଡ଼ିଲା ବେଳକୁ ଦେଖିଲେ, ସେପଟେ କଣଘରେ କିଏ ଗୋଟିଏ ବସି କଣ କାରବାର କରୁଅଛି । ଚିତ୍ତ ନାଚି ଉଠିଲା ! ସେହିଠାରେ ସେହି ବଉଳ ଗଛ-କେତେ ବାଲ୍ୟକ୍ରୀଡ଼ାର ମୂକ ସାକ୍ଷୀ, ସେହିଠାରେ ସେହିପରି ରହିଅଛି । ଅନେକକ୍ଷଣ ସେହିଠାରେ ଛିଡ଼ାହୋଇ ଭାବିଲେ । ଶେଷରେ ଗୋଟିଏ ଦୀର୍ଘ ନିଶ୍ୱାସ ତ୍ୟାଗ କରି ସେହି ଗଛ ଆଡ଼କୁ ଚାଲିଲେ ।

ସେ କଣଘର ଦୁଆରେ ଛିଡ଼ାହୋଇ ଅତି କଷ୍ଟରେ ଶୁଷ୍କ ହସଟିଏ ହସି କହିଲେ, "କି ଲୋ କନକ, କନିଷପତର ବାନ୍ଧା ଛନ୍ଦା ହେଉଛି ପରା ? ଯାହା, ହେଉ ଶ୍ୱଶୁର ଘରକୁ ତ ବଡ଼ ମାୟା !" କନକ କଣ ଭାବୁଥିଲା—ଅନ୍ୟମନସ୍କ କର୍ଣ୍ଣକୁ ଏ କଥା ଗଲା ନାହିଁ; କିଛିକ୍ଷଣ ପରେ ଚମକିତ ହେଲା ପରି ସେ ଫେରି ଚାହିଁଲା—କ୍ଷଣକେ ହାତେ ଓଢ଼ଣା ଟାଣି ଦେବାକୁ ବସିଲା; କିନ୍ତୁ ଓଢ଼ଣା ଟଣା ହେଲା ନାହିଁ । କନକ ଉଠି ଛିଡ଼ା ହେଲା, ଭଙ୍ଗା କଣ୍ଠରେ କହିଲା—କଣ ଭାବି କହିଲା କେଜାଣି—କହିଲା, "ମାନ୍ତୁ ଭାଇ, ତମେ ଆସିଛ କି ? ମାନ୍ତୁ ବାବୁ ଏତେବେଳଯାଏଁ କନକ ଆଡ଼କୁ ନିର୍ନିମେଷ ଲୋଚନରେ ଚାହିଁଥିଲେ । ଏହି କଥା ଶୁଣି ତାଙ୍କ ଆଖିରେ କପରି ଗୋଟାଏ ଜ୍ୟୋତି ଦେଖାଗଲା । କହିଲେ,

Digitized by srujanika@gmail.com

ମନେ ମନେ ।

"ନ ଆସିଥିଲେ ଭଲ ହୋଇଥାନ୍ତା, ନୁହେଁ କନକ ?" କନକ କନ୍ତୁ ଉତ୍ତର କଲା ନାହିଁ, ଗର୍ବିତ ଭାବରେ ମୁଣ୍ଡ ଟେକ ଅବନତ ଚକ୍ଷୁଯୋଡ଼ିକ ଗୋଟାଏ ଅପାର୍ଥିବ ଭାବରେ ପୂର୍ଣ୍ଣ କରି ନିଷ୍ପନ୍ଦ ଭାବରେ ମାଳୁ ବାବୁଙ୍କ ମୁଖ ଉପରେ ସ୍ଥାପନ କଲା । ସେ ଆଖିରୁ କରୁଣ କଠୋରତା ଠିକରି ବାହାରୁଥାଏ । ମାଳୁ ବାବୁ ନିର୍ବାକ୍ ନିଷ୍ପନ୍ଦ ଭାବରେ କନକ ମୁଖ ପ୍ରତି ଚାହିଁ ରହିଲେ; ଶେଷରେ ସେ ଚକ୍ଷୁର ଜ୍ୟୋତି ସହି ନ ପାରି ମସ୍ତକ ଅବନତ କଲେ । ସେହି ଅବସରରେ ବୋଧ ହୁଏ କନକର ଚେତନା ହେଲା । ସେ ତାଙ୍କୁ ସେହି ଅବସ୍ଥାରେ ସେହିଠାରେ ଛାଡ଼ି ଚାଲି ଯିବାର ଉପକ୍ରମ କରୁଥିଲା, କିନ୍ତୁ ପୁଣି ହଠାତ୍ କଣ ଭାବି ଫେରିଲା—ଧୀରେ ଧୀରେ ଓଢ଼ଣାଟି ଛାତି ପର୍ଯ୍ୟନ୍ତ ଟାଣି ଧରି ଝୁକ୍‌କରି ଆସି ମାଳୁ ବାବୁଙ୍କ ଗୋଡ଼ ପାଖରେ ବସି, ତାଙ୍କ ଦକ୍ଷିଣ ହସ୍ତର ଅଙ୍ଗୁଳି ଗୋଟିଏ ଧରି "ଭାଇ ଭାଇ" ବୋଲି ବାହୁନିବାକୁ ଲାଗିଲା । ମାଳୁ ବାବୁ ଚମକି ପଡ଼ିଲେ । ସେକାଳର କନକକୁ ମନେ ପଡ଼ିଲା; ଆଉ ବନା ଦ୍ୱିଧାରେ ଅଜସ୍ର ଅଶ୍ରୁଧାରା ତାଙ୍କ ଦୁଇ ଆଖିରୁ ବହି ଚଲେ କନକକୁ ଭିଜାଇବାକୁ ଲାଗିଲା । ଏଣେ ପୁଣି ମନ ଜାହିଁକି କେଜାଣି ଆନନ୍ଦରେ ନାଚି ଉଠିଲା । ଧୀର ସ୍ଥିର ଭାବରେ ସେ କାନ୍ଦଣା ଶୁଣିବାକୁ ଲାଗିଲେ ।

ଅନେକକ୍ଷଣ ପରେ ଅନେକ ଚେଷ୍ଟାରେ ଗାଁ ଝିଅ କନକକୁ ଭୁନି କଲେ । ନୂଆବୋଉ ନିଜେ ମଧ୍ୟ ଉଠି ଆସି ମାଳୁ ବାବୁଙ୍କୁ ଦେଖି ହସିବେ କି କାନ୍ଦିବେ, କିଛି ସ୍ଥିର କରି ନ ପାରି ଟିକିଏ ହସି ଦେଲେ । ମାଳୁ ବାବୁ ତାଙ୍କୁ ଗୋଟିଏ ମୁଣ୍ଡିଆ ମାରି ତାଙ୍କ ପଛେ

Digitized by srujanika@gmail.com

ଘଟନ୍ତି ତାଙ୍କ ଘରକୁ ଚାଲିଗଲେ । ପାନ ଖାଇ ଗପସପ ହୋଇ ଦାଣ୍ଡକୁ ବାହାରିଲା ବେଳେ ପୁଣି ସେହି କଣଢର ଉପରେ ତାଙ୍କ ନଜର ପଡ଼ିଲା । ଦେଖିଲେ ସେହି ଉଦ୍ଦୀପ୍ତ ହଓଟି ଦିବ୍ୟ ଚକ୍ଷୁର ସ୍ଥିର ଚାହାଣୀ ତାଙ୍କର ଉପରେ ସ୍ଥାପିତ । ଦଣ୍ଡକେ ଆତ୍ମବିସ୍ମୃତ ହୋଇ, ଆଉ ଦଣ୍ଡକେ ସମ୍ମତି ସୂଚକ ମୁଣ୍ଡ ହଲାଇ ସେ ସେଠାରୁ ଧୀର ଗମ୍ଭୀର ଭାବରେ ବାହାରିଗଲେ । ସେ ଚାହାଣିର ଅର୍ଥ କଣ ? କି ଶିକ୍ଷା, କି ପରାମର୍ଶ, କି ଆଦେଶ ବା ଦେଲା ସେ ! ଏ ଚାହାଣିରେ କଣ ଥିଲା, କି ଭାଷାରେ ସେ ମନ କଥା ବ୍ୟକ୍ତ କଲା ?

ଦାଣ୍ଡରେ ଯାଇଁ ଦେଖିଲେ, ବରଧରା ଯିବାପାଇଁ ସମସ୍ତ ପ୍ରସ୍ତୁତ; କେବଳ କିଏ ବରଧରା ଯିବ, ସେହି ବିଷୟରେ ତର୍କ ବିତର୍କ ଲାଗିଛି । ହରିବାବୁଙ୍କ ଛଡ଼ା କାହାର ଯିବା ଅବଶ୍ୟ ଉଚିତ ନୁହେଁ, କିନ୍ତୁ ସେ ଗଲେ ଯେ ଆଉ କିଛି ହୋଇ ପାରିବ ନାହିଁ । ତଥାପି ହରି ବାବୁ ଏମାନଙ୍କ ଉପରେ ଭାର ଦେଇ ଯିବାକୁ ବାଧ ହେଉଛନ୍ତି—ନ ଗଲେ ତ ନ ହୁଏ । ଏହି ସମୟରେ ନୀଳୁଙ୍କୁ ଦେଖି ହରି ବାବୁଙ୍କ ମନରେ ଆଉ ଗୋଟିଏ ଭାବର ଉଦୟ ହେଲା, କିନ୍ତୁ ସେ ସାହସ କରି କିଛି କହି ପାରିଲେ ନାହିଁ । ଏତିକିବେଳେ ନୀଳୁ ବାବୁ ନିଜେ ଗମ୍ଭୀର ଭାବରେ ହରି ବାବୁଙ୍କ ନିକଟକୁ ଆସି ଅତ୍ୟନ୍ତ କରୁଣ ସ୍ୱରରେ କହିଲେ, "ଭାଇ, ମୁଁ ଯାଏଁ ।" (ନୀଳୁ ବାବୁ ହରି ବାବୁଙ୍କୁ ଆଜି ସୁଦ୍ଧା 'ହରି ଭାଇ' ବୋଲି ଡାକି ଆସୁଥିଲେ ।) ଏହା କହି ଅତ୍ୟନ୍ତ କରୁଣ ଭାବରେ ସମାଗତ ଭଦ୍ରବ୍ୟକ୍ତିଙ୍କ ମୁଖ ଆଡ଼କୁ ଚାହିଁଲେ । ହରି ବାବୁ ନିତ୍ୟାନ୍ତ ଆନନ୍ଦ ସହିତ ପ୍ରସ୍ତାବଟି ଗ୍ରହଣ

Digitized by srujanika@gmail.com

ମନେ ମନେ ।

କଲେ ଦେଖି ସମସ୍ତେ ସମସ୍ୱରରେ ପ୍ରସ୍ତାବଟି ଅନୁମୋଦନ କଲେ । ହରି ବାବୁ ମାଳୁଙ୍କ ମୁଖ ପ୍ରତି ଛଳଛଳ ନୟନରେ ଚାହିଁଲେ, ଦେଖିଲେ—ମାଳୁଙ୍କ ଚକ୍ଷୁଯୋଡ଼ିକ ପୂର୍ଣ୍ଣ, ଉନ୍ମତ୍ତ ଓ ଭାବପୂର୍ଣ୍ଣ । ହରି ବାବୁ ସମ୍ଭାଳି ନ ପାରି ଧାଇଁ ଆସି ତାଙ୍କୁ କୋଳ କରି ଗଦ୍‌ଗଦ୍ ସ୍ୱରରେ କହିଲେ—"ମୋର ଭାଇରେ !"

———

Digitized by srujanika@gmail.com

—ଦ୍ୱିତୀୟ ଖଣ୍ଡ—

ଠକ ।

(୨)

ଶାଶୁଘରେ ଗୋଡ଼ ଦେଲାବେଳୁଁ କନକ ଦେଖୁଚ୍ଛି—କାହାର ଗୋଟାଏ ନୀରବ ହସ୍ତ ତାର ପ୍ରତି କାର୍ଯ୍ୟରେ ତାକୁ ସାହାଯ୍ୟ କରି ଆସୁଛି, ନାନାଭାବରେ ତା ପଛେ ପଛେ ରହି ପ୍ରତି ପଲକରେ କାହାର ଯୋଡ଼ାଏ ସ୍ନିଗ୍ଧ ଆଖି ତାର ନୂତନ ବଧୂଜୀବନର କଠିନ ପରୀକ୍ଷାକୁ ଲଘୁ କରି ଆସୁଛି, କାହାର ଗୋଟିଏ ଆଶିଷପୂର୍ଣ୍ଣ ଶୁଭ କାମନା ତାର ସମସ୍ତ ଅପ୍ରତ୍ୟାଶିତ ଜ୍ୱାଳା ଯନ୍ତ୍ରଣାରୁ ତାକୁ ରକ୍ଷା କରି ଆସୁଛି; ଅଥଚ ଆଶ୍ଚର୍ଯ୍ୟର ବିଷୟ, ସେ ମଙ୍ଗଳାକାଙ୍କ୍ଷୀଟି ସଙ୍ଗରେ ତାର ଆଳାପ ପରିଚୟ ହେବାକୁ ନାହିଁ । ଏମନ୍ତ କି, ସେ କିଏ, ତାହା ମଧ୍ୟ ତା କଳ୍ପନାର ଅତୀତ ।

ପୂର୍ଣ୍ଣ ହୃଦୟର କୃତଜ୍ଞତା ସେ କାହାକୁ ଦେବ, ବୁଝି ପାରୁ ନାହିଁ । ତାର ପୂର୍ଣ୍ଣ ନାରୀହୃଦୟ ଦେଇ ସେ ଖୋଜୁଛି, ଗୋଟାଏ ଅବଲମ୍ବନ—ସଜୀବ ସଶରୀର ଅବଲମ୍ବନ; କେବଳ ସାହାଯ୍ୟ ନୁହେଁ—ସହାୟ, ସାହା ।

× × × ×

ଏପରି ସମୟରେ—ଯେତେବେଳେ ତା ହୃଦୟ ଅଜ୍ଞାତ ମଙ୍ଗଳାକାଙ୍କ୍ଷୀର ଅନ୍ୱେଷଣର ବୃଥା ପ୍ରୟାସରେ ବିମର୍ଷ ରହିଛି—ଆଜ 'ଚତୁର୍ଥୀ'ର ଏ ନାରୀସଭାରେ ଏତେ ଲୋକଙ୍କ ମଧ୍ୟରେ ସୁଦ୍ଧା ନିର୍ଜନ କାରାଦଣ୍ଡ ଭୋଗ କରୁ କରୁ କନକ ହଠାତ୍ ଓଢ଼ଣା ଭିତରୁ

Digitized by srujanika@gmail.com

ମନେ ମନେ ।

ଗୋଟିଏ ନୂଆ ମୁହଁ ଦେଖିଲି, ଯହିଁରେ ତାହା ଅତୀତର ସମ୍ପର୍କ ମାତ୍ର ନାହିଁ—ସେ ମୁହଁଟି ତାର ଯେପରି କେଉଁ ଦିନରୁ ପରିଚିତ; ସେ ମୁହଁଟି ଯାହାର, ସେ ଯେପରି କେଉଁ ଦିନରୁ ତାର ଆପଣାର ।

ସେ ମୁହଁଟି କଳା, କିନ୍ତୁ ସେଥିରେ ଗୋଟାଏ ଅସାଧାରଣ ଜ୍ୟୋତି—ତାହାର ସରଳ ସାଧାରଣ ଗଠନର ଗୋଟାଏ ଅକଥ୍ୟ ମାଧୁର୍ଯ୍ୟ ସୌନ୍ଦର୍ଯ୍ୟ; ସେ ମୁହଁଟି ଅଳଙ୍କାରହୀନ, କିନ୍ତୁ ଚକ୍ଷୁଯୋଡ଼ିକ ତାହାର ଦପ୍ ଦପ୍ ଜଳୁଛି । ରାଗରେ ନୁହେଁ, ତେଜରେ ନୁହେଁ, ଅଥଚ ଜଳୁଛି—ସ୍ନେହରେ, ସହାନୁଭୂତିରେ ଓ ସହିଷ୍ଣୁତାରେ । ତାହା ଚାହାଣୀରେ ମଦିର ନାହିଁ, ଗରଳ ନାହିଁ, ଚଞ୍ଚଳତା ନାହିଁ-ଅଛି କେବଳ ଗୋଟାଏ ସ୍ଥିର ସଂଯତ କୋମଳତା; ସ୍ଥିର, ସଂଯତ-ଅଥଚ ନିଶ୍ଚେଷ୍ଟ ନୁହେଁ—ପୂର୍ଣ୍ଣ ଜୀବନୀ ଶକ୍ତିର ସଞ୍ଚାର ସେଥିରେ ଆଲୋକିତ ଜୀବନର ନିଭୃତ ପୁଲକର ଆଭାସ ଦେଉଅଛି ।

କନକ ଥରେ ମାତ୍ର ଚାହିଁ ସେହି ସ୍ଥିର, ସଦୟ, କରୁଣ ମୁଖଟିର ମର୍ମ ବୁଝିନେଲା ।

ସେ ମୁହଁଟି ଗଉରୀର ।

କନକ ଯେତେବେଳେ ସୁବିଧା ଦେଖି ଓଢ଼ଣା ଭିତରୁ ଗଉରୀକୁ ଆପାଦମସ୍ତକ ପରୀକ୍ଷା କରିନେଲା, ସେ ଗୋଟିଏ 'ମାତାଜୀ' ବୋଲି ତାର ଆଉ ସନ୍ଦେହ ରହିଲା ନାହିଁ । ତା ପରିଧାନରେ ଖଣ୍ଡେ ମୋଟା ଥାନ, ମୁଣ୍ଡ ବାଳଗୁଡ଼ାକ ମୁକୁଳା; ମୁଣ୍ଡରେ ହାତରେ, ଗଳାରେ ରାମାନନ୍ଦୀ ଚିତା, ବେକରେ ତୁଳସୀକଣ୍ଠି ଛଡ଼ା ଆଉ କିଛି ନାହିଁ । ଏହି 'ମାତା'ଟି ପାଖରେ ଶ୍ରେଷ୍ଠ ବଡ଼

Digitized by srujanika@gmail.com

ପିଲମାନଙ୍କର ସମାଗମ ବେଶି । ସମାଗତ ବୋହୂ ଝିଅ ଘରଣୀ ଇତ୍ୟାଦିଙ୍କ କଥାବାର୍ତ୍ତା, ହସଖୁସି ଓ ବକ୍ତୃତାଦି ପ୍ରତି ତାର ତିଳେ ମାତ୍ର ମନୋଯୋଗ ନାହିଁ ।

କ୍ଷଣକ ମଧ୍ୟରେ କନକର ହୃଦୟ 'ମାତା'ଟି ପ୍ରତି ଆକୃଷ୍ଟ ହୋଇଗଲା । ଇଚ୍ଛା ହେଲା, ତାହା ସହିତ ଦି'ପଦ କଥା କହନ୍ତା କିନ୍ତୁ ନାଗୁର—ଏଇଟା ଯେ ଚତୁର୍ଥୀର ନାଗ୍ରି ସଭା । ଏଥିରେ କଥାବାର୍ତ୍ତା ତ ଦୂରର କଥା—ନବବଧୂର ଟିକିଏ ହଲଚଲ ହେବାର ମଧ୍ୟ ସାଧ ନାହିଁ । ହେଲେ, ନିନ୍ଦା, ଅପଯଶ, କଳଙ୍କ ଓ ତଦୁପରି ଲାଞ୍ଛନା ଏବଂ ଗଞ୍ଜଣା ।

ଏ ବିଷୟରେ ଟିକିଏ ବିଶଦ ବ୍ୟାଖ୍ୟା ଆବଶ୍ୟକ । ହିନ୍ଦୁ ଅନ୍ତଃପୁରର ଅସୂର୍ଯ୍ୟମ୍ପଶ୍ୟା ନବବଧୂର ସୁ-ଆବୃତ ମୁଖମଣ୍ଡଳର ପ୍ରଥମ ଓ ଶେଷ ଦର୍ଶନ—ଅବଶ୍ୟ ଜନସାଧାରଣଙ୍କ ପକ୍ଷରେ—ତଥା ପରୀକ୍ଷାର ଏକମାତ୍ର ଅବସର ହେଉଛି ବିବାହର ଚତୁର୍ଥ ଦିବସ—ଚତୁର୍ଥୀ ବା ଚଉଠି । ବନ୍ଧୁବାନ୍ଧବ, ସୂର୍ଯ୍ୟ ମଇତ୍ର, ସାଇପଡ଼ିଶା, ଜ୍ଞାତି କୁଟୁମ୍ବ, ଆଇଲେ ଗଲେ—ସମସ୍ତଙ୍କର ଆଜି ସୁବର୍ଣ୍ଣ-ସୁଯୋଗ, ଅର୍ଥାତ୍ ସୁବର୍ଣ୍ଣ-ବିୟୋଗ । କାରଣ ବିନା ଦକ୍ଷିଣାରେ ଦେବ-ଦେବୀ-ଦର୍ଶନର ବିଧି ହିନ୍ଦୁଶାସ୍ତ୍ରରେ ନାହିଁ; ତଥୈବ ବିନା ଦକ୍ଷିଣାରେ ଗୃହଲକ୍ଷ୍ମୀ ଦର୍ଶନ ଗୃହସ୍ଥ-ନୀତିର ବହିର୍ଭୂତ ।

ଆଜି ପୁରୁଷ ସ୍ତ୍ରୀ ସମସ୍ତେ ବୋହୂର ମୁହଁ ଦେଖିବେ ଓ ନିଜ ନିଜ ସମ୍ବନ୍ଧ ଏବଂ ସମ୍ବଳ ଅନୁସାରେ—ଅନ୍ୟ କୌଣସି ବିଚାର ନିରପେକ୍ଷ 'ମୁହଁ ଚୂହାଁ' ଦେବେ । ପୁରୁଷ ସ୍ତ୍ରୀ ସମସ୍ତେ ଦେଖିବେ ବୋଲି ଯେ ଦୁଇ ଜାତି ଲଜ୍ଜା ସରମ ଭୁଲି ଏକାବେଳକେ କାର୍ଯ୍ୟ ସମାଧାନ

Digitized by srujanika@gmail.com

ମନେ ମନେ ।

କରିବେ, ଏହା ଗ୍ରହବାର ବାଠଟି ପର୍ଯ୍ୟନ୍ତ ରଖାଯାଇ ନାହିଁ । ଇଦ୍ୟୁ ତ କଚ୍ଛୁ ଗଙ୍ଗା ବୈତରଣୀର ବାରୁଣୀ-ଯୋଗ ନୁହେଁ । ଏଥିରେ ପୁରୁଷମାନଙ୍କପାଇଁ ଏକ ବନ୍ଦୋବସ୍ତ ଛ, ସ୍ତ୍ରୀମାନଙ୍କ ପାଇଁ ଦୋସର । ଚତୁର୍ଥୀର ବେଦୀ କାର୍ଯ୍ୟ ଶେଷ ହେଉ ନ ହେଉଣୁଁ ପଡ଼ିବ ପୁରୁଷ-ମାନଙ୍କ ସୁବର୍ଣ୍ଣ-ବଯ୍ୟୋଗ (ଆପଣ ଯଦି କହିବେ ତ ସୁଯୋଗ) ଓ ଦ୍ୱିପହର, ଦଶଘଡ଼ି ସରିକ ପଡ଼ିବ ଯାଇଁ ସ୍ତ୍ରୀମାନଙ୍କର ।

ନିଃସନ୍ଦେହ, ଏସବୁ ବିଷୟରେ ସ୍ତ୍ରୀମାନେ ହେଲେ ହର୍ତ୍ତା-କର୍ତ୍ତା, ଦୈବବିଧାତା (privileged class), ଦୃଶ୍ୟ-ଦର୍ଶକ-ଟଭଦ ଥିବାରୁ ପୁରୁଷମାନଙ୍କର ସୁଯୋଗ ନାମ ମାତ୍ର—ଦକ୍ଷିଣା ଦେବାହିଁ ସାର; କିନ୍ତୁ ସ୍ତ୍ରୀମାନଙ୍କ କଥା ହେଲା ନିଆରା । ସେମାନଙ୍କ ମୁହଁ ଦେଖା, ତଥା ପରୀକ୍ଷାର ଆୟୋଜନ, ଘଟା ଓ ଆଡ଼ମ୍ବର ସେ ସ୍ଥଳରେ ବର୍ଣ୍ଣନାତୀତ । ତୁଳନା କରିବାକୁ ଗଲେ, ପୁରୁଷମାନଙ୍କ ଦେଖାଟା ବଡ଼ ଡାକ୍ତରଖାନାର ବଡ଼ ସାହେବଙ୍କ post mortem —ମଡ଼ା ପ୍ରତି ଦସ୍ତୁରୀ କଟାକ୍ଷପାତ ସଙ୍ଗେ ସମାନ ପଡ଼ିବ; ଆଉ ସ୍ତ୍ରୀମାନଙ୍କର ହେଉଛି ବାସ୍ତବ post mortem ଓ disscction ।

ପୂର୍ବୋଲ୍ଲିଖିତ ନାରୀ ସଭାକୁ ଉକ୍ତ disscctionର ଅନ୍ତିମ ଶବକୁନି ସଭା କହିଲେ ଅତ୍ୟୁକ୍ତି ହେବାର ସମ୍ଭାବନା ଅଳ୍ପ ।

ଉକ୍ତ ନାରୀସଭା ସ୍ୱଭାବତଃ ମତ-ନବିସ୍ ଗ୍ରାମ୍ୟ କୁଳାଙ୍ଗନାଙ୍କର ରଙ୍ଗଭୂମି । ପ୍ରଥମ ଦଳ ମଧ୍ୟରେ ଧରି ନିଅନ୍ତୁ, ପ୍ରାଚୀନା ଚତୁର୍ଥ-ବୟସ୍ଥାପନ୍ନାଙ୍କଠାରୁ ଆରମ୍ଭ କରି ବୃଦ୍ଧଭବାପନ୍ନା ପ୍ରୌଢ଼ାମାନଙ୍କ ପର୍ଯ୍ୟନ୍ତ, ଦ୍ୱିତୀୟ ଦଳରେ ଦେଖନ୍ତୁ, ଓଢ଼ଣାନ୍ତିକାନ୍ତା (ଅର୍ଥାତ୍ ଯେଉଁମାନେ ବଧୂଜୀବନର ଉତ୍ତର ସନ୍ଧ୍ୟାରେ ମୁହଁରେ ଲୁଗା ନ

Digitized by srujanika@gmail.com

ଦେଇ ସମସ୍ତ ସ୍ତ୍ରୀ ଜାତି ସିନ୍ଦୂର·ମୁକ୍ତ ଭାବବନ୍ଧନମୟ କରିବାର ଅଧି-କାର ପାଇଗଲେଣି) ସଧବା ବିଧବାଙ୍କଠାରୁ ଓଳିଆରୁ ଗଳା କୌଣସି କୌଣସି ଯୁବତୀପୁଙ୍ଗବ ପର୍ଯ୍ୟନ୍ତ । ଏହି ଦୁଇ ଦଳ ହେଲେ ପ୍ରଧାନ । ଯାହା ଛଡ଼ା ବିବାହିତା ଓ ଅବିବାହିତା ଝିଅ ଝିଆଣୀ ଏବଂ ମାତୃକୋଡ଼ଠାରୁ ଆରମ୍ଭ କରି ସମ୍ଭବ ଅସମ୍ଭବ ଯାବତୀୟ ସ୍ଥାନ ଅଧିକାର କରି ସଭାର ଶାନ୍ତି ବର୍ଦ୍ଧନ କରୁଥିବା ବାଳୁତ 'ପିଲା ପରମେଶ୍ୱର' ତ ଅଛନ୍ତି ।

ଦର୍ଶକମାନଙ୍କୁ ଛାଡ଼ି ଏବେ ଦୃଶ୍ୟଟି ବିଷୟରେ ପଦେ ଅଧେ ନ କହିଲେ ଚଳିବ ନାହିଁ । ସଭା ଓ ସଭ୍ୟମାନଙ୍କୁ ପୂର୍ବବର୍ଣ୍ଣିତ ଅବସ୍ଥାରେ ଛାଡ଼ି ଏବେ ଏ ସବୁର କେନ୍ଦ୍ରଭୂତା ନବବଧୂଟି ପ୍ରତି ଟିକିଏ ଦୃଷ୍ଟି ଦେବାକୁ ହେବ ।

ବୋହୂ ଥିବ ଘର କୋଣରେ । ସମ୍ଭବତଃ, ଟିକିଏ ଅବସର ପାଇ ଆପାଦମସ୍ତକ ସର୍ବାଙ୍ଗରୁ ଅଳଙ୍କାର ଭାର ଓହ୍ଲାଇ ବଧୂଜନ ଶଙ୍କିତ ଭୋଜନ ପରେ ଦିବ୍ୟ ଆରାମରେ ଦୁଇଟା ଦୀର୍ଘ ନିଶ୍ୱାସ ମାରୁଥିବ, ଅଥବା ଭେଲକା ମାରି ଯାଉଥିଲେ ନିଶ୍ଚେଷ୍ଟ ଭାବରେ ସେହିପରି ଅଳଙ୍କାରପିଷ୍ଟା, ଆହାର ନିଦ୍ରା ଅଭାବରୁ ପ୍ରକୃତିକ୍ଳିଷ୍ଟା ହୋଇ ଢୁଳେଇଟି ପରି ବସି ଗୃହତଳ ସିକ୍ତ କରୁଥିବ, ଏପରି ସମୟରେ ବ୍ୟସ୍ତସମସ୍ତ ହୋଇ ଶାଶୂ ବା ତତ୍‌ସ୍ଥାନୀୟା କେହି ସଦଳ-ବଳରେ ଆସି ଆପାଦମସ୍ତକ ଅଳଙ୍କାର ପରୀକ୍ଷା କରି, ଭ୍ରମାନ୍ଧ ସତରସ୍ଥାର ସଂଶୋଧନ କରି ବୋହୂଟିକୁ ସାଡ଼ମ୍ବରରେ ସଙ୍ଗୋଳ ଯେନିଯିବେ ।

ବହୂ ଚାଲିଲାବେଳେ ତାଙ୍କ ପାଦ ଯୋଡ଼ିକ ଯେ ଭୂମିରେ ଲାଗେ, ଏହା ମୁଁ ଶପଥ କରି କହିପାରେ; କିନ୍ତୁ କାହାରି ଦେଖି-

Digitized by srujanika@gmail.com

ମନେ ମନେ ।

ଦ୍ୱାର ସାଧ ନାହିଁ । କାରଣ, ପଚ୍ଛଆଡ଼େ ସାହାଯ୍ୟକାରିଣୀ ବାହୁ ବେଷ୍ଟନରେ ବୋହୂର ନତକଟିକୁ ଆହୁରି ନତ କରି କରି ଅସୁଛନ୍ତି ଏବଂ ଆଗରେ ନବ ବଧୂର ସର୍ବସ୍ୱରୂପିଣୀ ଟେଢ଼ଣା "ବାଟ ଓଳାଇ ଓଳାଇ, ଧୂଳି ଉଡ଼ାଇ ଉଡ଼ାଇ" ଚାଲିଅଛି । ଜ୍ୟାମିତିକ ଭାଷାରେ କହିବାକୁ ଗଲେ, ବୋହୂର ପାଦଠାରୁ କଟି ପର୍ଯ୍ୟନ୍ତ ସରଳରେଖା ଯଦି ଯେନ କେନ ପ୍ରକାରେଣ ଭୂମି ସଙ୍ଗରେ ସମକୋଣ ସ୍ଥାପନ କଲ, ତେବେ ନିଃସନ୍ଦେହ, ଉକ୍ତ ରେଖା ଓ କଟିଠାରୁ ମସ୍ତକ ପର୍ଯ୍ୟନ୍ତ ମେରୁଦଣ୍ଡଦ୍ୱାରା ବେଷ୍ଟିତ କଟିସ୍ଥ କୋଣଟି ସମକୋଣ ଛଡ଼ା ଆଉ କିଛି ନୁହେଁ । ଉକ୍ତ ପ୍ରକାରେ ପ୍ରମାଣିତ କରାଯାଇପାରେ ଯେ ଶିରୋଲମ୍ବୀ, ଧରାଚୁମ୍ବୀ ଟେଢ଼ଣା ଓ ପୂର୍ବକାୟଦ୍ୱାରା ବେଷ୍ଟିତ କୋଣ ମଧ୍ୟ ସମକୋଣ ଅଟେ । ଅର୍ଥାତ୍ ସିଦ୍ଧାନ୍ତ ଏହି ଯେ ଗମନ-କାଳୀନ ନବବଧୂ ଭୂମିସଂଲଗ୍ନ ଥିବାରୁ ଜ୍ୟାମିତିକ ଦୃଷ୍ଟିରେ ସର୍ବଦା ସମାନ୍ତରାଳ କ୍ଷେତ୍ରରେ ପରିଣତ ହୁଅନ୍ତି (∵ ଯେଉଁ ଜ୍ୟାମିତି ବିନ୍ଦୁ-ଠାରେ ବିସ୍ତୃତି ଦେଖିବାକୁ ଅକ୍ଷମ, ତାହା ପକ୍ଷରେ ନବ ବଧୂର ଗତିରେ ସ୍ଥିତି ମାତ୍ର ଦେଖିବା ସ୍ୱାଭାବିକ ସ୍ୱତଃସିଦ୍ଧ) ବର୍ଗକ୍ଷେତ୍ରରେ ପରିଣତ ହେବା କେବଳ ବଧୂର ଆକାରସାପେକ୍ଷ ।

ହାୟ ! ଟେଢ଼ିଆଢର ନବ ବଧୂର ତିଳେ ମାତ୍ର ସ୍ୱାତନ୍ତ୍ର୍ୟ ବା ସ୍ୱାଧୀନତା ନ ଥିବାର ଗୌରବ ଅନୁଭବ କରିବାର ସମୟ ବା ସୁବିଧା ନ ଥିବାରୁ ବଧୂଜୀବନର ପ୍ରାରମ୍ଭରେ କେତେ କେତେ 'ବୀରରମଣୀ' ନିଜର ସହଜ ସହିଷ୍ଣୁତାକୁ ଭୁଲି ନାରୀ ଜନ୍ମ ପ୍ରତି ଧିକ୍କାର ଦେଇ ମୃତ୍ୟୁକାମନା କରି ନ ଥାନ୍ତି ! ସେମାନେ କାହୁଁ ଜାଣିବେ—ବଧୂର କାଷ୍ଠପୁତ୍ତଳିତ୍ୱରେ ଶାଶୁ ଶ୍ୱଶୁରଙ୍କର କେଡ଼େ ଗର୍ବ, କେତେ ମାନ, କେତେ ଆନନ୍ଦ ! ପାଞ୍ଚଜନଙ୍କ ମୁହଁରେ କ

Digitized by srujanika@gmail.com

ପ୍ରଶଂସା କି ସାଧୁବାଦ! ଆଉ ତାହାଠାରେ ଟିକିଏ ସ୍ୱାଧୀନ ଭାବ ଟିକିଏ ସ୍ୱେଚ୍ଛାଚାରିତା, ଟିକିଏ ଆତ୍ମାବଲମ୍ବନ, ଟିକିଏ ମନୁଷ୍ୟତ୍ୱ ଦେଖାଗଲେ କି ମର୍ଯ୍ୟାଦାହାନି, କେଉଁ ଲୋକହସା ! ଧନ୍ୟ ସେ ବଧୂ, ସାର୍ଥକ ତାହାର ନାରୀଜନ୍ମ—ସେ ଯନ୍ତ୍ରଚାଳିତ ହେବାର ଗୌରବ ଲଭପାଇଁ ନିଜର ନିଜତ୍ୱ ଭୁଲି କୁଣ୍ଢେଇଟିରେ ପରିଣତ ହୋଇପାରେ ଓ ଦୁଷ୍ପ୍ରାପ୍ୟ ଲୋକପ୍ରଶଂସା ଆଶାରେ ନିଜର ଅସ୍ତିତ୍ୱ ସୁଦ୍ଧା ଭୁଲି ଯାଇପାରେ !

ହଁ ବହୂଟିକୁ ତ 'ନ ଯଯୌ ନ ତସ୍ଥୌ' ଭାବରେ ପହଞ୍ଚି ବଜେ କରାଇ ଅଣାଗଲା । ଏବେ ସଭାର ଅବସ୍ଥା ଟିକିଏ ଦେଖା-ଯାଉ । ମାଇପି ପିଲା ସମସ୍ତେ ଉଦ୍‌ଗ୍ରୀବ ହୋଇ 'ଗୀବନ୍ତ ଇବ ଚକ୍ଷୁଷା' ଅନାଇ ରହିଛନ୍ତି—କାହାର ତୁଣ୍ଡରେ କଥା ନାହିଁ । କିନ୍ତୁ ବହୂଟିର ଆବରଣ ଛଡ଼ା ଆଉ କିଛି ଦେଖିବାର ବାଟ ନାହିଁ । ବହୂଟିକୁ ଆଣି ଗୋଟାଏ କୌଣସି ପାଖ ବା କୋଣରେ ଥୋଇଲେ । ସମସ୍ତେ ଆସନ ଗ୍ରହଣ କରି ସାରିଲେ, ତେବେ ଯାଇଁ ବହୂଦେଖା ବା ମୁହଁ ଦେଖାର ସମୟ ଆସିବ ବୋଲି ଜାଣିବ ।

ଏ ସ୍ଥଳରେ ମଧ୍ୟ ବହୂଟିର ସିଧା ବସିବାର ସାଧ ନାହିଁ—ସେହିପରି ନତଭାବରେ ଅଧୋବଦନରେ ରହି ନିଜର ଗୁଣିତ୍ୱର ପରିଚୟ ଦେବାକୁ ପଡ଼ିବ । (କହିଛି—ପରା—"ନମନ୍ତି ଫଳିନୋ ବୃକ୍ଷାଃ, ନମନ୍ତି ଗୁଣିନୋ ଜନାଃ; ନମନ୍ତି ସୁକୁଳବଧ୍ୱୋ, ନମନ୍ତି କୁବ୍ଜ ଚେତରାଃ ।") ଗୃହକର୍ତ୍ତ୍ରୀ ତତ୍ପରେ ପ୍ରତିବେଶିନୀମାନଙ୍କର ଗୁରୁତ୍ୱ ହିସାବରେ (in order of importance) ଅର୍ଥାତ୍ ପ୍ରତ୍ୟାଶିତ ଦକ୍ଷିଣାର ଗୁରୁତ୍ୱ ହିସାବରେ ଜଣ ଜଣ କରି ସମସ୍ତଙ୍କୁ ବହୂମୁହଁ ଦେଖାଇବେ ଓ ଦର୍ଶନୀ ଗ୍ରହଣ କରିବେ ତତ୍ପରେ ସମସ୍ତେ ବୋହୂର

Digitized by srujanika@gmail.com

ମନେ ମନେ ।

ମୁଣ୍ଡଠାରୁ ଗୋଡ଼ଯାକ ଅଳଙ୍କାର ପରୀକ୍ଷା କରି ତୁଳନାଦ୍ୱାରା ଭଲ ମନ୍ଦ ସ୍ଥାବ୍ୟସ୍ତ କରିବେ । ସେଇଥିରୁ କେତେ ଦଳର ସୃଷ୍ଟି ହେବ, କେତେ କଥା ବାହାରି ପଡ଼ିବ, କେତେ ଆଲୋଚନା ଆରମ୍ଭ ହୋଇଯିବ । କେତେ ଘରର ବହୂମାନଙ୍କ ପ୍ରସଙ୍ଗ ଉଠିବ, ତାହାର କଳନା ହୋଇ ନ ପାରେ; କିନ୍ତୁ ବହୂଟି ଆଦ୍ୟୋପାନ୍ତ ସେହି ସ୍ଥାନରେ ସେହି ଭାବରେ ନୀରବ ନିଃସ୍ପନ୍ଦ ହୋଇ ବସି ନିଜକୁ ଧନ୍ୟ ମଣିବାକୁ ବାଧ୍ୟ ।

ଏତେଗୁଡ଼ାଏ କଥା ମୋତେ କହିବାକୁ ପଡ଼ି ନ ଥାନ୍ତା, ଯଦି ମୁଁ ଆଜିକାଲିକାର କଥା କହୁଥାନ୍ତି, ଅଥବା ଯଦି ସଭ୍ୟତା ପ୍ରଭାବରେ ଲୋକେ ଆଜି ଏ ସମସ୍ତ ସାମାଜିକ ସଦନୁଷ୍ଠାନମାନ ଭୁଲିବାକୁ ବସି ନ ଥାନ୍ତେ । କିନ୍ତୁ କଣ କରିବି ? ମୁଁ ଯେଉଁ ସମୟର କଥା କହୁଛି, ସେତେବେଳେ ସଭ୍ୟତା କଅଁଳା ପିଲା—କାନ୍ଥବାଡ଼ ଆଶ୍ରୟ ନକରି ବୁଲି ବୁଲି ପାରିବ, ସେ ଶକ୍ତି ତାର ସେତେବେଳକୁ ହୋଇ ନାହିଁ ।

× × × ×

ଗୋଟିଏ ପାଞ୍ଚ ଛ ବର୍ଷର ଝିଅ ଖଣ୍ଡେ ରଙ୍ଗ ଲୁଗା ପୁଅଙ୍କ ପରି ପିନ୍ଧି ମୁହଁଦେଖା ସରିଲାବେଳୁଁ କନକ ଆଗରେ ବସି ତା ମୁହଁକୁ ତରାଟିମରାଟି ଚାହୁଁଥାଏ ଓ ଯେତେବେଳେ ଦୈବାତ୍ ତା ଆଖି ଯାଇ ଆଖିରେ ପଡ଼ୁଥାଏ, ତରବର ହୋଇ ତଳକୁ ମୁହଁ କରିଦିଏ । କନକ ସେ ଝିଅଟିର ପିନ୍ଧାକାନି ଧରି, ପାଖକୁ ଟାଣିଆଣି ଗଉଣୀକୁ ଦେଖାଇ ତା କାନରେ କହିଲା, "ସେ ମାଚାଟି କିଏ ?" କନକ ଅବଶ୍ୟ ଅନେକ ଷଣ ଯାଡ଼େ ସ୍ୟାଡ଼େ ଅନାଇ ସୁବିଧା ଦେଖି—ଯେତେ-ବେଳେ କାହାରି ନଜର ତା ଉପରେ ନାହିଁ, ସେହି ଅବସରରେ

Digitized by srujanika@gmail.com

ଏତେ ଗର୍ହିତ କାର୍ଯ୍ୟଟାଏ କହିବାକୁ ସାହସ କରିଥିଲା । କିନ୍ତୁ ଭାଗ୍ୟକ୍ରମେ ସେଥିରେ ବିଷମ ଫଳ ଫଳିଲା । ଝିଅଟି ତ ପ୍ରଥମ କିଛି ବୁଝି ନ ପାରିଲା ପରି ଯ୍ୟାଡ଼େ ସ୍ୟାଡ଼େ ଅନାଇ ପୁଣି କନକ ମୁହଁକୁ ଚାହିଁଲା । କନକ ଆଙ୍ଗୁଳି ଠାରି ଗଉଣୀକୁ ଦେଖାଇ ଦେଲାରୁ ପିଲାଟି ଆଗ କରି ଖାଲି ହସିଲା ପରସ୍ତେ । କନକ ଏଥିରେ ସୁଦ୍ଧା ଭୀତ ହୋଇ ନତମସ୍ତକରେ ରହିଲା । ଝିଅଟି ଏଣେ ହସି ହସି ଯାଇ ଗଉଣୀ ବେକରେ ଦୁଇ ବାହୁ ବେଷ୍ଟନ କରି ତା ଆଗକୁ ଝୁଲିପଡ଼ି, ତା ମୁହଁ ପାଖକୁ ତା ଟିକି ରଙ୍ଗା ମୁହଁଟି ନେଇ ହସୁହସୁ ଏତେପାଟି କରି କହିଲା—"ଗଉଣୀ ଅପା, ନୂଆବଉ ତତେ ମାତାଦି କଉଚି ।" ଗଉଣୀ ଟିକିଏ ହସି ଝିଅଟି ମୁହଁରେ ହାତଦେଇ ତାକୁ ବନ୍ଦ କଲା । କିନ୍ତୁ ହେଲେ କଣ ହେବ, ଯେଉଁ ଅନିଷ୍ଟ ହେବାର ତାହା ସେତେବେଳକୁ ହୋଇ ସାରିଲାଣି—କଥାଟା କ୍ଷଣକେ ସଭା ମଧ୍ୟରେ ବ୍ୟାପ୍ତ ହୋଇଗଲା ।

କନକର ଶାଶୁ ବୋହୂ ଦେଖାଇ ସାରି ଅନ୍ୟ ଦୃଷ୍ଟରେ କାମଧନ୍ଦାରେ ଲାଗି ଯାଇଥିଲେ । ପୂର୍ବବର୍ଣ୍ଣିତ ଘଟନାର ଅଳ୍ପକ୍ଷଣ ପରେ ବଡ଼ାସ ପରି ସେ ସଭାରେ ଅବତୀର୍ଣ୍ଣ ହୋଇ ବୋହୂକୁ ଲକ୍ଷ୍ୟ କରି କହିଲେ—"ହଇଲୋ, ବେମହଣା ଘର ଝିଅ ! ଏଁ—ଆ ଲୋ, ମ' ଝିଅ—ମୋ ଝିଅ ତୋତେ ମାତାଜି ପରି ଦିଶିଲା । ନାଇଁ ? କଉ କେଲାଘରେ ବଢ଼ିଥିଲୁ ଲୋ—ଯୁଁାଲୋ, ଏଁ ?" କନକ ଅତି କାତର ଭାବରେ କାନ୍ଥ ଦେହରେ ମିଶିଗଲା ପରି ହୋଇଗଲାଣି । ହଠାତ୍ ଏହି ସ୍ଥାନରେ ଗଉଣୀ ଉଠି ଆସି ବୋଉ ହାତ ଧରି ଝିଙ୍କିନେଇ କଡ଼ା ସ୍ୱରରେ କହିଲା—'ଛି, ବୋଉ, ପିଲାଟା ।' ବୋଉ କିନ୍ତୁ ଶୁଣିବାର ଲୋକ ନୁହନ୍ତି । ସେ ସେହିପରି ବାତୁଳପ୍ରାୟ ଗଉଣୀକୁ ଆଗରୁ ହଟାଇ

Digitized by srujanika@gmail.com

ମନେ ମନେ ।

ନ ପାରି କୁଣ୍ଢାଇ ଧରି କନକର ଆଡୁରି ପାଖକୁ ଚଢ଼ି ଯାଇ କହିଲେ, "ଦେଖିଲୁ, ଦେଖିଲୁ ? ହଇ ଲେ ସୁନ୍ଦୁରି ସୁନା; ମୋ ଟିଅ ପରି ମାଚାକି ପରି ଦିଶୁଛୁ, ନାଇଁ ଲେ ?" ଏହି ସ୍ଥାନରେ ହଠାତରେ ବିପତ୍ତି ଦେଖି; ଅନ୍ୟ ଉପାୟ ନ ପାଇ ଗଉଣି ବୋଉ ମୁହଁରେ ହାତଟା ଗୁଞ୍ଜିଦେଇ 'ତୁନି ହ, ତୁନି ହ—ଡେରି ହେଲାଣି" ବୋଲି କହି ତାଙ୍କୁ ଅନ୍ୟ ଦିଗକୁ ଟାଣି ନେଇଗଲା । କନକ ସେହିପରି ତଟସ୍ଥ ପରି ବସିଥାଏ, କିନ୍ତୁ ଗଉଣିବୋଉ କଣ ଏପରି ଭାବରେ ବିଧ୍ୱସ୍ତ ହୋଇଯିବେ ! ଗଲାବେଳେ ମୁହଁ ବୁଲାଇ ବହୂକୁ ଓ ଫସା-ରିକୁ ଏକାବେଳକେ ଲକ୍ଷ୍ୟ କରି କହିଦେଇ ଗଲେ—"ହାଡ଼ୀ ଚମାର ଘର ଝିଅ; ସହିଯିବା ବଜାଇଯିବା ଗୁରିକ—ମାନ ମହତ କାହୁଁ ଶିଖିବେ ? ଆଲୋ, ତୋର ପସନ୍ଦ ବି ଠିକଏ ନାହିଁ ଲୋ କଳାକାନି ! ଛିଆ ଲୋ ଛିଆ ! କଣ କହନ୍ତି ଆଉ । ଯାଃ—" ଏତିକିରେ ଗଉଣିର ଚୂଡ଼ାନ୍ତ ଚେଷ୍ଟାରେ ବୋଉ ଅଦୃଶ୍ୟ ହୋଇ-ଗଲେ ।

କିନ୍ତୁ ଏଥିରେ କନକର ଭାଗ୍ୟ ପୂର୍ଣ୍ଣ ପରିବର୍ତ୍ତନ ହୋଇଗଲା । ଶାଶୁ ଘରେ ଏ ଦୁଇଦିନ କନକର ସୁଖରେ ନ ଯାଉ, ପରିହାସ ବା ନିନ୍ଦା ଜ୍ୱାଳାରେ କାନ୍ଦୁ କାନ୍ଦୁ କଟିନାହିଁ । ତାହାର କାରଣ, ଗ୍ରାମର ପ୍ରଧାନ ମତନିବିସ ମାଇକିନାମାନେ କଳିହିପଟୁ ଥିଲେ ମଧ୍ୟ ପଟନାହାକ ଘର ଏ ଉଗ୍ରଚଣ୍ଡୀଙ୍କ ସମକକ୍ଷ କେହି ଆଜିଯାଏ ହୋଇ ପାରି ନାହାନ୍ତି । ସାଇ କଥାରେ ନିଧିବୋଉ ଯାହା କହିବେ; ସେଇଟା ବେଦର ଗାର—କାହାରି ବାଧା ଦେବାର ଶକ୍ତି ନାହିଁ; କାରଣ ଏବଂ ଯୁକ୍ତି ଥାଇପାରେ, କିନ୍ତୁ ସାଧ ନାହିଁ । ଆଉ ତାଙ୍କ ନିଜ ଘରକଥାରେ କିଏ ତାଙ୍କୁ ବାଧା ଦେବ ? ପ୍ରଥମ

Digitized by srujanika@gmail.com

ଦର୍ଶନରେ ତାଙ୍କ ଶ୍ରୀମୁଖରୁ କନକ ଉପରେ ଏହି ମତ ଜାରି ହୋଇଥିଲା—"ଆଚ୍ଛା ବହୂ !" ଅତଏବ ସାଇପଡ଼ିଶାଙ୍କ ମୁହଁରୁ ଏ ପର୍ଯ୍ୟନ୍ତ ଖାଲି କନକର ପ୍ରଶଂସା କେବଳ ଉଛୁଳି ପଡ଼ୁଥିଲା ! ବର୍ତ୍ତମାନ ମହାମାୟୀଙ୍କ ମତପରିବର୍ତ୍ତନରେ ସମବେତ ପ୍ରତିବେଶିନୀ-ଗଣ ଏକାବେଳକେ ବଦଳି ଗଲେ ! କିଏ କହିଲା—"ପଟନାହାକ ଘର ଉଜ୍ଜଳ ହେବ; ବହୂ ଭରି ଚମ୍ପା !" କିଏ କହିଲା—"ଇଲେ ମା, ଏ ଘରକୁ ଆଉ କିଏ ଆସିବ ଲୋ ମା ! କାହାର ଗରଜ ପଡ଼ିଚ—କିଏ ମାଡାଜି, ଦାସି; କସବୀ ନା ଶୁଣିବ ମ !" କେହି ବା ଦୟାର୍ଦ୍ର ହୋଇ ମନେ ମନେ କହିଲେ—"ଆହା ! ବହୂ ପିଲାଟିର କପାଳରେ କଣ ଅଛି କେଜାଣି !" ଏହିପରି ଅପ୍ରତ୍ୟାଶିତ ଭାବରେ ଅକାଳେ ସଭାଭଙ୍ଗ ହେଲା ।

(୨)

ଏଣେ ଗଉରୀ ବୋଉକୁ ଠେଲି ଠେଲି ନେଇ ହାଣ୍ଡିଶାଳ ପରସ୍ତରେ ଢେର ବୁଝାଇଲା, କହିଲା,—"ବହୂଟି ପିଲା, ବୁଦ୍ଧିଶୁଦ୍ଧି ହୋଇନାହିଁ । ମୁଁ ତୋ ଝିଅ ହେଲେ ସେ ବି ତ ଝିଅ—ବହୂ କିଏ, ଆଉ ଝିଅ କିଏ ?" ଶେଷରେ ଏତେ କରୁଣଭାବରେ ଗଉରୀ କନକର ହୋଇ ନଡ଼ିଲା ଯେ, ବୋଉ କାନ୍ଦ ପକାଇ ଗଉରୀକୁ କୁଣ୍ଢାଇ ପକାଇଲେ—ସେଇ କ୍ଷଣକ ପାଇଁ; ଗଉରୀ ଆଖିରେ ଯେ ପ୍ରକାର ସ୍ନେହର ପ୍ରତିଷ୍ଠା ସବୁବେଳେ ଲାଗି ରହିଥାଏ, 'ନାଧି-ବୋଉ'ଙ୍କ ଆଖିରେ ଲୋତକ ଉପରେ ସେହି ପ୍ରକାର ଗୋଟିଏ ଜ୍ୟୋତି ଦେଖ ଗଲା—ସେଇ କ୍ଷଣକ ପାଇଁ । ହଠାତ୍ କିଏ ଗୋଟିଏ 'ନାଧିବୋଉ' 'ନାଧିବୋଉ' ବୋଲି ଡାକି ଡାକି ଆସି ସେହି

Digitized by srujanika@gmail.com

ମନେ ମନେ ।

ପରସ୍ତରରେ ପଣିବାରୁ ନାଧିବୋଉ ଲୁହ ପୋଛୁପୋଛୁ କରିଦେଇ ପଲକମାତ୍ରକେ ପୂର୍ବ ସ୍ୱରୂପ ଧାରଣ କରି ପକାଇଲେ !

ଗଉଣ୍ଣି ବୋଉକୁ ଏହିପ୍ରକାରେ ବଶ କରି ପ୍ରଫୁଲ୍ଲ ମନରେ ଧାଇଁ ଆସି କନକକୁ ଏକାବେଳକେ କୋଳ କରି ସେ ପରସ୍ତକୁ ନେଇ ଯାଇ କହିଲା, "ପଖାଳ ଦେ ବୋଉ ! ମୁଁ ବହୂକୁ ଖୁଆଇ ଦିଏଁ ।"

ଏ ପର୍ଯ୍ୟନ୍ତ କାହିଁକି କନକ ଗଉଣ୍ଣି ସହିତ ଆଳାପ ପରିଚୟ କରିନଥିଲା, ତାହା ଏଠାରେ କହି ନ ଦେଲେ ଅଡୁଆ ଅଡୁଆ ଲାଗିପାରେ । ଏକେ ତ ଗଉଣ୍ଣିର ସମସ୍ତ ଧର୍ମକର୍ମରେ ବାରପଣ କଟିଯାଏ, ତା ପରେ ପୁଣି ମାଘମାସ, ଠାକୁର ଖଞ୍ଜାରେ ମାଘ-ମାହାତ୍ମ୍ୟ ପୋଥି ଶୁଣିବାକୁ ମଧ୍ୟ ପଡ଼େ । ଆହୁରିମଧ୍ୟ, ବହୂ ଯେତେ-ବେଳେ କାଲି ରାତିରେ ଆସି ଘରେ ପ୍ରବେଶ କଲା, ଗଉଣ୍ଣି ବୋଉ ଏକୁଟିଆବେଳେ ଗଉଣ୍ଣିକୁ ଚୂପ୍ କରି ତାକି ବିଶେଷ ସାବଧାନ କରି ଦେଇଥିଲେ ଯେ—"ନୂଆବହୂଟି ସାଙ୍ଗରେ କଥାଭାଷା ହେବୁ ନାହିଁ ଏଇଲାଗେ—ଦେଖାଯାଉ" ଇତ୍ୟାଦି । କାରଣ କଣ, ତାଙ୍କୁ ଗୋଚର । ବୋଧହୁଏ, ଝିଅଟି ତାଙ୍କର ବିଧବା—ଏଇଥି ପାଇଁ । ହାୟ ! ମା ହେଲେ ତାକୁ ପୁଅର ହେବାକୁ ହୁଏ, ଝିଅର ବି ହେବାକୁ ହୁଏ ! କିନ୍ତୁ ଯାହାର ଦୁଃଖ ବେଶି, ଯେ ବେଶି ଦୁର୍ବଳ, ମାକୁ ଯେ ତାହାର ଦ୍ୱିଗୁଣ ହେବାକୁ ହୁଏ !

× × × ×

ଗଉଣ୍ଣି କନକକୁ ବସାଇ ତାହାର ଲୁହ ପୋଛୁ ଦେଉଁ ଦେଉଁ ଅଜ୍ଞାନରେ ଓ ବିଜୟୋଲ୍ଲାସରେ ବୋଉ ମୁହଁକୁ ଗୃହିଁଲା । ବୋଉ

Digitized by srujanika@gmail.com

କନ୍ତୁ ମୁହଁଟିକୁ ଶୁଖାଇ ଦେଇ, ପଖାଳ ବାଡ଼ି ଆଣି ଥୋଇ ଦେଇ ଗ୍ରେରଙ୍କ ପରି କନକନ ହେଉଥାନ୍ତ ଓ ଅନ୍ୟ କଛୁ କଥା ନ ପାଇ କହୁଥାନ୍ତ—"ସେ ରଙ୍ଗୀ ଟୋକୀଟା ଆଜ ଗଲ୍ କୁଆଡେ ! ଆସୁ ସେ ଆଜ ସେ ଚହ୍ନିବ କ ମୁଁ ଚହ୍ନିବ !" ଇତ୍ୟାଦ । (ରଙ୍ଗୀ ତାଙ୍କ ସାନ ଝିଅ—ଅବବାହ୍ଵତା—ବୟସ ୧୨ କ ୧୩ ହେବ ।)

ଯୂାଡ଼େ ଦୁଇଗୁଣ୍ଡା ଭାତ ଗଉଣାହାତରୁ ନେଇ ସାର କନକ ହଠାତ୍ ଗୁଣ୍ଡାଏ ଭାତ ନଜ ହାତରେ ଚପୁଡ଼, ଲଜ୍ଜାପାଟଳ ମୁଖଟି ଗଉଣୀ ମୁଖ ପ୍ରତ ଉନ୍ନତ କର ତା ବେକ ଧର ଝୁଙ୍କାଇ ଆଣିଲ୍ ବୋଉ ସେହଠାରେ ଟିକଏ ଦୂରରେ ଥିଲେ, "ହାଁ ହାଁ, ସେ ଅଇଣ୍ଠା ଖାଏ ନାହିଁ" ବୋଲ କହ ସେଠାକୁ ଧାଇଁ ଆସିଲେ । କନ୍ତୁ ଗଉଣୀ ହସହସ ମୁଖରେ ବୋଉ ଆଡ଼କୁ ଚାହିଁ ନରବରେ ଆଁ କରଦେଲ୍ ।

ଏହ ସମୟରେ ସ୍ୟାଉ୍ଁ ବାର ତେର ବର୍ଷର ଝିଅଟିଏ ଖଣ୍ଡେ କନାଧଡ଼ରେ ଗୋଟିଏ ବଲେଇ ଛୁଆକୁ ବାନ୍ଧ ଓଟାଣ ଓଟାର ଧାଇଁ ଆସୁଥିଲ; ଗଉଣୀକୁ କନକ ହାତରୁ ଗୁଣ୍ଡା ନେବାର ଦେଖି ନଜ ପ୍ରତ ସବେଗରେ ଧାବମାନ ବୋଉକୁ ବେଖାତର କର, ଅତ ବଙ୍କ-ଭାବରେ କଙ୍କାଳରେ ହାତ ଦେଇ ଛିଡ଼ା ହୋଇ ଗଉଣୀ ଆଡ଼କୁ ଅନାଇ, ଦୁଷ୍ଟ ହସ ହସି କହଲ୍—"କ ଲୋ ଦେଇ, ଭାର ତ ଭଲେଇ ହଉଥିଲୁ; ଅଜ ଭଦ୍ରଖିଯ୍ଣୀ ଅଇଣ୍ଠା ତ ମାହାପ୍ରସାଦ କଲୁଣି । ମୁଁ ଜାଣିଲ ଯେ—ହଉ ହଉ । କାଲ ଯଦ ମୋ ଅଇଣ୍ଠା ତଳେ ନ ଖୋଇଚ, ଫେର୍ ଦେଖିବୁ ।" ସ୍ୟାଉ୍ଁ ବୋଉ ଇତ ମଧରେ ଆସି ତାକୁ ପଚଡ଼ ଓଟାର ଓଟାର ସ୍ୟାଉ୍କୁ ନେଇ ଯାଉ୍-ଥିଲେ । ଏତକରେ ଝିଅଟି ଭେଁ ଭେଁ କର ରଡ଼ ଗୁଡ଼ଲ୍ । ନୂଆବୋଉ

Digitized by srujanika@gmail.com

ମଟନ ମନେ ।

ଆଗେ ଦେଇ ସାଙ୍ଗରେ ଖାଇଲା, ଏଥିଯୋଗେ ଅପମାନ, ଦେଇ ତା ସାଙ୍ଗରେ ଖାଇବା ନାଁ ଶୁଣିଲେ ମାର ଗୋଡ଼ାଏ, ଆଜ ନୂଆ-ବୋଉ ସାଙ୍ଗେ ଖାଉଛି, ସେଥିଯୋଗେ ବ ଅଭିମାନ । ତଦୁପର ବୋଉର ଏ ଆଚରଣ ପିଲାଟା ଆଉ କେତେ ସମ୍ଭବ ? ଏଡ଼େ ପାଟି କର ରଉଲା । କନକ ସବୁ ଦେଖୁଥାଏ । ଝିଅଟିକୁ କାନ୍ଦିବାର ଦେଖି ଖାଇଲାଠଉଁ ଚଟ୍ ଉଠିଯାଇ ତା ଖାଲ ହାତଟି ଧର ଟାଣିଆଣି ବେଲ ପାଖରେ ବସାଇ ତାକୁ ମଧ ଖୋଇ ଦେବାକୁ ପ୍ରୟାସ କଲା । କନ୍ତୁ ରଙ୍ଗୀକୁ ପାରେ କିଏ ? ସେ ନ ଖାଇଲେ ସରିଲା—ପାଟିଟାକୁ ବୁଜ ଯଥାସମ୍ଭବ ଜୋରରେ ଚିତ୍କାର କରୁଥାଏ ! ଗଉରୀ ମଧ ଶେପରେ ଗୁଣ୍ଡାଏ ଭାତ ନେଇ ତା ପାଟିରେ ପୂରାଇବାର ଚେଷ୍ଟା କଲ, କନ୍ତୁ ପାରିଲା ନାହଁ । ବୋଉ ବରକ୍ତ ହୋଇ ଆସି କହିଲେ, ଲେ ବହୁ, ଗୁଣ୍ଡାଏ ଭାତ ନେଇ ତା ନାକରେ, କାନରେ ପୂରେଇ ଦବୁଟି । ତତେ ସେ ଡେର୍ ହଇରାଣ କରଚ, ତୁ ଗ୍ଭଉଁଛୁ କାହିଁକ ? ରଙ୍ଗୀ ମୂହଁ ଫିଟିଗଲା, କହିଲା, "ସତେ ? ଭାର ତ ଭଦ୍ରଖିଆଣୀ ! ହଉ ହଉ । ବୋଉ ତୋତେ ବ ଦେଖିବ ରହ !" ଏହି ସୁଯୋଗରେ କନକ ଗୁଣ୍ଡାଏ ଭାତ କୌଶଳରେ ରଙ୍ଗୀ ମୁହଁରେ ପୂରାଇ ଦେଲା । ସେଇଠୁ ରଙ୍ଗୀ ହସିଉଠିଲା, ଗଉରୀକୁ ପୁଳାଏ ହପୁଳା ଚମୁଟିଲା, ବଲେଇଛୁଅଟିକୁ ଓଟାର ଆଣି ନୂଆବୋଉ ମୁଣ୍ଡ ଉପରେ ଥୋଇଦେଲା । ଚକା ପକାଇ ଖୁସିରେ ଆଁ କରିଦେଲା ଏଥର, କନ୍ତୁ ଗଉରୀ ହାତରୁ ଗୁଣ୍ଡା ନ ନେଲା କେଉଁ ।

ଗଉରୀ କହିଲା, "ରହ, ରଣ୍ଡି ରହ, ଦେଖିବ, ଏ ନବାବୀ ମିଜାସ ତୋର କେତେ ଦନ ରହିବ ! ବୋଉ, ରଙ୍ଗୀ ବାହା-ଘରକୁ ମତେ ନ ଆଣିଲେ ଫେର୍ ଦେଖିବୁ—ହଁ ।"

Digitized by srujanika@gmail.com

ମନେ ମନେ ।

ବୋଉ କହିଲେ—"ମତେ କାହିଁକି କହୁଚୁ ଲେ ଝିଅ ! ବହୁକୁ (ଅର୍ଥାତ୍ କନକକୁ) କହ !"

(୩)

ଦୁଇ ତିନି ଦିନ ପରର କଥା । ବାହାଘର ଗୋଳମାଳ ଭାଙ୍ଗି ଗଲାଣି । ରାତି ଚାରି ଘଡ଼ି ସରିକି ହେବ, ବାହାର ପିଣ୍ଡା ଉପରେ ଖଣ୍ଡେ ସଉପ ମସୁଣି ଉପରେ ଶୋଇଥିଲେ ନିଧିବୋଉ; ମୁଣ୍ଡପାଖରେ କାହ୍ନୁକୁ ଆଉଜି ବସି ପାନ ଛେଚୁବାଉ ଛେଚୁବାଉ ବିଞ୍ଚଣା ଖଣ୍ଡିକରେ ବାଅ ହେଉଥିଲା ଗଉରୀ । କଥାବାର୍ତ୍ତା କିଛି ନାହିଁ । ଏହି ସମୟରେ ସ୍ୟାଣ୍ଡୁ କନକ ଚୁପ୍ ଚୁପ୍ ଆସି, ଖଣ୍ଡିଏ ପାନ ଗଉରୀ ମୁହଁରେ ସବଳେ ଗୁଞ୍ଜି ଦେଇ, ଟିପାଏ ଛେଚା ପାନ ଶାଶୁଙ୍କ ପାଟିରେ ଦେବାକୁ ଯାଉଥିଲା, କିନ୍ତୁ ଶାଶୁ ତା ହାତରେ ନେଇ ନିଜେ ପାଟିରେ ଦେଲେ । କନକ ପୁଣି ସେହିପରି ଧୀରେ ଧୀରେ ବାହାରି ଯାଉଥିଲା; କିନ୍ତୁ ଶାଶୁ କହିଲେ, "ବୋହୂ, ଏଇଠିକି ଆ, ଶୁଣ ।" କନକ ଶାଶୁଙ୍କ ଗମ୍ଭୀର ଭାବ ଦେଖି ଓଢ଼ଣା ଭିତରୁ ତାଙ୍କ ମୁହଁକୁ ଚାହିଁ କିଛି ବିସ୍ମିତ ହେଲା; କିନ୍ତୁ ଧୀରେ ଧୀରେ ଆସି ତାଙ୍କ ପାଖରେ ଛିଡ଼ା ହେଲା । ନିଧିବୋଉ ସେହିପରି ନୀରବ ଭାବରେ ଶୋଇଥାନ୍ତି । କନକକୁ ଏପରି ଭାବରେ ଛିଡ଼ା ହେବାକୁ ଅଡ଼ୁଆ ଅଡ଼ୁଆ ଲାଗିଲା । ତେଣୁ ସେ ବସି ପଡ଼ି ଶାଶୁଙ୍କ ପଦସେବାର ଆୟୋଜନ କଲା । କିନ୍ତୁ ଗଉରୀ ଓ ତା ବୋଉ ଦୁହେଁ ସମସ୍ୱରରେ ମନା କଲେ—"ମଲା, ଅଷ୍ଟମଙ୍ଗଳୀ ଯାଇ ନାହିଁ । ଏ କଣ ମ !" ନିଧିବୋଉ ଏଥର ଉଠି ବସି ବୋହୂର ଗୋଟିଏ ହାତ ଧରି କହିଲେ, "ଝିଅ, ମୁଁ ଆସି ବୁଢ଼ୀ ହେଲିଣି । ମୋର ବା ଆଉ

Digitized by srujanika@gmail.com

ମନେ ମନେ ।

କେତେ ଦିନ ! ଏ ଘର ଦୁଆର ସବୁ ତୋର—ତୁହି ତ ଲୋ ଝିଅ, ସଂସାର କରିବୁ ! ମୁଁ ପୁଅକୁ କହିଚ, ତୋତେ ବି କହିଲି—ମତେ ଏବେ ଠାକୁରଦିଅଁକୁ (ପୁରୀ) ବିଦା କରିଦିଅ । ସେଠି ଗଉରୀର, ମୋର ରହିବୁଁ । ଏଠାରେ ଗଉରୀକୁ ବି କଷ୍ଟ ପଡ଼ୁଛି । ସେମିତି-ଝାଟରେ ରଖେଇବାକୁ ମଧ ମନ ବଳୁ ନାହିଁ; ଶାଶୁଘର ହେଲେ କଣ ହେଲି, କିଏ ଅଛି ? ତାହାଁକ ପୁରୁଷୋତ୍ତମ ପରି ଯାଗା । ତା କପାଳ ତ ଜଳି ଯାଇଚି ଲୋ ଝିଅ । ଜୋଇଁଙ୍କୁ ଦେଖି ଦେଇଥିଲି ସିନା, ନଇଲେ କାହିଁ କପଳଶର ନା ପୁରୁଷୋତ୍ତମ ! ସେ ତ ମୋ କରମ ଦୋଷ କାହାକୁ କହିବି ?” ଏତକ କହି ଆଉ ଗୋଟାଏ ହାତ ବଢ଼ାଇ ଗଉରୀର ଗୋଟିଏ ହାତ ଆଣି, କନକ ହାତରେ ଦେଇ କହିଲେ, “ଦେଖେ ଝିଅ, ମୋର ଆଉ କେତେ କାଳକୁ କେତେ କଥା ! ଏହି ଫଟାକପାଳୀଟି ତୋତେ ଲଗିଲି । ମୁଁ ପୁରୁଷୋତ୍ତମରେ ମରିବି । ମୋ ମଲି ଖବର ପାଇଲି ବାସି ଗଉରୀକୁ ତୁ ନେଇ ଆସିବୁ—ମୋ ଦିହ ଛୁଇଁ କରି କହନି ।” ଏହାଠାରେ ଗଉରୀ ଛୁଟିପିଟି ହୋଇ ପଳାଇଗଲି । କନକ ନିହାତି କଅଁଳ ବୋହୂ । ଏ କଥାର ପ୍ରତିବାଦ ମୂଳରୁ ଶେଷ ପର୍ଯ୍ୟନ୍ତ ସେ କରି ପାରିଥାନ୍ତା କିନ୍ତୁ ଏ ସ୍ଥଳରେ ଖାଲି ଚୂପ୍ କରି ଶୁଣିବାକୁ ବାଧ ବୋଲି କିଛି କହିଲି ନାହିଁ । ଏଇ କେତେ ଦିନରେ ଏ ଘରର ସେ କଣ ବା ବୁଝିବ ? ତେବେ କାଲି ରାତିରେ ସ୍ୱାମୀଙ୍କଠାରୁ ଏ ବିଷୟରେ ଆଭାସ ପାଇଥିଲା । ତା ମନରେ ବର୍ତ୍ତମାନ ପ୍ରଥମେ ଚିନ୍ତା ହେଲା,— ତେବେ କଣ ଏହି ଦଯ୍ଯାର ପ୍ରତିମାଟି ମଧ ଚାଲିଯିବେ—ଗଉରୀ ଅପା, ଯାହା ଯୋଗେ ସେ ଶାଶୁଘରକୁ ଶାଶୁଘର ବୋଲି ଜାଣି ନାହିଁ, ସେ ଚାଲିଯିବେ ! ହୃଦୟର ନିଭୃତ କୋଣରେ ମଧ ଆଉ

Digitized by srujanika@gmail.com

ଗୋଟାଏ କଥା ରହି ରହି ଏହା ସଙ୍ଗେ ମିଶି ଯାଉଥିଲା । ଯାହାଙ୍କ ଜୀବନ ସହିତ ତା ଜୀବନ ସୁଦୃଢ଼ ଭାବରେ ବନ୍ଧା ହେଲାରୁ ଏସବୁ, ସେ ମଧ୍ୟ ଅଳ୍ପଦିନେ ଚାଲିଯିବେ କହୁଥିଲେ—ଚାକିରି ସ୍ଥାନକୁ । ତେବେ କଣ ତାର ଦୁଇଟିଯାକ ଅବଲମ୍ବନ ଏକାବେଳକେ ଖସିଯିବ ।

କନକ ଭାବି ଦେଖିଲା—ଅନ୍ତରର ଅନ୍ତସ୍ତମ ପ୍ରଦେଶକୁ ନିର୍ମମ ଚାହାଁଣୀରେ ଚାହିଁ ଦେଖିଲା—ସେଠାରେ ଗୋଟାଏ ସଦ୍ୟକ୍ଷତ ଚିହ୍ନ; ଓଦାମାଟିରେ ଲଙ୍ଗଳ ଚାଲିଗଲେ ଯେପରି ଦୁଇପାଖକୁ ମେଲି ହୋଇ ଚିହ୍ନ ପଡ଼ିଯାଏ, ସେହିପରି ଆଁ କରି ରହିଛି; ଆଉ ଦୁଇ ଦିଗରୁ ଦିଓଟି ହାତ ସେ ନିଜ ଚେଷ୍ଟାରେ ଧରିଆଣି ଦୁଇପାଖରୁ ଲଗାଇ ନିଜ ହାତରେ ସଜୋରରେ ଚିପିଧରି ସେଇ ଫାଙ୍କ ବୁଜିବାର ପ୍ରୟାସ ପାଉଛି ! ଆଜି ସୁଦ୍ଧା ସେ ସଜୀବ ଚଞ୍ଚଳ ହାତ ଯୋଡ଼ିକର ସଦ୍ୟ ସ୍ପର୍ଶରେ ଚିହ୍ନଟି ତା ଆଖି ଆଗରୁ ଅକାଳ-ଘନ ମେଘ ଢଙ୍କା ସ୍ପର୍ଶ-ପଥ ପରି ଲୁଚି ରହି ପାରିଛି । ନିଜ ପ୍ରତି ତାର ବିଶ୍ୱାସ ହୋଇପାରୁ ନାହିଁ । ମନରେ ବିବାହ ପୂର୍ବରୁ ସେ ଯେଉଁ ଦମ୍ଭ କରିଥିଲା, ସେଇଟା କୁଆଡ଼େ ପାଣି ହୋଇ ଗଲାଣି । ସେ ଦୁଇଟିଯାକ ହାତ ଏତେ ଚଞ୍ଚଳ ଅପସାରିତ ହୋଇଗଲେ ତା ଅବସ୍ଥା କଣ ହେବ ?

ପତି ଦେବତାଙ୍କ ସମ୍ମୁଖରେ ସ୍ଥାପିତ ହୋଇ, ଦେବୀସ୍ୱରୂପିଣୀ ବିଧବା ନଣନ୍ଦଟିର ସଙ୍ଗସୁଖ ଉପଭୋଗ କରି, ନୂତନ ଜୀବନର ନୂତନତ୍ୱରେ ଅତୀତ ଜୀବନର କାହାଣୀ କିଛିତ୍ ବିସର୍ଜନ କରି ଦେଇପାରିଥିଲେ ସୁଦ୍ଧା କନକର ନିଜ ପ୍ରତି ବିଶ୍ୱାସ ନ ବଢ଼ି କ୍ରମେ କମି ଯାଇଅଛି । ଶାଶୁଘରେ ଏ କେତେଦିନ ସେ ଖାଲି ସଙ୍ଗ ଖୋଜ

Digitized by srujanika@gmail.com

ମନେ ମନେ ।

ବୁଲୁଛି, କାର୍ଯ୍ୟ ଖୋଜ ବୁଲୁଛି; କାହାର ଗୋଟାଏ ଅବଲମ୍ବନ ପାଇଲା ମାତ୍ରେ ତାକୁ ସର୍ବସ୍ୱ ଧନ କରିବାକୁ ବାଧ୍ୟ ହୋଇଅଛି । ଏ ଦୁର୍ବଳତା ତାର ହେବ, ସେ ଏ ଧାରଣା କେବେହେଁ କରି ନଥିଲା । ଏ ଦୁର୍ବଳତାର କାରଣ ମଧ୍ୟ ସେ ବୁଝିଛି, ଅନ୍ତରେ ଅନ୍ତରେ ଅନୁଭବ କରୁଛି । ସେଥିପାଇଁ ଆଜି ଗଉଡ଼ଘର ଯିବା ଖବରରେ ତା ମୁଣ୍ଡରେ ବଜ୍ରପାତ ହେଲା କି ଆଉ !

ଏହିପରି କେତେ କଣ ଭାବୁ ଭାବୁ ଅଜାଣତରେ ତା ଆଖିରୁ ଲୁହ ବହି ପଡ଼ିଲା । ଶାଶୁ ବୁଝିପାରିଲେ, ବୋହୂ କାନ୍ଦୁଛି । ସାନ୍ତ୍ୱନା ସ୍ୱରରେ କହିଲେ, "ଛି, ବୋହୂ, କାନ୍ଦୁଛୁ ? କଣପାଇଁ ମ—ମୁଁ ତ ଏଇଲାଗେ ଆଉ ପୁରୁଷୋତ୍ତମ ବାହାରି ଯାଉ ନାହିଁ । ତୋର ବର୍ଷକେ ଏଠାରେ ପୂରୁ, ଗଉଡ଼ଘ ପଛକେ ଯିବ ଚାଲି । ଏତେଦିନ ଏକାଠିରେ ଚଳିଲୁ, ଆଉ ବର୍ଷେ ଏବେ ଚଳିବ, ଆଉ ହବ କଣ ? ପୁଣି, ରଙ୍ଗୀଟି—'ହଇ ଲୋ ରଙ୍ଗି, ରଙ୍ଗି ମ—ମଲୁ କି ଲୋ ? ଆ ଆ ଟିକିଏ ଯୁଡ଼େ଼, ଶୁଣି ଯା, ମୋ ସୁନାଝିଅଟି ପରା ।' ହଁ ରଙ୍ଗୀଟି କମିତି ପାରି ହୋଇଯିବ, ସେଇ ଚନ୍ତା ତ ମତେ ବଳେଇଲାଣି; ମୁଁ କଣ ପୁରୁଷୋତ୍ତମ ଯିବି ? ମତେ ବା ସେ ଯୋଗ କାହିଁ ? ଏଇଠି ଘାଣ୍ଟି ହେଇ ମରିବି ସିନା !" ଏହା କହି ବୁଢ଼ୀ ପୁଣି ମୌନ ହୋଇ କଣ ଭାବିବାକୁ ଲାଗିଲେ । କନକ ସେହିପରି ନୀରବରେ କାନ୍ଦୁଥାଏ । ଇତି ମଧ୍ୟରେ ରଙ୍ଗୀ ଧାଇଁ ଧାଇଁ ଆସି ବୋଉ ପେଟ ଉପରେ ଲଥ୍ କରି ପଡ଼ି ବୋଉ ପାଟିରେ ଆଙ୍ଗୁଠି ପୂରାଇବାର ଚେଷ୍ଟା ଆରମ୍ଭ କଲା । ବୁଢ଼ୀ ବିରକ୍ତ ହୋଇ କହିଲେ "ମଲା ! ଏ ଝିଅଖଣ୍ଡ କଣ ହଉଚି ମ !" ଏବଂ ପରେ ରଙ୍ଗୀକୁ ହାତରେ ଆଡ଼େ଼ଇ

Digitized by srujanika@gmail.com

ମନେ ମନେ ।

ଦବାକୁ ଗଲେ । କିନ୍ତୁ ରଙ୍ଗୀ କଣ ଛୁଡ଼ିବା ଜନ୍ତୁ ? ସେ ବୋଉ-ପାଟିରେ ଆଙ୍ଗୁଠି ପୂରାଇବ ! ଶେଷରେ ବୁଢ଼ୀ ହାର ମାନିଲେ । ଝିଅ ବି ଅଙ୍ଗୁଠିରୁ ଯୋଡ଼ାଏ ତିନିଟା ତାଙ୍କ ପାଟିରେ ପୂରାଇ ସେଠାରୁ କିଛି ଜିନିଷ ଆଣି ଯାହା କଲି, ଖୋଲି କହିଲେ ଚଳିବ ନାହିଁ— ସେଇଟା ନିହାତି ବିଜ୍ଞାନ ଅସମ୍ମତ !

ରଙ୍ଗୀ ପାନବୋଲା ଟଙ୍ଗା ହାତକୁ ଲୁଚାଇ ଲୁଚାଇ କନକ କାନରେ ପୋଛୁଥିବେଳେ ନିଧିବୋଉ ଉଠି ବସି ତା ହାତଟି ଧରି, କନକ ହାତଟି ମଧ ଭିଡ଼ିଆଣି ସେଥିରେ ଥୋଇଲେ ଓ କହିଲେ—"ଝିଅ ! ଏ ବାଳୁତ ପିଲାଟି ବି ତତେ ନାଗିଲି । ମୁଁ ତ ଆଜି ଅଛି, କାଲି ନାହିଁ । ତାକୁ ବାହାଘରେଁ କରିବ ।" ଏତିକିରେ କିନ୍ତୁ ରଙ୍ଗୀ ମହା ରାଗ ହୋଇ ବୋଉ ଓ କନକ ଉଭୟଙ୍କୁ ଦୁଇ ହାତରେ ବଧା ଗୁପଡ଼ା ମାରି ବ୍ୟସ୍ତ କରି ପକାଇଲା । ସ୍ୟାଙ୍ଗୁ ଗଉରୀ ଆସି ରଙ୍ଗୀର ଖୋଷାଟି ଧରି ଟାଣୁ ଟାଣୁ କହିଲା, "ମଲି ମୋର ବାହା ହବ ନେଇଁ ପରା !" ରଙ୍ଗୀ କୌଣସିମତେ ନିଜକୁ ମୁକ୍ତ କରି ନେଇ ପଳାଇ ଯିବାର ଉପକ୍ରମ କରୁ କରୁ କହିଲା—"କି ମୁଁ କାଇଁକି ବା' ହେମି ? ତୁ ବା' ହଉନୁ ।" ଝିଅଟିର ରାଗ ଦେଖି କନକ ତାକୁ ଧରିବାକୁ ଯାଉଥିଲା; କିନ୍ତୁ ରଙ୍ଗୀ ତାକୁ ଜୋରରେ ଠେଲିଦେଇ ପଳାଇ ଯାଉଁ ଯାଉଁ କହିଲା—"ଓ, ଘରିଚ ନୂଆବୋଉ ଯା ଯା; ତେମେ ତମ ଗଉରୀ ଅପା ଚଉଁରୀମୁଣ୍ଡି ପାଖକୁ ଯା ।"

ରଙ୍ଗୀର ଭାରି ଅଭିମାନ ଯେ, ନୂଆବୋଉ ଉପରେ ତାର ଷୋଳଅଣ ଅଧିକାରରୁ ତାକୁ ଅନ୍ୟାୟରେ ବଞ୍ଚିତ କରୁଛି ସେଇ ଗଉରୀ ।

Digitized by srujanika@gmail.com

ମନେ ମନେ ।

× × × ×

ଏଣେ ଗଉରୀ ଓ କନକ ମଧ୍ୟରେ ଗୋଟାଏ ଘନିଷ୍ଠ ଭାବ ହୋଇ ଆସୁଥିଲା । ଗଉରୀର ଯିବା କଥାରେ ସେଟା କ୍ରମେ ଆହୁରି ଚଞ୍ଚଳ ଚଞ୍ଚଳ ବଢ଼ିବାକୁ ଲଗିଲା । ଅବଶ୍ୟ କନକ ମନେ ମନେ ସ୍ଥିର କରି ସାରିଥିଲା ଯେ, ସେ ତା ପାରୁପର୍ଯ୍ୟନ୍ତ କେଉଁଁ ଗଉରୀ ଅପାଙ୍କୁ ଛାଡ଼ିବ ନାହିଁ ।

ଗଉରୀ ନଥିଲେ କନକର ଶାଶୁଘର ଯେ କଠୋର କାରା-ବାସଠାରୁ ବଳିଯିବ, ଏକଥା ଆଉ କେହି ବୁଝନ୍ତୁ ବା ନ ବୁଝନ୍ତୁ କନକ ବେଶ୍ ବୁଝିପାରିଥିଲା । ଆଉ କନକକୁ ପାଇ ଗଉରୀର ଚିରସମାନ ନୀରସ ଜୀବନ ମଧ୍ୟ ଅନେକାଂଶରେ ପରିବର୍ତ୍ତିତ ହୋଇ ଆସିଥିଲା—ତାହାର ସୁନ୍ଦର ମୁହଁଟିରେ ଦୟା ଓ ସରଳତା ସହିତ ଯେଉଁ ବିଷାଦର ମଳିନ ଛାୟାଟିକ ଲଖି ରହିଥାଏ, ସେଟା କ୍ରମେ ଅନେକ ପରିମାଣରେ ଊଣା ହୋଇ ଆସିଥିଲା ।

ନୂତନ ପ୍ରଣୟର ପ୍ରଥମ ଭାଗଟା ଉଭୟଙ୍କର ବେଶ୍ ସୁଖରେ କଟିଲା । ଏହି ସମୟରେ ମନ କଣାକଣି ପାଇଁ ଗୋଟାଏ ଅତି ଉଭୟଙ୍କ ହୃଦୟରେ ଅଜ୍ଞାତ ଭାବରେ ନିତ୍ୟ ଜାଗ୍ରତ ରହି ସ୍ନେହ ବନ୍ଧନକୁ ଦୃଢ଼ରୁ ଦୃଢ଼ତର କରି ପକାଇଲା । ବାହ୍ୟ କଥାରେ ଅତି ଅଳ୍ପ ସମୟ ମଧ୍ୟରେ ଯେତେଦୂର ସମ୍ଭବ ମନ କଣାକଣି ହୋଇଗଲା, କ୍ରମେ ହୃଦୟ ଆଉ ସେତିକରେ ତୃପ୍ତ ହୋଇ ରହିପାରିଲା ନାହିଁ—ଅନ୍ତରର କଥା ଲୋଡ଼ା ପଡ଼ିଲା । ହୃଦୟ ଖୋଜିଲା ହୃଦୟ ସହିତ ଏକାବେଳକେ ଗ୍ରଥିତ ଓ ମିଶ୍ରିତ ହୋଇ ଯିବାକୁ ।

Digitized by srujanika@gmail.com

ଉଭୟ ଉଭୟଙ୍କର । ବାହ୍ୟ ସୁଚେତ୍ରିତ ଯଥାସମ୍ଭବ ଦୃଷ୍ଟି ରଖି, ଖୋଜ ଲୋଡ଼ ଆଣି ଥୋଇ,ଏ ମଧୁର ପ୍ରତିଦ୍ୱନ୍ଦ୍ୱିତାରେ ହାରି ଖୁସି,ଜିତି ଖୁସି ହେଲେ ସତ୍ୟ, କିନ୍ତୁ ଏଥିରେ ତୃପ୍ତି ହେବା ତ ଦୂରର କଥା; ବରଂ ନିଜ ନିଜ ପ୍ରତି ମମତା ସଙ୍ଗେ ସଙ୍ଗେ ପରସ୍ପର ପାଇଁ ଚିନ୍ତା ବଢ଼ିବାକୁ ଲଗିଲା । ଉଭୟେ ଙ୍କ ଗୋଟାଏ ଦୁର୍ବୋଧ, ଅଲଙ୍ଘ୍ୟ ନିୟମରେ ଚାଳିତ ହୋଇ ପ୍ରତ୍ୟେକେ ଅପରର ନିଭୃତ ଜୀବନ ପ୍ରତି,—ହୃଦୟର ଜୀବନ ପ୍ରତି,—ବିଚଳିତ ଓ ଶଙ୍କିତ ଭାବରେ ରୀହିଁ ଉଦ୍‌ଗ୍ରୀବ ହୋଇ ରହିଲେ ।

ସୁଖରେ, ଆନନ୍ଦରେ, ଜୀବନର ଅସାର ବାହାର ଚାକ-ଚକ୍ୟରେ ମନବୋଧ ହେଲା ନାହିଁ । ଲୋଡ଼ା ପଡ଼ିଲା ପରଦା ସେ ପଟର ଦୃଶ୍ୟ । ହସଖୁସିରେ ପ୍ରଣୟାବେଗ ଯେତିକି ଭାସି ବଢ଼ି ବଢ଼ି ଗଲା, ଅନ୍ୟର ଦୁଃଖକୁ ନିଜର କରି କାନ୍ଦିବାକୁ, ବାଣ୍ଟି ନେବାକୁ, ପ୍ରାଣ ସେତିକି ବ୍ୟାକୁଳ ହୋଇ ଉଠିଲା । ଏଡ଼େ ଗଭୀର ପ୍ରଣୟ, ଏତେ ଅଳ୍ପ ସମୟ ମଧ୍ୟରେ ବୋଧହୁଏ କେବଳ ନାରୀ ନାରୀ ମଧ୍ୟରେହିଁ ସମ୍ଭବ !

କନକ ସମୟ ସମୟରେ ତା ବାପଘରର କଥା ଉଠାଏ । ପୁଣି ବେଳେ ବେଳେ ଭାବେ, ଯାଙ୍କର ବା ସେଥିରେ କଣ ଅଛି ? କିନ୍ତୁ ଗଉରୀଟିର ଟିକିଏ ଆଗ୍ରହ ଦେଖିଲେ ପୁଣି ସେ ପ୍ରସଙ୍ଗ ଉଠେ । ଗଉରୀ ତା ନିଜ ବିଷୟ ଖୁବ୍ କମ୍ କହେ—ବୋଧହୁଏ, ଭାବେ ବି ଖୁବ୍ କମ୍ । ସେ ବିଷୟରେ କନକ ବି ସାହସ କରି କିଛି କହି ପାରେ ନାହିଁ । ତେବେ ବେଳେ ବେଳେ ତା ଶାଶୁଘରର କଥା

Digitized by srujanika@gmail.com

ମନେ ମନେ ।

ପସ୍ଥରେ, କିନ୍ତୁ ଗଉଣ୍ଟର ମନୋଭାବ ଏ ବିଷୟରେ ଠିକ୍ ନ ଧରି ପାରିବାରୁ ଆଉ ବେଶି ଅଗ୍ରସର ହୋଇ ପାରେ ନାହିଁ ।

ଦିନେ ଏହିପରି କୌଣସି କଥା ପଡ଼ୁଁ ପଡ଼ୁଁ ଗଉଣ୍ଟ ହଠାତ୍ ଉଠି କନକକୁ ସ୍ନେହରେ ଠେଲି ଦେଇ କହିଲା—"ହଇ ଲୋ ବହୂ, ତୁଇ ପରା ମୋ ଧର୍ମ କର୍ମ ସବୁ ଛଡ଼େଇଲୁ, ତୋର ଲଗି ମୋର ସବୁ ଗଲାଣି !" ଏହା କହି ହସି ହସି ସେଠାରୁ ବାହାରି-ଗଲା; କନକକୁ କିନ୍ତୁ ମହାଭାବନାରେ ପକାଇ ଦେଇ ଗଲା ।

ଏହିପରି ସନ୍ଧିସ୍ଥଳରେ ପଡ଼ିଲା ଅଷ୍ଟମଙ୍ଗଳା । ସପ୍ତମଙ୍ଗଳାଠାରୁ ତିନିଦିନ କନକକୁ 'ବିଷ'ରେ ଲୁଚି ରହିବାକୁ ହେବ—ଗୋଟାଏ ଘରେ କୟେଦ ହୋଇ ରହିବାକୁ ପଡ଼ିବ । ଶାଶୁଘରର କେହି ତାକୁ ଦେଖିବେ ନାହିଁ, କି ସେ କାହାରିକୁ ଦେଖିବ ନାହିଁ—ଏହିପରି କାଳେ ଶାସ୍ତ୍ରରେ ଲେଖା ଅଛି । ତେବେ ନଣନ୍ଦ ପକ୍ଷରେ ଏ ନିୟମଟା ଖଟେ ନାହିଁ ବୋଲି ମଧ୍ୟ କୌଣସି କୌଣସି ମୁନିଙ୍କ ମତ । ଏ ସ୍ଥଳରେ ଗଉଣ୍ଟ ସ୍ୱଚ୍ଛନ୍ଦରେ ପୂର୍ବବତ୍ କନକ ସଙ୍ଗରେ ମିଳି ମିଶି ପାରିଥାନ୍ତା । କିନ୍ତୁ ସେ ଧରି ବସିଲା—"ପରଭରସ୍ତ୍ରୀଣୀ ବୋଲି ସିନା ନଣନ୍ଦ ଭାଉଜର 'ବିଷ'—ଦୃଷ୍ଟିରେ ପଡ଼ିଲେ ମଧ୍ୟ କୌଣସି ଦୋଷ ନାହିଁ ! ଏଟା ବା ରଙ୍ଗୀଠେଇଁ ଖଟିବ । ମୁଁ ତ ତମର ବେକରେ ବନ୍ଧା, ମୋଠେଇଁ ଖଟିବ କିପରି ?

କନକ କହିଲା, "ଅପା, ମୁଁ ତମୁକୁ ଛାଡ଼ି କିପରି ଘରୁଟାରେ ପଶି ତିନିଦିନ ଚଳିମି ?

ଗଉଣ୍ଟ—କି, ରଙ୍ଗୀ ନାହିଁକି ? ସେତ ମୁଁ ନାହିଁ ବୋଲି ଜାଣିବେ ସଂସାରଯାକ ନୂଆବହୂଙ୍କୁ ଛାଡ଼ି ତୋର କୁକୁର ହୋଇ ରହିବ ।

Digitized by srujanika@gmail.com

କନକ—ଆଚ୍ଛା,—ତୁମେ କଣ ଅପା ଜମାରୁ ଟିକଏ ବି ଆସିବ ନାହିଁ ?

ଗଉଡୁଣୀ—ନାଇଁ ମ, ତିନିଟା ଦିନ ତ, ଏଥିପାଇଁ ଏତେ କଥା ? ନା ନା, ମୁଁ ଏ ଦୁଆର ବି ମାଡ଼ିବି ନାହିଁ । ତୁ ମତେ ଦେଖିଲେ 'ବିଷ' ପରି କରିବୁ !

କନକ—ଇସ୍, ବିଷ ନା ଆଉ କିଛି ? ସତେ ଇମିତି ସବୁ ହୁଏ ନା, ଅପା ? ନା ଲୋ ମା, କାଳେ ହେଉଥିବ—କଣ କରୁଥିବ । ତୁମେ ମତେ ଦେଖି ପକେଇଲେ ମୁଁ ତୁମରି ବିଷ ହୋଇ ଯିମି । ନା, ମୋର ଥାଉ ।

ଅତଏବ ଏଇ ବନ୍ଦୋବସ୍ତ ଠିକ୍ ହେଲା । ସାତମଙ୍ଗଳା ରାତିରେ ଗଉଡୁଣୀ କନକକୁ ନେଇ ତା ଶୋଇବା ଘରେ ଜବରଦସ୍ତି ପୂରାଇଲା ବେଳେ କନକ ତା ହାତଟି ଧରି ପକାଇ କହିଲା, "ଯା ଅପା, ତୁମକୁ ଏବେ ଧର୍ମକର୍ମ କରିବାକୁ ଢେର ବେଳ ମିଳିବ ଯେ । ଏକା ମୋ ନାଗି ତମ ଠାକୁରଙ୍କୁ ପଦେ ଅଧେ କହୁଥିବ । ମୁଁ ବଡ଼ ଦୁଃଖୀ !" ଏତିକିରେ କନକ ଘର ଭିତରେ ପହଞ୍ଚିଗଲା ଓ ଭିତରୁ କିଏ ଗୋଟିଏ ଦୁଆର ବନ୍ଦ କରିଦେଲା । ଗଉଡୁଣୀ ସେଇଠାରେ ଥକ୍କା ହୋଇ କିଛି କ୍ଷଣ ଛିଡ଼ା ହୋଇ ରହିଗଲା । କନକର ତ ଏ ଭାବ ସେ କେବେ ଦେଖି ନାହିଁ—ଏପରି କଥା ତ ମାଇକିନା ମାତ୍ରେ କହୁଥାନ୍ତି, କିନ୍ତୁ କନକ ପରି ତ କେହି କହେ ନାହିଁ ! କଥାଠାରୁ କନକର ମୁଖଭାବ ଓ କଣ୍ଠସ୍ୱରଟା ହିଁ ଗଉଡୁଣୀକୁ ଅଧିକ ସ୍ତମ୍ଭିତ କରି ପକାଇଥିଲା । ସେ ଆଜି ମନରେ ଭାବୁଁ ଭାବୁଁ ଧୀରେ ଧୀରେ ସେଠାରୁ ଚାଲିଗଲା । କିନ୍ତୁ କନକର ସେ ଭାବ, ସେ କଣ୍ଠସ୍ୱର ଓ

Digitized by srujanika@gmail.com

ମନେ ମନେ ।

ସେ କଥା ସେ କୌଣସିମତେ ମନରୁ ଦୂର କରି ପାରିଲା ନାହିଁ । ସେ ସବୁର ସଜୀବ କରୁଣତାଟି ତା ନିଜ ହୃଦୟତନ୍ତ୍ରୀର କୌଣସି ଗୋଟାଏ ଗୂଢ଼ ମୂର୍ଚ୍ଛନା ସହିତ କି ଅଜ୍ଞାତ ସାମଞ୍ଜସ୍ୟ ବଳରୁ ଏକ-ତାନରେ ବାଜି ବାଜି ଉଠିଲା; ତା ନିଜ ଅନ୍ତରର କେଉଁ ଗୁପ୍ତ ପ୍ରଦେଶରେ ଚିର ସୁପ୍ତ କି ଗୋଟାଏ ସଜୀବ ହାହାକାର ଏ ସ୍ୱରରେ ହଠାତ୍ ଜାଗି ଉଠି ଏହା ସହିତ ମିଳିତ ଓ ଏକୀଭୂତ ହେବାକୁ ଚାହିଁଲା ।

ମନରେ ଘୋର ଅଶାନ୍ତି ଓ ଦୁର୍ବହ ବିଷାଦର ଭାର ଘେନି ଗଉରୀ ଗଲା ଶୋଇବାକୁ । ଅତି କରୁଣ ଭାବରେ ବିଛଣାରେ ଲୋଟି ହୋଇ ପଡ଼ି, ସାଶ୍ରୁନୟନରେ ସାଷ୍ଟାଙ୍ଗ ପ୍ରଣାମ କରି ସେ ତାହାର ଠାକୁରଙ୍କୁ ଏକମନରେ ଡାକିଲା—କେବଳ ନିଜପାଇଁ ନୁହେଁ, କନକ ପାଇଁ ଏକା ମଧ୍ୟ ନୁହେଁ—ସାରା ସଂସାରର ଜଣା ଅଜଣା ଯାବତୀୟ ଦୁଃଖିନୀ ନାରୀଙ୍କ ପାଇଁ ।

ନାରୀ ଛଡ଼ା ନାରୀ-ହୃଦୟର ମର୍ମ ଆଉ ବୁଝିବ କିଏ ?

(୪)

ଦଶମଙ୍ଗଳା ଦିନ ସକାଳେ ଗଉରୀ ଯେତେବେଳେ କନକ ଯେଉଁ ପରସ୍ତରେ ଗାଧୋଉଥାଏ, ତାହାରି ଦୁଆରେ ଉଣ୍ଡି ଉଣ୍ଡି ଚାହୁଁଥାଏ, କନକ ସେତେବେଳେ ବ୍ୟସ୍ତ ସମସ୍ତ ହୋଇ ଖଣ୍ଡେ ପାଟଲୁଗା ଦେହରେ ବେଢ଼ାଇ ଦେଇ ଓଦା କେଶ ଝାଡ଼ିବାରେ ବ୍ୟସ୍ତ । ସେ କେତେବେଳେ ବାହାରିବ, ଏହି ଅପେକ୍ଷାରେ ଗଉରୀ ଦୁଆରେ ଉତ୍‌ଗ୍ରୀବ ହୋଇ ଠିଆ ହୋଇଥାଏ । ଅତଏବ ଭିତରୁ ଦାସୀଟା ଦୁଆର ଖୋଲିବା ମାତ୍ରେ କନକ ଆଖି ପ୍ରଥମେ ସଳଖେ

Digitized by srujanika@gmail.com

ପଡ଼ିଲା ଗଉଡ଼ୁଣୀ ଉପରେ । ସଲଜ୍ଜ ହସ ହସି ହସି କନକ ଗୁଡ଼ି ଛାଟିଆଣା ହାତରେ ଧରି, ଧାଇଁ ଆସି ଗଉଡୁଣୀ ଆଗରେ ଥୋଇ ଦେଇ ବଧିମତେ ଦଣ୍ଡବତ ହେବାକୁ ଯାଉଥିଲା; କିନ୍ତୁ ଗଉଡୁଣୀ ଏକାବେଳକେ ତାକୁ କୁଣ୍ଢାଇ ପକାଇ ଭିତରକୁ ଟାଣି ନେଇଗଲା; ପୁଣି ଗଦ୍‌ଗଦ୍ ସ୍ୱରରେ କହିଲା, "ହଇଲୋ ଟୋକି, ତୁ ତ ବହୁ ହେଲୁ । 'ବିଷ' ଲୁଚିଲୁଚି, ସବୁ ତୋରେ ସାଜେ—ତୋଠେଇଁ ବି ଏ ସବୁ ସାହାଯ୍ୟ ହୋଇପିବ । ନିଆଁନଗା ମୁଁ କାହିଁକି ଏ ତିନି ଦିନ ଛଟପଟ ହୋଇ ମରୁଚି କି ଲୋ ! ତୋଠେଇଁ କଣ ଅଛି ମ, ଦିନ ପାଞ୍ଚଟା ଛଅଟାରେ ମୋତେ ଏକଦମ— ।" କନକ ଗଉଡ଼ୁଣୀ କଥାରେ ତାର ଆନ୍ତରିକ ସ୍ନେହଭାବଟାହିଁ ଦେଖିଲା, ବୁଝିଲା; ଜାଣିଲା, ଏ ସ୍ନେହର ପ୍ରତିବାଦ କେଡ଼େ ଅମୂଲ୍ୟ ।

ପ୍ରକୃତରେ 'ବିଷ' ପୂର୍ବ ଗୃହ ପାଞ୍ଚ ଦିନର ସଙ୍ଗମେଳ ଯାହା କରିପାରି ନାହିଁ, ଏ 'ବିଷ' ତିନି ଦିନର ଅଦର୍ଶନ ତାହା ଅତି ସହଜରେ ସାଧିତ କଲା । ଇତିପୂର୍ବରୁ ଗଉଡ଼ୁଣୀ କନକକୁ "ବହୁ" "ତମେ" ଇତ୍ୟାଦି ଶିଷ୍ଟାଚାରର ବହିର୍ଭୂତ କରିପାରି ନଥିଲା; କିନ୍ତୁ ଏଇ ତିନି ଦିନରେ କୁଳାଚାର, ଶିଷ୍ଟାଚାର ସବୁ ତା ମନରୁ ପୋଛି ହୋଇଯାଇଛି ।

କନକ ବି ବୁଝିଲା; ଏଇ ତିନି ଦିନଯାକ ଗଉଡ଼ୁଣୀ କେତେ ଆପଣାର କରି ତାକୁ ଭାବିଛି । କହିଲା, 'ଅପା, ମୋଠେଇ ତ ସବୁ ସାହାଯ୍ୟ ହଉଚି, ହବ; ଏକା ତମ ଯିବା ଦିନ ମୁଁ ମରିବି— ଏଇଆ ଯାଣିଥା ।" ଗଉଡୁଣୀ ହସି ହସି "ହଉ, ଦେଖିବା କେମିତି ମରିବୁ" କହି କନକକୁ ପାଖକୁ ଟାଣି ଆଣିଲା ।

Digitized by srujanika@gmail.com

ମନେ ମନେ ।

କନକ ଅନଭ୍ୟସ୍ତ ହାତରେ ସିନ୍ଦୂର ଢେଳୁଥିଲା, ଗଉରୀ ଦେଖି ନାହିଁ । ହଠାତ୍ ଝିଙ୍କାଟା ଖାଇ କନକ ହାତରୁ ସିନ୍ଦୂରଫରୁଆ ଓ ସିନ୍ଦୂରକାଠିଟି ଅଗରେ ସାବଧାନରେ ରକ୍ଷିତ ସିନ୍ଦୂରଗୁଣ୍ଡି ତକ ପଡ଼ିଯାଇ ତାର ସଦ୍ୟସ୍ନାତ ମୁଖଟିକୁ ରାଗରଞ୍ଜିତ କରିଦେଲା । ଗଉରୀ ଅସ୍ତବ୍ୟସ୍ତ ହୋଇ ସିନ୍ଦୂର ଝାଡ଼ି ଦେଉଁ ଦେଉଁ କହିଲା, "କଣ କଲୁ ?" ଏହା କହି କି ଅଜ୍ଞାତ ଅମଙ୍ଗଳ ଆଶଙ୍କାରେ କେଜାଣି, ଥରଥର ହୋଇ ନିଜେ ସିନ୍ଦୂର କାଠିଟାଏ ନେଇ କନକ ମୁଣ୍ଡରେ ସିନ୍ଦୂର ପିନ୍ଧାଇ ଦେଲା । ତାକୁ ଜଣା ନାହିଁ, ସାଇ ମାଇ-କିନା କିଏ ଗୋଟିଏ ଆସି ଦୁଆର ପାଖରେ ଠିଆ ହୋଇ ତାହାର ଶେଷ କଥା ଶୁଣିଲା ଓ କାର୍ଯ୍ୟ ବି ଦେଖିଲା । ହଠାତ୍ ବଜ୍ରପାତ ପରି ତା କାନରେ ସାବି ଅପାର କଣ୍ଠସ୍ୱର ପଡ଼ିଲା । ଦୁମୁ ଦୁମୁ ହୋଇ ଚାଲି ଯାଉଁ ଯାଉଁ ସାବି ଅପା କହି ଯାଉଛି—"ଅ, କଣ୍ଟୁ ହଉ, ଇଏ କି ଢଙ୍ଗ ଲୋ ମା ଏ ଘର ଝିଅ ବୋହୂଙ୍କର ! ଶୁଭ କଥା ନା ନିଆଁ କଥା ! ନିଜେ ଯିଏ ନ ବୁଝିବ, ତାକୁ ଆଖିରେ ଆଙ୍ଗୁଠି ଦେଇ ବୁଝାଇବ କିଏ ? ଯା ହଉ, ଭଗିଅ ବଡ଼ୁଛି—!" ଅନ୍ୟ ଖଞ୍ଜାରୁ ଆଉ ଗୋଟିଏ କିଏ ଏହାଠାରେ ପଚାରି ବସିଲା—"କି ସାବି ଅପା; କଥା କଣ ? କାହିଁକି ସକାଳଠାରୁ ବର୍ ବର୍ ହଉଚ କଲେ ?" ସାବି ଅପା ଅପେକ୍ଷାକୃତ ନିମ୍ନସ୍ୱରରେ କହିବାର ଶୁଣା-ଗଲା—"କଥା ? ଦେଖିବ ଯା—ଦେଖିବ ଯା ଲୋ ମାଇପେ—ଯ୍ୟାଙ୍କମାନଙ୍କର ବୁଦ୍ଧି ଦେଖିବ ଯା !"

ଗଉରୀ ଆଉ ଶୁଣିପାରିଲା ନାହିଁ—"ପୋଡ଼ାମୁହିଁ, କଣ କଲି ମୁଁ !" ବୋଲି କହି ହାତେ ଜିଭ କାଢ଼ି ପକାଇ କନକକୁ ପ୍ରାୟ

Digitized by srujanika@gmail.com

ଟେକି ଆଡ଼େଇ ଦେଇ ସେ ଘରୁ ଦଉଡ଼ି ପଳାଇଗଲା । କି ଲଜ୍ଜା, କି ଅପମାନ, କି ଘୋର ବିଷାଦ ତା ମନକୁ କ୍ଷଣକେ ଅଧିକାର କରି ପକାଇଲା, ତାହା କେବଳ ତାହାର ଗୋଟିଏ କଥାରୁ ବୁଝାଯିବ । ସେ ଖାଲି ମନେ ମନେ ନିଜକୁ ଧିକ୍କାର ଦେଇ କହି କହି ଗଲା—"ଛି ଛି; ମୁଁ ଯେ ବିଧବା, ଅମଙ୍ଗୁଳୀ, ଅଲକ୍ଷଣୀ, ପୋଡ଼ାମୁହିଁ ବିଧବା !"

କିଛିକ୍ଷଣ ପରେ ମାଇକିନା ପିଲାସବୁ ପଲ ପଲ ହୋଇ ଆସି କନକ ହାତରେ ଗୁଡ଼ଚାଟିଆ ଦେଖି ଯାହାର ଯାହାର ପ୍ରାପ୍ୟ ସେ ତାହା ପାଇ ଯେ ଯାହାର ବାହାରିଗଲେ । ଗଉଣୀବୋଉ ପଖାଳ ବାଡ଼ି ଆଣି ପିଣ୍ଡାରେ ଥୋଇ ଦେଇ କହିଲେ, "ଆଲୋ, ଗୁଣ୍ଡେ ଖାଇଦେ ମ, ପିତ ପଡ଼ିଯିବ ।" କନକ ପାଖରେ ବସିଥିବା ରଙ୍ଗୀକୁ କହିଲା, "ଗଲୁ, ଟିକିଏ ଅପାଙ୍କୁ ଡାକିଆଣିବୁ । ଗଲୁ ।" ରଙ୍ଗୀ ମୁହଁଟାକୁ ଏଡ଼େ କରି "ଉଃ ମୁଁ ଯାଇପାରେ ନା, ଯାଅ" କହି କାନ୍ଥଆଡ଼କୁ ବୁଲି ବସିଲା । ପୁଣି କନକ ଉଠି ଗୋଟାଏ ଷ୍ଟେଟ ଗିନାଟିରେ ପାଣି ମନ୍ଦାଏ ନେଇ ଆସି ରଙ୍ଗୀକୁ ଯୋର କରି ଛିଡ଼ାକରାଇ କହିଲା, "ମୋ ରାଣ, ମୋ ମୁଣ୍ଡ ଖାଇବୁ, ଯା ଟିକେ ଅପାଙ୍କଠଉଁ ପାଦୁକ ନେଇ ଆସିବୁ । ଆଉ ତାଙ୍କୁ ମୋ ରାଣ ପକେଇ କହିବୁ, ସେ ଏଠିକି ଟିକିଏ ଆସିବେ । ସେ ମୋ ସଙ୍ଗେ ଖାଇବେ ନାହିଁ । ଯା, ତେମେ ପଛେ ଖାଇବୁ ।" ରଙ୍ଗୀ ମନେ ମନେ ଖୁସି ହୋଇ ଛଳ କ୍ରୋଧରେ କହିଲା, "ମୁଁ ଏଇ ନୂଆ ବୋଉଟା ସଙ୍ଗେ ଖାଉଥାଏଁ ତ । ଇଃ" ଏହା କହି ସେ ଗିନାଟି ନେଇ ପଳାଇଗଲା । ଶାଶୁ ବିରକ୍ତ ହୋଇ କହିଲେ, କି ପାଦୁକା

Digitized by srujanika@gmail.com

ମନେ ମନେ ।

ଲେ ! ଅ ଭୁ ଖାଇ ବସ ।" କନକ ଠାରଦ୍ୱାର ଜଣାଗଲା—ରଙ୍ଗୀ ଆସୁ ।

ଏହି ସମୟରେ ଦାଣ୍ଡଆଡ଼ୁ ଗୋଟାଏ ଏକୁଟିଆ ମହୁରୀ ପେଁ ପେଁ କରି ବାଜିଉଠିଲା । ଗଉରୀବୋଉ ଉତ୍ଫୁଲ୍ଲ ହୋଇ କହିଲେ —"ହୋଇଟି, ତମର ଗୁଡ଼ଦେଖା ଘର ଆସିଲାଣି ପରା ! ଦେ ଦେ, ଭୁ ଖାଇ ବସ୍—ମୁଁ ଯାଏଁ ।" ଏହା କହି ଚାଲି ଯାଉଥିଲେ, କନକ ହାତରେ ମଦାଏ ପାଣି ନେଇଯାଇ ତାଙ୍କ ଗୋଡ଼ ଧରି ଅଟକାଇ ଦେଲା; ଡାହାଣ ଗୋଡ଼ ବୁଢ଼ା ଆଙ୍ଗୁଠିଟାକୁ ଟାଣି ଆଣି ସେହି ପାଣିରେ ମାଡ଼ଦେଇ ଗୁଡ଼ ଦେଲା । ଶାଶୁ ଚାଲିଗଲେ । ସେହି ପାଦୁକ ପାଇ କନକ ଉତ୍କଣ୍ଠିତ ଭାବରେ ବସି ରହିଲା । କିଛିକ୍ଷଣ ପରେ ଗୋଟାଏ ପିଲା ଧାଇଁ ଧାଇଁ ଆସି, ରଙ୍ଗୀ ନେଇ ଯାଇଥିବା ଗିନାଟି ଆଣି କନକ ଗୋଡ଼ ପାଖରେ ଫିଙ୍ଗିଦେଲା ପରି ଥୋଇଦେଇ, ଧାଇଁ ବାହାରିଯାଉଥିଲା, କନକ ତା ହାତଟି ଧରିପକାଇ କହିଲା, "ରଙ୍ଗୀ କାହିଁ ? ଅପା କୁଆଡ଼େ ଗଲେ ?" ସେ କହିଲା, "ସମସ୍ତେ ଠାକୁର ଖଞ୍ଜାରେ ଦେଖୁଛନ୍ତି—ଘର କେତେ ଆସିଚ । ତମେ ଗୁଡ଼ ମତେ ବଡ଼ାପା ମତେ କହିଲେ, ମୁଁ କୁଣିଆନାଗି ପାନ ନେଇଯିବ, ଗୁଡ଼ ।" ଏହି ସମୟରେ ଗଉରୀ ହସ ହସ ମୁଖରେ ସ୍ୟାଡ଼ୁ ଆସି ପିଲାଟିକୁ ଦେଖି କହିଲା, "ଶୁଣ୍‌ବେ ରମ କଏ ସେ ସାନ୍ତ ଆସିଚ କ ବେ ? ମୁଁ ସେଠାକୁ ସୁଆଗରୁ ଓହ୍ଲାଇବାବେଳେ ଭଲକରି ଦେଖିପାରିଲି ନାହିଁ ।" ପିଲାଟି ଅଳ୍ପରେ କହିଲା, "ବାବୁ —ନିଧିଭାଇଙ୍କ ପରି କୋଠ ପିନ୍ଧିଚ ।" ଆଲୋ ବଡ଼ୁ କଏ କହନି ସିଏ ?" କହି ଗଉରୀ ଟିକିଏ ଦୂରରୁ କନକ ଆଡ଼କୁ ଚାହିଁଲା ।

Digitized by srujanika@gmail.com

କନକ ନିଜେ ବୁଝିପାରିନାହିଁ—କିଏ ସେ । ହରିବାବୁଙ୍କ ଛଡ଼ା ଆଉ କିଏ ଆସିବ ? କିନ୍ତୁ ସେ ସ୍ଥିର କହିପାରୁନାହିଁ ଯେ ସେ ହିଁ; କିଏ ଯେପରି ପାଟିର କଥା ଛଡ଼ାଇ ନେଉଛି, କହୁଛି— ନା, ସେ ଆଉ କିଏ ! କନକ ପିଲାଟିକୁ ପୁଣି ଡାକି ପଚାରିଲା, "ଯିଏ ଆସିଚି, ତାର ନିଶ ଅଛି ନା ?" ପିଲାଟି କହିଲା, "ଦେଖି ଆସେଁ ।" ଏହା କହି ଏକ ନିଶ୍ୱାସରେ ଦଉଡ଼ି ପଳାଇଲା ।

ଗଉରୀ କହିଲା, "ଯିଏ ଆସୁ, ଏଇନାଗେ ପୁଣି ଦେଖାହେବାକୁ ଆସିବ । ତୁ ଗଣ୍ଡାଏ ଖାଇଦବୁଟି ।" ଏହା କହି କନକକୁ ଟାଣି ଆଣି ଭାତ ବେଲା ପାଖରେ ବସାଇ ଦେଲା । ସକାଳର ଘଟନା ଯୋଗୁଁ ଦୁହିଙ୍କୁ ଦୁହେଁ ଗୋଟାଏ ଅସ୍ୱଚ୍ଛନ୍ଦତା ଅନୁଭବ କରୁଥିଲେ, କିନ୍ତୁ ଏ ନୂତନ ଉତ୍ତେଜନାରେ ସେଟା ଅନେକାଂଶରେ କମିଗଲା । ପୁଣି ଖାଇବସି କନକ ଗଉରୀକୁ ଟାଣିଆଣି ବସାଇଲା । ଦୁହେଁ ଖୁଆଇ ହିଆହିଇ ହେଲେ । କ୍ଷଣିକ ଚଞ୍ଚଳତା ବଶତଃ ଦୁହେଁ ଖାଇଲେ ବି ବେଶି । ଦୁହିଙ୍କ ମନର ଗୁରୁ ଭାରଟା ବି ନିର୍ମଳ ହୋଇ ଦୂର ହୋଇଗଲା । ଏହିପରି ସମୟରେ ସ୍ୟାଉ ରଙ୍ଗୀ ଧାଇଁ ଧାଇଁ ଆସି; ହସି ହସି କହିଲା; "ଦେଇ ଲୋ, ସେଇ ଖଣ୍ଡିଆଟା ଫେରେ ଆସିଚମ । ସେଇ—ଯେଉଁଟା ବରଧରା ହୋଇ ଆସିଥିଲା ।"

ରଙ୍ଗୀକୁ ଦେଖିଲାମାତ୍ରକେ କନକ ଉଠି ପଡ଼ି ତାହାକୁ ଓଟାରି ଆଣି ବେଲା ପାଖରେ ବସାଇଦେଇ ସାରିଥିଲା । ରଙ୍ଗୀ ତାହାର କମ୍ପମାନ ହାତରୁ ଗୁଣ୍ଡାଟିଏ ନଉଁନଉଁ ପଚାରିଲା,"ନୂଆ'ଉ, ସେଇ—ବରଧରା ଯିଏ ଆସିଥିଲା, ସିଏ କିଏ ?" କନକ ହାତରୁ ଗୁଣ୍ଡାଟା ଭାଙ୍ଗିଯାଇ ରଙ୍ଗୀ ହାତ ମୁଣ୍ଡି ହୋଇଗଲା । ଭାତଗୁଡ଼ାକ

Digitized by srujanika@gmail.com

ମନେ ମନେ ।

ଝାଡ଼ୁ ଦଉଁ ଦଉଁ ଗଉରୀ ବିରକ୍ତ ଭାବରେ କହିଲା, "ମରୁନାହୁଁ, ଦଶା ଝିଅଟା । ସିଏ କଏ, ସିଏ କଏ—ସିଏ ତୋ ଘଇତା, କଏ!" ରଙ୍ଗୀ ଖିଁଖିଁଉଠି ଗଉରୀକୁ ଧକାଏ ମାରି, ନୂଆବୋହୂକୁ ପୁଣି ଧରି ପଚାରିଲା, "ସତେ ନୂଆ'ଉ, ସେ କଏ?" କନକ ଇତିମଧ୍ୟରେ ଆତ୍ମସମ୍ବରଣ କରିନେଇଥିଲା, ଅଳ୍ପ ଅଳ୍ପ ହସି କହିଲା, "ସିଏ ପରା ତମ ବର ଗୋ ।" ରଙ୍ଗୀ ଅସମ୍ଭାଳ ହୋଇ ଦୁଇହାତରେ ଗଉରୀ ଓ କନକକୁ ବାଧା ଗୁଡ଼ପୋଡ଼ା ମାରୁ ମାରୁ କହିଲା, ସିଏ ମରୁ, ନିଆଁ ନଗା ପୋଡ଼ାଟା ମରୁନାହିଁ ! କ, ମୋ ବର କାହିଁକି ହବ ? ତମରି ବର ହଉ ! ଗଉରୀ ଦେଖିଲା, ରଙ୍ଗୀ କଥାରେ କନକ ମୁହଁ ଶୁଖି ହଠାତ୍ କଳା ପଡ଼ିଗଲା । କଥାଟା ତାକୁ ବାଧିଲା ଭାବ, କ କଣ; ଗଉରୀ ଆଖି କାଢ଼ି ରଙ୍ଗୀକୁ ମାରିବାକୁ ଗଲା । ରଙ୍ଗୀ କିନ୍ତୁ ହସି ହସି ଦଉଡ଼ି ପଳାଇ ଯାଉଁ ଯାଉଁ କହିଲା, "ଇସ୍ ମାରିବୁ ? ଭାରି ମାରିବାବାଲୀଟା ! ରହ ରହ, ମୁଁ ନୂଆ'ଉ-ବରକୁ ଡାକି ଆଣେ । ରହ ତମକୁ ଦେଖୁଛି ।"

ଗଉରୀ ତା ପଛେ ପଛେ ଦୁଆର ପର୍ଯ୍ୟନ୍ତ ଗୋଡ଼ାଇ ଯାଇଁ କହିଲା—"ଦୂର୍ ହ, ଦୂର୍ ହ, ନିର୍ଲଜୀ, ବଜାତିଆଣୀଟା ! ବୁଦ୍ଧି ଶିଖୁଚି !" କନକ ପାଖକୁ ପୁଣି ଆସି କହିଲା, "ଗେହ୍ଲା କରି କରି ବୋଉ ଏ ଝିଅଟାକୁ ସାରିବ ପରା, ମୁଁ ଜାଣେ ।" କନକ ପ୍ରକୃତିସ୍ଥ ହୋଇ ହସି ହସି କହିଲା, "ପିଲାଟା, ଏଇନାଗେ ତାଙ୍କର ଏତେ ବୁଦ୍ଧିଶୁଦ୍ଧି କେଉଁଠୁ ହବ, ଅପା ତମେ କହୁଚ ।" ଗଉରୀ ମନରେ ହଠାତ୍ ରଙ୍ଗୀ ଯେଉଁ ପ୍ରଶ୍ନ କରିଥିଲା, ସେହି ପ୍ରଶ୍ନ ଉଠିଲା, କିନ୍ତୁ କାହିଁକି କେଜାଣି ମୁହଁ ଖୋଲି ସେ ଆଉ ପଚାରି ପାରିଲା

Digitized by srujanika@gmail.com

ନାହିଁ । କିଛିକ୍ଷଣ ପରେ ଗଉରୀ ମନ୍ଦ ମନ୍ଦ ହୋଇ ଉଠି କହିଲା, "ଆ, ଆ ଲୋ, ମୁଁ ଯାଏଁ । ସେଇଟା ପୁଣି ଆସିବ ଦେଖା କରିବାକୁ ଏଇନାଗେ ।" କନକ ଚମକି ପଡ଼ି କହିଲା, "କିଏ ?" "ସେଇ ଯେ ଆସିଚ ତୋ ଭାଇ ।" "ଓଃ, ମାନ୍ତୁ ଭାଇ—ମାନ୍ତୁ ଭାଇ ?" ସେ ନାମଟା ଉଚ୍ଚାରଣ କରି ମାତ୍ରକେ କନକ କପାଳ ଗୋଟାଏ ବିଚଳିତ ହୋଇ ଉଠିଲା । ଗଉରୀକୁ ହଠାତ୍ ଧରି ପକାଇ କହିଲା, "ନା, ଅପା, ତେମେ ଯା ନେଇଁ, ଏଠିକି ଆଗେ ଟିକିଏ— ।" ଗଉରୀ ହସିଉଠିଲା, କହିଲା—"କିଲୋ, ତୋ ଭାଇଟା ତୋ କଣ୍ଠକ ଆସିବ । ମୁଁ ଏଠି କଣ କରିମି ?" କନକ ଲଜ୍ଜିତ ହେଲା ପରି ଧଡ଼୍‌କରି କାନ୍ଥ ଆଡ଼କୁ ଆଉଜି ବସିପଡ଼ିଲା, ଟିକିଏ ଅନିଶ୍ଚିତ ଭାବରେ କହିଲା, "ନା ନା, ମୁଁ ଭାବୁଥିଲି, ଆଉ କିଏ କାଳେ ତାଙ୍କ ସାଙ୍ଗରେ ଆସିବ ।" "ଆଉ କିଏ ମଧ୍ୟ ?" କନକ ଚଞ୍ଚଳ ଭାବରେ କହିଲା, "ହୁଁ ।" ଗଉରୀ ଗମ୍ଭୀର ଭାବରେ ସେଠାରୁ ବାହାରି ଗଲା ।

(୪)

ମନୁଷ୍ୟ ହୃଦୟ ସ୍ୱଭାବତଃ ଭୀରୁ । ବିଶେଷତଃ ଯାହାର ସ୍ନେହ ଯେତିକି ଗଭୀର, ତାହାର ସାହସ ସେତିକି କମ୍ । ପ୍ରିୟ ବସ୍ତୁକୁ ପାଇବାର ଆଶା ବା ଆକାଙ୍‌କ୍ଷା ମନରେ ଯେତିକି ପ୍ରବଳ, ପାଇଲେ ତାହାକୁ ଗ୍ରହଣ କରିବାର କ୍ଷମତା ମଧ୍ୟ ସେତିକି ଅଳ୍ପ । ମନର ବଳ କହ, ନୈତିକ ବଳ କହ, ସେ କେବଳ ପ୍ରିୟ ବସ୍ତୁଟି ପାଇବା ପର୍ଯ୍ୟନ୍ତ ରହେ—କାମରେ ଲାଗେ । ତାପରେ ସେ କେବଳ ନାମ-ମାତ୍ର । ଆଶା ଆଶଙ୍କାର ଖେଳ ଯେଉଁଠି, ସେଠି ଭୟହିଁ ପ୍ରଧାନ ।

Digitized by srujanika@gmail.com

ମନେ ମନେ ।

ସାଧନାର ସିଦ୍ଧିରେ ବି ଭୟ ଛଡ଼ା ଆଉ କିଛି ନାହିଁ ବଳ, ସାହସ କେବଳ କଥାର କଥା ।

ପୂର୍ଣ୍ଣ ହୃଦୟ ଦେଇ ମନୁଷ୍ୟ ଯାହା ଗୃହେଁ ସେହି ପର୍ଯ୍ୟନ୍ତ ଆସିଲେ, ବ୍ୟବଧାନ ଟିକକ ପାର ହେଲେ, ତାହାର ଆଉ ତଳେ ଅଗ୍ରସର ହେବାର ସାଧ କାହିଁ ?

ମାନବ ହୃଦୟ ମାତ୍ରକେ ଏହାର ଅନୁଭବୀ । କିନ୍ତୁ ଆହୁରି କେତେକଙ୍କ ହୃଦୟରେ ଭୟ ଏତେ ବେଶି ଯେ, ଠିକ୍ ସିଦ୍ଧି ମୂହୂର୍ତ୍ତରେହିଁ ତାଙ୍କର ସାଧନା ହାହାକାର କରି ପୃଷ୍ଠ ପ୍ରଦର୍ଶନ କରି ପଳାଏ । କି ଦୁର୍ବଳତା !

ବହୁ ଯତ୍ନରେ, ଶତ ଚେଷ୍ଟାରେ ପ୍ରାଣ ପର୍ଯ୍ୟନ୍ତ ପଣ କରି ପର୍ବତର ଉଚ୍ଚତମ ଶିଖର ଆରୋହଣ କଲି—କେବଳ ସେଠାରୁ ଉପତ୍ୟକାର ଦୃଶ୍ୟ ଅନୁଭବ କରିବି ବୋଲି; କିନ୍ତୁ ଶିଖର ଆରୋହଣ କରି ସାରିଲା ମାତ୍ରକେ ମସ୍ତକ ବିଘୂର୍ଣ୍ଣିତ ହେବା ଭୟରୁ ଯଦି ମୋର ଦୃଷ୍ଟିଶକ୍ତି, ଅନୁଭବ ଶକ୍ତି—ମୋର ଗ୍ରହଣ କରିବାର ସମସ୍ତ ଶକ୍ତି,—ଅପହୃତ, ଲୁପ୍ତ ହୋଇଗଲା, ତା ହେଲେ ଏଥିଠାରୁ ବଳି ଆଉ ଦୁଃଖର ବିଷୟ କଣ ହୋଇପାରେ ?

ଦୁଃଖର ବିଷୟ ହେଉ ବା ଯା ହେଉ, ହୃଦୟ ରାଜ୍ୟରେ ଏପରି ଘଟଣା ବିରଳ ତ ନୁହେଁ, ବରଂ ନିତ୍ୟ ନୈମିତ୍ତିକ ଘଟନା ବୋଲି ମୋର ବିଶ୍ୱାସ ।

ଆଜି ମିଳୁ ବାବୁଙ୍କର ସେହି ଦଶା ।

ଆଜିକୁ ପ୍ରାୟ ଦଶଦିନ ପୂର୍ବେ ଲୋକ ଚକ୍ଷୁରେ ଯେଉଁ ଧନ ସେ ହରାଇ ଥିଲେ, ବାସ୍ତବରେ ନିଜ ଅନ୍ତରର ଅନ୍ତସ୍ତମ ପ୍ରଦେଶରେ

Digitized by srujanika@gmail.com

ସେ ତାହାର ପ୍ରାପ୍ତି ଓ ପ୍ରାପ୍ତିର ଆନନ୍ଦ ଉପଭୋଗ କରିଥିଲେ । ସାଫଲ୍ୟରେ ହୃଦୟ ନାଚି ଉଠିଥିଲା, ସିଦ୍ଧିରେ ମନ ମାତି ଯାଇ-ଥିଲା । କନକ ଅପରର ହସ୍ତ ଧରି ବାହାରି ଯାଇ ସୁଦ୍ଧା ତାଙ୍କ ଅନ୍ତରର ନିଭୃତତମ ପ୍ରଦେଶରେ କି ଗୋଟାଏ ମାଧୁର୍ଯ୍ୟ ବୁଣି ଦେଇଗଲା, ସେଥିରେ ଗ୍ଲାନି ନାହିଁ, ଦ୍ୱିଧା ନାହିଁ । ବାହାର ଶୂନ୍ୟ କରିଗଲା ସତ୍ୟ, ମାତ୍ର ଭିତରେ ସେ ଯେଉଁ ପୂର୍ଣ୍ଣତାର ସୁଧା ଢାଳି ଦେଇଗଲା, ସେଥିରେ ସେ ମତୁଆଲା ହୋଇଗଲେ । ସାଫଲ୍ୟର ପରିତ୍ରିମୟ ଟୀକା ଲଲାଟରେ ପିନ୍ଧି ତାଙ୍କର ଆଶା ଆକାଙ୍କ୍ଷା ସବୁ ଏକାବେଳକେ ପ୍ରୀତି ପ୍ରତିମାଟିର ପାଦତଳେ ଲୋଟି ହୋଇପଡ଼ିଲା ।

କିନ୍ତୁ ପୂର୍ଣ୍ଣତାର ଆନନ୍ଦ ସଙ୍ଗେ ସଙ୍ଗେ ଆଉ ଗୋଟିଏ ବସ୍ତୁ ମଧ୍ୟ ତାଙ୍କୁ ମିଳିଥିଲା—ମମତାର କଠୋର କର୍ତ୍ତବ୍ୟ । ପୂର୍ଣ୍ଣତାର ଉତ୍କଟ ଆନନ୍ଦକୁ ମମତାର କଠୋର କର୍ତ୍ତବ୍ୟରେ ପରିଣତ କରିବାର ଆଦେଶ ଓ ଶିକ୍ଷା କନକ ତାଙ୍କୁ ଗୋଟିଏ ମୁହୂର୍ତ୍ତରେ ଅପୂର୍ବ ଭାଷାରେ ଦେଇ ଯାଇଥିଲେ । ମନୁଷ୍ୟର ସମସ୍ତ ପୂର୍ଣ୍ଣତା ଯେ କେତେ ଅପୂର୍ଣ୍ଣ ତାହା ବୁଝିବାର ଅବସର ମିନ୍ଟୁ ବାବୁ ପାଇଲେ ନାହିଁ । ପୂର୍ଣ୍ଣତାର ଜଡ଼ତାକୁ ସଜୀବ କର୍ତ୍ତବ୍ୟର ଉତ୍ତେଜନା ଲଙ୍ଘନ କରିଥିଲା ଓ ତାଙ୍କୁ ନିତ୍ୟ ଜାଗ୍ରତ ଏବଂ ସତେଜ କରି ରଖିଲା

× × × ×

ହରି ବାବୁ କହିଲେ, ମିନ୍ଟୁ, "ତୁ କଟକ ଯିବା ପୂର୍ବରୁ ଥରେ କର୍ଣ୍ଣୀକି ଦେଖିଆ, ଗୁଡ଼ଦେଖା ହୋଇ ଯିବ କାଲି । ମୋର ସ୍ୱାହେ ରାଜ୍ୟର ଝଞ୍ଜଟ । ମୁଁ ତ ଏଇଠି ରହିଲି, ଯେତେବେଳେ ହେବ, ଯିବ ।"

Digitized by srujanika@gmail.com

ମନେ ମନେ ।

ନୂଆବୋଉ (ହରବାବୁଙ୍କ ସ୍ତ୍ରୀ) କହିଲେ, ହଁ, ହଁ, ମାଳୁ ଯାଉ—ତେମେ ତ ଘର ଯୋଗ୍ୟ ଲୋକଟିଏ । ଗଲେ କାନ୍ଦିବ ସିନା ଆଉ କଣ କି ? ହଇହେ ମାଳ, ତମ ଭାଇ କେଡ଼େ ବୀର, ଜାଣିଚଟି କି ? ଝିଅଟା ବାହା ହେଇକରି ଗଲା,—ତେବେ ଇଏ ତା ଆଡ଼କୁ ଥରେ ଗୃହିଁଛନ୍ତି, ନା କଥା ପଦେ କହିଚନ୍ତି ! ନାଜ ନାହିଁ, ଇଏଟି ପୁଣି ବନ୍ଧୁଘର ଯିବେ ! ନାଇଁ ମାଳୁ, ତେମେ ଯାଅ; ହବ ତ ଚାରି ଛ ଦିନ ରହି ଯାଇ ପାରିବ । ପିଲାଟି କେମିତି ଚଳୁଛି, କଣ କରୁଚି, ହେଲେ ଦେଖି ଆସି ପାରିବ । ଇଏଟି ତ ଦଶ ଲୋକଙ୍କଠେଇଁ ମୁଣ୍ଡ ବଙ୍କଚନ୍ତି !

ମାଳୁ ବାବୁ ହଉ ବୋଲି କହି ଚୁପ ହେଲେ, କିନ୍ତୁ ହୃଦୟ ଆନନ୍ଦରେ ନାଚି ଉଠିଲା । ନୂଆବୋଉ ପୁଣି କହିଲେ, "ହଇ ହେ ମାଳ, ସେ ଥର ଯା ବରଧରା ଯାଇଥିଲ, କେଶୀ ଅପାକୁ ଦେଖିଥିଲ ନା ?"

"କେଶୀ ଅପା କିଏ ?"

"କି କନକ ଶାଶୁ ପରା ମୋର ପିଉସୀ ହୁଏ । ଆଉ କେତେ ଥର କହିବ ମ !"

"ନାଇଁତ, ମୁଁ ଦେଖିନାହିଁ । ମୁଁ କେଉଁଠି ଘର ଭିତରକୁ ଯାଇଛି ଯେ, ଏତେ ଲୋକଙ୍କୁ ଦେଖିବି ।"

"ରଙ୍ଗୀକି ଦେଖିଥିବ ନିଶ୍ଚେ । ସେ ଖରଖରିଟା କଣ ତମ ସାଙ୍ଗେ ନ ନାଗି ଗୁଡ଼ିଥିବ କି ! କେଉଁଠେ ହେଇ ଯିବଣି ସିଏ ! ରଙ୍ଗୀ ମ—କେଶୀ ଅପା ସାନ ଝିଅ ସେ । (ହରି ବାବୁଙ୍କ ପ୍ରତି)

Digitized by srujanika@gmail.com

ମୋ ବାହାକୁ ଆସିଥିଲି ପରା—୨୫ବର୍ଷର ପିଲଟି—ଆଚ୍ଛା ସୁନ୍ଦର-ଟିଏ ଯେ ! ଏକା କେଶୀ ଅପା ତାକୁ ନଗଲବସର କରି ଖାଉଚି !

"ହ ହ, ସେଥର ଗୋଟାଏ କଏ ସେ ମୋ ଉପରେ କଣ ସବୁ ଫୋପଡ଼ା ଫୋପଡ଼ି କରୁଥିଲି । ଦଶ ବାର ବର୍ଷର ପିଲଟିଏ, ନୁହେଁ ? ତେର ଗାଳି ଖାଇଚି ଏକା ସିଏ ମୋ ସାଙ୍ଗେ ନାଗିବା ଯୋଗେ,—ହ ହ, ପୁଣି କହିଚି—ଆଉ ଥରେ ଆସିଲେ ଠିକ୍ କରିଦେବ ।"

ଏହା କହି ମାଳୁ ବାବୁ ବାହାରିଗଲେ । ନିତେଇଙ୍କୁ (ମାଳୁଙ୍କ ଭଣୋଇ) ଦୁଇ ଦିନ ହେଲି ବିଷମ କମ୍ପ ଜର, ଆଜି ଟିକଏ ଉଣା ଥିଲି । ତାଙ୍କୁ ଦେଖିବାକୁ ତାଙ୍କ ଘର ଆଡ଼କୁ ଗଲେ ।

ସ୍ବାଡ଼େ ନୂଆବୋଉଙ୍କ ପାଟି ବନ୍ଦ ନ ହୁଏ ! ବାପଘର ବା ସେ ସମ୍ପର୍କୀୟ କୌଣସି ପ୍ରସଙ୍ଗରେ ନୂଆବୋଉଙ୍କୁ ଦୁଇ ଥର କହିବାକୁ ହୁଏ ନାହିଁ । ଥରେ କଥା ଉଠିଲେ ଅନର୍ଗଳ ଗୁଳିଲି ତେଣିକି । କହିଲେ "ହଇ ହେ, ତମେ ସିନା ମୋ କଥା ନ ଶୁଣିବ—ମୁଁ ଯାହା କହିଲି ସବୁ ଜାଣି ବସ ! ଆଚ୍ଛା କହିଲି ଭଲ, କର୍ଣ୍ଣୀ କ ମନ୍ଦ ଜାଗାଟାରେ ପଡ଼ିଲି ! ତାଙ୍କର ଘରବାଡ଼ି ଜମି—କେଉଁ କଥା ନାହିଁ ? ଆଉ ବର, ତା କଥା ତ ଜାଣିଚ, କେଉଁ ଗୁଣରେ ଏବେ ବାଛୁବ ! ତମେ ସିନା ମୋତେ ନିନ୍ଦିବ; ନ ହେଲେ, ଏଇ ନିଳୁ କଥା ଯେ କହୁଥିଲ—ଛୁଆଟିଲି ଛୁଆ, ତମ ଘରକଥା ଗୁଡ଼ିଦେଲେ ତାର କଏ ଅଛୁ ନା କଣ ଅଛୁ ! ପୁଣି ତମର ଭାଇଟା ପର ! ତାକୁ ବା କେଉଁ ମୁହଁରେ କର୍ଣ୍ଣୀକ ଦବାକୁ କହୁ ଥିଲ ? ଧନିଅ ତମ ବୁଦ୍ଧି । ହ, ମାଳୁଟି ଭଲ ପିଲ୍ଟିଏ ଯେ ସବୁଥିରେ

Digitized by srujanika@gmail.com

ମନେ ମନେ ।

ଭଲ, ହେଲେ—ତମ ପେଇଁ ତାର ସବୁ ନା—ତମକୁ ଗୁଡ଼ିଦେଲେ ତାକୁ ପଗ୍ଗରେ କଏ ? ମୁଁ ପର କହୁଛି, ଦେଖିବ, ପୁଣି ପଛରେ ମୋତେ କହିବ—କର୍କୀ କେଶୀ ଅପାଘରେ କେଡ଼େ ସୁଖରେ ରହିବ ! ଦେଖିବ ତ ମୁଁ କହିଦେଲ ! ଅ, କିଛି କହୁ ନାହଁ କାହିଁକ ମ ? ଏମିତକା ଛଟାଣକୁ ମୋ ହାଡ଼ ଜଳେ । ସେଙ୍କୁ ସବୁକଥା ଅପସନ୍ଦ, ମଲ୍ ଲେ !"

"ଆରେ ନାଇଁମ, ଅପସନ୍ଦ ନୁହେଁ ଯେ—ମୁଁ ଭବୁଥିଲ, ପ୍ରକୃତରେ ମାଳୁଚା ତ ଭଇପେଶକା, ମୋ ଘରର ଜଣେ; ଆମର ଆଉ କଏ ଅଛି ? କର୍କୀକ ବାହା ହେଇଥିଲେ ତ ଆଉ ମୋର ହୋଇ ରହି ନ ଥନ୍ତା, ବନ୍ଧୁ ହେଲ ଠଉଁ କଥା ସଇଲ ନା ଆଉ କଣ ! ମୋ ଘରେ ରହିବାକୁ ବ ଯଦ୍ଦ ମଙ୍ଗିଥାନ୍ତା ତେବେ ବ ରାଜ୍ୟର ଅସନଠ, ଅଡ଼ୁଆ—ସେଠା କଣ ଭଲ ହୋଇଥାନ୍ତା କ ? ନା, ନା ଏଇ ଭଲ ।"

"ହ, ଗୁଞ୍ଜାରୁଅ ପରି କଥା ହୋଇଥାନ୍ତା ନା ଆଉ କଣ ! ଘରଜୋଇଁ ଓଳାତଳ ଖୁଞ୍ଚୁ, ଯେତେ ହେଲେ କଣ ହଉଚ ! ମତେ ସିନା ନନ୍ଦୁଚ ନ ହେଲେ ତମ ମିଣିପଙ୍କର କଣ କଡ଼ାକର ବୁଦ୍ଧି ଅଛି ନା ବଲ ଅଛି ଘରକରଣା କଣ ତମେ ଜାଣିଚ ।"

ନୂଆବୋହୂ କ୍ରମେ ପଞ୍ଚମ ଆଡ଼କୁ ଅଗ୍ରସର ହେଉଛନ୍ତି ଦେଖି ହରବାବୁ ମନେ ମନେ ଖୁସି ହୋଇ କଥା ମଝିରେ ଝଟ୍ କହି ଉଠିଲେ—"ନାଃ, ନାଃ, ଆମେ କିଛି ଜାଣି ନାହୁଁ—ଆମେ କିଛି ନହୁଁ । ତମେମାନେ ସବୁ । ନା, ମୁଁ ଥଟ୍ଟା କରୁ ନାହିଁ ଯେ ପ୍ରକୃତରେ ତମେମାନେ ଏସବୁ କଥା ଭଲ ବୁଝ ! ଏଇ ଦେଖ,

Digitized by srujanika@gmail.com

ମାଳୁଟି ଏଇଲାଗେ ପାଠଶାଠ ପଢ଼ି ବାହାରିବ, ଏଇଠି ଆସି ଓକାଲତି କରିବ, କି ଦୋପଟି ହବ—ଲୋକେ ତାକୁ ମୋ ଘାଇ ବୋଲି ଜାଣିବେ ନା—ଜାଣିବେ କଣ, ଜାଣିଛନ୍ତି ।”

“ଓଃ ସେ କଥା କଣ ମୁଁ ଜାଣେନାହିଁ, ଏତେ ନଟୋଙ୍ଗିଚ ! ମାଳୁ ଏଇନାଗେ ଆମରି ନା ଆଉ କାହାରି ? କାଙ୍କୀ ଗଲ୍ହାନଠଉଁ ମୁଁ ଆଉ ତାକୁ ଗୁଡ଼ୁନାହିଁ କାହିଁକି କି—ଆମେ ଦଳ ଛଡ଼େଇବୁ, ଆଉ କଏ କାହିଁକି କଉ ଖାଇବ ! ତେମେ ତାରି କଣ ନ କରିଚ ଭଲ !”

ହରିବାବୁ ମାଳୁ ପାଇଁ କଣ କରିଛନ୍ତି, ନ କରିଛନ୍ତି, ସେ କଥା ସେଇ ଜାଣନ୍ତି କି ତାଙ୍କ ଭଗବାନ ଜାଣନ୍ତି—ଗୃହିଣୀ ସେଥିର ଦୁଇଅଣା ହି ଶୁଣିନାହାନ୍ତି । ସେ ସବୁ କଥା ତାଙ୍କୁ କହିବାକୁ ହରିବାବୁଙ୍କର କେଉଁ ସାହସ ହୋଇନାହିଁ । କଟକକୁ ମାସକୁମାସ କେବେ ପାଞ୍ଚ କେବେ ଦଶ ପଠାଇବା, ଗାଁକୁ ଆସିଥିଲେ ଭଲ ଲୁଗା ଯୋଡ଼ାଏ କି କମିଜଖଣ୍ଡେ—ବାହାରେ ବାହାରେ ଅବଶ୍ୟ ଦବା ନବା ସବୁ ଗୋପନରେ କରିଥାନ୍ତି । ପାଠକେ ତ ଜାଣନ୍ତି, ମାଳୁ ଉପରେ ନୂଆବୋଉଙ୍କର ଆଜି ସୁଦ୍ଧା କେଉଁ କୃପାଦୃଷ୍ଟି ପଡ଼ି ନ ଥିଲା । ତେବେ ଏତେ କରି ସୁଦ୍ଧା ହରି ବାବୁ ମାଳୁ ଉପରେ ତାଙ୍କର ଦଖଲସ୍ୱତ୍ୱ ଅଛି, ଏଟା କେଉଁ ସ୍ୱପ୍ନରେ ସୁଦ୍ଧା ଭାବି ପାରିନଥିଲେ । ସ୍ନେହ କରନ୍ତି, ଅତି ଆପଣାର ଭାବନ୍ତି— ହେଲେ, ତାକୁ ସାହାଯ୍ୟ କଲେ ଭବିଷ୍ୟତରେ ପ୍ରତିଦାନ ପାଇବେ, ଏ ଧାରଣାରୁ ନୁହେଁ । ମାଳୁକୁ ଷୋଳପଣୀ ଅଧିକାର କରି ବସିବା ତ ଦୂରର କଥା—ତେବେ, ଯଦି ସମ୍ଭବ ହୋଇଥାନ୍ତା,

Digitized by srujanika@gmail.com

ମନେ ମନେ ।

ତା ହେଲେ କର୍କୀଟିକୁ ତା ହାତରେ ଦେଇ ପାରିଥିଲେ ସୁଖୀ ହୋଇଥାନ୍ତେ । ପରନ୍ତୁ ଏ ବିଷୟରେ ଗୃହିଣୀଙ୍କ ମତ ଯେ ପକ୍ଷପାତୀ ନୁହେଁ, ତାହା ସେ ଅନେକ ଦିନରୁ ଜାଣନ୍ତି, ଅଥଚ ମିନ୍ଲୁ ପ୍ରତି ତାଙ୍କ ଅନୁକୂଳ ମନୋଭାବ ବା ବ୍ୟବହାରର କୌଣସି ପରିବର୍ତ୍ତନ ଘଟିନାହିଁ । ମିନ୍ଲୁଟି ଗୁଣର ହେଲେ ଲୋକେ ତାଙ୍କର ପ୍ରଶଂସା କରିବେ, ଏ ଭାବଟା ଅବଶ୍ୟ ଷୋଳଅଣା ତାଙ୍କ ମନରେ ଥାଏ । ତେବେ ଏଟା ଏପରି କିଛି ଅମାର୍ଜନୀୟ ଦୋଷ ନୁହେଁ ।

ଆଜି ହରିବାବୁ ନିଜ ସ୍ତ୍ରୀଙ୍କ କଥାରେ ଚମକିତ ହୋଇଗଲେ । ପ୍ରକୃତରେ ସେ ତ ମିନ୍ଲୁ ପାଇଁ ଯଥେଷ୍ଟ କରିଛନ୍ତି—ନିଜର ଭାଇ ପ୍ରତି ଲୋକେ ଯାହା କରୁନାହାନ୍ତି, ସେ ନୀଲୁ ପ୍ରତି ତାହାହିଁ କରିଛନ୍ତି । ନୀଲୁ ଏଣ୍ଟ୍ରାନ୍ସ ପାଶ୍ କରିବା ସମ୍ଭବ ନଥିଲା; ସେ ସାହାଯ୍ୟ କରି ତାକୁ ଉଠାଇଲେ, କ୍ରମେ କ୍ରମେ ସେ ଉନ୍ନତି କରି ଉଠିଲା—ସବୁ ତ ତାଙ୍କର ଯୋଗେ ! କିନ୍ତୁ ସେଥିଯୋଗେ କଣ ନୀଲୁ ଉପରେ ତାଙ୍କର ଦଖଲସ୍ୱତ୍ତ୍ୱ ହୋଇଗଲା ! ଯେତେ ହେଲେ, ସେ ତା ଉପରେ ନିଜର ଅଧିକାର ସାବ୍ୟସ୍ତ କରି ପାରିଲେ ନାହିଁ । ଗୃହିଣୀ ନୀଲୁ ଉପରେ ଯେଉଁ ଅମିତ ଅଧିକାର ବିସ୍ତାର କରି ଦେଇଲେ, ସେଟା ନୀଲୁ ମାନିବା ଉପରେ କେତେ ବେଶି ନିର୍ଭର କରେ, ସେଟା ସେ ବୁଝିଲେ; କିନ୍ତୁ—

ଏହିସବୁ କଥା ଭାବୁ ଭାବୁ ତାଙ୍କ ହୃଦୟର କେଉଁ ନିଭୃତ ପ୍ରଦେଶରେ କି ଗୋଟାଏ ଗୁରୁତର ଅଭାବ ହଠାତ୍ ଉତ୍ତେଜିତ ହୋଇ ହାହାକାର କରି ଉଠିଲା ! ବାସ୍ତବିକ ତାଙ୍କ ଜୀବନରେ ତ କିଛି ନାହିଁ ! କର୍କୀଟି ଥିଲା ଯେ, ଗୃହର ତଥା ହୃଦୟର ସମସ୍ତ

Digitized by srujanika@gmail.com

ଶୂନ୍ୟତା ସେ ଉଡ଼ାଇ ଦେଉଥିଲା । ସେ ତ ଗଲା ! ଆଜି ତାଙ୍କର କିଏ ଅଛି—ଦଶବର୍ଷର ବିବାହିତ ଜୀବନରେ !

ନାଃ, ମାଲୂ ତ ପିତୃମାତୃହୀନ, ହରିବାବୁ ନିଜେ ତ ଅପତ୍ୟ-ହୀନ, ତେବେ— !

ଏତେବେଳେ ସେ ବୁଝିଲେ, ଗୃହିଣୀ କାହିଁକି ମାଲୂ ପ୍ରତି ଅନୁରକ୍ତ ହୋଇ ଉଠିଛନ୍ତି, କାହିଁକି ତାକୁ ଷୋଳପଣ ଅଧିକାର କରିବାକୁ ଚାହାନ୍ତି । ତାଙ୍କ ମନରେ ସାଂସାରିକ ଚିନ୍ତା ଓ ଆର୍ଥିକ ସୁବିଧାଟା ଯେତେ ପ୍ରବଳ ଭାବରେ ଆଘାତ କରିଥାଉ ପଛକେ; ମୂଳରେ ଶୂନ୍ୟ ହୃଦୟର ମୌଳିକ ଅଭାବଟାହିଁ ଅଜଣାରେ କାର୍ଯ୍ୟ କରୁଅଛି । ନାରୀର ମାତୃଭାବ ଉପରେ ସଂସାରର ଯାବତ୍ ଭସ୍ମ ଅଙ୍ଗାର ଅଜାଡ଼ି ହେଲେ ମଧ୍ୟ ମୂଳରେ ମାତୃଭାବ ମାତୃଭାବହିଁ ରହିବ !

× × × ×

ମାଲୂବାବୁ କନକର ଶାଶୁଘରକୁ ବାହାରିଲା ବେଳୁଁ ନିଜ-ଠାରେ ନିଜେ ନାହାନ୍ତି । ସବାରି ଭିତରେ ପ୍ରାୟ ତିନି ଘଣ୍ଟା କାଳ ଆତ୍ମବିସ୍ମୃତ ହୋଇ କେବଳ ଭାବୁଛନ୍ତି—କନକ କଣ କରୁଥିବ; ଏଇ କେତେଦିନ ତା ଉପରେ କେତେ ପରିବର୍ତ୍ତନ ଏହି ଅଳ୍ପସମୟ ମଧ୍ୟରେ ଚାଲି ଯାଇଥିବ; କେତେ କଣ ନୂଆ ନୂଆ ଘଟୁଥିବ, ତା ଭିତରେ ବୋହୂ ହୋଇ କନକ ଓଢ଼ଣାଟିଏ ପକାଇ ଅନଭ୍ୟସ୍ତ ଗାମ୍ଭୀର୍ଯ୍ୟରେ ଚଲ୍ ଫେର୍ କରୁଥିବ; ସେ କପରି ଦିଶୁ-ଥିବ, ତାର ସ୍ୱାଭାବିକ ମଧୁମୟ ହସ ଟିକିକ ତା ମୁହଁରେ ଥିବ କି ନାହିଁ !– ମୋଟ ଉପରେ ସେ ସୁଖରେ ଥିବ କି ନାହିଁ, ଇତ୍ୟାଦି

Digitized by srujanika@gmail.com

ଇତ୍ୟାଦି । ଥରେ ତା ମୁହଁଟି ଦେଖିଲେ ସବୁ ବୁଝି ପାରିବ ବୋଲି ଭବୁ ଭବୁ ମନେପଡ଼ିଲା, ବିବାହ ପୂର୍ବ ତାହାର କାନ୍ଦଣା କଥା । ଏତେ କଥା କନକ କାହୁଁ ଜାଣିଲା ! ଏକାବେଳକେ ଏତେ କଥା କନକ ଭାବି ପାରିବ, ଏହା ତାଙ୍କ କଳ୍ପନାର ଅଗୋଚର ଥିଲା । ତା କାନ୍ଦଣା ଶୁଣି ସେ ଦିନ ସେ ବୁଝିଥିଲେ, କେତେ ଦୁଃଖରେ ଅଥଚ କେତେ ଅଳ୍ପ ବୟସରେ ନାରୀମାନଙ୍କ ହୃଦରେ ବାକ୍‌ସ୍ଫୂର୍ତ୍ତି ହୁଏ ! ସେଇ କନକ ତ ! ସେଇ ଯେଉଁ ଦୃଷ୍ଟିରେ ସେ ତାକୁ ଚାହିଁଥିଲା—ତାହାର ଭାବ ବୁଝିବାକୁ ତାଙ୍କୁ ଆଜି ସୁଦ୍ଧା ଭୟ ହୁଏ । ସେ ଦୃଷ୍ଟି ଯେ କନକ ଆଖିରେ ଥିଲା, ସେ କେଉଁଠି କଳ୍ପନା କରିନାହାନ୍ତି । ଆଜି ସେ ଯେତିକି ଭାବୁଛନ୍ତି, ସେତିକି ସେ ଦୃଷ୍ଟିର ମହିମା ଉପଲବ୍ଧି କରିପାରି ନିଜକୁ ଧନ୍ୟ ମଣୁଛନ୍ତି । ସେହିଦିନୁ ନାରୀ ହୃଦୟର ଉଚ୍ଚତା ପ୍ରତି ଶ୍ରଦ୍ଧାରେ ଓ ସମାଜର ସୀମାବଦ୍ଧ ନୀଚତା ପ୍ରତି ଘୃଣାରେ ତାଙ୍କ ହୃଦୟ ଭରିଯାଇଛି ।

କେଉଁ ପରୀକ୍ଷାରେ ବାପଘରେ କନକ ଜୟଧ୍ୱଜା ଉଡ଼ାଇ ଚାଲି ଆସିଥିଲା, ତାହା ନୀଳୁବାବୁଙ୍କ ପରି ଆଉ କିଏ ବୁଝିଛି ? ତାହା ତୁଳନାରେ ଶାଶୁଘରର ପରୀକ୍ଷାଟା ତ କିଛିନୁହେଁ । ତାଙ୍କର ଇଚ୍ଛା ହୁଏ, କନକର ସ୍ୱାମୀ ନିଧିବାବୁଙ୍କ ସହିତ ସାକ୍ଷାତ ହେଲା ମାତ୍ରକେ କନକକୁ ସେ କିପରି ଦେଖୁଛନ୍ତି ବୋଲି ପଚାରିବେ । ହୃଦୟ ତାଙ୍କର ଗର୍ବରେ ନାଚି ଉଠେ—ଏତେ ମହାନ୍ ହୃଦୟ କନକର ! ଆଉ ସେ କନକର ଭାଇ ! ଭାଇ ତ ! ସେଥିରେ ମାୟା ନାହିଁ, ଛନ୍ଦ ନାହିଁ, କପଟ ନାହିଁ । କନକ ପ୍ରତି ତାଙ୍କର ଆବାଲ୍ୟ ମମତା, ସ୍ନେହ ଓ ଶ୍ରଦ୍ଧା ଯେ କେବଳ ଭ୍ରାତୃସ୍ନେହର

Digitized by srujanika@gmail.com

ମନେ ମନେ ।

ଗଣ୍ଡିରେ ଆବଦ୍ଧ ନୁହଁ, ତାହା ସେହିଥିରେ ଥାଇ ସୁଦ୍ଧା ସେ ତା'ଠାରୁ ଅନେକ ଉଚ୍ଚରେ—ଅନେକ ଗଭୀରରେ, ଏହା ସେ ବୁଝୁଛନ୍ତି । କିନ୍ତୁ ବାସ୍ତବିକ, କନକର ସେହି ଦୃଷ୍ଟିଟିଠାରୁ ତାଙ୍କର ପୁନର୍ଜନ୍ମ ! ଆଖିର ଭାଷାରେ, ତଥା କାନ୍ଦଣା ଭାଷାରେ ତାଙ୍କର ଚକ୍ଷୁ ଖୋଲି ଯାଇଥିଲା । ସେତେ ଦିନଯାଏଁ ସେ ଖୋଜି ପାଇ ନ ଥିଲେ କନକ ତାଙ୍କର କିଏ, କାହିଁକି ତାଙ୍କ ହୃଦୟରେ ତାର ଏତେ ଅଧିକାର ଓ ରଜତ୍ୱ, କଣ ତାର ସମ୍ବନ୍ଧ ! ସେ ଦିନ କନକର ସମାଧାନକୁ ସେ ନତ ଶିରରେ ଗ୍ରହଣ କରିଥିଲେ; ତାଙ୍କ ମନରୁ ଯଥେଷ୍ଟ ଗ୍ଲାନି ପରିଷ୍କାର ହୋଇ ଯାଇଥିଲା । କଥାଟାର ସମାଧାନ ଅନ୍ୟ ଭାବରେ ହୋଇପାରି ଥାନ୍ତା—ସେ ନିଜେ ସେଥିପାଇଁ ଯେ ଅନ୍ୟ ଦିଗରେ ଆଖି ନ ଟେକାଇଥିଲେ, ତାହା ବି ନୁହେଁ; ତେବେ କନକର ସେ ନିର୍ଦ୍ଦେଶ, ସେଇଟା ସମାଧାନର ଶେଷ—ନାରୀର ନାରୀତ୍ୱ ଦେଖାଇ କନକ ଚାଲିଗଲା । ମାଲୁ ବାବୁ ସେ ଆଦର୍ଶ ଗ୍ରହଣ କରି ପୁରୁଷତ୍ୱ ଦେଖାଇବାର ସଂକଳ୍ପ କରି ରହିଲେ । ସଂକଳ୍ପଟି କାର୍ଯ୍ୟରେ ପରିଣତ କରିବାର ଦିନରେ ସେ ସ୍ଥିର ଭାବରେ ହୃଦୟଙ୍ଗମ କରି ପାରିଲେ ଯେ ଅନ୍ତରେ ଅନ୍ତରେ ତାଙ୍କର ସଂକଳ୍ପ ସିଦ୍ଧି ହୋଇ ସାରିଲାଣି—ବାକି କେବଳ ବାହାରଟା ମାତ୍ର ।

ଶତ ଆଶା, ଶତ ଆଶଙ୍କାର ଭାର ଘେନି ସେ ସବାରିରୁ ଓହ୍ଲାଇଲେ; କିନ୍ତୁ ଏ କଣ ? ସଂକଳ୍ପ କୁଆଡ଼େ ଗଲା, ପୁରୁଷତ୍ୱ କୁଆଡ଼େ ଗଲା, 'ଯାହାକୁ ଯାହା କରିବି, ତାକୁ ତା କରିବି', ଏପରି ଯେ କେତେ କଅଣ ଭାବ ଆସିଥିଲେ, ସେ ସବୁ କୁଆଡ଼େ ଗଲା ! କିପରି ଗୋଟାଏ କାପୁରୁଷତା ତାଙ୍କୁ ଭିଡ଼ି ଭିଡ଼ି ପୁଣି ସବାରିରେ

Digitized by srujanika@gmail.com

ମନେ ମନେ ।

ନେଇ ବସାଇ ଦେଲା ! ସମ୍ମୁଖରେ ନିଧିବାବୁ ହସି ହସି ଆସି କୁଶଳ ପଶ୍ନର ଭିତରକୁ ଆହ୍ୱାନ କଲେ । ମୂକବତ୍ ଯନ୍ତ୍ରଗ୍ଳାନ୍ତ ହେଲାପରି ମିଲ୍ ବାବୁ ଉଠି ତାଙ୍କ ପଛେ ପଛେ ଘର ଭିତରକୁ ଗଲେ । କି ଗୋଟାଏ ମୋହରେ ଅବଷ୍ଟ ହୋଇ ଦୁର୍ବଳତାର ଅନ୍ଧାରରେ ଦେଖିଲେ ନିଜକୁ; ବୁଝିଲେ, ତାଙ୍କ ହୃଦୟର ବଳ କେତେ କମ୍; ଜାଣିଲେ, ତାଙ୍କ ମନରେ ନିଭୃତରେ ପାପ-ଅଗ୍ନି ଭସ୍ମାବୃତ ପ୍ରାୟ ହୋଇ ରହିଛି—ଲିଭି ନାହିଁ । ସେ କନକର ଆଦର୍ଶ ଗ୍ରହଣ କରି ପାରି ନାହାନ୍ତି, ଆଉ ନିଜଠାରେ ତାଙ୍କର କ୍ଷମା ନାହିଁ ସ୍ଥିର କଲେ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ଶକ୍ତି ଉତ୍ପନ୍ନ ନ ହେବାଯାଏଁ ସେ ପରୀକ୍ଷାସ୍ଥଳ ଛାଡ଼ି ପଳାଇବେ ନାହିଁ । ହଠାତ୍ ତାଙ୍କ ମନରେ ଗୋଟିଏ ଘୃଣିତ ଭାବ ଖେଳିଗଲା, କିନ୍ତୁ ତାକୁ ସେ ଘୃଣିତ ବୋଲି ମନରୁ ଦୂର କରିଦେଲେ । ଛି, ଛି, କନକକୁ ସେ ଭଉଣୀ ଛଡ଼ା ଆଉ କିଛି ବୋଲି ତ କେଉଁ ଭାବି ନାହାନ୍ତି, ତେବେ ତାଙ୍କର ଏ ଦୁର୍ଦ୍ଦଶା କାହିଁକି ! ହାୟରେ ମୂଢ଼ ମନ, ତୁ ଭାବୁଛୁ କି ନାହିଁ, ତୁ ଜାଣିଲୁ କିପରି ? ମନେ କର—ଯେତେବେଳେ କନକକୁ ଭାବୁଛୁ, ସେତେବେଳେ ପ୍ରାଣପଣ କ୍ଷିପ୍ର ଗତିରେ 'ଭଉଣୀ ଭଉଣୀ' ବୋଲି ଜୋର କରି କହୁଛୁ; ମନେ କର ତୋ ନିଜର ଭବିଷ୍ୟତ୍ ଗ୍ଳାନିପାଇଁ ତୁ ଜୁଆଗେ଼ଗ କରି, କନକର ପଛଆଡ଼ୁ ଆଉ ସବୁ ନିଭାଇ ପକାଇ ଅକ୍ଷରେ ଅକ୍ଷରେ 'ଭଉଣୀ' ବୋଲି ଲେଖି ରଖିଛୁ । ତୋର ସେ ଭଉଣୀ ନୁହେଁ; ମାନିଲି—ତୁ ତାକୁ ପତ୍ନୀ କରି ଗ୍ରହଣ ନାହୁଁ; ଦାସୀ କରି ଦେଖି ନାହୁଁ, କୁତ୍ସିତ ଇନ୍ଦ୍ରିୟସୁଖଭାଗିନୀ କରି ମଧ୍ୟ ଦେଖି ନାହୁଁ । ତିନି ପ୍ରକାର ପାପରୁ ତୋଠାରେ ଦୁଇ ପ୍ରକାର ନ ଥାଇ ପାରେ,

Digitized by srujanika@gmail.com

କିନ୍ତୁ ମିଥ୍ୟା ଜନିତ ପାପ ଅବଶ୍ୟ ଅଛି ! ସେ ତୋର ଭଉଣୀ ବୋଲି ତୋର ତାର ସମ୍ବନ୍ଧ ନୁହେଁ—ଠିକ୍ ବିପରୀତ; ତୋର ତାର ସମ୍ବନ୍ଧ ମଧ୍ୟ ମିଥ୍ୟା ନୁହେଁ—ବାସ୍ତବ ସତ୍ୟ । ସେ ସମ୍ବନ୍ଧ ଏ ଜଗତର ଭାଇ ଭଉଣୀ ସମ୍ବନ୍ଧଠାରୁ ତେର ଉପରେ, କିଏସିଟା ମନୁଷ୍ୟ ରକ୍ତର ସମ୍ବନ୍ଧ ନୁହେଁ—ଈଶ୍ୱରକ୍ତର, ସୃଷ୍ଟି ରକ୍ତର ସମ୍ବନ୍ଧ । ତାହା ମୂଳରେ ସେହି ଅନନ୍ତ ପ୍ରେମ—ଯାହାର ପ୍ରବାହରେ ତୁ ଓ ତୋର ସବୁର ଜନ୍ମ ! ତେବେ ନିଶ୍ଚିନ୍ତ ହୁଅ । ଭୁଲରେ ଯଦି ସେ ପ୍ରେମକୁ ଆଣି ବିବାହ ଉପରେ ରଖିଥାଉ, ତା ହେଲେ ସେ ଦୋଷ ତୋର ନୁହେଁ—ଦେଶର, ସମାଜର, କାଳର ଦୋଷ । ଏ ପ୍ରେମକୁ ନ ବୁଝି ଯଦି ପାଇଛୁ, ତେବେ ତୁ ଧନ୍ୟ ! ବାସ୍ତବ ଜଗତର କୌଣସି ସମ୍ବନ୍ଧରେ ତାକୁ ପୂରି ନାହିଁ । କାହିଁରେ ସେ ଧରିବାର ନୁହେଁ !

ମେଘ କଟିଗଲା । ଏତେବେଳେ ମାଲୁ ବାବୁ ବୁଝିଲେ ସେ କେଉଁଠି ! ବାସ୍ତବିକ ତ, ସେ ନ ବୁଝି ନିଜକୁ ଦୋଷୀ ମଣୁଥିଲେ, ଓ ବାହ୍ୟ ଜଗତର ଖାତିରରେ ନିଜକୁ ନିଜେ ଠକାଉଥିଲେ । ତାଙ୍କ ପ୍ରେମରେ ଆଉ ବିବାହ କାହିଁ ? ତାଙ୍କ ପ୍ରେମରେ ଯଦି ସଂସାରର କୌଣସି ସମ୍ବନ୍ଧର ସ୍ଥାନ ନାହିଁ, ତେବେ ସେ ତ ଏହି ବିବାହ ସମ୍ବନ୍ଧ । ନ ହେଲେ, କନକ ତ ଯେ କୌଣସି ଭାବରେ ତାଙ୍କ ଆଗରେ ଠିଆ ହୋଇପାରେ—କେବଳ ସ୍ତ୍ରୀ ଭାବରେ ନୁହେଁ । ତେବେ ତ ଅତି ଉତ୍ତମ, ସଂସାରର ଦୃଷ୍ଟି ତାଙ୍କଠାରୁ ପ୍ରତିହତ ହୋଇ ଫେରିଯିବ ! ପ୍ରେମର ପ୍ରଧାନ ପ୍ରତିବନ୍ଧକ ବିବାହ ତ ଯାଇଛି, ତେବେ ଆଉ କାହିଁକି ଏ ଦୁର୍ବଳତା !

ମାଲୁ ବାବୁ ଶାନ୍ତ ହେଲେ ।

Digitized by srujanika@gmail.com

ମନେ ମନେ ।

(୭)

ନିଧିବାବୁଙ୍କ ସହିତ ପୁଣି ଦେଖାହେଲା ମାତ୍ରକେ ନୀଳୁବାବୁ ହସି ହସି ତାଙ୍କୁ ଗୋଟାଏ ଆଡ଼କୁ ଟିକିଆଣି, ଓଡ଼ିଆ ଇଂରାଜୀ ମିଶା ଭାଷାରେ ପଚାରିଲେ, "ହଇ ହୋ, କର୍ଣ୍ଣୀଟି କଅଣ କେମିତି କରୁଥିବ ଏଠି ମୋତେ ବଡ଼ ସନ୍ଦେହ ଲାଗୁଛି । ପିଲାଟା—"

"ନା, ନା, ବେଶ୍ ଭଲ ତ !"—ଏହା କହୁଁ କହୁଁ ନିଧିବାବୁଙ୍କ ମୁହଁ ରଙ୍ଗା ପଡ଼ିଗଲା ।

"ସମସ୍ତେ ଖୁସି ଅଛନ୍ତି ତ ? ତମ ବୋଉ ? ମୁଁ ସମସ୍ତଙ୍କଠାରୁ ଦୋଷ ମାଗି ନେଇଯିବି । ପିଲାଟା ତାର କେହି ଯେପରି ଦୋଷ ନ ଧେନ ।—"

"ନା, ନା—ସେ ଗୋଟାଏ କଣ ? ପ୍ରକୃତରେ ବୋଉ କଣ ଆଉ କିଏ କଣ, ସମସ୍ତେ ଖୁସି ଅଛନ୍ତି ।"

ହଠାତ୍ ନୀଳୁବାବୁ ପଚାରି ବସିଲେ, "ଆଉ ତୁମେ ନିଜେ ?"

ନିଧିବାବୁଙ୍କ ମୁହଁ ପୁଣି ରଙ୍ଗା ପଡ଼ିଗଲା—ଆଖିରେ ନିଭୃତ ସୁଖର ଦୀପ୍ତି; କହିଲେ, "ମୁଁ ବି, ମୋ କଥା ଛାଡ଼ିଦିଅ—"

ଏହି ସମୟରେ ସ୍ୟାଣ୍ଡୁ କିଏ ଗୋଟାଏ ଆସି ନିଧିବାବୁଙ୍କୁ କହିଲା, "ଦେଖା ହବାକୁ ଯିବେ ପରା !" "ହଁ ହଁ, ଆଗ ଜଳଖିଆ କରି ସାରନ୍ତୁ । ଦେଖା ହେବେ ତ, ଆଉ କଣ !" "ନାଇଁ, ମା କହିଲେ—ଭିତରେ ଯାଇଁ ଜଳଖିଆ କରିବେ ।" ତେବେ ନେଇ ଯା" କହି ନିଧିବାବୁ ଛପି ଛପି ଯାଇ ହଠାତ୍ ଦୁଆର କୋଣରୁ ଗୋଟିଏ ଦଶବାର ବର୍ଷର ଝିଅଟିକୁ ଭିଡ଼ି ବାହାର କରି ଆଣିଲେ । ତା ହାତରେ ଗୋଟାଏ ବଡ଼ ବେଲା ଖଣ୍ଡିକରେ ମନ୍ଦାଏ ଗୋବର

Digitized by srujanika@gmail.com

ପାଣି—ଆଜ ସେ କବାଟ କୋଣରେ ଗୋଟାଏ ଖଣ୍ଡିଆ ଗୁଞ୍ଜୁଣୀ ମଧ୍ୟ ଥିବାର ଦେଖାଗଲା । ଝିଅଟି ବେଲଟାକୁ ଧଡ୍ କରି ଖସାଇ ପକାଇ କାଢ଼ିବାକୁ ଲାଗିଲା । ଝିଅଟି—ରଙ୍ଗୀ ।

ନିଧି ବାବୁ ରାଗିଲା ପରି ହୋଇ ଆଖି କାଢ଼ି ଦାନ୍ତ କାମୋଡ଼ି ରଙ୍ଗୀକୁ ଧମକାଇ କହିଲେ, "ହଇଲୋ ଦଶାମୁହିଁ, ତତେ ପରା ମନା କରିଥିଲି । ହଇ ଲୋ ପୁଣି ସେଇ ଅଙ୍କ !" ମାଲୁ ବାବୁ ଆସି ରଙ୍ଗୀ ହାତକୁ ଭିଡ଼ି ଆଣି କହିଲେ ହାଁ ହାଁ—ଛାଡ଼ିଦିଅ, ଛାଡ଼ି-ଦିଅ,—ପିଲାଟା ! ଏଇ ପରା ରଙ୍ଗୀ ? ଓ ହୋ, ବୁଝିଲି ହଇ ହୋ ନିଧି ବାବୁ, ମୁଁ ରଙ୍ଗୀବର ଯେ ! ସେଥିଯୋଗେ ସେ ଯାହା କରିବ କରୁ, ତାକୁ ଆଜ କିଛି କହନା । ଏଥର ମୁଁ ତାକୁ ଧରିଲିଣି—ଆଉ କଣ ଛାଡ଼ୁଛି ! ଏଇ ଥର ସବାରିରେ ବସାଇ ନେଇଯିବି ।" ରଙ୍ଗୀ ପଳାଇଯିବାପାଇଁ ଚୂଡ଼ାନ୍ତ ଚେଷ୍ଟା କରୁଥାଏ, କାରଣ ତ ମାଲୁଙ୍କ ହାତକୁ ଆସିଲା ବେଳୁଁ ବର,—ନେଇଯିବା କଥା ଶୁଣି "ବୋଉ, ବୋଉ" ବୋଲି ଚିତ୍କାର କରିବାକୁ ଆରମ୍ଭ କରିଦେଲା ! ପ୍ରକୃତ ଭୟରେ ତା ମୁହଁ ଶୁଖିଗଲା । ମାଲୁ ବାବୁ ତାକୁ ଛାଡ଼ି ଦେଉ ଦେଉ କହିଲେ, "ଆଚ୍ଛା ହଉ, ତୁ କହ—ମୁଁ ତୋ ବର; ତା ହେଲେ ଏଇନାଗେ ଛାଡ଼ିଦେବି ।" ରଙ୍ଗୀ ନ କହେ !—ଅଧିକ 'ବୋଉ, ବୋଉ' ବୋଲି ଚିତ୍କାର ! ମାଲୁବାବୁ ଛାଡ଼ି ଦେବାକୁ ବସିଲା କ୍ଷଣି ନିଧିବାବୁ କହିଲେ—"ନା, ନା, ସେ କହୁ ଆଗ । ମାନିବୁ, ତେବେ ଛାଡ଼ିବ । ପୋଡ଼ାମୁହିଁ ଜବତ ହଉ । କଥା ଶୁଣିବୁ ନାହିଁ, ନା—ନା—ଯେମିତି ନ ଶୁଣିଚୁ ସେମିତି ପା । ତେମେ ଆସୁଥା, ମୁଁ ଦେଖେଁ, ଜଲଖିଆ ପତର କଅଣ ହେଲା—" ଏହା

Digitized by srujanika@gmail.com

ମନେ ମନେ ।

କହି ନାଥ୍‌ବାବୁ ଭିତରକୁ ଗୃଲିଗଲେ । ରଙ୍ଗୀ ଡରେ ଧୀରେ ଧୀରେ କହିଲା; "ଓଃ, ଘର ତ ଘଇ—ରହ ରହ, ନୂଆ'ଉକୁ କହି ଦେଉଚ ଯେ !" ମଲ୍ଲୁ ବାବୁ ଦେଖିଲେ, ଏଥର ରଙ୍ଗୀକୁ ନ ଛାଡ଼ଦେଲେ କଥାଟା ଖରାପ୍ ହେବ । କହିଲେ, "ଅଚ୍ଛା ହଉ, କଥାରେ ନ କହିଲୁ ନାହିଁ, ମନେ ମନେ କହି ଦେ—ମୁଁ ତୋ ବର ।" ଏହା କହି ଛାଡ଼ଦେଲେ । ରଙ୍ଗୀ ଦଉଡ଼ି ପଳାଉ ପଳାଉ କହିଲା, "ଝଃ, ଭାରିତ ଭଦ୍ରଖିଆ !" ଏଇଟା କାଲେ ମୋ ବର, ଇ, ହି—ତେମେ ତ ନୂଆଉ' ବର !" "କାହା ବର" "ନୂଆ'ଉ ନୂଆବଉ, ନୂ—ଆ—ବ—ଉ—ବ—ର !" ଏହା କହି ରଙ୍ଗୀ ଝୁଞ୍ଚୁଣୀ ମୁଣ୍ଡାଟା ତାଙ୍କ ଉପରକୁ ଫୋପାଡ଼ ଦେଇ, ବେଲଟା ଧେନ ଦଉଡ଼ ପଳାଇ ଗଲା—ଆଉ ଗୋବର ପାଣି ଆଣିବା ପାଇଁ ବୋଧ ହୁଏ । ମାଲୁବାବୁ ସ୍ତମ୍ଭିତ ହୋଇଗଲେ; ଏଥିର ଅର୍ଥ କଣ କଛି ବୁଝି ପାରିଲେ ନାହିଁ । ଥଟ୍ଟା, ପରିହାସ, ରହସ୍ୟ, ନା ବ୍ୟଙ୍ଗ—କଣ କଛି ବୁଝି ପାରିଲେ ନାହିଁ । ଏଡ଼େ ଟିକିଏ ପିଲା—ବାରିକଟି କହିଲା, "ତେମେ ଗୃଲ ବାବୁ, ରଙ୍ଗୀ ବାୟାଣୀଟା କଥାରୁ କଣ ପାଇବ ?" ଏହା କହି ଅଗ୍ରସର ହେଲା । ମଲୁବାବୁ କଣ ବୋଲି ଭାବୁ ଭାବୁ ଟଳେ ପଛେ ଗୃଲିଲେ ।

× × × ×

ଗଉରୀ ବିରକ୍ତ ହୋଇ କହିଲା, "କାନ୍ଦଣା ଶୁଣିବେ ବୋଲି ମଲେ ଏ ମାଇପିଗୁଡ଼ାକ—ଯା, ମର । ସଇଲୁ ତ ଏଥର ଖା !" ସଂସାରର ମାଇପି ପିଲା ରୁଣ୍ଡ ହୋଇ କନକର କାନ୍ଦଣା ଶୁଣୁଥିଲେ —ଏଇଥିରୁ କାଲି ବହୂର ଭଲମନ୍ଦ ସବୁ ପରଖା ଯାଏ ! ଏଇଟା

Digitized by srujanika@gmail.com

ମନେ ମନେ ।

ହେଲା ଶାଶୁଘରେ କନକର ପ୍ରଥମ କାନ୍ଦଣା । ଏକାଗ୍ର ମନରେ ଖୁନ୍ଦାଖୁନ୍ଦି ହୋଇ ସମସ୍ତେ ଶୁଣୁଥିଲେ—କାନ୍ଦଣା ସରିଲାରୁ ସମସ୍ତେ ଛତ୍ରଭଙ୍ଗ ହେଲାପରି ସ୍ୟାଡ୍ଡେ ହୋଇଗଲେ ।

କନକକୁ ଚୁମା କରି ଦେଇ ମୁଁବୋଲି ସାବୀ ଅପା (ଏଇ ଗାଁ ଝିଅ, ବିଧବା, କୋଠପୁଅ ଘରର—ସେ ସଂସାରଯାକର ଅପା) ଆସି ସମସ୍ତଙ୍କ ଆଗରେ ବ୍ୟକ୍ତ କରିଦେଲା—"ପୁଅଟି ଘରର ନାଜ-କୁଳା, ମୁହଁକୁ ଚାଲକୁ କରି କାନ୍ଦୁଛି—ବହୁଟାକୁ ଚୁମା ଦବାକୁ ବି କହୁ ନାହିଁ । ନାଃ, ବହୁଟିକୁ କାନ୍ଦଣା ଆସେ—ପାଠ ପଢ଼ିଚି, ତମେ କଣ କହୁଚ ! ଦେଖୁନା—କେଡ଼େ ଶୁଧିଆ କଥା !"

ଭଲ କାନ୍ଦଣାରେ ଗଛରୁ ପତ୍ର ଝଡ଼ିପଡ଼େ ବୋଲି ଶୁଣାଯାଏ —ସେ କାନ୍ଦଣା କି ଧାତୁର, ମୋତେ ସମ୍ପୂର୍ଣ୍ଣ ଅଜଣା । ତେବେ ଆଜ କନକର କାନ୍ଦଣାରେ ଗଛରୁ ପତ୍ର ନ ଝଡ଼ିଥିଲେ ବୁଢ଼ୀ ସମସ୍ତେ ଭଲ କାନ୍ଦଣା ବୋଲି ପ୍ରଶଂସା କଲେ । ମଲୁ ବାବୁଙ୍କର ତ ଆଖିରୁ ଲୁହ ଗଡ଼ିପଡ଼ିଲା ।

ନିଜ ଆଖିରୁ ଲୁହ ପୋଛିଦେଇ ଗଳା ସଫା କରି ମଲୁ ବାବୁ କନକର ସୁ-ଆବୃତ ଅବନତ ମୁଖ ଆଡ଼କୁ ଥରକୁ ଥର ଅନାଇ କହିଲେ, "ତୁ କାନ୍ଦୁଚୁ ଗୋଟାଏ କଅଣ ମ କଙ୍କି ! କାନ୍ଦିବାର କଥା କ'ଣ ମୁଁ କିଛି ବୁଝି ପାରୁନାହିଁ ।" କନକ ସେହିପରି ମୌନ ରହିଲା—ସମ୍ଭବତଃ ନିଜକୁ ସଂଯତ କରୁଥିଲା । କିଛି କ୍ଷଣ ମୁଣ୍ଡ ଟେକିଲା ନାହିଁ—ମୌନ ଭାବରେ କିପରି ଗୋଟାଏ ମୋହରେ ଆଚ୍ଛନ୍ନ ହେଲା ପରି ବସି ରହିଲା । କେବଳ

Digitized by srujanika@gmail.com

ମନେ ମନେ ।

ଗୃହ ତଳରେ ତାହାର ହସ୍ତାଙ୍କିତ ଗଭୀର ରେଖାରୁ ତା ଅନ୍ତରର ଘୋର ଯୁଦ୍ଧର ଯନ୍ତ୍ରଣାର ଆଭାସ ମିଳୁଥାଏ ।

କିଛିକ୍ଷଣ ଉତ୍ସୁକ ନେତ୍ରରେ ତା ଆଡ଼କୁ ଚାହିଁ ଚାହିଁ ନୀଳୁବାବୁଙ୍କୁ ଭାରି ଅଡୁଆ ଲାଗିଲା—ଅବସ୍ଥାଟାର ଅସ୍ୱାଭାବିକତା-ଟିକ ତାଙ୍କୁ କନକ ପରି ଜଡ଼ କରିବାକୁ ଚାହିଁଲା, କିନ୍ତୁ ସେ କିଛି କହିବାକୁ ହେବ, ଏଇଥିପାଇଁ କଥା ଆରମ୍ଭ କରିଦେଲେ "କଙ୍କି, ମୁଁ ଯିବା ଭିତରେ—ଏଇ ଏଠଉଁ ଫେରି କଟକ ଚାଲିଯିବି । ଆଉ ବୋଧହୁଏ କିଛି ଦିନ ଏଆଡ଼କୁ ଆସିବି ନାହିଁ । ସେଇଥିପାଇଁ ମୁଁ ଭାଇଙ୍କି କହିଲି—"ମୁଁ ଯାଉଛି ଥରେ ବୁଲିଆସେ, ତେମେ ତ ଏଇଠି ଅଛ, ଯିବି ଆସିବି ।" ଏଇଥର କନକ ନତମସ୍ତକ ଟେକି ଥରେ ନୀଳୁବାବୁଙ୍କ ମୁହଁକୁ ଚାହିଁଲା—ଗୋଟାଏ କିଛି ପ୍ରଶ୍ନ କଲା-ପରି ଟିକିଏ ଚକିତ ଭାବରେ ଚାହିଁଲା, ମୁହୂର୍ତ୍ତକ ପାଇଁ ମୁହଁ ସଙ୍ଗେ ସଙ୍ଗେ ପୁଣି ତଳକୁ ହୋଇଗଲା । କିନ୍ତୁ କନକ କଥାରେ କହିଲା, "କି, କାହିଁକି ଆସିଲ ? ମୁଁ ତ ମରିଛି—ତମର ଏଠି କିଏ ଅଛି କି ?" ସେ ଚାହାଁଣୀ, ଏ କଥା—ନୀଳୁବାବୁ ଯାର ଅର୍ଥ ଗ୍ରହଣ କରି ପାରିଲେ ନାହିଁ । ଏପରି କଥା ତ ବାପଘର ଲୋକ ଦେଖିଲେ ବହୂମାନେ କହିଥାନ୍ତି—ଓ, ସେଥିରେ ଲୋକ ଖୁବ୍ କମ୍ ଆସ୍ଥା ଦିଅନ୍ତି; କିନ୍ତୁ ଏ ଚାହାଁଣୀ, ପୁଣି ଏକଥା ! କିଛିକ୍ଷଣ ଭାବି ଭାବି କନକର ମନୋଭାବ ନ ବୁଝିପାରି ନୀଳୁବାବୁ ଗୋଟାଏ ଗଭୀର ଦୀର୍ଘ ନିଶ୍ୱାସ ପକାଇଲେ । ହଠାତ୍ କନକ ମୁଣ୍ଡ ଟେକି ଅନାଇଲା—ମୁହଁରେ ଲୁଗା ନଥିଲା, ନୀଳୁବାବୁ ବି ଚାହିଁଲେ । ଚାରି ଚକ୍ଷୁ ପ୍ରାୟ ଦଣ୍ଡେକାଳ ମିଳିତ ହୋଇ ରହିଲା; କାହାରି ଦୃଷ୍ଟି ପ୍ରତିହତ

Digitized by srujanika@gmail.com

ଓହ୍ଲାଇ ଫେରଲା ନାହିଁ । ଦୁହେଁ ଦୁହିଙ୍କୁ ପ୍ରାୟ ବୁଝିନେଲେ; ଏକା ମୁହୂର୍ତ୍ତରେ ଦୁହେଁ ହସି ଉଠି ଦୃଷ୍ଟି ଫେରାଇଲେ । ମାଲୁ ବାବୁ ଆଗ୍ରହ ସହିତ କହିଲେ, "ଦୁଷ୍ଟା ଝୋକା, (ଏହା ଗୋଟାଏ ପିଲା ଦିନର ବ୍ୟାକରଣ ସାଧନା) ଡଙ୍ଗ କରୁଛି ! ଗୋଟାଏ କାନମୋଡ଼ା ଦେବ ଯେ ଫେରେ—ମରୁଛି ! ସତେ ମଲା କି ଆଉ !" କନକ ଆନନ୍ଦରେ ଉଠି ପାନ ଭାଙ୍ଗିବାକୁ ଗଲା । ମାଲୁ ବାବୁ କହିଲେ, "ତୋ ଶାଶୁଟି କେମିତିକା ଲୋକ କଲୋ ? ଆଉ ନଣନ୍ଦଟିମାନେ କପର—ଗୋଟାଏ ତ ମତେ ବଚର । ବଡ଼ୁଟି ପରା ବିଧବା, ନୁହେଁ"? କନକ "ସମସ୍ତେ ଆଚ୍ଛା ଭଲ" ବୋଲି କହି ପାନ ବଢ଼ାଇ ଦେଲା । ମାଲୁ ବାବୁ ପାନ ନେଇ ପୁଣି ପଚାରିଲେ, "ନିଧି ବାବୁ କହୁଥିଲେ, ଅଳ୍ପଦିନେ ଛୁଟି ସରିଯିବ, କଟକ ଗଲେ ଯିବେ ବୋଲି, ତତେ ନବାର କଥା ହଉଚି ନା କଣ ମ ?" କନକ ମୁହଁ ଫେରାଇ ଲଜ୍ଜିତ ହୋଇ ତା କୋଣଟିରେ ଯାଇ ବସିଲା । ମାଲୁ ବାବୁ ପୁଣି କହିଲେ ହସି ହସି, "କି ଲୋ, କିଛି କହୁ ନାହୁଁ କାହିଁକି ମ, ପୋଡ଼ାଟା !" "ମୁଁ କାହାରିକି ଜାଣେ ନାହିଁ, ଯା; ମୋର ଦୁଃଖ ଯାଉ ନ ଥିଲା ! ମୁଁ କାହିଁକି କାହା ସଙ୍ଗେ କୁଆଡ଼େ ଯାଉଥିଲି—ଯା !" ଏହା କହି କନକ କାନ୍ଥ ଆଡ଼କୁ ମୁହଁ ବୁଲାଇ କାନ୍ଦଲା ସ୍ୱରରେ କହିଲା, "ଏଁ ଏଁ—ମତେ ତେମେ କିଛି କହିବ ନାହିଁ; ଯା, ତମେ ବଡ଼ ଜଣେ ! ଏଁ ଏଁ"—କହି ଧଡ଼ପଡ଼ ହୋଇ କାନ୍ଥରେ ବିଧା ମାରିବାକୁ ଲାଗିଲା । ମାଲୁ ବାବୁ ହସି ହସି କହିଲେ, "ଘର ବହୂହବୁ ତ ତୁ ଜଣା ଯାଉଚି ! ସେହି ପିଲା ମତ ଆଜଯାଏ ଗଲା ନାହିଁ—ଆଉ ଚେନା ବହୂଟେ ହବୁ ତୁ !" "କି, ତେମେ କାହିଁକି ମତେ ସୁଆ ତା କଥା

Digitized by srujanika@gmail.com

ମନେ ମନେ ।

କହିବ ? ମୁଁ କାହାଁକ ବନ୍ଧୁ ହେମି—ଘରେ ଚଲଖି—ମୁଁ ତ ଝିଅଟେ !" "ଓଃ ହୋଃ ତୁ ପରା ବନ୍ଧୁ ନୁହଁ ! ଝିଅଟେ ?—ଓଃ ହୋଃ !" କହି ମାଲୁ ବାବୁ ହସି ଉଠିଲେ । ଏହିପରି ସମୟରେ ଗଉଡ଼ବୋଉ ସେହି ଦୁଆର ପାଖକୁ ଆସି ଭିତରକୁ ଉଦ୍ଦେଶ୍ୟ କରି କହିଲେ, "ଆଲେ ବନ୍ଧୁ, ପୁଅଟିକୁ ପାନପାନ ଖଣ୍ଡେ ଦଉ ନଉଁ ?"

ଏ ଅପରିଚିତ କଣ୍ଠସ୍ୱରଟି ଶୁଣି ମାଲୁ ବାବୁ କନକକୁ ଚୁପ୍ କରି ପଚାରିଲେ, "ଏଇ ତୋ ଶାଶୁ କି ଲୋ ?" କନକ ହଁ ବୋଲି କହି ମୁଣ୍ଡ ହଲାଇଲା । ସେହିଠୁ ମାଲୁ ବାବୁ "ହଁ, ମୁଁ ପାନ ଖାଉଚି ଯେ" ବୋଲି କହୁ କହୁ ଉଠି ଯାଇ ଗଉଡ଼ ବୋଉଙ୍କ ଗୋଡ଼ ପାଖରେ ମୁଣ୍ଡିଆ ମାରି ପାଞ୍ଚଟି ଟଙ୍କା ସେହିଠାରେ ଥୋଇଦେଲେ । 'ଉଠୁ ବାବା' ବୋଲି କହି ବୁଢ଼ୀ ତାଙ୍କ ମୁଣ୍ଡରେ ହାତ ଦେଇ ଉଠାଇ ଦେଲେ । ପୁଣି ତାଙ୍କୁ ନେଇ ତାଙ୍କ ଆସନରେ ବସାଇ ଘର ହାଲ-ଚାଲ ସବୁ ପଚାରିଲେ ଏବଂ ନିଜ କଥା ମଧ୍ୟ ଯାହାଡ଼ୁ ସ୍ୟାଡ଼ୁ କହିବାକୁ ଲାଗିଲେ । କଥା କଥାରେ ନୂଆବୋଉଙ୍କ କଥା ଉଠିଲା । ବୁଢ଼ୀ ପଚାରିଲେ, "ହଇ ହେ ବାପ, ଜୋଇଁ ଭଲ ଅଛନ୍ତି ନା ? ସେ କାହିଁକି ଟିକିଏ ଆସିଲେ ନାହିଁ ? ଆଜି ମୋ ସରିଟି (ହରି ବାବୁଙ୍କ ସ୍ତ୍ରୀ)—ହାୟ, ହାୟ, ତା ବାହାଘରକୁ ଯା ତାକୁ ଦେଖିଥିଲି, ଜୋଇଁଙ୍କୁ ବି ସେଇ ଯା ଦେଖିଚି ।" ମାଲୁ ବାବୁ ଯାହା ଜାହିବାର କହିଲେ । ବୁଢ଼ୀ ସେଠଉଁ ଉଠି "ମୁଁ ଯାଏଁ ଦେଖେଁ, ଖିଆ ପିଆ ଯୋଗାଡ଼ କଣ ହେଉଚି । ବସ ବାପ" ବୋଲି କହି ବାହାରିଲେ । ମାଲୁ ବାବୁ ଟିକିଏ ଗମ୍ଭୀର ଭାବରେ ପଚାରିଲେ, "ମାଉସି, କର୍କୀଟି ଆମରି ପିଲା—ଖେଳ ବୁଦ୍ଧି ତାର ଯାଇ ନାହିଁ ତା ଦୋଷ ଗୁଣ

Digitized by srujanika@gmail.com

ବାନ୍ଧିବ ନାହିଁ । ଯେମିତି ଶିଖେଇବ, ବହୂ ତମର ସେମିତି ହବ । ତାର ସବୁ ଦୋଷ ମୁଁ ମାଗି ନେଉଛି ।" "ନା ନା, ବାପ, ଇୟେ ଗୋଟାଏ କଉଁ କଥା—ପୁଅ କଏ ଆଉ ବୋହୂ କଏ—ଲକ୍ଷେ ଅବଗୁଣ ହେଲେ ବି ସେହି ପେଟ ପୋକ ତ ! ଆଉ, ମୋ ବହୂଟି ଜଣ ନାଙ୍କର କି ! ହଉ ବାପ, ଖିଆପିଆ ସରୁ, କଥା ଭାଷା ହେବା ଯେ; ମୁଁ ଏଇନାଟେ ଯାଏଁ—" ଏହା କହି ବାହାରୁ ଥିଲେ; ପୁଣି ମିଲ୍ ବାବୁଙ୍କ ମୁହଁରେ ଟିକଏ ଦୁଷ୍ଟାମି ପଶିଲା । ସେ ଇତି ମଧ୍ୟରେ ଏଠାରେ ବେଶ ନିଜ ଘର ପରି ସ୍ୱଚ୍ଛନ୍ଦତା ଅନୁଭବ କଲେଣି କହିଲେ, "ମାଉସି, ଶୁଣୁଛ, ତମ ପୁଅ କାଲେ ଅଳ୍ପ ଦିନେ କଟକ ଚାଲିଯିବେ । ହଁ, ଚାକିରି କଥା, ନ ଯିବେ ବା କେମିତି । ତେମେ ବି ଯାଉ ନା । ସେଠିଇଁ ତ ମୁଁ ଦେଖିଚି, ତାର ବେଶ୍ ଭଲ ବସା—ଘର ବାଡ଼ି କୂଅ, ପାଇଖାନା ସବୁ ଅଛି, ବେଶ୍ ଚଳି ପାରିବ ।"

"ହଁ ରେ ପୁତ, ପୁଅ ବି ଡାକୁଚି ତ; ତେବେ ବହୂଟା ଘରେ ଗୋଡ଼ ଦଉ ନ ଦଉଣୁ କେମିତି ବିଦେଶ ଯିବ, କହିଲୁ ଭଲ । ଏବେ ଏଣିକି ତ ତମର ପାଠ ପଢ଼ିକରି ଏ ସବୁ କଥା ମାନୁ ନା ! ଆମେ ଅସି ବୁଢ଼ୀହାଡ଼ୀ ହେଲୁଁ, ଆମ କାଳେ ବହୂ ପୁଣି ବିଦେଶ କେବେ କରୁଥିଲେ ! ଏଇ ତ ମୋର ଆସି ଦୁଇ କୋଡ଼ି ପୂରିଲା । ଥରେ ତମ ମଉସା ପୁରସ୍ତମ ନେଇ ଯାଇଥିଲେ, ଏଇ ତିରସ୍ତା—ନ ହେଲେ, ଏଇ ଚାଳମୁଣ୍ଡିକୁ ଆଶ୍ରା କରି ପଡ଼ିଛି ! ବାହା ବର୍ଷେ ନ ଯାଉଣୁ କଏ କେଉଁ କାଳେ କୁଆଡ଼େ ଯାଉଥିଲା ଲୋ ମା !

Digitized by srujanika@gmail.com

ମନେ ମନେ ।

"ନା, ନା, ଆଜକାଲି ଯୁଗ ତ ହେଲାଣି ଓଲଟା, ମାଉସି ! କିଏ କଅଣ କରିବ ? ଏକାଳ ଟୋକା ଟୋକୀ କଣ କରଣଘର ଧାଡ଼ି ମାନି ଚଳୁଛନ୍ତି ? ଆଉ ତେମେ ବା କଣ କରିବ, ପୁଅ ବହୂ ବି କଣ କରିବେ, ନା ଆଉ କିଏ କଣ କରିବ !"

"ନାଇଁ ବାପ, ମୋର କଣ ଅଛି ? ପୁଅ କହିବ ଯାହା ଯିବ, ମୋର ସେଥିରେ କଅଣ ଅଛି ? ପୋଡ଼ା ପାଠ ପଢ଼େଇ ତ ଖାଇଚି —କାହାକୁ କହିବି ! ଗୋଟାଏ ବୋଲି ପୁଅ—ଘରେ ତାକୁ ବର୍ଷରେ ମାସେ ପାଇଲେ ତେର ! ଏତିକି ବେଳୁ ଖାଲି ବିଦେଶ ! ବାହା ଦେଲି ଯେ, ପୁଅ କଟକରେ, ବହୂ ଘରେ ରହିଲେ ମୋର କଉଁ ସୁଖ, ନା ପୁଅର କଉଁ ସୁଖ ! ହଇ ହେ ବାପ, ତେମେ ବି ତ ପଢ଼ୁଛ । ତାଙ୍କ ପରି ତେମେ ବି କଣ ଘର ମୁହଁ ଦେଖ ନାହିଁ ନା ?"

"ନାଇଁ ମାଉସି, ମୁଁ ଏଇ ତିନିବର୍ଷ ହେଲା ବିଦେଶରେ ଅଛି—ସେଇ କଟକରେ; ତାଙ୍କୁ ମୁଁ ସେଇଠି ଦେଖିଥିଲି ନା ! ତାଙ୍କ ଇସ୍କୁଲ୍ ଆମ କଲେଜ ପାଖରେ ହେଇକରି ତ ଲାଗିଚି ।"

"ହଁ ବାପ, ତମେ ଆଠ ଦଶ ଦିନ ରହିବଟି ଏଠି ? ତାଙ୍କର ତ ଆଉ ଆଠ ଦଶ ଦିନ ଜମାରୁ ରହିଲା । ତମେ ବି ରହିଯା, ସାଙ୍ଗ ହୋଇ ଯିବ ।

"ହଉ, ହଉ, ସେ କଥା ଦେଖାଯିବ ।"

"ମୁଁ ଯାଏଁ—ଦେଖେଁ" ବୋଲି କହି ବୁଢ଼ୀ ନିଜ ମନରେ କଣ ବର୍ ବର୍ ହୋଇ ବାହାରି ଗଲେ ।

କନକ ଏ ପ୍ରସଙ୍ଗ ଉଠିଲା ବେଳୁଁ କୋଣରେ ପଶି କାନ୍ଥ ସାଙ୍ଗରେ ମିଶିବାର ଯତ୍ନ କରୁଥିଲା । ସମସ୍ତେ ସମସ୍ତରେ ମୁହଁ ବୁଲାଇ

Digitized by srujanika@gmail.com

ମଲ୍ଲୁ ବାବୁଙ୍କ ଆଡ଼କୁ କାତର ଦୃଷ୍ଟିରେ ଚାହିଁଲେ, ସେ ଆହୁରି ଅଧିକ ଏ କଥା ପକାନ୍ତୁ, ସେ ବିଚରା ନାଚାର ହୋଇ ସବୁ ଶୁଣୁଥାଏ । ବୁଢ଼ୀ ଗଲା ମାତ୍ରକେ ବି ସେ କୋଣରୁ ବାହାରିଲା ନାହିଁ—ସେହିପରି ମୁହଁକୁ କାନ୍ଥ ଆଡ଼କୁ କରି ବସିଥାଏ । ମଲ୍ଲୁ ବାବୁ ହସି ହସି କହିଲେ, "କି ଲୋ ? ଏଇଟା ମଲାଣି ନା କଣ ମ ! ହଇ ଲୋ, ଭିତରେ ଭିତରେ ଏତେ କଥା ହଉଚି, ଆଉ ମୁଁ ପଚାରିଲା ବେଳକୁ କଣ ନା—'ମୁଁ କାହାରିକି ଜାଣେ ନାହିଁ ।' 'କାହାର ଦୁଃଖ ପାଉ ନ ଥିଲି'—ନା ? ମୋ ସାଙ୍ଗେ ଚାଲାକି, ନୁହେଁ ? ହଉ, ହଉ, ରହ । "ହଇ ହୋ ନିଧି ବାବୁ, ଯାଡ଼େ ଠିକଏ ଶୁଣିଗଲ ।" କନକ ହଠାତ୍ ସେ କାନ୍ଥ କୋଣରୁ ବାହାରି ଅତି ବିକଳ ହୋଇ କହିଲା, "ଏ ମଲ୍ଲୁଭାଇ, ତମକୁ ଜୁହାର କରୁଛି, ତମ ଗୋଡ଼ତଳେ ପଡ଼ୁଛି—ମୁଁ ତୁମକୁ ସବୁ କହୁଛି, ତେବେ ଆଉ କାହାରିକି ଡାକ ନା ଭଲା ଏଠିକି । ତମକୁ ମୋ ରାଣ ।" "କଣ ।" ବୋଲି କହି ସେ ପ୍ରସ୍ଥରେ ନିଧି ବାବୁ ଗୋଡ଼ ଦେଇ ପଚାରିଲେ, "କଣ କହେ ମଲ୍ଲୁଭାଇ, ତମ ଯୋଗ୍ୟ ଭଉଣୀ ସେଠେଇଁ ଅଛନ୍ତି ନା ?" "ହଁ, ନାହାନ୍ତି କଣ—କାଇଁ, କାନ୍ଥବାଡ଼ ଦେହରେ କେଉଁଠି ପଶିଲେଣି—ଦେଖା ପଡ଼ୁ ନାହାନ୍ତି ! ମଲେ ନେଇଁ ଓଡ଼ିଆଣୀ ! ମୁଁ କଣ କହୁଥିଲି କି ! ବୋଉଙ୍କ ସାଙ୍ଗେ ଏଇନାଗେ କଥା ହଉଥିଲି ଯେ—କଟକ ଯିବା କଥା । ବୋଉ ତ ଏକଦମ୍ ଅମଙ୍ଗ, କଣ ଏବେ କରୁଛ ?" "ଦେଖାଯିବ, ଦେଖାଯିବ । ବୋଉକୁ ତେମେ ଚିହ୍ନି ନା । ଖିଆପିଆ ସରୁ କଥା ହବା, ରହିଥା । ତମେ ଆସିଚ, ବଡ଼ ଭଲ ହୋଇଚି ପରା !" ଏହା କହି ବୋଉଙ୍କ ଡାକରେ ନିଧିବାବୁ ଚାଲିଗଲେ ।

Digitized by srujanika@gmail.com

ମନେ ମନେ ।

"ଗଲଣି ନା, ଗଲଣି ନା ସେଠା ?" ବୋଲି ଅତି ଆଗ୍ରହରେ କହୁ କହୁ କନକ ଅବ୍ୟକ୍ତ ଆନନ୍ଦରେ ଦୁଆର ପାଖକୁ ଧାଇଁ ଆସି ବାହାରକୁ ଟିକଏ ଚାହିଁଦେଇ ମନ୍ଟୁ ବାବୁଙ୍କୁ କହିଲ, "ଏଇନାଟେ ଯଦି ଘର ଭିତରକୁ ଚାଲି ଆସିଥାନ୍ତା, ମୁଁ କଣ କରିଥାନ୍ତି ! ଛି ଛି, ମନ୍ଟୁଭାଇ; ତୁମେ ବଡ଼ ଜଣେ ! (ଗମ୍ଭୀର ହୋଇ, ଓଠ ଫୁଲାଇ) ଓଃ, ସତେ ଯେମିତି ମୋତେ ନିହାଲ କରିଦେବେ କି ଆଉ ! ଯାହାକୁ ଡାକ, ତାକୁ ଡାକ—ଏକଥା, ସେ କଥା—ଭାରି ଉପୁ-ଗାନିଆ ଭାଇ ତ ! ମଲା ଗଲା ବୋଲି ବର୍ଷେ ଛ ମାସକେ ଖବର ନ ଥାଏ ।" (କହୁ କହୁ କନକର ମୁହଁ ଚଳକୁ ହୋଇଗଲା, ଆଖି ଛଳଛଳ) ଇସ୍ସ ପୁଣି କି ଭୟଙ୍କର କଥା ! ମନ୍ଟୁ ମୁଣ୍ଡରେ ବଜ୍ରପାତ ହେଲା ପରି ବୋଧ ହେଲା । ସେ ଜାଣନ୍ତି, ତାଙ୍କ ପାଖରେ କନକ କେତେବେଳେ କେତେବେଳେ ଏହିପରି ରାଗେ, ରୁକ୍ଷ ବ୍ୟବହାର କରେ, କଠିନ କଥା କହେ; କିନ୍ତୁ ଏ ଯେ ଆଉ ରକମର—କି କାରଣରୁ ଛଳେଇ କରି କହୁଛି ? ବାହାଘରର ମାସ ଆଠଦିନ ହୋଇଛି । ଛ ମାସ ବର୍ଷେ କୁଆଡ଼ୁ ଆସିଲା ! ଓଃ ପୂର୍ବ କଥା ପରା !

ମନ୍ଟୁ ବାବୁ ବୁଝିଲେ, ସେ କନକର ନିହାତି ଆପଣା କଥାରେ ଅନଧିକାର ଚର୍ଚ୍ଚା କରିଛନ୍ତି—ତାର ଗୁପ୍ତ ରାଜ୍ୟର ପ୍ରାଚୀର ଭ୍ରମରେ ଉଲ୍ଲଙ୍ଘନ କରି ଯାଇଛନ୍ତି । ବୁଝିଲେ, ତାଙ୍କର ବି ଅଧିକାରର ଗୋଟାଏ ସୀମା ଅଛି, ଭବିଷ୍ୟତ୍ ପାଇଁ ସାବଧାନ ହୋଇ ରହିଲେ । ଆହୁରି କନକ ଆଗରେ ତାର ଉପକାର କରି-ବାକୁ ଚେଷ୍ଟା କରିବା ତାଙ୍କର ଭୁଲ ହୋଇଛି । କିନ୍ତୁ ସେ ଖାଲି

Digitized by srujanika@gmail.com

ଫୁର୍ତ୍ତି କରୁଥିଲେ ମାତ୍ର, ଉପକାରଟା ତା ଭିତରେ କପଟ ପଶିଗଲା ଭୁଲ୍‌ରେ, କଥା ଛଳରେ; ଗୁଡ଼୍—! କହିଲେ, "କି ଲୋ, ଘର ତେଜ ତ ହେଲଣି ତୋର ! ରହ, ରହ, ଠିକ୍ କରି ଦଉଚି, ରହ ! ତୁ କଟକ ଗଲେ—ସେତେବେଳେ ଯାଇ ଯଉଁ କଥା !" ତାଙ୍କ ମୁହଁରେ ଶୁଷ୍କ ହସଟା ହସ ତ ନୁହେଁ, ହସର ଭୂତପରି ଝ ଦିଶୁ ନ ଥାଏ । କନକ ଦେଖିଲା, ବୁଝିଲା ମାଳୁଙ୍କ ମନରେ କଷ୍ଟ ହୋଇଅଛି; କିନ୍ତୁ ଜୋର କରି କହିଲା, "ହଁ, ମୁଁ ତ କଟକ ଯାଉ-ଥାଏଁ ! ଗଲେ ବୋଉ, ଗଉରୀ ଅପା, ରଙ୍ଗୀ—ଏମାନେ ସବୁ ଯିବେ, ତେବେ ଯାଇଁ ଯିବ ।"

"ହଉ ହଉ ଦେଖାଯିବ । ହଇ ଲୋ, ରନ୍ଧା ବଢ଼ା କରୁଛୁ ନା ? ତୋର ତ ଏପରି ଶାଶୁଟିଏ ! ସେ କଣ ତତେ ରନ୍ଧା ବଢ଼ା କରେଇ ଦଉଥିବ କି ।"

"ସେମାନଙ୍କର ସବୁ କଣ ମୋତେ ପାନଭଙ୍ଗା ଛଡ଼ା ଆଉ କିଛି କରେଇ ଦେଉଛନ୍ତି କି !"

"ତୁ ଜୋର କରି କରୁ ନାହୁଁ ? ବୁଢୀଟା ତ ସବୁ କରୁଥିବ । ଯା, ଯା, ଅଭି ଯିବୁଟି ବେଷେଇ ଘରକୁ ! ବାବୁ ହବୁ ନାଇଁ ? କୋଣରେ ବସି କୋଡ଼ିଆ ଧରିଗଲୁଣି କି ଲୋ ? ଯା, ଅଭି ଯା ।"

କନକ ବିସ୍ମିତ ହୋଇ ମାଳୁ ବାବୁଙ୍କ ମୁହଁକୁ ଚାହିଁଲା ଏ ହୁକୁମର ମର୍ମ କିନ୍ତୁ ସେ ବୁଝି ପାରିଲା ନାହିଁ । କଥାଟା କିଛି ନୁହେଁ, ତେବେ ସ୍ୱରଟା—ଯେଉଁ ଭାବରେ ମାଳୁବାବୁ ଆଜ୍ଞା କଲେ, ସେଇ ଭାବଟା । କନକ କେବଳ ଏତିକି ବୁଝିଲା—ହୁକୁମଟା ମିଛ

Digitized by srujanika@gmail.com

ମନେ ମନେ ।

ହୁକୁମ ନୁହେ, ମାନିବାକୁ ହେବ ! ନୀଳୁ ବାବୁ ପୁଣି କହିଲେ, "ଚାଲେ, ତତେ ମୁଁ ନେଇ ହାଣ୍ଡିଶାଳରେ ଛାଡ଼ି ଆସିବି, ଚାଲେ— ଉଠ !" ଏହା କହି ନୀଳୁ ବାବୁ ଉଠିଲେ । କନକ ହାଣ୍ଡିଶାଳକୁ ଯାଇ କାମ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲେ ମଧ ଉଠି ପାରିଲା ନାହିଁ—ଖାଲି ବିକଳ ଭାବରେ ନୀଳୁ ବାବୁଙ୍କ ପାଣ୍ଡୁର ମୁଖ ପ୍ରତି ଥରକୁ ଥର ଅନାଇବାକୁ ଲାଗିଲା । ସେ ବୁଝିଲା, ଅଭିମାନୀ ନୀଳୁ ଭାଇଙ୍କୁ ତାହାର କଠିନ କଥା କେତେ ବାଧିଛି—ସେ କଥାଟା ଏ କଥାରେ ଢାଙ୍କି ହୋଇ ପଡ଼ିଲେ ମଧ କେଉଁଠି ହେଲେ ଲାଗି ରହିଛି ! ଧୀରେ ଧୀରେ ଉଠୁ ଉଠୁ କହିଲା, "ନୀଳୁଭାଇ, ରାଗିଲ କି ?" "କଉଁ କଥାରେ ?" "ଏଇ ଉପୁଗାରିଯା ଫୁପୁଗାରିଯା କଣ କହିଥିଲି !" ଏତକ କଷ୍ଟରେ କହି କନକ ତଳକୁ ମୁହଁ କରିଦେଲା । ନୀଳୁ ବାବୁ କହିଲେ, "ନାଇଁ ମ, ରାଗିବି କାହିଁକି ? ତୋର ସେ କଥା କହିବା ଠିକ୍ । ମୁଁ ସାବଧାନ ହେଲିଣି—ଏତେ ଦୂରକୁ ଯିବା ମୋର ଉଚିତ ନୁହେ । ଏବେ ଚାଲେ ।" "ଓଃ, ସେଇଥି-ପାଇଁ ଏଇ ଅଳ୍ପ କଥାରେ ମୋ କାନ ମୋଡ଼ଉଚ ନା ?" "କାନ ମୋଡ଼େଇଲି କଣ ମ ? ରନ୍ଧା ବଢ଼ା କରିବା କଣ ତୋର ଉଚିତ ନୁହେ ?" ହଁ, ମୁଁ କଣ ମନା କରୁଛି ? ତେମେ କାହିଁକି ଏମିତି ଭାବରେ ମୋତେ ରାଗିଲା ପରି ହୁକୁମ କରୁଛ ନା !" "ସେତକ ମୋତେ ଫାବେ, ସେ ପର୍ଯ୍ୟନ୍ତ ମୁଁ କରି ପାରେଁ !" ଏହା କହି ନୀଳୁ କନକର ସ୍ଥିର ଦୃଷ୍ଟିରୁ ନିଜ ଦୃଷ୍ଟି ଫେରାଇ ଆଣିଲେ । କନକ କିଛି କ୍ଷଣ ସେହିପରି ଚାହିଁ ଚାହିଁ ଶେଷରେ ଦୀର୍ଘ ନିଶ୍ୱାସଟିଏ ପକାଇ କହିଲା, "ହଉ ଚାଲ !"

Digitized by srujanika@gmail.com

ହାଣ୍ଡିଶାଳ ଦୁଆରେ ଗଉଣୀ ବସି ପଶବା କାଟୁଥିଲା । ମାଲୁ ବାବୁ ଯାଇଁ କନକକୁ ତା ପାଖକୁ ଠେଲଦେଇ କହିଲେ, "ନିଅ, କୋଡ଼ିୟୁଣୀଟାକୁ ଖଟାଅ, ନିଅ ।" ବୁଢ଼ୀ ବାହାର ଆସିବାରୁ କହିଲେ, "ନାଇ ମାଉସି, ବହୂଟାକୁ ମାଟି କର ନାହିଁ—କାମରେ ଲଗାଅ । ନ ହେଲେ, ମାଉଁସମେଞ୍ଚାଟିଏ ଶେଷକୁ ହୋଇଯିବ ! ତାକୁ ଯଦି ନ ରନ୍ଧେଇଦେବ, ତା ହେଲେ ଫେରେ ନିଧିଙ୍କୁ ଏମିତି ଶିକ୍ଷା ଶିଖାଇବ ଯେ, ଫେରେ ବୁଝୁଥିବ—" ଏହା କହି ମାଲୁ ବାବୁ ଚାଲି ଯାଉଥିଲେ; ଗଉଣୀ ହାଣ୍ଡିଶାଳ ଦୁଆର କୋଣରୁ ଗୋଟାଏ ଭଣ୍ଡା ଖୋଳପା ଧରି ତାଙ୍କ ପିଠି ଉପରକୁ ଫିଙ୍ଗିଲା । ସେଟା ତାଙ୍କର କେଶ ପର୍ଯ୍ୟନ୍ତ ସ୍ପର୍ଶ ନ କରି ମୁଣ୍ଡ ଉପରେ ଯାଇଁ କାନ୍ଥରେ ବାଜି ଆସି ଲେଉଟି ତାହାର ଆଗରେ ପଡ଼ିଲା । ମାଲୁ ବାବୁ ଫେରି ଚାହିଁଲା ବେଳକୁ ଗଉଣୀ ଲୁଚିବାକୁ ଧାଇଁଚି । ମାଲୁ ବାବୁ କହିଲେ, "ହୁଁ ହୁଁ, ବାଜିବ ବାଜିବ ! ଏଇ ପରା ଗଉଣୀ ଅପା ? ହେ଼ଃ, ହୋଃ; ମୋର ଜୁହାର ଏଇଠି । ତମେ ମାତାଜୀ କି ଆମେ ବାବାଜୀ—ନିଅ ଏବେ !" ଗଉଣୀ ଏହାର ଅର୍ଥ କିଛି ବୁଝିଲା ନାହିଁ—ଖାଲି ଥଟ୍ଟା ବୋଲି ଭାବିଲା, କିନ୍ତୁ କନକ ଏଥିରୁ ଅନେକ କଥା ବୁଝିନେଲା ।

(୭)

ତହିଁ ଆରଦିନ ଉପରଓଳି ପର୍ଯ୍ୟନ୍ତ ବି ମାଲୁ ବାବୁ ଆଉ ଭିତର ଖଞ୍ଜା ମାଡ଼ିଲେ ନାହିଁ । ଖାଇଲାବେଳେ ଯାହା ଆସନ୍ତି— ହସ ଖୁସିରେ, ଖେଲ ନାଟରେ ଘଣ୍ଟାଏ ଅଧଘଣ୍ଟାଏ ଚାଲିଯାଏ । ତା ନ ହେଲେ, ସବୁବେଳେ ବାହାରେ ନିଧି ବାବୁ ଓ ସେ ଦୁହେଁ ବସି

Digitized by srujanika@gmail.com

ମନେ ମନେ ।

କଣ ଗପ ସପ ହୁଅନ୍ତି; କେତେବେଳେ ବା ଗାଁ ବୁଲି ବାହାରନ୍ତି—ଏହିପରି । କନକ ମଧ୍ୟ ଓଳିଏ ରୋଷାଇ ବାସ କରେ—ଜୋର କରି ଏବେ କରୁଛି,—ଉପରଓଳି ରନ୍ଧାରେ ସାହାଯ୍ୟ କରେ; କିନ୍ତୁ ସବୁବେଳେ ଭାବୁଥାଏ—ମାଳୁଭାଇ ଏଇ ଆସିଲା ପରା, ଡକାଇଲି ପରା ! କିନ୍ତୁ ମାଳୁ ବାବୁ ଏ ପର୍ଯ୍ୟନ୍ତ ଆସିଲେ ନାହିଁ । ନିହାତି ଅସହ୍ୟ ହେବାରୁ ଗୋଟାଏ ସାଇ ପିଲାଟି ହାତରେ ସେ ଆଜି ଡକାଇ ପଠା-ଇଲା । ପିଲାଟି ଯାଇଁ ଦାଣ୍ଡରେ କାହାକୁ ନ ପାଇ ଫେରି ଆସି କହିଲା ବେଳେ ଗଉଡ଼ୁଣୀ ସେଠାରେ ଥିଲା, କହିଲା—"ମୁଁ ଜଗା-ମାକୁ ପଠେଇ ଦଉଚି, ଡାକି ଆଣିବ ।" ଜଗାମା ଗଲାରୁ କନକ ଉଦ୍‌ବିଗ୍ନ ହୋଇ ବସି ରହିଲା । ମାଳୁ ବାବୁ ସେ ଆଡ଼ୁ ଖଣ୍ଡେ ବାଟରୁ ଡାକି ମାରି ମାରି ଆସିଲେ—"କିଏ କୁଆଡ଼େ ଅଛ, ବାହାରି ଯା, ଆମେ ଯାଉଛୁଁ !" ଏଟା ଗଉଡ଼ୁଣୀ, ରଙ୍ଗୀ ପ୍ରଭୃତିଙ୍କୁ ସାବଧାନ କରି ଦେବା ପାଇଁ । ଗଉଡ଼ୁଣୀ ବାହାରି ଯାଉଁ ଯାଉଁ କହିଲା—"ଅ, ଏଇଟା କିଏ ମ ! ଏଟାକୁ ଡରି ସମସ୍ତେ ବାହାରି ଯିବେ !" ତଥାପି ବାହାରି ପଳାଇଲା । ରଙ୍ଗୀ ଅନୁପସ୍ଥିତ !

ମାଳୁ ବାବୁ ସେ ଘରେ ପ୍ରବେଶ କଲା ମାତ୍ରକେ କନକ ଧଡ଼-ପଡ଼ ହୋଇ ଆସି ତାଙ୍କ ହାତ ଧରି କହିଲା, "ମାଳୁଭାଇ, ତୁ ରାଗିଛୁ !"

ମାଳୁ—ନା, ରାଗିଥିଲି !

କନକ—ନା, ତୁ ରାଗିଛୁ ନିଶ୍ଚେ । ନ ହେଲେ ଏଇଠି ଥାଇକରି ବି ଏ ଦି ଦିନ ମୁହଁଲୁଚି ଦେଇ ରହିଚୁ କିପରି !

ମାଳୁ—ନା ମ, ମୁଁ ସ୍ୟାଡ଼େ—ବାହାରେ ଥିଲି । କାଲି ରାତିଟା ତ ନିର୍ଧୂମ ଶୋଇଚି, ଆଜି ସକାଳେ ତ ଇସ୍କୁଲ୍ ଦେଖିବାକୁ ଯାଇଥିଲୁଁ, ଆଉ ଏଇନାଗେ ତୁ ନ ଡାକି ଥିଲେ ବି ମୁଁ ଆସିଥାନ୍ତି ।

Digitized by srujanika@gmail.com

କନକ—ମିଛ କଥା ! କାଲି ମୁଁ କଣ କହିଲି ବୋଲି ରାଗିଲୁ । ମୁଁ ଜାଣେ, ତୁ ରାଗିଛୁ ! ମୁଁ ପରା ତୋ ସାନ ଭଉଣୀଟା, ଗୋଟାଏ ଦୋଷ କରିଛି, ତୁ ଇମିତି ଧରି ବସିଲେ, ମୁଁ ଆଉ କଣ କରିବି !

ମାଲୁ—ନା, ନା, ମୁଁ ରାଗିଥିଲି—ସତ କଥା ! ଆଜି ପୁଣି କେତେ କଥା ଭାବି ଦେଖିଲି—ରାଗ କୁଆଡ଼େ ଗଲାଣି ନା ଆଉ ଅଛି ! ତୁ ଆଉ ମୋତେ ଏମିତି କଥା କହିବୁ ନାହିଁ କହିଁ,—ମୋ ସୁନା ଭଉଣୀଟି ପରା !

କନକ—ଆଚ୍ଛା, ସେ କଥା କଣ କଲୁ ?

ମାଲୁ—କଉଁ କଥା ?

କନକ—ସେଇ କଥା, କଉଁ କଥା—ସେଇ ଯେଉଁ କଥା କାଲି ତୁ କହୁଥିଲୁ ମୋତେ, ଆଉ ଯେନ୍ଙ୍କର ସମସ୍ତିଙ୍କି ।

ମାଲୁ—କଉଁ କଥା ନା—ସେଇ କଥା ଯଉଁ କଥା ! ବିଷପୁଠା କଣ କହି ହେଲେ—

କନକ—ଯା, ତୁ ବଡ଼ ଜଣେ ! ମୁଁ କହି ପାରେଁ ନେଇଁ—ଯା ! ବୁଝି ପାରିକରି ମତେ ଖାଲି ଫଟୋଉଚି । ସେଇ—କଉଁଠିକି ଯିବା କଥା କହୁଥିଲୁ !

ମାଲୁ—କାହାର ? କିଏ କଉଁଠିକି ଯିବ ? କାହାର ତ କଉଁଠିକି ଯିବାର ନାହିଁ—ଏକା ମୁଁ କାଲି ପ'ରି ଦିନ ଚାଲିଯିବି ।

କନକ—ଯା ମ, ଖାଲି ବେଲି କରୁଛୁ ! ନ କହିଲୁ ନାହିଁ ଯା, ଫେର୍ କିଟକି ନାଁ ମୋ ଆଗରେ କିଏ କହିବ ତ—ଫେରେ କାନ୍ଦିବି, ହଁ—

Digitized by srujanika@gmail.com

ମନେ ମନେ ।

ମାଳୁ—ଓଃ, କଟକ ଯିବା କଥା ପରା କହୁଛୁ ! ସେଇଯା ସେତେବେଳୁ କହିଥିଲେ ତ ଛୁଟି ପାଇଥାନ୍ତା !

କନକ—ଏତେବେଳେ ଯାଇଁ ହେଲା । ଏତେ ହଟ ହୋଇ ନା ! ସୁଆଙ୍ଗିଆ—ଓଃ, ଏଇଟା କାଲେ ମୋ ବଡ଼ ଭାଇ । ହଁ, କଣ ହେଲା ସତେ ?

ମାଳୁ—କଣ କହୁ ସାରି ଛୁଟି ପାରି ନାହିଁ ।

କନକ—ଆଜି ସକାଳେ ଏତେବେଳଯାଏ କଣ ସବୁ କଥା ଭାଷା ହେଉଥିଲ । ମୁଁ ପରା କହୁ ଜାଣି ନାହିଁ—ନୁହେଁ ? ରଙ୍ଗୀକି କଏ ସେ ସେଠିକି ଧରି ନେଇଗଲା—ପିଲାଟି କେତେ କାନ୍ଦୁଛି ! ତାକୁ କଏ କହିଲା, ସେ ତୋତେ ଏଇନାଗେ ବାହା ହୋଇ ନ ପଡ଼ିଲେ ଆଉ କଟକ ଯିବା ହୋଇ ପାରିବ ନାହିଁ ! ସାନ ଭଉଣୀ ଜନମ ପରା ମଣିଷ ପାଇବ ନାହିଁ ! ସବୁ ତାନ ସାନ ଭଉଣୀଙ୍କ ଉପରେ ଛୁଣ୍ଡେଇ ଜାଣନ୍ତି ଏ ମିଣିପଗୁଡ଼ାକ !

ମାଳୁ—ନା, ସେଇ ରଙ୍ଗୀ ତ—ଅଡୁଆ କରୁଛି ସତେ । ମାଉସୀ କହୁଛନ୍ତି ପରା, ରଙ୍ଗୀଟି ପାରି ହୋଇ ନ ଗଲେ ସେ ଏଠା ଛାଡ଼ି କୁଆଡ଼େ ଯାଇ ପାରିବେ ନାହିଁ—ରଙ୍ଗୀ ବାହାଘର ପରେ ଯୁଆଡ଼େ ନବ, ସିଆଡ଼େ ଯିବେ । କଥାଟା ବି ଠିକ୍, ସେଇଥି ପାଇଁ ମୁଁ କହିଲି, 'ତାରି ପାଇଁ ଯଦି ଏତେ କଥା, ଆଣ ତାକୁ, ମୁଁ ଏଇନାଗେ ବାହା ହୋଇ ପଡ଼ୁଛି !

କନକ—ସେଇଠୁ ଭାଇ ପରା ଆସି ଭଉଣୀଙ୍କୁ ଧରି ନେଇ-ଗଲେ । ମୁଁ ଜାଣିଥିଲେ ଗୋଟାଏ ଶଙ୍ଖ ବଜେଇ ଦେଇଥାନ୍ତି ପରା !

Digitized by srujanika@gmail.com

ଇମିତିକା ଉତ୍ତୁପାଡ଼ିସ୍ବା ଭାଇ ସବୁ କାହିଁ ଆସି ଜୁଟିଛନ୍ତି ! ନା ସତେ, ମାଳୁ ଭାଇ, ରଙ୍ଗୀଟିକୁ ଆମର ନୂଆବୋଉ କରନ୍ତେ—

ଏହିପରି ସମୟରେ କିଏ ଗୋଟାଏ ଦୁଆର ପାଖରେ ଉଡ଼ିବାର ଦେଖି କନକ ଝଟ୍‌କରି ଯାଇଁ ରଙ୍ଗୀକୁ ଧରି ଜବରଦସ୍ତି ଭିତରକୁ ଟାଣିଆଣିଲା, କହିଲା, "କି ନୂଆବୋହୂ, ଏତେ ନାକ କାହିଁକି କରୁଚ ମ !" ରଙ୍ଗୀ ଘୁଞ୍ଚିପିଞ୍ଚି ହୋଇ ପଳାଉ ପଳାଉ କହିଲା, "ଯା ହଉ ! ଏ ଦଶା ନୂଆବୋଉଟା—ତମ ଭାଇ ମରୁ, ତମର ଭାଇ ମରୁ, ତାକୁ ବାଡ଼ୀ ଖାଉ !"

କନକ କାନ ମୋଡ଼ି ଗାଲଝାପୁଡ଼ି ଖାଇ ହୋଇ କହିଲା, "ଥରେ କାଲି ସକାଳେ ଠକିଥିଲି, ପୁଣି ଆଜି ଠକିଲି । ଯେଉଁ ସଙ୍ଗେ ଆଉ କେଉଁ ଲଗିବ ନେଇଁ ପରି !"

(୮)

ସେଇ କଥା ସାର ହେଲା—ରଙ୍ଗୀଟିକୁ କୌଣସିମତେ ବାହା କରାଇ ଦେଇ ପାରିଲେ କଥା ଛୁଣ୍ଡିଯିବ । ନିଧିବୋଉଙ୍କର ଇଚ୍ଛା—ବାର ଯାଇ ତେର ପଶିଲଣି, ଆଉ କଣ—ଏଇ ଫଗୁଣ ମାସରେ ସମ୍ଭବ ହେଲେ କରିପକାଇଲେ ଯାଏ । ପୁଅ ବାହାଘର ଯାଇଛି; ପେଡ଼, ଘର, ଥୋର ବୁଲାଛି; ଆଉ ଯାହା ମାଲମତା ବି ଅଛି—କେମିତି ହେଲେ ହୋଇଗଲେ ଅଳ୍ପରେ କଥା ଛିଣ୍ଡିଯାଆନ୍ତା ! ଖାଲି ବର । ମା ପୁଅ ଦୁହେଁ ବସି ବିଚାର କଲବେଳେ ବୁଢ଼ୀ କହିଲେ, "ଏଇ ମାଳୁଟି ହୁଅନ୍ତା କି, କେଡ଼େ ସୁନ୍ଦର ହୁଅନ୍ତା ! ତେବେ ବନ୍ଧୁ, ତାଙ୍କର କରିବେ କି ନାହିଁ କେଜାଣି ! ଏମିତି କଣ ସଂସାରରେ ହଉନାହିଁ ନା କଣ ! ଏଇ ତ ସେଦିନ ମୋ ଭଉଣୀର ଝିଅକୁ

Digitized by srujanika@gmail.com

ମନେ ମନେ ।

ତାର ନିଘନ ଉଦେଇଛି ବାଧା ହେଲା ।" ନିଧି ବାବୁ କହିଲେ, "ନାହିଁ ଲୋ ବୋଉ, ତାଙ୍କର ଅମଙ୍ଗ ହେବେ ନାହିଁ ଯେ—ଏକା ଏଇ ମାଳୁ କଥା, ସେଇ ମଙ୍ଗିଲେ ହୁଏ ! ମୋତେ ପରା ଅପା (ହରି ବାବୁଙ୍କ ସ୍ତ୍ରୀ) ଦହି ତୋରଣି ବେଳେ ଚୁପ୍ କରି ଏହି କଥା କହୁଥିଲା । ହେଲେ ଭଲ ହୁଅନ୍ତା ଏକା ବୋଉ । ମୁଁ ତାକୁ ଏ ଦି ଦିନ ହେଲା ବୁଲେଇ ବୁଲେଇ କହୁଛି । ତୋ ବୋହୂ ଏଥିରେ ଆଗ ନା ! ତେବେ ସିଏ ବି ଯାହା କହୁଥିଲା, ମୁଁ ବି ସେଇଆ ଦେଖୁଛି—ମାଳୁର ଇଚ୍ଛା ନୁହେଁ ପରା ! ତେବେ ଥରେ ଚେଷ୍ଟା କରିବା । ସେ କାଲି ଯିବ କହୁଛି, ଯାଉ ବାହାରି, ତାରି ସାଙ୍ଗରେ ଜାତକ ନେଇକରି କିଏ ଯାଉ, ହରିଭାଇ କଣ କହୁଛନ୍ତି ଦେଖ, ଏଣେ ମୁଁ ବି ଜାଗା ଦି ଜାଗା ନଜର ପକାଉଛି—କୁଆଡ଼ୁ ହେଲେ ହୋଇଗଲେ ଯାଏ । ମୋର ବି ଛୁଟି ଅଛି, ଯାରି ସାଙ୍ଗରେ ଆଉ ପନ୍ଦରଦିନ କି ମାସେ ବି ମିଳିଲେ ମିଳିଯାଇ ପାରେ ।" ବୁଢ଼ୀ କହିଲେ, "ନାହିଁ ମାଉ, ତୁ ସେଇ ମାଳୁ କଥା ବୁଝୁ । ତୁ ନିଜେ ଖଣ୍ଡେ ହରି ପାଖକୁ ଚିଠି ଦେ, ମୁଁ ବି ତେଣେ କରି ସରି ପାଖକୁ କହିବି—ଦେଖ, ରଙ୍ଗୀର ଭାଗ୍ୟ—ତା କପାଳରେ ଥିଲେ ଯୁଆ ଚରି ବର ପାଇବ । ଏମିତି ହାନିକରମୀନୁ ରାଙ୍କୁ ପେଟରେ ଧରିଥିଲି ଯେ, ତାଙ୍କର ପେଇଁ ମୋ ହାଡ଼ରୁ ମାଉଁସ ମିଳେଇ ଯାଉଛି !"

ନିଧିବାବୁ କହିଲେ, "ନାହିଁ ବୋଉ, ତୁ କିଛି ଚିନ୍ତା କରନା । ମୋତେ ତ କେମିତି ଜଣାପଡୁଛି—ଏହି ଥର ହୋଇଯିବ—ନିଶ୍ଚେ ହବ, ତୁ ଦେଖ !" ସେଇଠୁ ନିଧିବାବୁ ବଡ଼ ପାଟି କରି ଡାକିଲେ—"ହଇରେ ଜଟା, ରଘୁ ଦାଦାଙ୍କୁ ଟିକିଏ ଡାକିଆଣିଲୁ,

Digitized by srujanika@gmail.com

ଗଲୁ । ସେ ଟିକିଏ ଯିବ, କନ୍ଦରପୁରସ୍ଥା ବେହେରାଙ୍କୁ ବଇନାଦେଇ ଆସିବ—କାଲି ବାବୁ ଭଦ୍ରକ ଯିବେ, ଗାଧୁଆବେଳକୁ । (ଚୁପ୍‌କରି) ଆଉ ସେଇ ବାଟେ ଗ୍ରାବନ ଅବଧାନଙ୍କୁ ବି ଡାକିଦେଇ ଆସିବୁ—ଶୁଣିଯିବେ, କଥା ଅଛି ।'

ତହିଁ ଆରଦିନ ବଡ଼ ସକାଳୁଁ ନେକ ଜାତକପତ୍ର ନେଇ ଭଦ୍ରକ ବାହାରିଗଲ୍ । କନକ ବି ଖଣ୍ଡେ ଚିଠି ସ୍ୱାମୀଙ୍କ କଥା ଅନୁସାରେ ତା ନୂଆବୋଉ ପାଖକୁ ଦେଲି । କାଲି ରାତ୍ରିଠଉଁ ମାଳ୍ଟୁ ବାବୁ କଣ ଗୋଟାଏ ଭିତରେ ଭିତରେ ହେଉଛି ବୋଲି ଜାଣି ସାରିଥିଲେ, ଆଜି ସକାଳୁ ଉଠି ମଧ କିଛି କିଛି ସନ୍ଧାନ ପାଇଲେ; କିନ୍ତୁ ଠିକ କିଛି ସ୍ଥିର କରିପାରିଲେ ନାହିଁ । ଚଞ୍ଚଳ ଚଞ୍ଚଳ କାମ-ଦାମ ସାରି ତିଆରି ହେଉ ହେଉ ପ୍ରାୟ ନଅଟା । କନକଠାରୁ ବିଦାୟ ହେବା ପାଇଁ ଗଲ୍‌ବେଳେ ମନ କାହିଁକି ନିହାତି ଖରାପ ହେଲ୍ । ଗଲବେଳେ ଯୁଆଡ଼େ ସୁଆଡ଼େ ଗ୍ଲହିଁଲେ, କିନ୍ତୁ ରଙ୍ଗୀ ବା ଗଉରୀ କାହାରିକୁ କେଉଁଠି ଦେଖିଲେ ନାହିଁ । ଏପରି ନିର୍ବିଘ୍ନରେ ଏ ଘରେ ଯିବା ଆସିବା କରିବାର ତାଙ୍କର ଏଇ ପ୍ରଥମ । ଭାବିଲେ, ରଙ୍ଗୀ ବୋଧହୁଏ ଡରେ ଲୁଚିଛି—କାଳେ ସବାରିରେ ବସାଇ ନେଇଯିବେ ବୋଲି । ଶେଷରେ ବଡ଼ ପାଟିରେ ଡାକି କହିଲେ, "ଆମେ ବାହାରୁଁ ଏବେ, ଆମ ପାଣଠି କାହାନ୍ତି ? ଶୀଘ୍ର ଶୀଘ୍ର ସବାରିକୁ ବିଦା କରିଦିଅ—ଯାନାବେଳ ଚଢ଼ିଯାଉଛି !" କେହି ଯୁଆର ଉତ୍ତର ଦେଲେ ନାହିଁ—ଦୂରରୁ ଟିକିଏ ଟିକିଏ କିଏ ସବୁ ଚୁପି ଚୁପି ହସିଲା ପରି ଶୁଣାଗଲ୍ ମାତ୍ର ।

Digitized by srujanika@gmail.com

ମନେ ମନେ ।

ମାଲୁ ବାବୁ ଛପି ଛପି କନକ ଘରେ ପହଞ୍ଚିଲେ । ସେ ସ୍ଥିର ଜାଣି ଥିଲେ, ଗଲା ମାସରେ କନକ ବାହୁନା ବସିବ—ଏଇ ତ ନିୟମ । କିନ୍ତୁ ଛପିକରି ଯିବାର କୌଣସି ପ୍ରୟୋଜନ ନ ଥିଲା । କନକ ପାନଗୁଡ଼ାଏ ଭାଙ୍ଗି ହାତରେ ଧରି ଅପେକ୍ଷା କରି ଛିଡ଼ା ହୋଇଥିଲା । କାନ୍ଦିବା ତ ଦୂରେ ଥାଉ,—ହସି ହସି କହିଲା, "ଭାଇ, ଭାଇ ଫେରେ କେବେ ଆସିବୁ ?" ମାଲୁ କିଞ୍ଚିତ୍ ଅପ୍ରତିଭ ହୋଇଗଲେ, କହିଲେ, "ହଁ, ମୁଁ ଆସୁଛି—ତମକୁ ସବୁ କଟକ ନେଇ ହରଡ଼ ଘଣାରେ ପକେଇବି ନା ! ଏଠିକି ଆଉ ଆସିବି କାହିଁକି ମ !" କନକ ହସିଲା—ତାର ଆଉ ହସ ବନ୍ଦ ହେଉ ନାହିଁ ! ମାଲୁ ବାବୁ ବିସ୍ମିତ ହୋଇଗଲେ—"କଣ, କଥା କଣ ?" ପୁଣି କନକ ପଚାରିଲା, "ମାଲୁ ଭାଇ ! ତୁ କଟକ ଯିବୁ କେବେ ?" ମାଲୁ ବାବୁ କହିଲେ, "ଏଇ ଏଠୁଁ ଯାଇ, ନିତେଇ ଭାଇଙ୍କ ଦେହ କିଅଣ ହେଲା ଦେଖି ଶୁଣି, ଯେତେ ଚଞ୍ଚଳ ହେବ ପଳେଇବି—ଆଉ କଣ !" "ତୁ କଟକରେ ସେଇ ହଷ୍ଟେଲରେ ଅଛୁ ନା ? ଗୋଟାଏ ବସାରେ ତ ରହିଲେ ଭଲ ହୁଅନ୍ତା । କେଉଁଠି ଗୋଟାଏ ଭଲ ବଡ଼ ବସା କାହାର ଅଛି ପରା ସେଦିନ କହୁଥିଲୁ ? ସେଇଠି ରହୁନାହୁଁ ?" "କାହାର, ନିଧିବସା ? ମୁଁ କାହିଁକି ସେଠି ରହିବି ?" ପୁଣି କନକ ହସିବାକୁ ଲାଗିଲା । କଣ ଇଏ ! ମାଲୁ ବାବୁ କହିଲେ, "କି ଲୋ, ତୋର ଆଜି କଣ ହୋଇଚି କି, ଇମିତି ହସୁଛୁ କାହିଁକି ? କଥା କଣ ?" କନକ ଖାଲି ହସି ଉଠୁଥାଏ—କଷ୍ଟରେ ହସ ବନ୍ଦକଲା । ପୁଣି କହିଲା, "ତୁ କଣ କହୁଥିଲୁ ରଙ୍ଗୀ କଟକ ଯିବନାହିଁ । ରଙ୍ଗୀ ତ କଟକ ଯିବ ! ଯିବନାହିଁ କେମିତି !

Digitized by srujanika@gmail.com

ମୁଁ ତାକୁ ନିଶ୍ଚେ ନେଇଯିମି କହି ଦଉଚ !" "ହଉ, ନେଇ ଯା କିଏ ମନା କଲା ! ତୁ କାହିଁକି ଏତେ ହସୁଛୁ କହିବୁଟି !" "ନା, ମୁଁ ଆଉ ହସୁ ନାହିଁ, ଯା, ଏବେ ହେଲା ।" କିଛି କ୍ଷଣ ଚୁପ୍ ରହି କନକ ପୁଣି ପଚାରିଲା, "ମିନୁଭାଇ, ତୁ ଆଉ କେତେ ଦିନ ପାଠ ପଢ଼ିବୁ, କେବେ ସରିବ, କେବେ ଓକିଲି କରିବୁ ?" ପୁଣି ସେହି ହସ ! ମିନୁବାବୁ ଏ ସବୁର ଅର୍ଥ କିଛି ବୁଝି ପାରିଲେ ନାହିଁ—ବକଟା ହୋଇ ଚାହିଁଲେ । କନକ ଦେଖିଲା, ସେ ବଡ଼ ଅନ୍ୟାୟ କରୁଛି—କଥାଟା ଯେତେବେଳେ ଗୁପ୍ତ, ସେତେବେଳେ ଆଉ ଅଧିକ ବଢ଼ାଇବା ଭଲ ନୁହେ; ଅତଏବ କନକ ସ୍ୱଭାବ ଗାମ୍ଭୀର୍ଯ୍ୟରେ ଧୀରେ ଧୀରେ କହିଲା, "ମିନୁଭାଇ, ଆଜି ତମେ ଚାଲି ଯାଉଚ—ମୋର କାହିଁକି ଏତେ ଆନନ୍ଦ ହଉଚି କେଜାଣି । ପୁଣି ନିକଟରେ ଆସିବ ପରା ।" "କି ତୁ କଟକୁ ଯିବୁ କି କଣ, କିଏ ଜାଣେ ! ତୋର ଆନନ୍ଦ ହବାର କଥା ! ତୁ ଏଠି ନୂଆବୋହୂ—ଟୋକୀ—ମୁଁ ଆସି ତୋ ଉପରେ ଜୁଲୁମ କରି ତେତେ ଖଟେଇ ହଇରାଣ କରୁଥିଲି । ଗଲେ ଭଲ—ଆନନ୍ଦ ହବାର କଥା ତ !" "ନା, ମିନୁଭାଇ, ତା ନୁହେ—ତା ନୁହେ ଭାଇ । ସତ ଏକା, ମୁଁ ଏଠି ନୂଆ ମଣିଷ ପରି ଚଳୁଥିଲି ସିନା । ତମେ ଆସିଲ ଦିନଠୁଁ ମୋ ଛାତି ଏଡ଼େ ମୋଟ ହୋଇଗଲା । ମୁଁ ଏଠି ଏଇ କେତେ ଦିନରେ ଯେତେ ଘର ପରି ମଣି ଗଲିଣି, ଯାହା ତମେ ନ ଆସିଥିଲେ କେବେଁ ହୋଇ ପାରି ନ ଥାନ୍ତା । ତମ ଥିବା ଯୋଗେ ମୋ ଗୋଡ଼ ଭୂଇଁରେ ନାଗୁ ନାହିଁଟି । ତମେ ଯାହା କହିବ ନାହିଁ, ଆଉ କଣ—" "ସତେ ? ମୁଁ ଏତେ ଉପୁଗାରିଆଟେ ତା ହେଲେ ! ଆରେ !" କନକ ମୁହଁ ଶୁଖି

Digitized by srujanika@gmail.com

ମନେ ମନେ ।

କଳା ପଡ଼ିଗଲା । ମିଲୁ କଥାଟି କହି ସାରି ସାଙ୍ଗେ ସାଙ୍ଗେ ଭାବିଲେ, — ଛିଃ, କଣ କହିଲି ! ତାଙ୍କ ମୁହଁ ବି ଶୁଖିଗଲା । କିନ୍ତୁ କହି ତ ସାରିଲେଣି—ଏବେ କଣ କରାଯିବ ! କନକ କିନ୍ତୁ ସାଙ୍ଗେ ସାଙ୍ଗେ ସ୍ଥିର ହୋଇ କହିଲା, "ମିଲୁଭାଇ, ମୋର ସବୁ ଦୋଷ ତୁ ମାଫ୍ କରୁ, ଏହି ସାମାନ୍ୟ କଥାଟି ଭୁଲି ପାରୁ ନାହୁଁ ? ଛି, ମୁଁ ପରା ମାଇକିନା ଝିଅଟା—ତୋ ସାନ ଭଉଣୀ । ଦୋଷ ମାଗି ନେଲି—ଆଉ କେତେ ଦଣ୍ଡ ଦବୁ !" "ନା, ନା, କଙ୍କୀ—ମୋ ତୁଣ୍ଡ ଖସିଗଲା । ମୁଁ ତା ଭାବି ନାହିଁ—ତୁ ମନ ଦୁଃଖ କର ନା । କହିତ ପକାଇଚି, ଏବେ କଣ କରିବି ! ସତ ସତ, ମୁଁ ଆଉ ଟିକଏ ବି ରାଗି ନାହିଁ । ମୋ ରାଣ, ମନଦୁଃଖ କରନା !" କନକ ବୁଝିଗଲା, ଭାବିଲା—ହଁ, ସତେ ତ, ମିଲୁଭାଇ ତ ଏମିତିକା ନୁହେ କେବେଁ ! କଥାଟା ଗୃଳିଗଲା, କିନ୍ତୁ ଦୁହିଙ୍କ ମନ ଭିତରେ କପରି ଗୋଟାଏ ଆଞ୍ଚ ରହିଗଲା—ସେ ଯୋଗେ ମୂଳରୁ ଯେପରି ଫୁର୍ତ୍ତିରେ ଆରମ୍ଭ ହୋଇଥିଲା, ବିଦାୟଟା ସେପରି ଛୁଟିଲା ନାହିଁ ।

ମିଲୁବାବୁ କନକ ହାତରୁ ପାନତକ ନେଇ କହିଲେ; ହଉ ତେବେ, କଙ୍କୀ, ମୁଁ ଯାଉଛି ! କାମ ଦାମ କରୁଥିବୁ, ଆଉ ନିଧିଙ୍କ କଥାରେ ଚାଲୁଥିବୁ ।" କନକ କହିଲା, "ଉଃ !" ପୁଣି ମିଲୁବାବୁ କହିଲେ, "ତୋ ନଣନ୍ଦଟିମାନେ ଆଚ୍ଛା ଭଲ, ସେମାନଙ୍କ ମନ ନେଇ ଚଳିବୁ ବୁଝିଥା । କନକ କହିଲା, "ଫେରେ କେବେ ଆସିବୁ ? ଭାଇକି କହିବୁ, ଟିକଏ ଆସିବ, ନ ହେଲେ ମୁଁ ମଲି ବୋଲି ପିତା ଭାତ ଖାଇବ । ଆଉ ଆଉ—ତୋ ବା'ଘରକୁ ମେତେ ମୁକ୍ତ କରି ନବ !"

Digitized by srujanika@gmail.com

ମାଳୁ—କାହା ବାହାଘର ?

କନକ—କି, ତୋ ବାହାଘର—କା'ର !

ମାଳୁ—(ହସି ହସି)—ମୋ ବା'ଘର ! ଓଃ ମୋ ବା'ଘରକୁ ତୋତେ ନବାପାଇଁ ଭାଇଙ୍କୁ କହି ପଠାଉନ୍ତୁ ! ମତେ ଏଇଠି ସିଧା ସିଧା କହୁ ନାହୁଁ କାହିଁକି ମ ?

କନକ—ତୋତେ ବି କହୁ ନାହିଁ କି ?

ମାଳୁ—କାହିଁ, କଉଁଠି କହୁଚୁ ?

କନକ—(ଅଧୋବଦନରେ) ତୋତେ କହନ୍ତି ଯେ—ଏକା ତୋତେ କହିଲେ—ହଁ, ତୁ ତ ଆଗେ ନେଇଯିବୁ ! ମୁଁ ଜାଣି ନେଲି ପରା ! ତୁ ଭାରି ଜଣେ—ଭାରି ଗୋଟିଏ—

କନକ ଏହାଠାରେ ବନ୍ଦ ହୋଇ ଯାଇ ଉତ୍ସୁକରେ ମାଳୁ ମୁହଁକୁ ଚାହିଁଲା । ମାଳୁ ମୁହଁ ଶୁଖିଗଲା, ଚମକିତ ହୋଇ କହିଲେ, "ଭାରି ଗୋଟିଏ ! ଭାରି ଗୋଟିଏ କଣ ? ନାଃ, ଭାରି ଗୋଟିଏ କଣ ମୁଁ—ନ କହିବାଯାଏଁ ଛାଡ଼ିବି ନାହିଁ । କଣ ମୁଁ, କହ ! କନକର ମୁଣ୍ଡ ଘୂରିଗଲା—ପାଟି ଆଁ ଆଁ ମାରିଗଲା । ଶଙ୍କା ଡରେ କହିଲା—ଖାଲି ବାଧରେ—"ନା, ମୁଁ କହୁଥିଲି କି ତୁମେ ଭାରି ଗୋଟିଏ ଭଦ୍ର ଲୋକ—ଆଉ କିଛି ନା !"

ମାଳୁ—ହୁଁ, ନିଶ୍ଚେ ଆହୁରି କଣ କହୁଥିଲୁ ! କହ, ନ ହେଲେ ମାଡ଼ !

କନକ—ମାରି ପକେଇ ! ନା ମୁଁ କହୁଥିଲି—ତୁମେ ଭାରି ଗୋଟିଏ ଠକ ବୋଲି । ସତ କଥା—ତମେ ଗୋଟିଏ ଠକ ତ ! ଏହା କହି କନକ ଅଧୋବଦନରେ ରହିଲା । ତାର କର୍ଣ୍ଣମାନ

Digitized by srujanika@gmail.com

ମନେ ମନେ ।

ଫୀତ ଅଧରୋଷ୍ଠରୁ ତା ମନର ଅଭିମାନ କି ସେହିପରି କୌଣସି ଗୋଟାଏ ଭାବ ଥରି ଥରି ଫୁଟି ଉଠୁଥାଏ । ମାଲୁ ବାବୁ ଦୂରଦୃଷ୍ଟି ଅନ୍ୟମନସ୍କ ଭାବରେ କଣ ଭାବିଲେ । ହଠାତ୍ କଣ କହୁଁ କହୁଁ ରହି ଯାଇ କିଛିକ୍ଷଣ ପରେ କହିଲେ, "ଆଚ୍ଛା ତେବେ କଙ୍କି, ଏବେ ଯାଉଛି !" କନକ ନୀରବରେ କାନ୍ଦିବାକୁ ଲାଗିଲେ । ପୁଣି ମାଲୁ ବାବୁ ଧୀର ସ୍ଥିର ଭାବରେ କହିଲେ, "ହଁ, କଙ୍କି, ତୁ ମୋତେ ଠିକ୍ ଚିହ୍ନିଛୁ ! ଏବେ ଏଥର ନିଶ୍ଚେ ନିଶ୍ଚେ ତୋତେ ନେବି— କେଉଁ ଠକିବି ନାହିଁ ! **ମୋ ବା' ଘରକୁ ତୋତେ ନିଶ୍ଚେ ନେବି !**" ଏହା କହୁଁ କହୁଁ ମାଲୁ ବାବୁ ବାହାରି ଗଲେ । କନକ କାତର ଭାବରେ ଡାକିଲା "ମାଲୁ ଭାଇ !" ସେ ଆଉ ଶୁଣିଲେ ନାହିଁ !

Digitized by srujanika@gmail.com

—ତୃତୀୟ ଖଣ୍ଡ—

ଠକପଣ

(୧)

ମାନ୍ତୁବାବୁ ଚୂଲିଗଲା ବେଳୁ କାହାଁକି, ବିବାହ ପ୍ରସଙ୍ଗ ବିଧିମତେ ଉଠିଲା ବେଳୁଁ ଗଉରୀ ଓ କନକ ଦୁହେଁ ରଙ୍ଗୀ ସଙ୍ଗରେ ଲାଗିଛନ୍ତି —ସେ ବିଚ୍ଛିରିକୁ ଆଉ ରଖି ଥୋଇ ଦେଇ ନାହାନ୍ତି । ଗଉରୀ ରଙ୍ଗୀକୁ ଯେପରି ନା ବାଳକ ତଳେ ଆଜ ପୁଞ୍ଜା ନାଏ, ସେ ତାହା ସଙ୍ଗେ ଲାଗନ୍ତା ନାହିଁ—ତେବେ, ବାହା ପ୍ରସଙ୍ଗ ଉଠିଲା ବେଳୁଁ କନକ ମୁହଁରେ ସବୁବେଳେ ସେହି କଥା—କେଜାଣି କେତେ ଥର ନିଭୃତରେ ଗଉରୀ ସଙ୍ଗରେ ଏବିଷୟରେ ତାର କଥା ହୋଇଥିବ ! ଏଥିରେ ଗଉରୀ ମଧ୍ୟ ଟଳି ଯାଇଛି । କନକର ଆଉ ଗୋଡ଼ ତଳେ ଲାଗୁ ନାହିଁ—ରଙ୍ଗୀକୁ ସବୁବେଳେ କାନି ଗଣ୍ଠିଲା କରି ମହା ଆନନ୍ଦରେ ଅଛି । ଏ ଆନନ୍ଦଟା ଯେ କେତେଦୂର ରଙ୍ଗୀ ବାହାଘର ପାଇଁ ସେତିକ ଖାଲି ତାକୁ ବେଳେ ବେଳେ ସନ୍ଦେହ ଲାଗେ । ମାନ୍ତୁ ଆସି ତାକୁ ପ୍ରକୃତରେ ଏ ଘରର ଜଣେ କରି ଦେଇଗଲା ଦିନୁଁ ତା ହୃଦୟ କି ନୂତନ ବଳରେ ଯେ ପୂରି ଯାଇଛି—କି ଆନନ୍ଦରେ, କି ଗର୍ବରେ ତା ମୁଣ୍ଡ ଯେ କେତେ ଟେକି ହୋଇ ଯାଇଛି, ତାହା ବର୍ଣ୍ଣନାତୀତ । ଯେଉଁ ଘରେ ସେ ଦିନମାନ ପରଙ୍କ ପରି ଆସି କ୍ଷେତ୍ରଙ୍କ ପରି ଏ କେଉଁଟା ଦିନ ସେ କଟାଇ ଥିଲା, ସେ ଘର ଆଜ ତାର, ସେ ଏହା ସ୍ପଷ୍ଟ ହୃଦୟଙ୍ଗମ କରି ପାରିଲାଣି ।

Digitized by srujanika@gmail.com

ମନେ ମନେ ।

ହଁ, ରଙ୍ଗୀ ସାଙ୍ଗରେ ଲଗିବାର କାରଣ କଣ ? କିଛି କାରଣ ଆଉ ବା ନ ଥାଉ, କନକକୁ ସେଇଟା ଭାରି ସୁଖ ଲାଗୁଛି । ଆଜି ତାର ମନେ ହେଉଛି, ସେଇଟା ଯେପରି ତାହାର ଗୋଟାଏ ବଡ଼ କର୍ତ୍ତବ୍ୟ ! ନଣନ୍ଦଟିର ବିବାହ ହେବା ବିଷୟରେ ତାହାର ଦାୟିତ୍ୱ ସେ ଏତେ ଶୀଘ୍ର ବୁଝି ପାରିବ, ଏଇଟା ସମ୍ଭବ ନୁହେ । କିନ୍ତୁ ମାଳୁଭାଇଙ୍କ ବିବାହ ? ମାଳୁବାବୁ ଗଲା ଦିନଠାରୁ ସେ କେବଳ ଭାବି ଭାବି ସାରା ହୋଉଛି । ତାର ଷୋଳ ପଣ ବିଶ୍ୱାସ ଯେ, ମାଳୁ ଭାଇର ବିବାହର ଭାର ତାହାର ଉପରେ । ତାଙ୍କ ହାବଭାବ, କଥାବାର୍ତ୍ତାରୁ କନକ ମନରେ ଗୋଟିଏ ଭୟ ପଶି ଯାଇଛି—ମାଳୁ ଭାଇ ସମ୍ଭବତଃ ବାହା ହେବାକୁ ନାରାଜ । ସେ ନିଜ ମନକୁ ଯୁକ୍ତି ସଯୁକ୍ତି ଯେତେ ବୁଝାଉଛି, ଏ ବିଶ୍ୱାସଟି ତାର କେବଳ ଦୃଢ଼ରୁ ଦୃଢ଼ତର ହୋଇ ଯାଉଛି । ନାରୀହୃଦୟର ନ୍ୟାୟଶାସ୍ତ୍ର ସବୁ କଥା ଦେଖେ ନାହିଁ, ବୁଝେ ନାହିଁ କିନ୍ତୁ ଏକାଦମକରେ ଯେଉଁ ଗୋଟାଏ ସିଦ୍ଧାନ୍ତରେ ଉପନୀତ କରାଇଦିଏ, ସେଇଟାକୁ ନ ମାନିବାର କ୍ଷମତା କୌଣସି ନାରୀର ନାହିଁ ।

କନକ ଦେଖିଲା, ରଙ୍ଗୀଟି ସୁନ୍ଦର, ଯୋଗ୍ୟା ମଧ୍ୟ—କିଛି ପାଠ ଶାଠ ବି ପଢ଼ିଛି, ତେବେ ଟିକିଏ ଜଞ୍ଜାଳିଆ, ଟିକିଏ ଚଗଲା । ହେଲେ, ପିଲା ତ—ବୟସ ହେଲେ ବଦଳି ଯିବ ନାହିଁ କି ! କିନ୍ତୁ ମନଟି ତାର ବଡ଼ ପରିଷ୍କାର—ସଫା ସଫା କଥା, ଛନ୍ଦ ନାହିଁ, କପଟ ନାହିଁ । ମାଳୁଭାଇଟି ପାଇଁ ସବୁ ହୁଅନ୍ତା—ହାୟ, ହାୟ, ସତେ କଣ ମାଳୁ ଭାଇ ରାଜି ହେବେ, କେଜାଣି ! କନକ କେତେ ଥର ଦେବତାଙ୍କୁ ମାନସିକ କରି ପକାଇଲା ।

Digitized by srujanika@gmail.com

ନୂଆବୋଉଙ୍କର (ହରିବାବୁଙ୍କ ସ୍ତ୍ରୀ) ଇଚ୍ଛା ଅଛି ବୋଲି ତ ଏଠାରେ ଶୁଣିଲା, ଭାଇଙ୍କର ଆପତ୍ତି ନ ଥିବ—ତେବେ ସେଇ ମାଲୁଭାଇ, ସେଇ ତ ଅସଲ ! କୋଷ୍ଠୀପତ୍ର ନେଇ ଲୋକ ଗଲେଣି— କନକ ଭାବିଲା, ମାଲୁଭାଇ ରାଜି ହେଲେ ବି ତ ହୋଇ ପାରେ ! ତେବେ, ରଙ୍ଗୀକୁ ମୁଁ ସ୍ପଷ୍ଟ ତିରସ୍କାର କରେ ! ସେଉକବେଳୁ ରଙ୍ଗୀ ସଙ୍ଗରେ ଲଗିଲା—ନିଜେ ବି ଲାଗିଲା, ଗଉଣୀ ଅପାକୁ ମଧ୍ୟ ସଙ୍ଗ ଦୋଷରେ ପକାଇ ରଙ୍ଗୀକୁ ଅସ୍ଥିର କରି ପକାଇଲା ।

ରଙ୍ଗୀ ବିଚାରୀ ଏ ସବୁଥିରେ ପଡ଼ି ଏକାବେଳକେ ବୋକା ବନି ଗଲାଣି—ତାର ସବୁ ଫୂର୍ତ୍ତି, ସବୁ ହସ ଖେଳ କୁଆଡ଼େ ଗଲାଣି । ପ୍ରଥମେ ଫାଙ୍କାଡ଼ ମାରି ପଳାଇ ବୁଲୁଥିଲା । କିନ୍ତୁ ବୋଉ ଗାଳିମନ୍ଦ ଦେଇ ଉତ୍ତମ ରୂପେ ବୁଝାଇ ଦେବାରୁ, ଏବେ ଘରୁ ବାହାରକୁ ଯାଉ ନାହିଁ—ଆକଟରେ ଅଛି । ବିବାହର ଅର୍ଥ ସେ ବିଶେଷ ବୁଝି ନାହିଁ; କିନ୍ତୁ ବର ଆସିବ, ତାକୁ ଘର ଗୁଣ୍ଡି ଗୁଳିଯିବାକୁ ହେବ ଓ ଯିବାର ମାସେ ଖଣ୍ଡେ ପୂର୍ବରୁ ସମସ୍ତଙ୍କୁ ଧରି ବାନ୍ଧିନିବାକୁ ହେବ, ଏତିକି ଭଲରୂପେ ଜାଣେ । ସେଥିପାଇଁ ସେ ଯଥା ସମ୍ଭବ ଖୁସି ମନରେ କାନ୍ଦଣା ଶିଖିବାରେ ବ୍ୟସ୍ତ ! ସ୍ଥାନ ଓ ପାତ୍ର ଭେଦରେ ରକମେ କାନ୍ଦଣାର ବ୍ୟବସ୍ଥା ଅଛି । ସେହି ସବୁର ଶିକ୍ଷା ପାଇବା ପାଇଁ ରଙ୍ଗୀ କନକକୁ ଛିବାରାତ୍ର ଅନୁସରଣ କରୁଛି । ଘରୁ ତ ବାହାରିବ ନାହିଁ—ଆଉ କାହାଠାରୁ ଶିଖିବ ! ପୁଣି, ନୂଆବୋଉ କନକର ତ ସେ କିଛି ନ କହି ନ ବୋଲି କାନି ଗଣ୍ଠିଲା ହୋଇ ସାରିଲାଣି, ଆଉ ଚିନ୍ତା କଣ ? ତେବେ ସେଥିରେ ଟିକିଏ ଅଡ଼ୁଆ ହୁଏ—ରଙ୍ଗୀ କାନ୍ଦଣା ଶିଖିବାକୁ କହେ, ପଢ଼େ ଅଧେ କନକ

Digitized by srujanika@gmail.com

ମନେ ମନେ ।

କହି ବି ଦିଏ, କିନ୍ତୁ ଅଧିକ ସମୟ କନକ ଅନ୍ୟ୨ କଥା ସବୁ କହି ବସେ;—ସ୍ୱାମୀ ସ୍ତ୍ରୀ ସମ୍ବନ୍ଧ ଓ ବିଶେଷତଃ ମାଳୁଭାଇଙ୍କ ସହିତ ରଙ୍ଗୀର ସମ୍ବନ୍ଧ ବିଷୟରେ ଗମ୍ଭୀର ଭାବରେ ଉପଦେଶ ଓ ବକ୍ତୃତା ଦେଇ ବସିଲେ, ରଙ୍ଗୀ ମୁଣ୍ଡରେ କେତେ ପଶେ, କେତେ ବା ପଶେ ନାହିଁ—ସେ ବକା ହୋଇ ଅନାଇ ଥାଏ । କେତେବେଳେ୨ କିଛି ଟିକିଏ ବୁଝି ପାରିଲେ ନୂଆବୋଉ ସାଙ୍ଗେ ଟିକିଏ ଦୁଷ୍ଟାମି ଲଗାଏ, ଅଳିଟ ଧରେ । କନକ ପ୍ରାଣପଣ ଚେଷ୍ଟା କରେ—ମାଳୁ ଭାଇଙ୍କର ରଙ୍ଗୀ କିଏ ହେବ, ଏହିତକ ତାକୁ ବୁଝାଇବାକୁ; କିନ୍ତୁ ରଙ୍ଗୀ ଏତେକଥା ବୁଝି ପାରେନାହିଁ । ସେ ତ ଜାଣେ—କିଏ ତ ଜଣେ ବର ହୋଇ ଆସନ୍ତା, ମାଳୁ ବି ତ ସେଇଆ—ପାଲିଙ୍କରେ ଚଢ଼ି, ଢୋଲ ଟମକ ବଜାଇ, ବାଣ ମାରି ଆସିବ, ଭାଇ ଯେମିତି ନୂଆ-ବହୂଙ୍କୁ ସେ ଦିନ ଆଣିଲେ, ସେହିପରି ତାକୁ କୁଆଡ଼େ ନେଇଯିବ । ଘର ଛାଡ଼ି ଯିବା କଥା ଭାବିଲେ ତାକୁ କାନ୍ଦ ମାଡ଼େ—ନ ହେଲେ, ବାହାଘରଟା ଭାରି ମଜା କଥା, ଏତିକ ସେ ସ୍ଥିର ଜାଣିଛି । ନିଜ ବାହାଘରଟା କେମିତିକା, ସେଟା ନ ଜାଣିଲେ ମଧ୍ୟ ତାର ଗୋଟାଏ ମୋଟାମୋଟି ଧାରଣା ଯେ, ବାହାଘରଟା ମଜା କଥା ! ଯେଉଁ-ମାନେ ବାହା ହୁଅନ୍ତି, ସେମାନଙ୍କର ମଜା ହୁଏ କି ନା, ସେ କଥା ଦିନେ ନୂଆବୋଉକୁ ପଚାରିବାରୁ ନୂଆବୋଉ ଖାଲି ହସିଲା, ଆଉ କିଛି କହିଲା ନାହିଁ, ଗଉରୀ ଅପାକୁ ଯାଇଁ କହିଦେଲା । ସେଥି ଯୋଗେ ଆଉ ସେ ବିଷୟ ରଙ୍ଗୀ ଉଠାଏ ନାହିଁ, ଭାବେ ନାହିଁ !

ରଙ୍ଗୀକୁ ମାଳୁ ଭାଇ ପାଇଁ ପ୍ରସ୍ତୁତ କରୁଁ କରୁଁ କନକ ତାକୁ କେତେ ଯେ ନିଜର କରି ପକାଇଲା ଦିନ ଦୁଇଟା ତିନୋଟା ଭିତରେ

Digitized by srujanika@gmail.com

ତାହା କହିବ ହେବ ନାହିଁ । ରଙ୍ଗୀ ବି ନୂଆବୋଉକୁ ଅତି ନିକଟରେ ପାଇ ସର୍ବସ୍ୱ ପ୍ରାପ୍ତ କରି ପକାଇଲା । ଦୁହିଁଙ୍କ ଭିତରେ ଯେ ମାର-ମୀର ଅଭେଦ ପ୍ରୀତି ହୋଇଗଲା, ତାହା ବୋଲିଯାଇ ନ ପାରେ; କାରଣ ଅସମାନ ଭିତରେ ସେଟା ସାଧାରଣତଃ ଅସମ୍ଭବ । କିନ୍ତୁ ଏତିକି ବୋଲିଯାଇ ପାରେ ଯେ, ରଙ୍ଗୀ ତାଠାରୁ ସାନ ହେଲେ ମଧ୍ୟ କନକ ତାକୁ ଏ ବିବାହ ପ୍ରସଙ୍ଗ ହେଲାଦିନ ଠାରୁ କାହିଁକି କେଜାଣି ସମାନସ୍କନ୍ଧ ଭାବରେହିଁ ଦେଖୁଛି । ଅନ୍ୟ ଭାବରେ ଦେଖି-ବାକୁ ତାର କପରି ଗୋଟାଏ ଦୁଃଖ ଓ ଅଭିମାନ ହେଉଅଛି ।

ମାଲୂବାକୁ ଯିବାର ପୂର୍ବଦିନ ପଟିରେ, ଦିନେ ସକାଳୁ ଗାଧୋଇ ଖିଆପିଆ କରି କନକ ରଙ୍ଗୀକୁ ନେଇ ତା ନିଜ ଘରେ ନିର୍ଜନରେ ବସି କାନ୍ଦଣା ଶିଖାଉଛି, ଏପରି ସମୟରେ ଗଉଣୀ ଆସି ପହଞ୍ଚି ଗଲା । ରଙ୍ଗୀ ଆଗରୁ ଖଣ୍ଡେ ରାମାୟଣ ଖୋଲି ଆଗରେ ରଖି ଦେଇ-ଥିଲା,—କେହି ଆସିଗଲେ ସେଇଟାକୁ ପଢ଼ୁଥିଲି ବୋଲି ଜଣାଯିବ, କିନ୍ତୁ କନକ ଗଉଣୀ ଆସିବାର ନ ଜାଣିଥିଲା ପରି କହି ଗଲା, "ଯେଉଁପରି ଲଙ୍କା ଗଡ଼ରେ—ଅସୁରୀ ପଲରେ—ଅଶୋକ ବନରେ—ସୀତାଙ୍କୁ ରାବଣ ନେଇ ରଖିଲା ଲୋ, ହାଁ ମୋ ଅପା—ନୂଆବୋଉ—ଖୁଡ଼ୀ—ବଡ଼ମା ମାନେ ଲୋ—ଏହିପରି ଲମ୍ବା କାନ୍ଦଣା କାନ୍ଦିବ ନା—ଲଜ୍ଜା କଲେ କଣ ହେବ ! ପଦେ ପଦେ ଏଇଥିରୁ ଯୋଖି ଦେଲେ ସିନା କାନ୍ଦିଲା ବୋଲି କହିବେ—ଆଉ—" ଗଉଣୀ କହିଲା, "ଈଃ, ଏଇମିତି ହଉଚ ପରା ! ସେଇଥି ପାଇଁ ପରା ଦଶାମୁହିଁଟା ସବୁବେଳେ ତୋ କଣ୍ଠରେ ପଶିଚି !" ରଙ୍ଗୀ କହିଲା, "ନୂଆବୋଉ ବଡ଼ ଜଣେ ! ମୁଁ କଣ ତମ ପାଖରୁ କାନ୍ଦଣା ଶିଖିବା

Digitized by srujanika@gmail.com

ମନେ ମନେ ।

ପାଇଁ କହୁଥିଲ ନା—ମୁଁ କାହାଁକ କାନ୍ଦଣା ଶିଖଛି, ହଁ ।” ଗଉରୀ କହିଲ “ନାଇଁ, କଣ୍ଡୁ ଜାଣି ନାହୁଁ—ଅଜାଣୀ ଚମ୍ପାଟି ମୋର ! ବାହା ହବା ପାଇଁ ଖାଲ ଗୋଡ଼ ବଢ଼େଇକର ଅଛୁ ! ଜାଣିଚଭୁରାଟିଏ ! ହଇ ଲୋ, ହଇ ଲୋ, ନୂଆବୋଉର ଭୂ କଣ ହବୁ କ ? ସତେ ବହୂ, ରଙ୍ଗୀ ତୋ ନୂଆବୋଉ ହେଲ ନା ?” କନକ କହିଲ, “କେଉଁଠି ହଉଚ ଅପା ? (ଗଉରୀ ଠାର ଦେବାରୁ)—ହଁ ହେଲେ ନାହିଁ ଆଉ କଣ ! ମୋର ନୂଆବୋଉ ତ—ଠିକ୍ କଥା । ଏବେ ଏଣିକ ନୂଆବୋଉ ବୋଲ ଡ଼ାକମି ।” ରଙ୍ଗୀ କନକ ପିଠିପଟେ ଯାଇ କନକର ମୁକୁଳା ବାଳକୁ ଘୁଳାପୁଳା କର ଭଉଥାଏ । କିନ୍ତୁ କନକ ନ ଛାଡ଼େ । ବାହାଘର ପ୍ରସଙ୍ଗ ପୂର୍ବରୁ କନକ ରଙ୍ଗୀକୁ ନୂଆବୋଉ ବୋଲ ଥଟ୍ଟା କରୁଥିଲେ ମଧ, ତା ପରଠୁଁ ସେ କଥା କୁଆଡ଼େ ଭୂଲ ଯାଇଥିଲ,—ହଠାତ୍ ଗଉରୀ କଥାରେ ତା ଆଗରେ ଯେପର ଗୋଟାଏ ସୁଖର ସ୍ୱପ୍ନରାଜ୍ୟ ଖୋଲ ହୋଇଗଲ । ‘ନୂଆ-ବୋଉ, ନୂଆବୋଉ’ ବୋଲ ଡାକ, ତାକୁ ବୁଲାଇ ଭିଡ଼ ଆଣି, କୋଳ ଉପରେ ପକାଇ ଆବେଗରେ ଚୁମା ଖାଇଲ । ରଙ୍ଗୀ ଝଟ ବୁଲପଡ଼ ମୁହଁଟା ତା କୋଳ ଭିତରେ ପୂରାଇ ଲୁଚ ରହିଲ— ଅନେକ ବେଳଯାଏଁ ସେଠୁ ବାହାରଲ ନାହିଁ ।

ଏହିପର ସମୟରେ ସ୍ୟାଉ଼ୁ ନଧିବୋଉ ଆସି କହିଲେ, “ଭଦ୍ରକରୁ ବାମନ ଫେର ଆସିଛନ୍ତି, ବହୂ ତମ କଣକ ସର କ ଛଟି ଦେଇଚ, ନଅ, ପଡ଼ ।” ଯୂ କହ ବୁଢ଼ୀ ବରସ ଭାବରେ ସେଠାରୁ ବାହାର ଚାଲଗଲେ । ଗଉରୀ ଧଡ଼ପଡ଼ ହୋଇ ଉଠି

Digitized by srujanika@gmail.com

ମନେ ମନେ ।

ପଚାରିଲା, "ବୋଉ, କଣ ହେଲା ? ଟିକିଏ କହ ଯା ଭଲା ! ନାଇଁ —ସେ କଣ ଶୁଣିବ କି । ବହୂ, ତୁ ପଢ଼ିବୃତି—କଣ କଥା ।"

କନକ ଇତିମଧ୍ୟରେ ଚିଠି ଖୋଲି ଧାଡ଼ିଏ ଦିଧାଡ଼ି ପଢ଼ି ପ୍ରଧାନ କଥାଟି ଜାଣି ସାରିଲାଣି । ଶାଶୁଙ୍କ ମୁହଁଭାବ ଓ କଥାରୁ ମଧ୍ୟ ସେ ଏବଂ ଗଉରୀ ଦୁହେଁ ଏଇଆ ଆଶଙ୍କା କରି ସାରିଥିଲେ । ଗଉରୀ ମଧ୍ୟ ଆସି କନକ ପାଖରେ ଚିଠି ପଢ଼ିବାକୁ ଲାଗିଲା । ରଙ୍ଗୀ ବି ଦେଖାଦେଖି ଆସି ଚିଠି ଉପରେ ଝୁଙ୍କି ପଡ଼ିଲା । ଗଉରୀ ଚିଡ଼ି ଉଠି କହିଲା, "ମରୁ ନାହୁଁ । ବାହାରର ଖବର ଶୁଣିବା ନାଗି କଅଣ ହଉଚି ସିଏ ! ଦେଖିଲୁ ଦେଖିଲୁ ? ଏବେ ହେଲା ? ତୋ ଭାଇଟା ମନା କରୁଛି ତତେ ଆଉ ନବ ନାହିଁ, ଯା ।" ରଙ୍ଗୀର କୌତୁହଳ ଦପକରି ଲିଭିଗଲା । ସେ ବଚୁଆ କିଛି କହି ନ ପାରି ସେଠାରୁ ଦୌଡ଼ି ପଳାଇଗଲା । ଗୋଟାଏ ଅଗଣା ପାରି ହୋଇ ଆଉ ଗୋଟାଏ ପରସ୍ତରେ ପଶିଲା ବେଳକୁ ହଠାତ୍ ପୁଣି ନାଥବାବୁଙ୍କୁ ହାବୁଡ଼ିଲା । ଝଟ୍ ଜିଭ କାମୁଡ଼ି ପକାଇ ସେ ସେଠାରୁ ଫେରିଲା, କିନ୍ତୁ ସେଇତକ ଭିତରେ ସ୍ପଷ୍ଟ ବୁଝିନେଲା ଯେ, ବୋଉକୁ ଭାଇ କାହିଁକି କଣ ବୁଝାଉଅଛନ୍ତି । ଦୁହିଙ୍କ ମୁହଁ ଶୁଖି ଯାଇଛି—ବିରସ ବିରସ ଭାବ । ତେବେ କଣ ସତେ ବାହାଘର ବନ୍ଦ ହେଲା ! ବାହାଘର ବନ୍ଦ ହେବା କଥା ଭାବିବା ମାତ୍ରକେ ରଙ୍ଗୀର ମନଟା କାହିଁକି ଚୂନା ହୋଇଗଲା ! ଆହା, ବିଚୁଆ କେତେ କାନ୍ଦଣା ଶିଖିଥିଲା ଆଉ କଣ ହେବ, କିଆଁ ନା ଚୂଲି ! ତା ମନଟା ଫାଟିଯିବା ଯୋଗରୁ ତାକୁ ଭାରି ଅଡ଼ୁଆ ଅଡ଼ୁଆ, ଲାଜ ଲାଜ ଲାଗିଲା । ସେ ପଳାଇ ଯାଇ ଗୋଟାଏ ଖାଲି ଘରେ କବାଟ କିଳି ପଶିଲା ! ବାହାଘର ପ୍ରସଙ୍ଗ

Digitized by srujanika@gmail.com

ମନେ ମନେ ।

ଲାଗିଥିଲା ବେଳେ ତାଙ୍କୁ ଯେଉଁ ଲାଜ ସ୍ପର୍ଶ କରି ନ ଥିଲା, ବର୍ତ୍ତମାନ ଭାଙ୍ଗିଯିବା କଥାରେ ସେଇଟା କପରି କୁଆଡ଼ୁ ଆସି ତା କ୍ଷୁଦ୍ର ମନଟିକୁ ଏକାବେଳକେ ଅଧିକାର କରି ବସିଲା । ସେହିଠାରେ ସେହିପରି ଭାବରେ ସେ ମୁହଁରେ ଲୁଗା ଦେଇ ଚୁପ୍ କରି ବସି କଣ ସବୁ ଭାବିବାକୁ ଲାଗିଲା । ଆଜି ରଙ୍ଗୀର ଏ କି ଭାବ !

ସ୍କୁଲ୍ ଛୁଟି ପଡ଼ିସାରି କନକ ଓ ଗଉରୀ ଦୁହେଁଯାକ କିଛି କ୍ଷଣ ଚୁପ୍ କରି ରହିଲେ । ପରେ କନକ ହଠାତ୍ କହିଲା, "କିଛି ଡର ନାହିଁ ଅପା, ନୂଆବୋଉ ଲେଖିଚି—ନିଶ୍ଚେ ହବ ! ମାଳୁଭାଇ ମଙ୍ଗୁ ନାହିଁ ବୋଲି ତ କଉଁଠି ଲେଖି ନାହିଁ । ଦେଖ, କଣ ହଉଚି ।" ଗଉରୀ କହିଲା, "ଆଚ୍ଛା ହଉ, ମୁଁ ବୁଝି ଆସେଁ ବାମନ ଅଛି କି କଣ; ଦେଖେଁ, ତାଠଉଁ ସବୁ ଖବର ଜଣା ପଡ଼ିବ ।" ଏହା କହି ଗଉରୀ ସେଠାରୁ ଯାଇ, ଯେଉଁଠି ମା ପୁଅ ଦୁହେଁ ବସି ବାମନଠଉଁ ଠିକଠିକ କରି ସବୁ କଥା ବୁଝୁଥିଲେ ସେଇଠି ଦୁଆର ପାଖରେ ଆଡ଼ୁଆଳରେ ଛିଡ଼ା ହେଲା । କିଛିକ୍ଷଣ ପରେ କନକ ମଧ୍ୟ ଆସି ତା ପାଖରେ ଛିଡ଼ା ହେଲା ।

ବାମନ କହୁଥାଏ, "ନାଇଁ ବାବୁ, ମୁଁ କଣ ଏଡ଼େ ଓଲୁ ହେଇଚି ! ନା, ନା, ସେ ବାବୁର ଇଚ୍ଛା ନୁହେ—ମୁଁ ସଫା କହି ଦଉଚି ! ଯଉଁଦିନ—ମୁଁ ଗଲାବାସି—ହରି ବାବୁ ତାଙ୍କୁ ଏ ବିଷୟ ସଫା ସଫା କରି କହିଲେ; ସେ ଦିନ ତାଙ୍କୁ ଦେଖିଥାନ୍ତି କି, କହନ୍ତି ! ଯେତେ କହିଲେ କଣ ହବ ନା, ଯେତେ ବୁଝେଇଲେ କଣ ହବ—ସେଇ 'ନା' ତ ! ମୁହଁଟାକୁ ତଳକୁ କରି ବସିଥାନ୍ତି—ଖାଲି 'ନା' ଛଡ଼ା ଆଉ କିଛି କଥା ନ ବାହାରେ ଗଲା ! ଫେରେ

Digitized by srujanika@gmail.com

କହିଲେ ପରା—'ଭାଇ, ତମେ ଯଦି ମତେ ଏଥିରେ ବଳେଇବ, ତା ହେଲେ ମୁଁ ପଳେଇବି କଟକ, ଆଉ ଆସିବି ନାହିଁ ।'

ନିଧି—ଆରେ ଯା ମ, ମାନ୍ତୁ କଣ ଏମିତି କେବେ କହିବ । ଯାଃ—

ବାମନ—ଆଚ୍ଛା ହଉ, ମୋ କଥା ଯଦି ମିଛ ହେଲା—ହେଲା, ତେବେ ଫେରେ ପଛକୁ ଶୁଣିବ ନାହିଁ କି ! କି ଖୁଡ଼ୁ, (ଗଉରୀବାବୁ ପ୍ରତି) ତମ ଝିଆରୀ ସିନା 'ହବ' ବୋଲି କହିଛନ୍ତି, ମୋତେ ଏକା ବିଶ୍ୱାସ ନାହିଁ ! ଯା ହଉ, ଏବର୍ଷ କଥା ତ ମିଛ—ତାଙ୍କର କିଏ ସେ ଗୋଟାଏ ମରିଗଲା ପରା, ମୁଁ ଆସିଲାବେଳେ ଶୁଣି ଆସିଲି ।

ନିଧି—କିଏ ମଲା ! କିଏ ମ ? ଏତେବେଳଯାଏଁ ଏ କଥା କହୁ ନାହଁ ? ତାଙ୍କ ନାଁ କଣ ?

ବାମନ—କଣ, ଭଲ ମଜାର ନାଁ ତ ! ଓଃ, ମାନ୍ତୁଙ୍କର ଭଉଣେଇ ନା କଣ ହୁଅନ୍ତି ସେ । ଜର ହୋଇଥିଲା । ଏଥି ପାଇଁ କରି ମାନ୍ତୁ ବାବୁ କଣ ତମ ଶଶୁରଘରେ ଦଣ୍ଡେ ରହିଛନ୍ତି କି । ସେଇ ତାଙ୍କର ପାଖର କାଳେ—

ନିଧି—ଓଃ, ନତେଇ ବାବୁ ହେବେ ପରା ! ସେ କଣ,—ସଂତେ ! ଆଚ୍ଛା, ତମେ ଠିକ୍ ଖବର ଶୁଣିଛଟି କି ?

ବାମନ—ମଲା, ସ୍ୱା ନାଁ ଗୋଟାଏ କଥା ଅବସ୍ଥା ! ମୁଁ ପରା ବାହାରୁଥିଲି, କିଏ ଗୋଟାଏ ତାଙ୍କର ଚିଠି ଆଣି ଦେଇଗଲା, ବଟୁଆରେ ରଖିଲି । ଗୁଣ୍ଡିଟିପାଏ ନେଇ ପାଟିରେ ପକେଇ ଯେମିତି ଗୋଡ଼ କାଢ଼ିଛି, ସେମିତି ସ୍ୱାନ୍ତୁ ଗୋଟାଏ କିଏ ଧାଇଁ ଧାଇଁ ଆସି "ହରି କାହାନ୍ତି, ହରି କାହାନ୍ତି" ବୋଲି ଡାକ ଛାଡ଼ିଲା । ମୁଁ

Digitized by srujanika@gmail.com

ମନେ ମନେ ।

ଘରୁ ଉଠିଲି, "କଥା କଣ ।" ସେଇ ପରା କହିଲେ, "ନାଟେଇ ବାବୁ ମରିଗଲେ ।" ହଁ, ନାଟେଇ ବାବୁ ତ ! ଠିକ୍ ଠିକ୍—ମାନ୍ତୁଙ୍କ ଢ଼ଣେଇ ! ମୁଁ ପରା 'ଜୟ ମା ଚଣ୍ଡଭୈରବୀ' ବୋଲି କହି ସାଙ୍ଗେ ସାଙ୍ଗେ ବାହାରି ପଡ଼ିଲି; ଭାବିଲି—ଏଥର ଯିବା ସଫଳ ହେଲା ! ଏଥର ଫେରିଲା କ୍ଷଣି ପୁଣି କୁଆଡ଼କୁ ନିଶ୍ଚେ ଯିବାକୁ ପଡ଼ିବ ! କହୁଚ ପରା—'ହେଁଃ, ଶବ ଶିବାଃ କୁମ୍ଭା ହା ।'

ନିଧି—ଆଚ୍ଛା ହଉ, ସେ କଥା ବୁଝିବା । ତେବେ ଯା, ଖିଆ-ପିଆ କର ।

ବାମନ ଅନିଚ୍ଛା ସତ୍ତ୍ୱେ ଉଠ୍ ଉଠୁ କହିଲେ, "ହଁ, ନ ଯିବ ଏପରି ଗୋଟାଏ କଥା ! ତମ କାମ ପାଇଁ ମୁଁ ଦା ଆଉ କଣ ! ନ ଖାଇ ନ ପିଇ ମୁଁ ଲାଗିବ ନେଇଁ ତ କଏ ଲାଗିବ । ଯିବନାହିଁ ? ଏଇନାଗେ କହିଲେ ଏଇନାଗେ ଯିବ ।"

ବୁଢ଼ୀ କହିଲେ, "ହିଁ, ହିଁ, ତେବେ ବାମନ କଣ ସେମିତିକା ! ହଉ ହଉ, ଯା ଯା, ତେବେ ଗଣ୍ଡାଏ କଣ ଖାଇବ ଯା ।"

କନକ ଗଜପତିକୁ କହିଲା, "ଅପା, ଉଠୁଥିଲି, ଜାତକ ପଢ଼ିଚକି ନାହିଁ ।" ଗଜପତି ବାହାରି ଆଡ଼ୁ କହିଲା, "ହଇରେ କନ୍ ଜାତକ ପଢ଼ିଚ ତ ?" "ହଁ ଜାତକ ଖୁବ୍ ଭଲ ପଢ଼ିଚ ରାଜଯୋଟକ, ଏକା ରାଶି ତ ।" ବୁଢ଼ୀ କହିଲେ, "ହଁ, ସତେ ସେ ଟୋକି ଭାଗ୍ୟରେ ଥିବ, ସେଠି ହବ ! କେଏ ଜାଣି, ମତେ ତ କେମିତିକା ଲାଗୁଚି । ହଇରେ ପୁଅ ଆଉ କୁଆଡ଼େ କଣ ଦେଖିବୁ ନା କଣ ?"

ନିଧି—ନାଇଁ ମ. ସର ଅପା ଦେଖିଚୁ କଣ ଶୁଣିଲୁ ପରା ? ନିଶ୍ଚେ ନିଶ୍ଚେ ସେଇଠି ହବ ।

Digitized by srujanika@gmail.com

ବୁଢ଼ୀ—ସ୍ୱାଡ଼େ ଫେରେ କଏ ମଲଣି ପଶ ରେ ଏ ସାଲ ତ ତା ହେଲେ ଆଉ ହୋଇପାରିବ ନାହିଁ ।

ନିଧି—ଏ ସାଲ ନୋହିଲା ନାହିଁ । ଭଙ୍ଗୀର କଣ୍ଠ ଏବେ ବୟସ ଗଡ଼ ଯାଉଛି । ତେମେ ସବୁ ଚାଲ କହକ, ଦେଖାଯିବ, ମୁଁ ଦେଖିବି ମାଲ୍ କେମିତି ବାଧା ନ ହେବ ! ଭଙ୍ଗୀକ ସେଠି ଇସ୍କୁଲରେ ଭର୍ତ୍ତି କରିଦେବି । ସେ ଭଲକରି ପାଠଶାଠ ପଢ଼ୁ; ଦେଖାଯିବ—

ବୁଢ଼ୀ—ହଁ, ତୋ କଥା ତୁ ଜାଣୁଚରେ ପୁତ ! ମତେ ପଇଁଠିକି ନବୁ ନେ—ଗାଡ଼କୁ ଗଲା ଆଗରୁ ଯିମିତି ଭଙ୍ଗୀଟି ପାର ହୋଇ ଯାଇଥାଏ, ଏଇଯା ଭଲ କର !

ଏହା କହି ବୁଢ଼ୀ ମନେ ମନେ କଣ ବର୍ ବର୍ ହେଉଁ ହେଉଁ ସେଠାରୁ ଚାଲିଗଲେ ।

ନିଧି ବାବୁ କହିଲେ, "ଅପା, ଟିକଏ ଚାଲିଗୁଟି ମ୍ୟାଡ଼କୁ ପ୍ରଣ୍ଡିତଙ୍କ ସାଙ୍ଗେ ବିଚାର କରିବା ।" ଏହା କହି ସେଆଡ଼କୁ ଆସିଲେ, କନକ ଧଡ଼ପଡ଼ ହୋଇ ସେଠାରୁ ପଳାଇଗଲା । ବାବୁଟା—ଛିଃ !

(୨)

ବାମନ ପ୍ରକୃତ କଥା କହିଥିଲା—ନୀଳୁଙ୍କର ଇଚ୍ଛା ନାହିଁ । ସେ ଭଦ୍ରକରେ ପହଞ୍ଚି ହରିବାବୁ ବା ସରସ୍ୱତୀ ଦେଈ କାହାରି ସହିତ କଥାବାର୍ତ୍ତା ହେବାର ବ ସମୟ ପାଇଲେ ନାହିଁ; ନିଜେଇ ବାବୁଙ୍କର ପ୍ରାପ୍ତ ଶେଷ ଅବସ୍ଥା, ତେଣୁ ତାଙ୍କର ସେବା ଶୁଶ୍ରୂଷାରେ ଲାଗିଗଲେ । ତହୁଁ ଆର ଦିନ ଜାତକପତ୍ର ମିଳାଇସାରି ହରି ବାବୁ ନୀଳୁ ବାବୁଙ୍କୁ ଡକାଇ ଏ ପ୍ରସଙ୍ଗ ଉଠାଇଲେ । ପ୍ରଥମତଃ ନୀଳୁ ବାବୁ ନିଜେଇଙ୍କ

Digitized by srujanika@gmail.com

ମନେ ମନେ ।

କେହ କଥାରେ ପ୍ରସଙ୍ଗଟାକୁ ଉଡ଼ାଇ ଦେବାକୁ ବସିଲେ, ପରେ ବାଧ ହୋଇ ହବାହରେ ତାଙ୍କର ପୂର୍ଣ୍ଣ ଅନିଚ୍ଛା ଯଥାସମ୍ଭବ ନରମ ଭାବରେ ହରବାବୁଙ୍କୁ ଜଣାଇ ଦେଲେ ଓ ଏ ବିଷୟରେ ଆଉ କଥା ଉଠିଲେ ସେ କଟକ ପଳାଇବେ—ଫେରିବେ ନାହିଁ ଏହା ମଧ୍ୟ ଶୁଣାଇଦେଲେ । ହର ବାବୁ ସବିଷୟରେ ଏସବୁ ସରସ୍ଵତୀ ଦେଈଙ୍କୁ କହିଲାରୁ ସେ ବଡ଼ ଗୋଟାଏ ହସ ହସି କହିଲେ, "ଆଚ୍ଛା ହଉ ଦେଖାଯିବ ! ବା' ହେବେ ନାହିଁ—ବଇଷମ ହେବେ, ନାଇଁ ? ତମକୁ ତ ମୁଁ ଦେଖିଲି ଗୋଟାଏ—ଆହା, ବୁଦ୍ଧି—ତମେ ହି ତା କଥାରେ ପଲକେ ବୁଝିଗଲ । ଏମିତି ମଣିଷ ଜନମ କାହିଁକି ବିଧାତା ଦେଇଥିଲା । ତମେ ଯିବନ୍ତ—"

"ନାଇଁ, ନାଇଁ ମୁଁ ତାକୁ କିଛି କହି ପାରିବି ନାହିଁ । ଯାହାଉ କାଚେଇର ଏ ଦଶା, ନାଃ, ସେ ବ୍ରାହ୍ମଣକୁ ବିଦା କରିଦିଅ; ପରେ ଦେଖିବା ।"

"ଓଃ, ଇଏତ୍ତ ପରେ ଦେଖିବେ ! ତମକୁ ମୁଁ କିଛି କହିବାକୁ କହୁନାହିଁ, ତମେ ଖାଲି ମନ୍ନୁକୁ ମୋ କତିକି ଡାକଦେଲ, ଗଲ । ମୁଁ କହି ଦଉଚି ସାଙ୍ଗେ ସାଙ୍ଗେ । ହ, ଯା ଯା କହିଲ ! ତାଙ୍କ ହିହ କଥା; ସେଇଟା ବା ଗୋଟାଏ କଥା; ନହେଲେ, ବା' ହିବ ନାହିଁ—ହବ ନାହିଁ ନା ହବ ନାହିଁ !"

"ହଉ, ମୁଁ ପଠେଇ ମନ୍ନୁକୁ ଡାକ ଦଉଚି, ମୁଁ ଆଉ ଏ କଥାରେ ପଦେ ହି ପାଟି ଫିଟେଇ ପାରିବି ନାହିଁ ଜାଣିଥା ।"

ଏହା କହି ହରି ବାବୁ ନିଜେଇଙ୍କ ଘର ଆଡ଼କୁ ବାହାରି ଗଲେ । ଏଠାରେ କାଲି ଯାହା ହାଲ ଦେଖିଲେ, ସେଥିରେ

Digitized by srujanika@gmail.com

ମିଲୁକୁ ଆଉ କିଛି କହିବାକୁ କି ଡାକିବାକୁ ତାଙ୍କର ଆଉ ମନ ବଳିଲା ନାହିଁ । ନିତେଇଙ୍କ ଅବସ୍ଥା ନିହାତ ଖରାପ—ଡାକ୍ତର ଡବଲ ନିମୋନିଆ ବୋଲି କହି ନିରାଶ ହୋଇ ଚାଲିଯାଇଛି । ମିଲୁ ବି ହତାଶ ହୋଇ ବସିଛି । ସେ ଟିକଏ ଖଣ୍ଡେ ସେଠାରେ ରହି ଚୂପ୍‌କରି ଫେରି ଆସି ପତ୍ନୀଙ୍କୁ କହିଲେ । ବାନମକୁ ବିଦାୟ କରି ଦେବାର ସ୍ଥିର ହେଲା । ସରସ୍ୱତୀ ଦେଈ କଣ ସବୁ ଚିଠି ଲେଖିଲେ କନକ ପାଖକୁ । ବ୍ରାହ୍ମଣ ହରି ବାବୁଙ୍କୁ ଗୋଟାଏ ମାଷ୍ଟ୍ର ଜବାବ ପାଇଁ ତେରି କରୁଥିଲେଇଲା, କିନ୍ତୁ ହରି ବାବୁ ଖାଲି 'ପରେ ଦେଖାଯିବ' ବୋଲି କହି କ୍ଷାନ୍ତ ହେଲେ । ତହିଁ ଆରଦିନ ବଡ଼ ସକାଳୁ ବାମନ ଏକପ୍ରକାର ନିରାଶ ହୋଇ ଫେରିଲା ।

ଠିକ୍ ସେତିକବେଳେ ହରିବାବୁ ଅନେକ ଉକାହକାରେ ବାହାରି, ନିତେଇଙ୍କ ମୃତ୍ୟୁ ଖବର ଶୁଣି ତାଙ୍କ ଘରଆଡ଼କୁ ଗଲେ । କାଲି ରାତିରେ ଶେଷ ଥର ନିତେଇଙ୍କୁ ଦେଖିବାକୁ ଗଲାବେଳେ ନିତେଇ ଟିକଏ କଥା କହି ପାରୁଥିଲେ ଓ ମିଲୁକୁ ଦେଖାଇ ହରି ବାବୁଙ୍କ ଜିମା କରି ଦେଇଥିଲେ । ସେତେବେଳେ ମିଲୁ ଓ ହରି ବାବୁ ଦୁହେଁ କାନ୍ଦି ପକାଇ କୁଣ୍ଢାକୁଣ୍ଢି ହୋଇ ପୁଣି ଥରେ ଭାଇ-ସମ୍ପର୍କ ଗାଢ଼ କରି ନେଇଥିଲେ । ହରି ବାବୁ ଆହୁରି ମଧ୍ୟ ଦେଖି ଥିଲେ ଯେ ସେତେବେଳ ପର୍ଯ୍ୟନ୍ତ ନିତେଇଙ୍କ ଭାଇମାନେ କେହି ସେଠାକୁ ଶୁଭାଗମନ କରି ନାହାନ୍ତି । ଆଜି ପାଇଁ ଦେଖିଲେ, ସମସ୍ତେ କେତେବେଳୁଁ ଆସି ସତ୍କାରର ଯଥେଷ୍ଟ ଆୟୋଜନ କରି ପକାଇଲେଣି । ନିତେଇଙ୍କ ଘରବାଡ଼ି ମିଲୁଙ୍କୁ ଦେବାପାଇଁ ତାଙ୍କର କ୍ଷୋଳପଣ ଇଚ୍ଛା ଥିଲେ ମଧ୍ୟ ହରି ବାବୁ ସେଥିରେ ରାଜୀର

Digitized by srujanika@gmail.com

ମନେ ମନେ ।

ଝଞ୍ଝଟ ବୋଲି ତାଙ୍କୁ ବାରଣ କରିଥିଲେ । ମାଲୁ ବାବୁ ମଧ୍ୟ ଏ କଥା ଶୁଣି ହସି ହସି କହିଲେ, "ମୋର କଣ ହେବ ଘରବାଡ଼ି ଆଜି ! କାହିଁକି ଗୋଟାଏ ବଳେଇ ମୁଁ ମୁଣ୍ଡରେ ନେବି !" ଭୁଜଙ୍ଗାଙ୍କୁ ତ ଦେଶ ଭଗାରିପୁା କଥା । ହରି ବାବୁ ମାମଲତକାର ହେଲେ ବି ସେଥିରେ ଆଉ ବଳାଇଲେ ନାହିଁ । ସେ ତ ଜାଣନ୍ତି ମାଲୁ ସେଥିରେ ପଶୁ କି ନ ପଶୁ ମାଳମକଦମାର କିଛି ସୀମା ରହିବ ନାହିଁ ! ମାଲୁ ଭାବିଲେ, "ଗଲା, ଯେଉଁ ଟିକିଏ ବନ୍ଧନ ଆପଣାର ବୋଲି ମୋର ଥିଲା, ସେତକ ଗଲା । ଯାଉ ମୁଁ ମୁକ୍ତ, ସ୍ୱାଧୀନ !" ଦଶାହ ଶ୍ରାଦ୍ଧ ଇତ୍ୟାଦି ବହୁ କଷ୍ଟରେ କୌଣସିମତେ ହୋଇଗଲା । ହରି ବାବୁ ଗୁପ୍ତଭାବରେ ମାଲୁଙ୍କୁ କିଛି ଅର୍ଥ ସାହାଯ୍ୟ କଲେ । କିନ୍ତୁ ନିତେଇଙ୍କ କାର୍ଯ୍ୟ ପାଇଁ ମାଲୁ ସେ ଟଙ୍କା ବ୍ୟୟ କରି ପାରିଲେ ନାହିଁ; କାରଣ ତାଙ୍କ ଭାଇମାନଙ୍କ ମଧ୍ୟରୁ ସମସ୍ତେ ଏଇନାଗେ ଟଙ୍କା କାଢ଼ି ଦେବାକୁ ଆଗେଇ ବସିଛନ୍ତି । ଯାହା ଟଙ୍କାରେ କାର୍ଯ୍ୟ ହେବ; ତାହାରୁ ଟିକିଏ ହେଲେ ଦାବି ରହିବ, ନିତେଇଙ୍କ ଅଂଶ ଉପରେ । ଏଥିକି ମାଲୁଙ୍କ ଟଙ୍କା କେହି ସ୍ପର୍ଶ ବି କଲେ ନାହିଁ ! ଏଗାର ଦିନରେ ବିମୁଖ ହୋଇ ମାଲୁ ଚିରଦିନ ପାଇଁ ସେ ଘରୁ ବିଦାୟ ହୋଇ ଆସି, ହରି ବାବୁଙ୍କ ଘରେ ରହିଲେ ଓ ସେହିଠାରେ ସାମାନ୍ୟ ବ୍ରାହ୍ମଣ ଭୋଜନଟିଏ କରିଦେଲେ । ନିତେଇଙ୍କ ଭାଇମାନେ ଆଖି ଠାରାଠାରି କରି ହସୁଥାନ୍ତି ।

ହରି ବାବୁଙ୍କ ସହିତ ମାଲୁର ବନ୍ଧନ ଦୃଢ଼ରୁ ଦୃଢ଼ତର ହୋଇ ଆସିଲା । ସେ ତାଙ୍କ ଘରକୁ ଆସିଲାବେଳୁ ନୂଆବୋଉଙ୍କର ଆଉ ଗୋଡ଼ ତଳେ ଲାଗୁ ନାହିଁ—କେତେ ଆଦର ଯତ୍ନରେ ତାଙ୍କୁ

Digitized by srujanika@gmail.com

ଖୁଆଇ ପିଆଇ, ସେ ଗୋଟିଏ ଦିନରେ ତାଙ୍କୁ ବଶ କରି ପକାଇ-ଲେଣି । ଏବେ କଟକ ଯିବା କଥା; ନୂଆବୋଉ କନ୍ତୁ ଆଜକାଲି କରି ଦୁଇ ଗୁରି ଦିନ ଡେରି କରିଦେଲା ! ଶେଷରେ ଯିବାଦିନ ଆସିଲା । ନୂଆବୋଉ କଣ୍ଟୁ ପାନ ଓ ଦଶଟି ଟଙ୍କା ଆଣି ମାନ୍ତୁଙ୍କ ହାତରେ ଦେଇ କାନ୍ଦଲା ପରି ହୋଇ କହିଲେ, "ମାଳ, ତେମେ ଆଉ କେତେ ପଢ଼ିବ ? ଏବେ ଥାଉ ଓକିଲାତିଟା ଭଲା ପଢ଼ି ଥାନ୍ତ; ଚଞ୍ଚଳ ଏଠିକି ବାହାରି ଆସନ୍ତୁ ହେବେଲେ ! ଆଉ ଏ ଖାଲି ଘରେ କେତେ ଦିନ 'ଶୁଖିଲାରେ ରହିବ ! କର୍ତ୍ତା ତ ଅନ୍ଧାର କରିଦେଇ ଗଲେ । ତେମେ ଭଲା ଚଞ୍ଚଳ ବାହାଟିଏ ହୋଇ, ଗୋଟିଏ ବୋହୂ ଆଣିଦିଅନ୍ତ !" ମାନ୍ତୁ ହଠାତ୍ କନକର ଅନୁପସ୍ଥିତି ଉପଲବ୍ଧି କରି ହୃଦୟରେ ଗୋଟିଏ ଉତ୍ତାଳ କ୍ରନ୍ଦନରୋଳ ଅନୁଭବ କରୁ କରୁ ଏ ଶୂନ୍ୟ ଗୃହଟି ପ୍ରତି ସକରୁଣ ଦୃଷ୍ଟି ନିକ୍ଷେପ କଲେ । ଏଇ ଦୁର୍ଦ୍ଦାନ୍ତ ନୂଆବୋଉଟିର ଦୁଃଖ ବୁଝିଲେ; ନୀରବରେ ଅଳ୍ପ ଦୂରରେ ବସି ବିଷଣ୍ଣ ଭାବରେ ତାଙ୍କର ଆଡ଼କୁ ଗୁହିଁଥିବା ହରିଭାଇଙ୍କ ମନକଥା ବି ବୁଝିଲେ ଓ ତତ୍‌ସଙ୍ଗେ ନିଜ ଅନ୍ତରର ପ୍ରଖର ଦାହଭୂମିପ୍ରାୟ ଭୀଷଣ ଦୃଶ୍ୟ ମଧ୍ୟ ଦେଖିଲେ ! ମନେ ହେଲା—ହାୟ, ଏ ସଂସାରରେ କିଏ କାହାର ! ତେବେ ସ୍ନେହ ପାଇଁ, ଯତ୍ନ ପାଇଁ, ଅଦମ୍ୟ ପିପାସାରେ ପ୍ରାଣ କାହିଁକି ହାହାକାର କରେ ! ତେବେ ମନୁଷ୍ୟ ମନୁଷ୍ୟ ପାଇଁ କାହିଁକି ଅନ୍ତରେ ଅନ୍ତରେ ଝୁରି ମରେ । ତେବେ ସ୍ନେହ, ମମତା, ହୃଦୟ ସମସ୍ତ ସରସତା, ସରାଗ କାହାରି ଉପରେ ଅଜାଡ଼ି ଦେବାକୁ ମନ କାହିଁକି ଏତେ ମାତି ଉଠେ ! ଆଉ ସ୍ନେହ ଦେବାର କି ନେବାର ଲୋକ ଅଭାବରେ ପ୍ରାଣ କାହିଁକି ଶୁଖି ମରୁ-

Digitized by srujanika@gmail.com

ମନେ ମନେ ।

ଭୂମି ପ୍ରାୟ ତପ୍ତ ଶ୍ୱାସରେ ମଣ୍ଡଳ ପଡ଼େ ! ଚିତ୍ତବୃତ୍ତିର ଯେ କାହିଁକ ଊର୍ଦ୍ଧ୍ୱ ଜିହ୍ୱା ହୋଇ ସମସ୍ତ ଭସ୍ମୀଭୂତ କରିଦେବାକୁ 'ହୁ ହୁ' ହୋଇ ଜଳି ଉଠେ !

ମିଳୁ ବାବୁଙ୍କ ଆଖି ଲୁହରେ ଭରିଗଲା । ସେ କହିଲେ, "ନୂଆ-ବୋଉ, ତମେ ତ ଆଜ ମୋର 'ନୂଆ'ବୋଉ ନୁହଁ ଘରର ପୁରୁଣା ହୋଇଗଲଣି । ଏବେ ଆଜ ମୁଁ ନୂଆବୋଉ ବୋଲି ତମକୁ ଡାକିବି ନାହିଁ ଖାଲି 'ବୋଉ' ବୋଲି ଡାକିବି ! ତେମେ ଏକା ମତେ ବହୂ ଫଉ ଆଣିବାକୁ କହିବ ନାହିଁ । ମୁଁ ଆଉ ନୂଆ କହୁ ନୁହେଁ ନାହିଁ—ମୋର ଯାହା ପୁରୁଣା ହୋଇଅଛି, ସେତିକ ମୋର ତେର —ସେତିକ ମୋର ବହୁଭାଗ୍ୟ !" ଏହା କହି ମିଳୁ ବାବୁ ମୁଣ୍ଡିଆ ମାରିବାକୁ ନଇଁ ପଡ଼ିଲେ । ସରସ୍ୱତୀ ଦେଈଙ୍କ ମୁହଁ ଆନନ୍ଦରେ ଉଜ୍ଜ୍ୱଳ ହୋଇ ଉଠିଥିଲା । ସେ ହଠାତ୍ ମିଳୁଙ୍କୁ କୋଳ କରି ପକା-ଇଲେ । ସ୍ୟାଣ୍ଡୁ ହରି ବାବୁ ମଧ ସାଶ୍ରୁ ନୟନରେ ଧାଇଁ ଆସି ତାଙ୍କୁ କୁଣ୍ଢାଇ ପକାଇଲେ । ସର ଦେଈ କହିଲେ, "ଇମିତି କଥା କହି ନା ବାପ । ପିଲାଟା ତୁ, ତୋର ବହୂଟିଏ ନ ହେଲେ କମିତି ହବ ? ହଉ, ଏଇନାଗେ ଯା ପେଟରେ ଗ୍ରୀଷ୍ମ ଛୁଟିକ ଆସିଲେ ଯଉ କଥା । ଚିଠି ଦବୁ ।"

"ନାଇଁ ବୋଉ, ବହୂ ଆଣିବା କଥା ମୋତେ କହିବ ନାହିଁ । ମୁଁ ସେତକ ତମଠଉଁ ମାଗି ନଉଚି । ଗ୍ରୀଷ୍ମ ଛୁଟିକ ଆସିବି ।" ଏହା କହି ମିଳୁବାବୁ ଦୁହିଙ୍କୁ ଜୁହାର ହୋଇ କଟକ ଯାତ୍ରା କଲେ ।

ଏଥର ହୃଦୟର ବିରାଟ ଶୂନ୍ୟତା କୁଆଡ଼େ ପଳାଇଗଲା, ଗୋଟାଏ ମଧୁର ଆଲୋକରେ ହୃଦୟଟି ପୂର୍ଣ୍ଣ ବିଧୌତ ହୋଇଗଲା—

Digitized by srujanika@gmail.com

ସେଥିରେ ଗୋଟାଏ କୋମଳ ସ୍ପର୍ଶ, ଗୋଟାଏ ଗୋଲାପୀ ଆମୋଦ, ଗୋଟାଏ ମଧୁର ସ୍ପନ୍ଦନ ଓ ଗୋଟାଏ ଅନନ୍ତ ଭାବରାଜ୍ୟର ଦ୍ୱିଧାହୀନ ମୁଗ୍‌ଧ ଅମିୟ ଆସ୍ୱାଦ ! ପାଇବାଠାରୁ ହରାଇଥିଲେ ସେ ବେଶି, ଦେଇଥିଲେ ବି ଶତ ଗୁଣ କରି—ତେବେ, ଏ ପୂର୍ଣ୍ଣତା କାହିଁରୁ ଜାତ ହେଲା ? ତେବେ କଣ ପାଇବାଟା କିଛି ନୁହେଁ—ଦେବା-ଟାହିଁ ସବୁ ! କଣ ଏତେ ବଡ଼ !

ହୋଇପାରେ !

(୩)

କଟକ ଆସିବାରୁ ରଙ୍ଗୀର ଆଖି ଖୋଲିଗଲା । ଗ୍ରାମର ନିର୍ଜନ ଓ କର୍ମହୀନ ଜୀବନରେ ମୁକ୍ତ ହରିଣ ଶିଶୁଟି ପରି ସ୍ୱାଧୀନ ଭାବରେ ଧାଇଁ ଧାଇଁ ବୁଲୁଥିଲେ ସେ; ବଞ୍ଚିବା ସୁଖରେ ବିଭୋର ହୋଇ, ସନ୍ତୋଷ ସ୍ୱଚ୍ଛନ୍ଦତାରେ ଅନ୍ଧ ହୋଇ, କୌଣସି ଅଭାବ ଅଭିଯୋଗ ବା ଗୁରୁତର ଦାୟିତ୍ୱ ନ ଥିବାରୁ ନିର୍ବିକାର ଜଡ଼ତାରେ ମାତୃ-କୋଡ଼ସ୍ଥ ଅବୋଧ ପିଲାଟି ପରି ସରଳ ହସ-କାନ୍ଦ ଗଠିତ କ୍ଷୁଦ୍ର ଜୀବନଟି ତାର ମନ୍ଥର ଅବାଧ ଗତିରେ କଟି ଯାଉଥିଲା । ଅଧୁନା ପରିବର୍ତ୍ତନ ଉପରେ ପରିବର୍ତ୍ତନ ଆସି ତାର କ୍ଷୁଦ୍ର ନୀଡ଼ଟିକୁ ଛିନ୍ନ-ମୟ କରି ପକାଇଲା । ଘରୁ ବାହାର ହେବା ପୂର୍ବରୁ ସେହି ଯେ ବିବାହପ୍ରସଙ୍ଗ ହଠାତ୍ ଉଠି, ତା ହୃଦୟଟିରେ ଶତ ରଙ୍ଗୀନ ଚିତ୍ର କ୍ଷଣକେ ଆଙ୍କି ପକାଇ, ପରକ୍ଷଣରେ ସମସ୍ତ ମୋଟ୍ରାପାଟ୍ଟି ଦେଇ କୁଆଡ଼େ ଉଭାଇ ଯାଇଥିଲା, ସେଇ ତା ଜୀବନର ପ୍ରଥମ ସ୍ୱପ୍ନ, ପ୍ରଥମ ମୋହ, ପ୍ରଥମ ବାଧା ଓ ପ୍ରଥମ ଶିକ୍ଷା । ସେହି ଦିନଠୁଁ ତା ମନରେ ଆଶା ଆଶଙ୍କାର ପ୍ରଥମ ସୃଷ୍ଟି ; ଭୟ ଭ୍ରାନ୍ତି, ଲଜ୍ଜା ସମ୍ଭ୍ରମ,

Digitized by srujanika@gmail.com

ମନେ ମନେ ।

ଶାନ୍ତ ଅଶାନ୍ତ, ପ୍ରବୃତ୍ତି ନିବୃତ୍ତି—ସମସ୍ତଙ୍କର ଜନ୍ମ ସେହି ଦିନଠାରୁ; ହୃଦୟର ବାକ୍‌ସ୍ଫୂର୍ତ୍ତି ହେଉଁ ହେଉଁ ହେଉ ନ ଥାଏ, ଭୃଣ୍ଡ ଲେଉଟୁଁ ଲେଉଟୁଁ ଲେଉଟୁ ନ ଥାଏ,—ତଥାପି, କଥାର ଉନ୍ମେଷ ସେହି ଦିନଠୁଁ । କି ଭୟଙ୍କର ପରିବର୍ତ୍ତନ । ଅଥଚ ରଙ୍ଗୀ ଲେଶମାତ୍ର ଜାଣି ପାରି ନ ଥିଲା କଟକ ଆସିବା ପୂର୍ବରୁ ! କିନ୍ତୁ କଟକ ଆସିବାର ଅଳ୍ପ ଦିନ ଭିତରେ ସେ ଦେଖିଲା, ଜାଣିଲା; ତା ଆଖି ଖୋଲିଗଲା, ଭୃଣ୍ଡ ଲେଉଟି ଗଲା । ତା ଅନ୍ତର ବାହାର ମଧ୍ୟରେ ଏହି କେତେ ଦିନରେ ଯେଉଁ ସୂକ୍ଷ୍ମ ପରଦାଟି ଗଢ଼ିତ ଆସିଥିଲା, ସେଇଟା ଏବେ ତା ଆଗରେ ମୁଗ୍ଧ ମନୋହର କେତେ ଗୁପ୍ତାଚର ଧରି ବସିଲା ! ସେ ସାବଧାନରେ ତାକୁ ହୃଦୟର ଆତୁର ସନ୍ନିକଟକୁ ଟାଣି ଆଣି ବାହାର ଠାରୁ ଅତି ନିଭୃତରେ ଅତି ଦୂରରେ, ଅତି ସଂଗୋପ-ନରେ ରଖିବାକୁ ଚାହିଁଲା । ନାରୀହୃଦୟର ଭାବରାଜ୍ୟର ସୃଷ୍ଟି ହେଲା । ହୃଦୟ ଉନ୍ମୁକ୍ତ କରିଦେଲେ ଏବେ କଥାରେ ତେଉ ଖେଳି ଯାଇ ପାରେ । କଥାର ଆଉ ଅଭାବ ନାହିଁ—କିନ୍ତୁ କଥା କୁହା ହେବ ନାହିଁ ! ପ୍ରବୃତ୍ତି ଓ ନିବୃତ୍ତିର ଯୁଗପତ୍ ଉନ୍ମେଷରେ ରଙ୍ଗୀନ ନବୀନ ପ୍ରାଣ ପୂର୍ତ୍ତି ନାରୀତ୍ୱ ପ୍ରାପ୍ତ ହେଲା । ଏଣେ ବାଜୀକରର ଇନ୍ଦ୍ର ଜାଲରେ ବନ୍ୟା ପରି ଯୌବନ-ବସନ୍ତର ତେଉ ରଙ୍ଗୀର ଅଙ୍ଗେ ଅଙ୍ଗେ ଖେଳି ଗଲାଣି—ପ୍ରତି ଅଙ୍ଗରେ ନବୀନ ଜାଗରଣ, ନବୀନ ପୁଲକ, ନବୀନ କାନ୍ତି, ନବୀନ ଜ୍ୟୋତି —ମାୟାହସ୍ତରେ ଯେପରି କିଏ ସମସ୍ତଙ୍କୁ ମଣ୍ଡିଦେଇ ଯାଉଛି ! ନବ ବସନ୍ତର ପୁଲକିତ ବିକାଶ ବାହାରେ, ଚିର ବସନ୍ତର ସ୍ନିଗ୍ଧ ମଧୁର ଚିତ୍ତ ଅନ୍ତରରେ ଧାରଣ କରି ପଲ୍ଲବିତା ମୁକୁଳିତା ଲତାଟି

Digitized by srujanika@gmail.com

କଳ-କଣ୍ଠ ପିକ ଗାୟକର ତାନଲହରୀ ଅପେକ୍ଷାରେ ମୁଗ୍ଧ ଆବେଗରେ ତଳ ତଳ ପଡ଼ିଲଣି ! ତେବେ ଆସ ରସିକରାଜ ! ତୁମର ଦେଶ, ତୁମର ରାଜ୍ୟ, ତୁମର ପ୍ରଜା ପ୍ରସ୍ତୁତ ! ଏବେ ତାକୁ ଗ୍ରହଣ କରି ସାର୍ଥକ କର !

ଆସ ମାଳୁ—ଏଇ ତୁମର ସ୍ଥାନ ଏଇଠାରେ ତୁମେ ରାଜା !

ମଉଆଳା ମଳୟ ବତାସରେ ହୃଦୟର ପୃଷ୍ଠା ଉଡ଼ି ଉଡ଼ି ଲେଉଟି ଲେଉଟି ଯାଉଛି; ଆଉ ପ୍ରତି ପୃଷ୍ଠାରେ, ପ୍ରତି ପ୍ରଷ୍ଠରେ ଏ କାହାର ଛବି—ଏ କାହାର ସ୍ୱରୂପ ଅଙ୍କିତ ପ୍ରତିବିମ୍ବିତ ଦେଖୁଛି ରଙ୍ଗୀ ? ମାଳୁ, ତୁମର ଏକ ! ପିକବଧୂ ରସାଳମୁକୁଳର ଅନ୍ତରାଳରୁ କାହାର ଆଗମନୀ ଝଙ୍କାର ତୋଳୁଅଛି ? ଋତୁରାଜ, ତୁମେ ଏକା ମାଳୁ ! ରଙ୍ଗୀ ମାଳୁମୟ ପ୍ରାଣ ହୋଇ ନୀରବ ଗାମ୍ଭୀର୍ଯ୍ୟରେ ଦିନାତିପାତ କରେ କେବଳ ସନ୍ଧ୍ୟାରେ ମାଳୁର ଦର୍ଶନ ଲାଭ କରିବ ବୋଲି—ମାଳୁଙ୍କ କଣ୍ଠର ମଧୁର ଜଳଦ ଧ୍ୱନି ଶୁଣିବ ବୋଲି । ବାଳିକା ଇସ୍କୁଲରୁ ଗାଡ଼ି ତାକୁ ବସାରେ ଛାଡ଼ିଦେଇ ଗଲାବେଳେ ସେ ସଲଜ୍ଜ ଅଧୀର ଚରଣରେ ନୂଆବୋଉଙ୍କ ଘର ପାଖ ଦେଇ ନିଜ କ୍ଷୁଦ୍ର ପଡ଼ାଘରଟି ଆଡ଼କୁ ଅଗ୍ରସର ହେଉ ହେଉ ଅତି ପ୍ରତ୍ୟାଶିତ ମାଳୁଙ୍କ କଣ୍ଠସ୍ୱରଟି ଶୁଣି, ଚମକିତ ଓ ପୁଲକିତ ହୋଇ ଆଉ ସେ ଆଡ଼କୁ ଋହିଁପାରେ ନାହିଁ—ଆକଣ୍ଠ କମ୍ପମାନ ଭାବ-- ଆଲୋଡ଼ନ ତାର ସେହି କ୍ଷୁଦ୍ର ପଡ଼ା ଘରଟିରେ ନେଇ ଅବରୁଦ୍ଧ, ସଂଯତ କରି ରଖେ । ମାଳୁଙ୍କର ଯାତାୟାତ ଦିନକୁ ଦିନ ଯେତେ ବଢ଼ି ଉଠିଲା, ରଙ୍ଗୀର ସୁଖ ଦୁଃଖ, ଶିକ୍ଷା ପରୀକ୍ଷା ମଧ୍ୟ ସବୁ ସେତିକି ବଢ଼ି ଉଠିଲା । କିନ୍ତୁ ତା ହୃଦୟର ଖବର କେହି ନେଲେ ନାହିଁ ।

Digitized by srujanika@gmail.com

ଭାଇ ଇସ୍କୁଲରେ ଭର୍ତ୍ତି କରାଇ ଦେଇଥିଲେ; ଶିକ୍ଷିତ ଓ ମାର୍ଜିତ ହେଲେ ସୁପାତ୍ର ହିସାବରେ ମାଲୁଙ୍କ ଯୋଗ୍ୟ ହେବ ବୋଲି । ସେଥିଯୋଗେ ରଙ୍ଗୀ ପ୍ରାଣପଣ ଚେଷ୍ଟାରେ ପାଠ ପଢ଼ିବାକୁ ଲାଗିଲା । ନୂଆବୋଉ ଏ ସବୁ ବନ୍ଦୋବସ୍ତ କରାଇ, ମାଲୁଙ୍କୁ କୌଣସିମତେ ବିବାହରେ ପ୍ରବର୍ତ୍ତାଇବା ପାଇଁ ସଚେଷ୍ଟ ରହିଲେ, ଏକଥା ରଙ୍ଗୀ ତାଙ୍କଠାରୁ ଶୁଣିଥିଲା । ନୂଆବୋଉ ହସି ହସି ତାଙ୍କର ଭାବୀ ନୂଆବୋଉଙ୍କୁ କୋଳ କରି ଗେଲ କଲେ, କିନ୍ତୁ ତା ହୃଦୟର ଘାତ ପ୍ରତିଘାତ ଆଜି ବୁଝିଲେ ନାହିଁ । ବୋଉ ଅପାମାନେ ଅତି ଯତ୍ନରେ, ଅତି ସମାରୋହରେ ମାଲୁକୁ ଆପଣାର କରିବାକୁ ଚାହିଁଲେ, କିନ୍ତୁ ଏହି ଏକାନ୍ତ ଆପଣାର ସାମଗ୍ରୀଟିର ଦଶା ପ୍ରତି କେହି ଦୃଷ୍ଟି ଦେଲେ ନାହିଁ । ସେ କେବଳ ଭାଗ୍ୟ ଉପରେ ନିର୍ଭର କରି ସର୍ବତୋଭାବରେ ନିଜକୁ ପ୍ରେମସ୍ରୋତରେ ଭସାଇ ଦେଲା ।

ରଙ୍ଗୀର ମନକଥା କେହି ନ ବୁଝିଲେ ମଧ୍ୟ, ବୁଝିବାର ଉପାୟ ବି ନ ଥିଲା, ଯେଉଁମାନେ ଦେଖନ୍ତେ ବୁଝନ୍ତେ, ସେମାନଙ୍କର ସମୟ ଓ ସୁବିଧା ନ ଥିଲା,—ରଙ୍ଗୀ କିନ୍ତୁ ସମସ୍ତଙ୍କୁ ବୁଝିଲା, ଚିହ୍ନିଲା—ତା ପ୍ରେମ ପ୍ରଖର ଦୃଷ୍ଟିରୁ କିଛି ଏଡ଼ି ପାରିଲା ନାହିଁ ! ମାଲୁବାବୁ ତଥା କନକ, ଦୁହିଁଙ୍କର ମନକଥା ସ୍ପଷ୍ଟଭାବରେ ରଙ୍ଗୀ ହୃଦୟଙ୍ଗମ କରି ପାରିଲା । ସେଥିରୁ ମାଲୁବାବୁଙ୍କୁ ବିବାହିତ କରାଇବାପାଇଁ କନକର ଯେଉଁ ସଂକଳ୍ପ, ତାହାର ମର୍ମ ମଧ୍ୟ ବୁଝିଲା । ନୂଆବୋଉ ପ୍ରତି ଶ୍ରଦ୍ଧାରେ ତା ହୃଦୟ ଭରିଗଲା । ମାଳୁ ଓ କନକଙ୍କ ମଧ୍ୟରେ ଯେ ଗୋଟିଏ ନିଜର ଭାବ—ଯାହା ଦୁହିଙ୍କୁ ଏକଯୋଗରେ ଟାଣେ, ଆଉ ପରସ୍ପର ପାଇଁ ଗୋଟାଏ ସହଜ, ସ୍ନିଗ୍ଧ

Digitized by srujanika@gmail.com

ମଙ୍ଗଳ କାମନା—ଯାହା ଦୁହିଙ୍କର ବର୍ତ୍ତମାନ ଏକମାତ୍ର ବନ୍ଧନ ଓ ଅବଲମ୍ବନ, ଏ ଦୁଇଟି ମଧ୍ୟରେ ଅବିଶ୍ୱାସର ସ୍ଥାନ ନାହିଁ; ରଙ୍ଗୀ ଅବିଶ୍ୱାସ କଲି ନାହିଁ । ମାଲତୀଙ୍କ ଉପରେ ତାର ଅବିଶ୍ୱାସ ମଧ୍ୟ ନାହିଁ । ଅବିଶ୍ୱାସ ବା କାହିଁକି ଥିବ ? ରଙ୍ଗୀତ ଆଉ ତାଙ୍କ ଉପରେ ଜୋର କରି ପ୍ରେମ ମାଗୁନୁ ନାହିଁ । ଛିଃ—

କାନୁ ଭାଇ (ନିଧି ବାବୁ) ଯେ କାହିଁକି ଏ ବିବାହରେ ଲଗି ପଡ଼ିଛନ୍ତି, ସେଇଟା ରଙ୍ଗୀ ଆଉ ବୁଝି ପାରିଲା ନାହିଁ ! ଭଲ ବରପାତ୍ର ଢେର ମିଳନ୍ତେ—ରଙ୍ଗୀ ପାଇଁ କଣ ଏତେ ଭାବନା ଭାଇଙ୍କର ? ଆଉ ମାଲତୀ ନହି ବାହା ନ ହେବେ, ଭାଇଙ୍କର କଣ ଗଲା ! ରଙ୍ଗୀ କୌଣସିମତେ ନିଧିଙ୍କ ମନକଥା ଧରି ପାରିଲା ନାହିଁ !

ହାୟ ନବୀନ ପ୍ରେମିକା ! ପ୍ରେମର କର୍ତ୍ତବ୍ୟ କଣ ତୁହି ଏକା ବୁଝୁ, ପ୍ରେମର ଖରଚରେ ଦୃଷ୍ଟି କଣ ତୁହି ଏକା ପାଇଛୁ ? ତୁ କପର ମାଲତୀ ଓ କନକଙ୍କ ମର୍ମକଥା ଏତେ ସହଜରେ ବୁଝି ନେଲୁ ? ନିଧି-ଙ୍କର ମଧ୍ୟ ଗୋଟିଏ ହୃଦୟ-ଦେବତା ଥାଇ ପାରେ, ତାଙ୍କର ମଧ୍ୟ ତୋ ପରି—

× × × ×

ତାଙ୍କର ବାହାଘର ପାଇଁ ଯେ ଏତେ ଆୟୋଜନ ଚାଲିଛି ଏକଥା ମାଲତୀ ବାବୁଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ଅଜଣା । ସେ କାହୁଁ ଜାଣିବେ, ଗ୍ରାମରୁ ଆସିଲାବେଳେ ହରି ବାବୁଙ୍କ ସଙ୍ଗେ ନିଧି ବାବୁ ଷ୍ଟେସନରେ ଦେଖା କରି ସବୁ ହାଲ ବୁଝିଆସିଥିଲେ ବୋଲି ! ମାଲତୀଙ୍କ ଅତୀତକାହାଣୀ ଓ ବର୍ତ୍ତମାନ ଅବସ୍ଥା ସବୁ ଅବଗତ ହୋଇ ଏଣେ ନିଧି ବାବୁଙ୍କୁ ତାଙ୍କ କର୍ତ୍ତବ୍ୟ ସ୍ପଷ୍ଟ ଭାବରେ ଦେଖାଗଲା । ସେ କଟକ ଆସିଲାବେଳକୁ

Digitized by srujanika@gmail.com

ମନେ ମନେ ।

ମାଲ୍‌କୁଙ୍କୁ କୌଣସି ମତେ ବିବାହବନ୍ଧନରେ ବାନ୍ଧି ପକାଇବାର ଚୂଡ଼ାନ୍ତ ଚେଷ୍ଟା ଲଗାଇ ଦେଲେ । ଏଥିରେ କନକର ପୂର୍ଣ୍ଣ ସାହାଯ୍ୟ ଓ ସହାନୁଭୂତି ପାଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନେ ମନେ ଗୋଟାଏ ଅନୁକ୍ତ (tacit) ବୁଝା ପଡ଼ା ହୋଇଗଲା । ଦୁହେଁ ବିନା ପରାମର୍ଶରେ ବିନା ବିତର୍କରସାରରେ ଏକ ଉଦ୍ଦେଶ୍ୟସିଦ୍ଧି ପାଇଁ ଲାଗି ପଡ଼ିଲେ ।

ମାଲ୍‌କୁ ଏତେ ନିକଟରେ କନକକୁ ପାଇ ଧୀରୁ ହୃଦୟ ନେଇ କଣ କରିବେ, ଏକଥା ଭାବୁଁ ଭାବୁଁ, ନିଧି ବାବୁଙ୍କର ଡାକ ଉପରେ ଡାକ ଆସିଲା—ହୃଦୟର ଦୁର୍ବଳତା ଫିଙ୍ଗିଦେଇ ନିଧିଙ୍କ ଘରଠାକୁ ଯିବାକୁ ପଡ଼ିଲା । ପ୍ରଥମ ପ୍ରଥମ ବିନା ଡାକରେ ସେ ଯାଆନ୍ତି ନାହିଁ, କିନ୍ତୁ ଥରେ ଦୁଇଥର ଯିବା ଆସିବା ପରେ ତାଙ୍କ ମନ ପରିଷ୍କାର ହୋଇଗଲା । ଜାଣିଲେ, କେଉଁଠାରେ ଦ୍ୱିଧା ବା କ୍ଲେଦ କଲ୍‌ମଷ ନାହିଁ । ଯେଉଁଥିପାଇଁ ଲଜ୍ଜା, ସେ ସମ୍ବନ୍ଧ ତ ସେ ମୂଳରୁ ପ୍ରତ୍ୟାଖାନ-କରିଛନ୍ତି, ପୁଣି ଏମାନେ ଯେ ତାହା ଉଠାଇବେ, ସେପରି ମଧ୍ୟ ଦେଖାଗଲା ନାହିଁ—ଏବେ ନିର୍ବାଧରେ ଗତାୟାତ କରିବାକୁ ଲାଗିଲେ ।

କନକ ସାଙ୍ଗରେ ଆଉ ବିବାହ ପ୍ରସଙ୍ଗରେ କୌଣସି କଥା ବାର୍ତ୍ତା ନାହିଁ । ମାଲ୍‌କୁ ବାବୁ ଆସିଲେ ଜୋର କରି ଜଳଖିଆ ଖାଆନ୍ତି, ଟିକିଏ ଜଞ୍ଜାଳ କରନ୍ତି, ଅତ୍ୟାଚାର ଉତ୍ପୀଡ଼ନ କରନ୍ତି ପୁଣି ଚାଲି-ଯାଆନ୍ତି । ନିଧି ବାବୁଙ୍କ ସଙ୍ଗରେ ଅଧିକ ସମୟ କଥାବାର୍ତ୍ତା ହୁଏ । ଦୁହିଙ୍କ ଭିତରେ ଅଜଣାରେ ଗୋଟାଏ ସୌହାର୍ଦ୍ଦ ସ୍ଥାପିତ ହୋଇ ଗଲାଣି । ମନ ଖୋଲାଖୋଲି ହେବାର ଏଡ଼େ ପ୍ରତିବନ୍ଧକ—କନକ

Digitized by srujanika@gmail.com

ନିଜେ—ଥିଲେ ସୁଦ୍ଧା, ମାଳୁଙ୍କ ସ୍ୱଚ୍ଛ ହୃଦୟର ସମସ୍ତ ରହସ୍ୟ ନିଧିବାବୁ ସହଜରେ ବାହାର କରିନେଇ ପାରିଲେଣି । ନିଧିଙ୍କ ଦୃଷ୍ଟିରେ ମାଳୁ ନିହାତ ପିଲା—ଇସ୍କୁଲରେ ସେ ଯେପରି ପିଲାମାନଙ୍କର ସରଳ ହୃଦୟ ମନର ଶିକ୍ଷା ଭାର ପାଇଛନ୍ତି—ସେହିପରି ସରଳ ଏ ବୃଦ୍ଧି ପିଲାଟିର ମନ, ସେହିପରି ସ୍ୱଚ୍ଛ ନିର୍ମଳ ସ୍ୱାର ହୃଦୟ ! ମାଳୁ ବାବୁ ମଧ୍ୟ ନିଧିଙ୍କୁ ପ୍ରଶଂସା-ନେତ୍ରରେ ନ ଦେଖି ରହି ପାରନ୍ତି ନାହିଁ । ତାଙ୍କର ସ୍ଥିର ଗମ୍ଭୀର ଭାବ, ସଂଯତ ବ୍ୟବହାର, ସୂକ୍ଷ୍ମ ଦୃଷ୍ଟି ଓ ମାର୍ଜିତ ଧାରଣା, ତଥା କୋମଳ ହୃଦୟର ବହୁଳ ପରିଚୟ, ସବୁ ମାଳୁଙ୍କ ମନରେ ଅତି ଉଚ୍ଚ ଆସନ ଧାରଣ କରି ସାରିଲଣି । ସମୟ ସମୟରେ ମାଳୁଙ୍କ ମନରେ ଯହିଁ ଭୟ ହୁଏ ଯେ, ନିଧି କଣ ଭାବୁଥିବେ ଅବା ତାଙ୍କର କନକର ସମ୍ବନ୍ଧ ବିଷୟରେ—ନିଜ ମନରେ କିଛି ନ ଥିଲେ ମଧ୍ୟ, ସ୍ୱଚ୍ଛ ନିଷ୍ପାପମନା ଲୋକ ମଧ୍ୟ ଆମ ଏ ସମାଜରେ ସମୟ ସମୟରେ ଏପରି ଆଶଙ୍କା କରିବାକୁ ବାଧ୍ୟ—ତେବେ, ନିଧିଙ୍କ ଶିଶୁପ୍ରାୟ ସରଳ ହସରେ ସେ ଭୟ କୁଆଡ଼େ ଉଡ଼ିପଳାଏ ଓ ମାଳୁଙ୍କୁ ନିଜେ ଲଜ୍ଜିତ, ବ୍ୟଥିତ ହେବାକୁ ପଡ଼େ !

ଏଣେ ନିଧିବୋଉ ଓ ଗଉରୀ ଇତ୍ୟାଦି ସମସ୍ତଙ୍କ ଆଦର, ଆରାଧନାରେ ଓ କନକର ଅକପଟ ପଣ, ରୁଷା, ଅଭିମାନ ଇତ୍ୟାଦିରେ ମାଳୁ ଦ୍ୱିଗୁଣ ଉତ୍ସାହିତ ହୋଇ ଉଠିଲେ—ଦିନମାନରେ ପ୍ରାୟ ଦୁଇ ତିନି ଘଣ୍ଟା ୟାଙ୍କ ବସାରେ କଟାଇବାକୁ ଲାଗିଲେ । କଲେଜରେ ଘଣ୍ଟାଏ ଘଣ୍ଟାଏ କ୍ଲାସ ନ ଥିଲେ ଧାଇଁଲେ କନକ ପାଖକୁ—ବସା ନିକଟ । ନିଧିବୋଉ, ଗଉରୀ ପ୍ରଭୃତି ସମସ୍ତେ ପ୍ରାୟ ସ୍ଥିର ବିଶ୍ୱାସ କରି ନେଲେ ଯେ, ମାଳୁର ରଙ୍ଗୀର ବାହାଘର

Digitized by srujanika@gmail.com

ନିଷ୍ପନ୍ନ ହେବ । ମନେ ମନେ ସ୍ଥିର ରଖିଲେ, ଆସନ୍ତା ମାଘ ଫଗୁଣକୁ ନିଷ୍ପନ୍ନ କରିବାକୁ ହେବ ।

ଏହିପରି ସମୟରେ ନିଧିବୋଉ ଧରି ବସିଲେ ସେ ଗଉଣୀ ସାଙ୍ଗରେ ଥରେ ଯାଇ ପୁରୀ ବୁଲି ଆସିବେ ଓ ଗଉଣୀର ଘର ଦୁଆ-ରର ଗୋଟାଏ କିଛି ବନ୍ଦୋବସ୍ତ କରି ଦେଇ ଆସିବେ । ରଙ୍ଗୀ ତ ଅଛି—ବହୂ ପାଖରେ ରହିବ । ଏମାନେ ମାସେଖଣ୍ଡେ ରହି ଫେରି ଆସିବେ । ନିଧି ବାବୁ ମଙ୍ଗୁ ନ ଥିଲେ ରଥଯାତ୍ରା ସମୟ, କେହି ପୁରୁଷ ଲୋକ ନାହାନ୍ତି ବୋଲି ! କିନ୍ତୁ ରଥ ଦେଖିବାକୁ ଯେ ବୁଢ଼ୀଙ୍କର ଏତେ ଆଗ୍ରହ ! ଗଉଣୀ ପୁଣି ଅଭୟ ଦେଇ କହିଲା ଯେ, ସେଠାରେ ଯେଉଁ ଘର, ସେଟା ସହର ବାହାରେ ପ୍ରାୟ—ସ୍ୱର୍ଗ-ଦୁଆର ଆଡ଼କୁ, ତାର ମଧ୍ୟ ଲୋକବାକ ଅଛନ୍ତି; କୌଣସି ଅସୁବିଧା ହେବ ନାହିଁ । ନିଧି ବାବୁ ରଥ ଛୁଟିରେ ନିଜେ ପୁରୀ ଯିବେ, ଏଇୟା ମନେ ମନେ ସ୍ଥିର କରି, ଗାଁରୁ ଯେଉଁ ଦାସୀଟି ଆସିଥିଲା ତାହାରି ସାଙ୍ଗରେ ଦୁହିଁଙ୍କୁ ନେଇ ପୁରୀରେ ଛାଡ଼ି ଦେଇ ଆସିଲେ ।

ଗଲାବେଳେ ବୁଢ଼ୀ କନକକୁ ଡାକି ପୁଣି ଥରେ ରଙ୍ଗୀକୁ ତା ହାତରେ ସଅଁପି ଦେଲେ ଓ କହିଲେ, "ଝିଅ, ଏବେ ସେ ପୁଅଟିକୁ ସଫା କରି ପଚାରି—ଯାହା ହବାର ଗୋଟାଏ କଥା ଛିଣ୍ଡି ଯାଉ । ସତେ ଜଗନ୍ନାଥ କରିବେ, ସେ ମଙ୍ଗିବ ! କେଜାଣି—" କନକ ରଙ୍ଗୀକୁ ଗୋଟାଏ ପାଖକୁ ଭିଡ଼ି ଆଣି କହିଲା, "କୁହ ସେ କଥା ମୁଁ ବୁଝିମି !" ରଙ୍ଗୀ ନ କହେ ! ଏଟା ଯେ ତାରି ବରି ବିଷୟର କଥା ! ସବୁଦିନେ ବୋଉ ନୂଆବୋଉଙ୍କ ମଧ୍ୟରେ କଥା-ବାର୍ତ୍ତା ହେଲେ ସେ ବା ଗଉଣୀ ବା ଦାସୀଟି ନୂଆବୋଉଙ୍କଠାରୁ

Digitized by srujanika@gmail.com

କଥା ନେଇ ବୋଉଙ୍କୁ କହନ୍ତୁ । ରଙ୍ଗୀ ଉପରେ ଏସବୁ ତଦନ୍ତ ବେଶି କରି ପଡ଼ୁଥିଲେ ସୁଦ୍ଧା, ସେ ଆଜି କଥାଟିରେ କପଟରି ମୁହଁ ଦେଖି ତା କାର୍ଯ୍ୟ କରି ପାରିବ ! ଶେଷରେ କହିଲା, "ଓଃ, ତମର ବୁଝୁଥା, ମୁଁ ସେ ସବୁ କହି ପାରେ ନା—ଯାଃ !" ସ୍ୟାଣ୍ଡୁ ଗୌରୀ ଆସି "କଥା କଣ ?" ବୋଲି ପଚାରିବାରୁ, କନକ ଚୁପ୍ କରି କହିଲା—ରଙ୍ଗୀ ମଧ୍ୟ ଶୁଣି ପାରିବ, ଏହିପରି ଭାବରେ—"କଣ କି ଅପା, ମୋ ନୂଆବୋଉଙ୍କୁ ମୁଁ କହିଲି—ବୋଉଙ୍କୁ କହ, ସେ କିଛି ଚିନ୍ତା କରିବେ ନାହିଁ । ତାଙ୍କ (ରଙ୍ଗୀର) ବିରି କଥା ମୁଁ ବୁଝିମି ।" "ଓଃ, ସେଇଠୁ ତାଙ୍କୁ ନାକ ଗନ୍ଧେଇଲା—ସେ ଆଉ କହିଲେ ନାହିଁ ! "ଓଃ, ବାହା ହେବ ନାହିଁ ପରା, କିଛି ଜାଣେ ନାହିଁ, ଯା ଯାଃ !"

ରଙ୍ଗୀ ଭ୍ରୂକୁଟିରେ ରାଗିଯାଇ ଗଉରୀ ଆଡ଼କୁ ଛଳଛଳ ନୟନରେ ଚାହିଁଲା, କିଛି କହି ପାରିଲା ନାହିଁ । ନିଧିବୋଉ ତାକୁ ପାଖକୁ ଟାଣି ନେଇ କହିଲେ, "ପିଲାଟି ସାଙ୍ଗରେ କେତେ ଲାଗିଛ ଲୋ ତମେ ସବୁ ! ସେ କେମିତି ତା ବିରି କଥା ମୁହଁରେ ଧରିବ, କହିଲ ଭଲା ! ନାଃ, ରଙ୍ଗୀର ଆମର ଢେର ବୁଦ୍ଧି ।" ରଙ୍ଗୀ ମନରେ କି ଅଭିମାନ, କି ଦୁଃଖ ହେଲା, ସେ କଇଁ କଇଁ କରି କାନ୍ଦି ପକାଇଲା । ସେ ଆଉ ତ ପିଲାଟିଏ ନୁହେଁ—ସେ ସମସ୍ତଙ୍କ ପରି, ବରଂ କାହାରି କାହାରିଠାରୁ ମଧ୍ୟ ବେଶି, ବୁଝି ଶୁଝି ପାରିଲାଣି । ତେବେ ସମସ୍ତେ ତାକୁ ଏପରି ଅନାସ୍ଥା ହିନସ୍ଥା କରୁଛନ୍ତି କାହିଁକି ? ଯେଉଁ ବିଷୟରେ କଥା କହିବାର ସମସ୍ତଙ୍କଠାରୁ ତାର ଅଧିକ ଦାବି, ସେ ବିଷୟରେ ତ ସେ ପାଟି ଫିଟାଇ ପାରିବ ନାହିଁ, ପୁଣି ସେହି ବିଷୟରେ ସମସ୍ତେ ତାକୁ ଥଟ୍ଟା କରିବେ, ତ୍ରୁଟି କରି କହିବେ,—ତାର କଣ ମନ ନାହିଁ

Digitized by srujanika@gmail.com

ମନେ ମନେ ।

ତାକୁ କଣ ବାଧେ ନାହିଁ ! ସବୁଠାରୁ ଅଧିକ ବାଧିଲା ତାକୁ ଆଜି ବୋଉର ସାନ୍ତ୍ୱନା । ସେ କଣ ଏତେ ଅବୋଧ ଶିଶୁଟିଏ ! ଇତି-ପୂର୍ବରୁ ମାଳୁ ବାବୁଙ୍କ ଅନିଚ୍ଛା ଥିବାର ଜାଣିଲାବେଳୁ ତା ଆତ୍ମ-ସମ୍ମାନରେ ବଡ଼ ଗୋଟାଏ ଧକ୍କା ଲାଗି ସାରିଥିଲା । କିନ୍ତୁ କେରେ ଏହି କେତେ ମାସ ଭିତରେ ମାଳୁଙ୍କୁ ସେ ଅଧିକରୁ ଅଧିକ ଗୁହାଁଲେ ସୁଦ୍ଧା ତାଙ୍କୁ ନେଇ ତାଙ୍କ ଅଜ୍ଞାତରେ ଭାଇ ଭାଉଜ, ବୋଉ ଅପାମାନେ ଯେଉଁ ଖେଳ ଖେଳୁଛନ୍ତି, ସେଇଟା ତାକୁ ଅଧିକ ବାଧୁଛି । ସେଥି-ଯୋଗେ ଗୋଟାଏ ନ୍ୟୂନତା, ଗୋଟାଏ କ୍ଷୁଦ୍ରତା ଅନେକ ସମୟରେ ଉପଲବ୍ଧି କରି ସେ ମର୍ମେ ମର୍ମେ ଲଜ୍ଜିତ ହୋଇ ପ୍ରକୃତରେ ମୃତ୍ୟୁ କାମନା କରିଛି ! ଆଜି ଏହି କ୍ଷୁଦ୍ର ଘଟନାରେ ତାର ରୁଦ୍ଧ ଭାବରାଶି ଉଦ୍‌ବେଳିତ ହୋଇ ଉଠିଲା । କଥାରେ ତାହା ପ୍ରକାଶ କରିବାର ସାଧ୍ୟ ନାହିଁ, ସେଥିଯୋଗେ ସେ ଉଚ୍ଛ୍ୱସିତ ହୋଇ ବୋଉ କୋଳରେ ମୁହଁ ଗୁଞ୍ଜି ବିନା ଆଡ଼ମ୍ବରରେ କାନ୍ଦିଲା ଓ ଏତିକି ମାତ୍ର କହିଲା, "ମୁଁ ବା' ହେବି ନାହିଁ, ମୋର ଦରକାର ନାହିଁ !" "ନା, ନା, ତୁ ବାହା ହବୁ ନାହିଁ—ନାଃ, ତୋର ଗରଜ ?" ଏହା କହି ବୁଢ଼ୀ ତାକୁ ବୁଝାଇବାକୁ ଲାଗିଲେ—ସେହି ପିଲାପରି—ଅଣ୍ଟି ଧରି ବସିଲେ ସବୁଦିନେ ସେ ଯେପରି ତାକୁ ପ୍ରଶ୍ରୟ ଦେଇ ତାହାରି କଥାରେ ମଜି ଯାଆନ୍ତି—ଆଜି ମଧ୍ୟ ସେହିପରି ! ରଙ୍ଗୀର ଗରଜ ରଙ୍ଗୀ ଜାଣେ ! ଗଉରୀ ବନ୍ଧାଛନ୍ଦାରେ ବ୍ୟସ୍ତ ଥିଲା, "କିଏ ପାରିବ !" ବୋଲି କହି ମୁହଁ ମୋଡ଼ିଦେଇ ଚାଲିଗଲା । କନକ ରଙ୍ଗୀ ପାଖକୁ ଆସି କିଛି ବିସ୍ମିତ ହୋଇ, ତା ହାତଟି ଧରି ତା ମୁହଁକୁ ବୁଲାଇବାକୁ ଚେଷ୍ଟା କଲା; କିନ୍ତୁ ରଙ୍ଗୀ କୌଣସିମତେ ମୁହଁ ବୁଲାଇଲା ନାହିଁ—

Digitized by srujanika@gmail.com

ଦ୍ୱିଗୁଣ ବେଗରେ କାନ୍ଦିବାକୁ ଲଗିଲ ! ଶେଷରେ ଅତି କଷ୍ଟରେ ରଙ୍ଗୀ ଯେତେବେଳେ ତୁନି ହେଲ, କନକ ଓଢ଼ଣା ଫାଙ୍କରୁ ଥରକୁ ଥର ତା ମୁହଁକୁ ଚାହିଁବାକୁ ଲଗିଲ । ଆଶା,—ଏଥର ରଙ୍ଗୀ ଟିକଏ ହେଲେ ହସିଦେବ ! କିନ୍ତୁ କାହିଁ, ଦୁଇ ତିନିଥର ଆଖି ଆଖି ମିଳିତ ହେଲେ ସୁଦ୍ଧା ରଙ୍ଗୀ ତ ହସିଲ ନାହିଁ, ବରଂ ଅଧିକ ଗମ୍ଭୀରହୋଇ-ଗଲ ! ଏପରି ତ ରଙ୍ଗୀ କେବେ ରାଗେ ନାହିଁ । ରାଗିଲେ କାନ୍ଦେ, ତୁନି ହେଲ ମାତ୍ରକେ ପୁଣି ନିଜେ ନିଜେ ହସିପକାଏ ! ଇଏ କଣ ! ଯା ଭିତରେ କଣ କଥା ଅଛି ନିଶ୍ଚୟ ! ତା ନିଜପିଲାଦିନ କଥା ମନେ ପଡ଼ିଲ, ବାହାଘରର ଆମୂଳ ଇତିହାସ ମଧ୍ୟ ତାର ମନେ ପଡ଼ିଲ । ହଠାତ୍ ତାର ସ୍ମରଣ ହେଲ—ସେ ବି ତ ଏହିପରି ଦିନେ କାନ୍ଦୁଥିଲ, କିନ୍ତୁ ଗୋପନରେ ! ତେବେ କଣ ତା ନିଜ କଥା ଓ ରଙ୍ଗୀ କଥାରେ କିଛି ହେଲେ ସାମଞ୍ଜସ୍ୟ ଅଛି ?

(୪)

ତିନି ବର୍ଷ ଦିନ ପର କଥା । ଏହି ତିନି ବର୍ଷ ଦିନଯାକ ରଙ୍ଗୀ ଏକା ଏକା କଟାଇଛି । ନୂଆବୋଉଙ୍କ ସାଙ୍ଗରେ ନିହାତି ଆବଶ୍ୟକ ଛଡ଼ା କଥାଭାଷା ହୋଇ ନାହିଁ, ପ୍ରତ୍ୟୁତ ପଢ଼ାରେ ଲଗିଛି; କିନ୍ତୁ ବାସ୍ତବରେ ପଢ଼ା ନାଁ ବି ଧରୁ ନାହିଁ—ବହିଟା ଆଗରେ ଖୋଲ ହୋଇ ପଡ଼ିଥାଏ, ଏହି ମାତ୍ର । ସେ ଦିନ ରଙ୍ଗୀ ଉପରଓଳି ଇସ୍କୁଲରୁ ଫେରି ଦେଖିଲ—ନୂଆବୋଉ ଘରେ ନାହାନ୍ତି, ଭାଇ ବି ଆସି ନାହାନ୍ତି । ପଚାରି ବୁଝିଲ, ହେଡ଼ମାଷ୍ଟର ଘର ଝିଅମାନେ ଆସି ନୂଆବୋଉଙ୍କୁ ତାଙ୍କ ଘର ଆଡ଼େ ନେଇ ଯାଇଛନ୍ତି । ପଢ଼ାଘରେ ବହିପତ୍ର ଫୋପାଡ଼ି ଦେଇ, ଯାଇଁ ନୂଆବୋଉଙ୍କ ଘର ଝରକା

Digitized by srujanika@gmail.com

ମନେ ମନେ ।

ପାଖରେ ଛିଡ଼ା ହୋଇ ସେ ଘୋର ଚିନ୍ତାରେ ମଗ୍ନ ହୋଇଗଲି । କେତେବେଳଯାଏଁ ସେ ସେଠାରେ ସେହିପରି ଭାବରେ ଛିଡ଼ା ହୋଇ ରହିଛି, ତାକୁ ମାଲୁମ୍ ନାହିଁ—ହଠାତ୍ କାହାର ଗୋଟିଏ ସୁପରିଚିତ କଣ୍ଠସ୍ୱର ଦ୍ୱାରା ସେ ପାଖରୁ ଆସି ତା ଚିନ୍ତାସ୍ରୋତ ଭାଙ୍ଗି ଦେଲା । ସେ କୁଆଡ଼େ ଯିବ କିଛି ଠିକ୍ କରି ପାରିବା ପୂର୍ବରୁ ମିନୁ ବାବୁ "କି ଲୋ କୁଆଡ଼େ ପଳିଛୁ କି କଙ୍କି ?" ବୋଲି କହି ସେ ଘରେ ପ୍ରବେଶ କଲେ । ରଙ୍ଗୀ ଯେଉଁ ପରି ଝରକା ବାଡ଼କୁ ଧରି ଭିତର ଆଡ଼କୁ ପଛ କରି ଛିଡ଼ା ହୋଇଥିଲା, ସେହିପରି ରହି-ଗଲା—ହଲଚଲ ହେବାକୁ ମଧ୍ୟ ତାର ସାମର୍ଥ୍ୟ ହେଲା ନାହିଁ । କେବଳ ଝରକାର କବାଟ ଫାଳକ ସନ୍ଧିରେ ଲୁଚିବାର ସେ ବୃଥା ଚେଷ୍ଟା କଲା ମାତ୍ର । ସେତେବେଳକୁ ଘର ଭିତର ଟିକିଏ ଅନ୍ଧାରିଆ ହୋଇ ଗଲାଣି । ମିନୁ ବାବୁ ଘର ଭିତରକୁ ପଶି ଆସି କହିଲେ, "କି ଲୋ, ଆଜି କଣ ହୋଇଛି କି ।" କିଛି ଉତ୍ତର ପାଇଲେ ନାହିଁ । କ୍ରମେ ନିକଟବର୍ତ୍ତୀ ହୋଇ ପୁଣି କହିଲେ, "କି ଲୋ—କଥା କଣ ମ ?" ରଙ୍ଗୀ ହଠାତ୍ ମୁହଁ ବୁଲାଇ ମିନୁଙ୍କୁ ସଫା ଅନାଇଲା । ତା ଆଖିରେ ଲଜ୍ଜା ବା ଭୟର ଚିହ୍ନ ଲେଶ ମାତ୍ର 'ନାହିଁ, ମୁହଁ ତାର ଅନ୍ୟ ଅନେକ ଭାବରେ ରଙ୍ଗଭୂମି—ତହିଁରେ ଗୋଟାଏ ଘୋର ଯୁଦ୍ଧର ଆଭାସ ମଧ୍ୟ ଅଛି, ଆଖିରେ ଲୁହ ଟଳଟଳ କରୁଛି । ମିନୁଙ୍କ ଆଡ଼କୁ ନିମିଷକ ପାଇଁ ସ୍ଥିର ଦୃଷ୍ଟିରେ ଚାହିଁ ରଙ୍ଗୀ ଧୀରେ ଧୀରେ ସେଠାରୁ ବାହାରି ଯିବାକୁ ଉଦ୍ୟତ ହେଲା । ମିନୁ ବାବୁ ଏଣେ ଥକ୍କା ହୋଇ ରହି ଯାଇଥିଲେ, କହିଲେ, "ଉଃ, ଇୟେ ରଙ୍ଗୀପରା ! ମଲି, ମଲି ! କି, ଏତେ ନାଜ କାହିଁକି ମ ? ଇୟେ କଣ—ଇୟେ

Digitized by srujanika@gmail.com

କାନ୍ଦୁଚ କାହିଁକ ?" ସେତେବେଳକୁ ରଙ୍ଗୀ ଦୁଆର ପାଖରେ ହେଲଣି । ସେ ଆଉ ଥରୁଟିଏ ମୁହଁ ବୁଲାଇ, ମିଲୁଙ୍କୁ ପୂର୍ଣ୍ଣ ଦୃଷ୍ଟି ଦେଇ ଦ୍ୱାର ପାର ହୋଇଗଲା । ଦ୍ୱାର ସେ ପଟରୁ କମ୍ପମାନ ନମ୍ର ସ୍ୱରରେ କେବଳ ଏତିକ ମାତ୍ର କହିଲା—"ନାଇଁ ନାହିଁ ! ଛି !" ଏହା କହିଲା ମାତ୍ରକେ ତା ଗୋଡ଼ ହାତରେ ଶହେଗୁଣ ବଳ ଆସି-ଗଲା ଓ ସେ ପ୍ରାଣପଣେ ଦଉଡ଼ି ପଳାଇ ଗଲା । ତା ହୃଦୟରୁ ଯେଉଁ କୋହ ଉଠୁଥିଲା, ତାକୁ କୌଣସି ମତେ ସେ ଦମନ କରି ପାରିଲା ନାହିଁ । ଏ ଘର ସେ ଘର, ଯ୍ୱାଡେ ସ୍ୟାଡେ଼ ବୁଲି ବୁଲି ଦୈହିକ ପରିଶ୍ରମରେ ସେ ପ୍ରାଣର ସଞ୍ଚିତ ଆବେଗ ବ୍ୟୟ କରି ପକାଇବାକୁ ଚାହିଁଲା, କିନ୍ତୁ କାହିଁରେ କିଛି ଫଳ ହେଲା ନାହିଁ । ଏହିପରି ସମ-ୟରେ ହେଡ଼ ମାଷ୍ଟରଙ୍କ ସାନ ଝିଅ ଟେମ୍ପୀ ସଙ୍ଗରେ ନୂଆବୋଉ ଆସି ପହଞ୍ଚି ଗଲେ । ଟେମ୍ପୀ ତାଙ୍କୁ ଛାଡ଼ି ଦେଇ ଚାଲିଗଲା । ରଙ୍ଗୀ ଦେଖିଲା ନୂଆବୋଉଙ୍କର ଅପୂର୍ବ ବେଶ—ଓଲଟା ବାଗେ ଲୁଗା ପିନ୍ଧା ହୋଇଛି, କାନ୍ଧ ପାଖେ ସେପ୍ଟିପିନ୍ ମରା ହୋଇଛି—ଠିକ୍ ବଙ୍ଗାଳୁଣୀଙ୍କ ପରି । ନିଧି ବାବୁ ଏପରି ବେଶର ଆଦୌ ପକ୍ଷପାତି ନୁହନ୍ତି ସେ ଏତିକ ମନେ ମନେ ଭାବୁଁ ଭାବୁଁ କନକ ହସି ହସି ଆସି ତାକୁ ଧରି ଟାଣି ଟାଣି ନେଇ ଯାଉଁ ଯାଉଁ କହିଲା, 'ଚାଲିଲ, ଚାଲିଲ ନୂଆବୋଉ ଏଗୁଡ଼ି ଠିକଏ ଖୋଲି ଖାଲି ଦବ, ଚାଲିଲ । ଭଲା ବଙ୍ଗାଳୀଘର ଝିଅ ଗୁଡ଼ିକ ଦେଖିଲଣି, କଣ କରିଛନ୍ତି ! ଛି, ଛି, ମତେ ଯେଉଁ ଅଡୁଆ ଲାଗୁଛି । ଲୁଗା ପିନ୍ଧିଛି କି ନାଇଁ ମୋତେ ଜଣା ପଡୁ ନାହିଁ ପରା । ତମ ଭାଇ ସାଆନ୍ତ ଆସିଲେ ପୁଣି ଟାଉଲି କରିବେ—"ଏହା କହି ନିଜ ଘର ଆଡ଼କୁ ଚାଲିଲା । ରଙ୍ଗୀ ଜାଣେ,

Digitized by srujanika@gmail.com

ମନେ ମନେ ।

ସେ ଘରେ ମାଲୂ ଅଛୁ; ଅଥଚ ସଂକୋଚ ହେତୁରୁ କେଜାଣି ସେ କଥା ସେ କହିପାରୁ ନାହିଁ, ଯୁଆଡେ଼ ନ ଯିବାର କାରଣ ଅନ୍ୟ ମଧ୍ୟ ଦେଖାଇ ନ ପାରି ପଛକୁ ଟାଣି ହେଉଛୁ—ଗୋଡ଼ ତାର ଚଳୁ ନାହିଁ ! ନ ଜାଣିଲା ପରି ସେଠାକୁ ଗଲେ ମଧ୍ୟ, ମାଲୁ ବୁଦ୍ଧିମାନ୍—କଣ ପୁଣି ପଚାରିବ, କି କବୁଲେଇବ। ତା ଆଗରେ ତ ଆଉ ସେ ଛୁଡ଼ା ହୋଇ ପାରିବ ନାହିଁ, କି ତା କଥା ଶୁଣି ପାରିବ ନାହିଁ ! କନକ ଘରଟି ଯେତେ ନିକଟ ହେବାକୁ ଲାଗିଲା, ରଙ୍ଗୀ ସେତିକ ପଛକୁ ପଛକୁ ଭିଡ଼ିବାକୁ ଲାଗିଲା । ସେ ଅନ୍ତରେ ଅନ୍ତରେ ସ୍ଥିର ବୁଝିଲା—ନାଃ, ସେ ଘରକୁ ତାର ଯିବା ହେବ ନାହିଁ । କନକ ତା ମନ୍ଦ ମନ୍ଦ ଭାବ ଦେଖି ପଚାରିଲା, "କିଗୋ, ଇମିତି କାହିଁକି ହଉଚ କି । ମଲା, ମୁହଁଟା ତ କାହିଁକି କଳା କାଠ ପଡ଼ିଗଲାଣି ! ଇୟେ କଣ ମ ? କାନ୍ଦୁଥିଲ କି ?" ରଙ୍ଗୀ ଭେ କରି କାନ୍ଦି ଉଠି କୌଣସି ମତେ କହିଲା, "ନାଇଁ, ନୂଆଁଉ—ମୁଁ ସେ ଘରକୁ ଯିବି ନାହିଁ ।" ଏହା କହି ସେ ଫେରିଲା । କନକ ଆଉ ଯେତେ ଯାହା ପଚାରିଲା, ଯେତେ ଓଟରା ଝିଙ୍କା କଲା—ରଙ୍ଗୀ ଆଉ ନ ଶୁଣିଲା ! କନକ ଭାବିଲା ତା ଘରେ ନିଧିବାବୁ ଅବା ଥିବେ କିନ୍ତୁ କାନ୍ଦିବାର କାରଣ କଣ ? ଗାଳି ମନ୍ଦ ଖାଇଥିବ ଅବା ! କହିଲା, "ସେ ଘରେ ତମ ଭାଇ ଅଛନ୍ତି କି ?" ରଙ୍ଗୀ କିଛି କ୍ଷଣ କିଛି କହିଲା ନାହିଁ । କନକ ଭାବିଲା—ସେଇୟା ତ; କହିଲା, "ସେଇ କଥା କହୁ ନାହଁ କାହିଁକି—କଣ କିଛି ଗାଳି ମନ୍ଦ କଲେ କି ?" ରଙ୍ଗୀ ଲୁହ ପୋଛି ପାଛି ସାରିଥିଲା, କିପରି ଗୋଟାଏ ଦୁଷ୍ଟ ହସ ହସି କହିଲା, "ମୋ ଭାଇ ସେ ଘରେ ନାହିଁ ଯେ, ତମରି ଭାଇ ଅଛନ୍ତି । ନାଜ ନାହିଁ ସେଠାକୁ ଅଲାଜୁକ

Digitized by srujanika@gmail.com

ଧୃଷ୍ଟତା—ସେଠା କାହିଁକ ଏଠିକ ଆସେ—ନିର୍ଲଜ ବେହିୟାଟା ।" ସେ ଘରେ ମଲୁଭାଇ ଅଛନ୍ତି ଶୁଣି ଓ ରଙ୍ଗୀକୁ ଟିକିଏ ହସିବାର ଦେଖି, କଥାଟା ଗୁରୁତର ନୁହେଁ ଭାବି କନକ ଯଥେଷ୍ଟ ଆଶ୍ୱସ୍ତ ହୋଇଥିଲା, କିନ୍ତୁ ଇଏ କଣ, ରଙ୍ଗୀ ସତକୁ ସତ ମଲୁଭାଇକୁ ଗାଳିଦେଲା ପରି ତ ବୋଧ ହେଉଛି—ଇଏ ତ ଗେଲ ପରି ଜଣା ଯାଉ ନାହିଁ ! କହିଲା, "କି ଗୋ, ମୋ ଭାଇଙ୍କି ତେମେ କାହିଁକି ଏତେ ଗାଳି ଦଉଚ ! ମୋ ଭାଇ ତମର କଣ କଲା କି !" "ସେଠା ମୋର କିଏ କି—ନିଆଁ ନା, ଚୂଲି ନା, ଗାଡ ନା, କିଏ ! ମୋର ସେଠା କଣ କରିବ ! ମରୁ ନେଇଁ ସେଠା—ମଲେ ମୋର ଦକା ଯାଆନ୍ତା ପରା !" ଏହା ଅତି ତୀକ୍ଷ୍ଣ ଭାବରେ କହି ରଙ୍ଗୀ ନିଜେ କାନ୍ଥରେ ମୁଣ୍ଡ ବାଡେ଼ଇବାକୁ ଲାଗିଲା । କନକ ତ ତାଟଙ୍ଗା ! ମଲୁ ବାବୁ କନକ ପାଟି ଶୁଣି ବାହାରି ଆସି ଏ ଦୃଶ୍ୟ ଦେଖି କହିଲେ, "ଇଏ କଣ ହଉଚି ମ ? କଥା କଣ ?" ରଙ୍ଗୀ ଶାନ୍ତ ହୋଇଗଲା, କିନ୍ତୁ କି ଗୋଟାଏ ଦୃପ୍ତ ତେଜରେ ମଲୁଙ୍କ ଆଡ଼କୁ ତୀବ୍ର କଟାକ୍ଷ ଦେଇ କହିଲା, "ଆପଣ ବୁଝି ପାରିବେ ନାହିଁ—ଚାଲି ଯାଆନ୍ତୁ ଏଠୁଁ !" କନକ ଭେଲକା ମାରିଲା ପରି ହୋଇ ସେଠାରେ ଚୂପ୍ କରି ଛିଡ଼ା ହୋଇଥାଏ ! ମଲୁ ବି ବିସ୍ମିତ ହୋଇଗଲେ, କିନ୍ତୁ ଟିକିଏ ମୁରବି ପଣିଆ କରି କହିଲେ, "ମଲା, ପାଠ ପଢ଼ି ପଢ଼ି ଏଟାର ମୁଣ୍ଡ ଖରାପ ହୋଇ ଗଲାଣି ରେ—ଯାଃ !" ଆହୁରି କ୍ରୁଦ୍ଧ ସ୍ଥିର ଗମ୍ଭୀର ସ୍ୱରରେ ରଙ୍ଗୀ କହିଲା, ତମରି ପରି, ନୁହେଁ ? ମୁଁ କହି ଦଉଚି; ତମେ ଏହି ଲାଗେ ଏଠୁଁ ଯିବ ତ ଯା, ନହେଲେ ମୁଁ ବିଷ ଖାଇ ମରିବି—ବୁଢ଼ ମରିବ; ନ ହେଲେ—" କନକ ଧାଇଁ ଆସି ଧରୁ ଧରୁ ରଙ୍ଗୀ

Digitized by srujanika@gmail.com

ମନେ ମନେ ।

ହଠାତ୍ ମୂର୍ଚ୍ଛିତା ହୋଇ ତଳେ ସଜୋରରେ ପଡ଼ିଗଲା ! ମାଳୁ ବାବୁ ତା ଅବସ୍ଥା ଦେଖି ମନେମନେ ଭ୍ରାନ୍ତ ହୋଇ "ନିଧି ବାବୁ, ନିଧି ବାବୁ" ବୋଲି ଡକା ଛାଡ଼ିଲେ । ସ୍ୟାଜୁ ନିଧି ବାବୁ ବି ଯୋଗକୁ ଆସି ପହଞ୍ଚିଗଲେ । "ରାମକୃଷ୍ଣ ଡାକ୍ତରକୁ କେଇଠୁ ଡାକି ଆଣୁଚି" ବୋଲି କହି ମାଳୁ ଦଉଡ଼ି ଚାଲାଇଗଲେ । କନକ ଏଣେ ପାଣି ଆଣି ରଙ୍ଗୀ ମୁହଁରେ ଛିଟାଉଛି କଲା, ଠିକା ଦାସୀଟା ପଙ୍ଖା କରି ବସିଲା । ନିଧି ବାବୁ ତା ଆଖିପତା ଓଲଟାଇ ଦେଇ 'କିଛି ନୁହେଁ' ବୋଲି କହି ସ୍ଥିର ଭାବରେ ସେହିଠାରେ ବସି ପଡ଼ିଲେ । ଅଳ୍ପ-କ୍ଷଣ ଭିତରେ ସତକୁ ସତ ରଙ୍ଗୀର ଚେତା ଆସିଲା । ସେ ଆଖି ଖୋଲି ଯ୍ୟାଡ଼େ ସ୍ୟାଡ଼େ କାହାକୁ ଖୋଜିଲା ପରି ଚାହିଁଗଲା । ଥରେ ଦୁଇଥର ଉଠିବାକୁ ଚେଷ୍ଟା କଲା; କିନ୍ତୁ କନକ ତାକୁ ଜୋର କରି ଶୁଆଇ ରଖିଲା । ଭାଇଙ୍କ ଉପରେ ଆଖି ପଡ଼ିବାରୁ ରଙ୍ଗୀ ମୁଣ୍ଡରେ ଲୁଗା ଦେବାକୁ ଚେଷ୍ଟା କଲା, କିନ୍ତୁ କନକ ହଆଇ ଦେଲା ନାହିଁ । ପୁଣି ରଙ୍ଗୀ କାହାକୁ ଖୋଜିଲା ପରି ଯ୍ୟାଡ଼େ ସ୍ୟାଡ଼େ ଚାହିଁଲା, କିନ୍ତୁ ସାଙ୍ଗେ ୨ ପୁଣି ନିରାଶ ହେଲା ପରି ଆଖି ବୁଜିଦେଲା ! କନକ ଓ ଦାସୀ ଦୁହେଁ ଧରାଧରି କରି ତାକୁ ଘର ଭିତରକୁ ନେଇଗଲେ ଓ ବିଛଣା ଉପରେ ଶୁଆଇ ଦେଲେ । ଇସ୍ସେ ସେଇ ଘର—କନକର ଶୋଇବା ଘର, ଯେଉଁଠି ସନ୍ଧ୍ୟା ବେଳେ ରଙ୍ଗୀର ମାଳୁଙ୍କର ଦେଖା ହୋଇଥିଲା । ନିଧି ବାବୁ କନକକୁ ଚୁପ୍ କରି ପଚାରିଲେ, "କଣ, କାହିଁକି ଇମିତି ହେଲା ? କାହିଁ, ଫେର ତ ଚୁପ୍‌କରି ଆଖି ବୁଜିକରି ରହିଗଲା—ଚେତା ଅଛି ତ, ଦେଖିବଟି ?" କନକ ପାଇଁ ଲୁଗାତଳେ ହାତ ପୁରାଇ

Digitized by srujanika@gmail.com

ରଙ୍ଗୀ ଗୁଣ୍ଡରେ ହାତ ଦେଲା ମାତ୍ରକେ, ରଙ୍ଗୀ ଧଡ଼ପଡ଼ ହୋଇ ଉଠି ବସି ଗୁଣ୍ଡରୁ ସମ୍ପୂର୍ଣ୍ଣ ଲୁଗା କାଢ଼ି ପକାଇ କହିଲା, "ଦେଖ, ଦେଖ, ମୋର କଣ ହଉଛି ଲୋ !" ଏହା କହି ଭେ ଭେ କରି କାନ୍ଦି ଉଠିଲା ! କନକ ଧରି ଶୁଆଇ ଦେବାରୁ ସେ ଶୋଇ ରହିଲା । କନକ ତା ଆଖିରୁ ଲୁହ ପୋଛୁଥାନ୍ତି ଦେଲା—ରଙ୍ଗୀ ଶାନ୍ତ ଭାବରେ ପଡ଼ି ରହିଲା । ନିଧି ବାବୁ ଆସି ତା ମୁଣ୍ଡରେ ହାତ ଦେଇ ଚମକି ପଡ଼ି କହିଲେ, "ଉଃ, ଭାରି ତାତି—ଏତେ ଜର କେତେବେଳେ ହେଲା !" ତାଙ୍କ ସ୍ପର୍ଶରେ ରଙ୍ଗୀ ଆଖି ଖୋଲିଲା —ନ ଚିହ୍ନିଲା ପରି ନିଧି ବାବୁଙ୍କୁ ଚାହିଁ ରହିଲା । କିଛିକ୍ଷଣ ପରେ ହଠାତ୍ ପୁଣି ଉଠି ବସି ଠୋ ଠୋ କରି ହସି ଉଠି କହିଲା, "ମଲୋ ଲୋ ଲଜ ! ଅ—ହ—ଅ, ସେଇଠି ତ ସେଇ ଝରକା ପାଖରେ ! ଆଲୋ, ମୁଁ ଅନେଇଚି ସେ ଆଡ଼କୁ ସିଏ ଆସୁଛି ଏ ଆଡ଼ୁ (ଦୁଆରକୁ ଦେଖାଇ) । ମଲା, ଆସିବୁ ଯଦି, ସିଧା ଚାଲିଆ —ନାଃ, ବଙ୍କାଟେ, କୁଜାଟେ, ଗେଣ୍ଠାଟେ, କଣାଟେ, ନିଆଁଟେ ଚୁଲିଟେ—ହିଁ ହିଁ, ନାଃ, ମୁଁ କାହିଁକି ସ୍ତ୍ରୀ କହନ୍ତି ! ନାଃ, ମୁଁ କହି ନାହିଁଲେ—" କହୁଁ କହୁଁ ରଙ୍ଗୀ ଆଖି ଛଳ ଛଳ ହୋଇ ଉଠିଲା । ସେ ହଠାତ୍ ଚୁପ୍ କରି ରହି ଯାଇଁ ପୁଣି କାହାକୁ ଖୋଜିଲା ପରି ଯ୍ୟାଡ଼େ ସ୍ୟାଡ଼େ ଚାହିଁଲା । ନିଧିବାବୁ ହଠାତ୍ ଗୋଟାଏ ବଡ଼ ପାଟି କରି କହିଲେ, "ରଙ୍ଗୀ ଏଇ, କଣ କହୁଛୁ —ଚୁପ୍ କରି ଶୁଅ । ନ ହେଲେ ମାଡ଼ ଦେମି !" ଏହା କହି ଦାନ୍ତ କାମୁଡ଼ି ରଙ୍ଗୀକୁ ଭୟ ଦେଖାଇଲେ । ରଙ୍ଗୀ ଅତ୍ୟନ୍ତ ଭୀତ ହେଲା—ପରି ନୂଆବୋଉଙ୍କୁ ପ୍ରାଣପଣେ କୁଣ୍ଢାଇ ଧରିଲା ! ଟିକା ଦାସୀଟି

Digitized by srujanika@gmail.com

କୁଆଡ଼େ ଥିଲା, ଏତିକି ବେଳେ ଆସି କହିଲା, "ବାବୁ ତମେ ଟିକିଏ ବାହାର ଯିବଟି ! ମୁଁ ଟିକିଏ ଦେଖେଁ ! ଏହା କହି ନିଧିବାବୁ ଆଡ଼େଇ ନ ହେଉଣୁ ବିଛଣା ପାଖକୁ ଆସି ରଙ୍ଗୀ ମୁହଁକୁ ଧରି, ତା ଆଡ଼କୁ ବୁଲାଇ ଆଣି କହିଲା, "ମା ତେମେ କେଉଁ ଠାକୁରାଣୀ ବିଜେ କରିଚ ମା—" ନିଧିବାବୁ ହସି କହିଲେ, "ଯା, ଯା, ଗୋଟାଏ ରଙ୍ଗ ବାହାରିଲା—ଯା ପଳା !" କ୍ଷୁଣ୍ଣ ମନରେ ସେଠାରୁ ହଟି ଯାଇଁ ସେ କହିଲା, "ମା କଥା ପିନା ଅପସନ୍ଦ କଲେ ବାବୁ, ନ ହେଲେ ମୁଁ କହି ଦଉଚି—ଇସ୍ପେ ନିଚିଣ୍ଟି ମା କାଳୀ ଇସ୍କୁଲ ତ ଇସ୍ପେ ଯାଉଛନ୍ତି—ସେଇ କାଳୀଗଳିରେ ମୋ କଥା ଯଦି ମିଛ ହେଲା, ତାଙ୍କ ପରୁର ! ଇସ୍ପେ ନିଶ୍ଚେଁ ମା କାଳୀ, ବାବୁ ଫେରେ ବୁଝିବେ ନାହିଁକି ! ମୋର ବନ୍ଧୁ କଥା ଶୁଣ, ଆଉ କଥା ତ ଯାଉ—" । "ଆରେ ଯା ଯାଃ, ତୁ ଯିବୁଟି ଏଠୁ ବାହାର—" । ସ୍ତ୍ରୀଲୋକଟିର ମନ ଛୁନା ହୋଇଗଲା—ସେ କ୍ଷୁଣ୍ଣ ଅଭିମାନରେ ସେଠାରୁ ବାହାରି-ଗଲା । ରଙ୍ଗୀ ଏଣେ ହଠାତ ଉଠି ବସି କହିଲା, "ନା ନା ଯା ନେଇଁ । ମୋ ମୁଣ୍ଡ ଖାଇବ ମୁଁ ରାଗରେ କଣ କହିଲି ବୋଲି—ଦେଖିଲ ନା ଦେଖିଲ ନା—ଏଡ଼େ ହଟ ବ୍ୟାର ! ସତକୁ ମନ୍ତ—" । କନକ ଜୋର କରି ତାକୁ ଶୁଆଇ ତା ମୁହଁରେ ହାତ ଦେଇ ତାକୁ ବନ୍ଦ କଲା ଓ ନିଧି ବାବୁଙ୍କୁ କହିଲା "ତମେ ସବୁ ଟିକିଏ ଏଠୁଁ ବାହାର ଯିବଟି ! ସେ ଟିକିଏ ଶାନ୍ତରେ ଶୁଅନ୍ତୁ ଡାକ୍ତର ଆସିଲେ ଘଛେ ନେଇକରି ଆସିବ ।" ନିଧି ବାବୁ କହିଲେ, "ହଁ, ସତେ, ମିଳୁ ସେତେବେଳୁ ଗଲାଣି, କାହିଁ କୁଆଡ଼େ ଗଲା—ମୁଁ ଦେଖେଁ ।" ଏହା କହି ସେ ଘରେ ଥିବା ସମସ୍ତଙ୍କୁ ତଡ଼ି ନେଇ ବାହାର କରି,

Digitized by srujanika@gmail.com

ଦୁଆର ଆଉଜାଇ ଦେଇ ଗୃଲଗଲେ । ହଠାତ୍ ଏଣେ ରଙ୍ଗୀ ଉଠି ବସିଲା, କହିଲା—"ହଁ, ସେ ତ ଆସୁଥାଏ ! ଆରେ, ଏଇ ମୁହଁ କ କଙ୍କୀ ନୂଆ'ଉ ! ଭଲା କହନ କଙ୍କି ତେମେ, ମୋର କ ଦୋଷ !" "ତମର କଛି ଦୋଷ ନାହିଁ—ତେମେ ଶୁଅ !" କଛିକ୍ଷଣ ଚୂପ୍ କରି ଶୋଇ ପୁଣି ଧୀରେ ଧୀରେ କହିଲା, "ତୋର ବ ଦୋଷ କଣ । ନାଃ—ଆଲୋ, ସବୁ ଦୋଷ ତ ଇପ୍ଟାର, ଲୁଚ ଯାଉଚ କୁଆଡ଼େ !" ଏହା କହି କନକ ଆଡ଼କୁ ଦେଖାଇ ହୋ ହୋ କର ହସି ଉଠିଲା, ପୁଣି ହଠାତ୍ ଗମ୍ଭୀର ହୋଇ କହିଲା, "ନା ଆଁ, ନା ଆଁ ! ନୂଆ ବୋଉଟି ତ ମୋର ଭଲ । ସେଇ ତ ତାକୁ ଶରଧା କରେ—ଆଜି କେଇ ନା, କେଇ ନା ! ହଁ ଫେରେ ଦୋଷ କାହାର ? ଓହୋ, ଭୁଲ ତ ଗଲ, ଯାଃ—ଆସଇ ବସନ୍ତ ଶିଶିର ଅନ୍ତେ, ହସଇ ଧରଣୀ ଗ୍ରୀଷ୍ମ କେମନ୍ତେ । ସୌନ୍ଦର୍ଯ୍ୟ—ତରଙ୍ଗେ ମହୀ ଭସଇ'—ନା ନା, ମାଷ୍ଟ୍ରେ,—କାଲକ ନଶ୍ଚେ ନଶ୍ଚେ କର ଆଣିମି । ମୋ'ର କଛି ଦୋଷ ନାହିଁ । ମୁଁ କଣ ପଢ଼ି ପାରୁଛି କ ଘରପାଖେ—ସେହି ଫଗ୍ ଖାଲ ଜଳଉଚ ମଟେ ହବା ଗୃନ୍ତ—"

ଏହି ସମୟରେ ସାଉ୍ମାନଙ୍କ ପାଟି ନଧିଙ୍କ ପାଟି ସଙ୍ଗରେ ଆଉ ଗୋଟିଏ ଅପରିଚତ କଣ୍ଠସ୍ୱର ମିଶାମିଶି ହୋଇ ଶୁଣାଗଲା । ରଙ୍ଗୀ ହଠାତ୍ ଚମକ ପଡ଼ କହିଲା, "ହୋଇ, ହୋଇ, ଆସିଲାଣି ତ; ଆସିଲାଣି ତ—ଗ୍ରୀଡ଼ ନୂଆ'ଉ, ମୁଁ ଯାଏ, ପଳାଏଁ,—କଗୋ ତମ ଭାଇଟା ଫଗ୍ ଆସୁଚନ୍ତି—କେମିତିକାମ ! ସିଏ ତାର ଆସିଲେ ଆସୁ—ମୁଁ କେମିତି ଏଠି ରହିମି କୁହନ !" ଏହା କହି ଧଡ଼ପଡ଼ ହୋଇ ଉଠିବାକୁ ତତ୍ପର ! କନ୍ତୁ ପାଂଶୁବର୍ଣ୍ଣ ମୁଖଟି ତାର ହଠାତ୍

Digitized by srujanika@gmail.com

ମନେ ମନେ ।

ଉଜ୍ଜ୍ୱଳ ହୋଇଗଲା । କନକ କୌଣସିମତେ ତାକୁ ଧରରଖି କହିଲା, “ଚୁପ୍ କର ଶୁଅ, ମୋ ମୁଣ୍ଡ ଖାଇବ, ପାଟି ତୁଣ୍ଡ କର ନାହିଁ—ଡାକ୍ତର ଆସୁଚ ପର !” ନିଧି ବାବୁ ଧୀରେ ଧୀରେ ପ୍ରବେଶ କରି କହିଲେ, “ତମେ ସେ ଆଡ଼କୁ ମୁହଁ କରି ସେଇଠି ବସ—ନାଜ କଣ ମ ? ଆଉ ତାକୁ ଗୋଟିଏ ଭଲ କରି କଣ ଧୋଡ଼େଇ ଧାଡ଼େଇ ଦିଅ ।” କନକ ନିଧି ବାବୁଙ୍କୁ ଚୁପ୍ କରି କହିଲ, “ମାଳୁ ଭାଇଙ୍କି ମନା କର; ସେ ସେଇପଟେ ଥାଇ, ଏଠିକି ଯେମିତି ନ ଆସେ ।” ନିଧି ବାବୁ ସେହିପରି ଚୁପ୍ କରି କହିଲେ “ହଁ, ହଁ, ଠିକ୍ କଥା !” ଏହା କହି ଦୁଆର ପାଖକୁ ଗଲେ । ରଙ୍ଗୀ କନକ ଆଡ଼କୁ କରୁଣ ଦୃଷ୍ଟିରେ ଚାହିଁଲା, ତା ଆଖିରୁ, ଲୁହ ଗଡ଼ିଲା ପରି ! କଷ୍ଟରେ କହିଲା, ତେମେ ଏତେ ନିଷ୍ଠୁର ନା କଙ୍କି ! ଟିକଏ ଏବେ ଆସି-ଥିଲେ କଣ ହୋଇଥାନ୍ତା ! ମୁଁ ଟିକଏ ଦେଖିଥାନ୍ତି—ଖାଲି ଟିକଏ ନୂଆଁଉ—ଟିକଏ !” “ଚୁପ୍, ଚୁପ୍ !” “ନାଃ, ମୁଁ ଦେଖିମି ନିଶ୍ଚେ—ଏତେ ନୁକୁ ଲେଖିର କାହିଁକି, କି !” ଏହା କହି କନକକୁ ଠେଲି ଦେଇ ରଙ୍ଗୀ ଯେମିତି ଉଠିଛି, ସେମିତି ପଡ଼ିଯାଇ ପୁଣି ଅଜ୍ଞାନ ହୋଇଗଲା—ଡାକ୍ତର ଓ ନିଧିବାବୁ ଦୁହେଁ ଧାଇଁ ଆସି ଧରି ପକାଇଲେ ! ମାଳୁ ବାବୁ ଦୁଆର ଫାଙ୍କରୁ ତଥାପି ନାକ ଦେଖାଇଥାନ୍ତି ।

(୭)

ଅଳ୍ପ କ୍ଷଣ ପରେ ରଙ୍ଗୀର ଚେତା ପଶିଲେ ମଧ୍ୟ ସେ-ସେହି ପରି ଯାଉଁ ସ୍ୟାଉଁ ବକିବାକୁ ଲାଗିଲା । କେତେବେଳେ ସେ ଲଜ୍ଜାରେ ପଳାଇବାକୁ ଚାହେଁ ; କେତେବେଳେ ଅଭିମାନରେ ମୁହଁ

Digitized by srujanika@gmail.com

ମୋଡ଼ ଦେଇ ସ୍ଥିର ହୋଇ ଶୁଏ; କେତେବେଳେ କାନ୍ଦି କାନ୍ଦି କାହା ଉଦ୍ଦେଶ୍ୟରେ ଅନୁତାପ-ଅନୁଶୋଚନାପୂର୍ଣ୍ଣ କରୁଣ ଦୃଷ୍ଟି ଘରର ଚୂଳଆଡ଼େ ନିକ୍ଷେପ କରେ; କେତେବେଳେ ଅବା ହସ ହସି କାହାର କଳ୍ପିତ ଅସ୍ତିତ୍ୱ ଉପଲବ୍ଧି କରି ଆନନ୍ଦରେ ମୁଁ ଆବୋଡ଼କୁ କୁଣ୍ଢେଇ ତାହାର ପଛ ଆଡ଼େ ଲୁଚି ଲୁଚି ଯିବାକୁ ଚାହେଁ ! କନକ ସେତେବେଳକୁ ରଙ୍ଗୀର ହୃଦୟ ମନ ଅତି ପରିଷ୍କାର ଭାବରେ ଦେଖି ସାରିଲାଣି; ଜାଣିଲାଣି, ମିଳୁଙ୍କ ପାଇଁ ହିଁ ତାହାର ଏ ଦଶା—ମିଳୁଙ୍କ ପାଇଁ ବି ଏକା ନୁହେଁ, ସମାଜର ସଙ୍କୀର୍ଣ୍ଣତା ଯୋଗୁ ହିଁ ତାର ଅଧିକ ଦୁଃଖ ! କନକ କଣ ନିଜ କଥାରୁ ଜାଣି ନାହିଁ, କେଡ଼େ ଭୟଙ୍କର ସେ ! ତା ନିଜ ବିବାହରେ ତାର ଯେଉଁ ମହତ୍ ଶିକ୍ଷା ହୋଇଥିଲା, ସେଟା ତ ତା ମନରୁ ଏତେ ଶୀଘ୍ର ଯାଇ ନାହିଁ ! କିନ୍ତୁ ତା କଥା, ରଙ୍ଗୀ କଥା ମଧ୍ୟରେ ଢେର ପ୍ରଭେଦ ! ବିବାହ ପୂର୍ବରୁ ତାକୁ ଗୋଟାଏ ପରୀକ୍ଷାରେ ପଡ଼ିବାକୁ ହୋଇଥିଲା ସତ୍ୟ, କିନ୍ତୁ କନକ ବର୍ତ୍ତମାନ ବୁଝିଲା, ସେଟା ରଙ୍ଗୀ-ପରୀକ୍ଷାରେ ଏକ ନବମାଂଶ ସଙ୍ଗେ ସମାନ ନୁହେଁ ! ସେ ତ ମିଳୁ ବାବୁଙ୍କୁ ଆବାଲ୍ୟ ଭାଇ ବୋଲି ହିଁ ଜାଣି ଆସିଥିଲା, ସେହିପରି ସ୍ନେହ ମଧ୍ୟ କରିଥିଲା—ସେଟା ବିବାହ ବନ୍ଧନରେ ପର୍ଯ୍ୟବସିତ ନ ହେବାରୁ ତାର ଆତ୍ମବଳି ସେ ନାମର ଯୋଗ୍ୟ ମଧ୍ୟ ନୁହେ ! କିନ୍ତୁ ରଙ୍ଗୀ, ସେ ତ ମିଳୁଙ୍କୁ ଜାଣି ନ ଥିଲା ତାର ପିଲାଦିନୁ ! କୈଶୋର ଯୌବନର ସନ୍ଧିସ୍ଥଳରେ କନକ ନିଜେ—ସେ ଏକା କାହିଁକି, ଆଉ ସମସ୍ତେ ମଧ୍ୟ ସେଥିରେ ଥିଲେ—ରଙ୍ଗୀର ନବ ପିପାସାର ଶୁଷ୍କ

Digitized by srujanika@gmail.com

ମନେ ମନେ ।

ଦୃଷ୍ଟି ସମ୍ମୁଖରେ ଆଣି ଥୋଇ ଦେଇଥିଲି ମାଲୁଙ୍କୁ ! ବିବାହ-ପ୍ରସଙ୍ଗ ତଥା ଉଙ୍ଗରହସ୍ୟଦ୍ୱାରା ତା ମନରେ କଣ ବଦ୍ଧମୂଳ କରାଇ ଦିଆଯାଇ ନ ଥିଲା ଯେ, ଉଙ୍ଗୀ ମାଲୁଙ୍କର ! ଏଥିରେ ଉଙ୍ଗୀର କି ଦୋଷ, ଯଦି ସେ ପୂର୍ଣ୍ଣ ହୃଦୟ ଦେଇ ମାଲୁଙ୍କ ପ୍ରଣୟାସକ୍ତ ହୋଇ ଉଠିଲା ! ସେମାନେ କଣ ତାର କୋମଳ ହୃଦୟଟି ନେଇ ନିର୍ମମ ଖେଳଟିଏ ଖେଳ ନାହାନ୍ତି କି ? କିନ୍ତୁ ଆଉ କଣ ଭଲ କରାଯାଇ ପାରିଥାନ୍ତା ? କରଣ ଘରେ ଆଉ କିଛି ଉପାୟ ତ ନାହିଁ; ତଥାପି କରଣ ଘରେ ପ୍ରେମ କରିବାର ସ୍ୱାଧୀନତା ନ ଥିଲେ ସୁଦ୍ଧା ପ୍ରେମ କରିବାର ସୁବିଧାଟିକ ଉଙ୍ଗୀକୁ ଦେବା କଣ ବିଷମ ଭୁଲ୍ ହୋଇ ନାହିଁ ! ଅବଶ୍ୟ, ସେହିତାହିଁ ତାର ଦୋଷ—ସମସ୍ତଙ୍କର ଦୋଷ ! ନାରୀ ହୃଦୟରେ ପ୍ରେମ ସଞ୍ଚାର କରାଇ, ତା ମୁହଁରେ ଯୋଡ଼ା ପଟି ଲଗାଇ, ତା ଅସ୍ତିତ୍ୱ ପର୍ଯ୍ୟନ୍ତ ଭୁଲିଯିବାଟା କଣ ଅବିକଳ ହାତ ଗୋଡ଼ ବାନ୍ଧି ଜଣକୁ ନିଆଁ ବା ପାଣିକୁ ଠେଲି ଦେଲା ପରି ନୁହେଁ କି ! ତା ପରେ ପୁଣି ମାଲୁଙ୍କୁ ନେଇ ଦିନକୁ ଦିନ ଏ ରହସ୍ୟମୟ ଖେଳ !

କିନ୍ତୁ କନକ କୌଣସିମତେ ପୂର୍ଣ୍ଣ ଅନୁଭବ କରି ପାରିଲା ନାହିଁ—କେତେ ଦୁଃଖରେ, କେତେ ଅଭିମାନରେ କେତେ ନିଭୃତ, ଅବ୍ୟକ୍ତ ଯନ୍ତ୍ରଣା ଭୋଗ କରି କରି ଉଙ୍ଗୀର ଏ ଦଶା ଶେଷକୁ ହୋଇଅଛି; ପଳେ ପଳେ ଦଗ୍ଧ ହୋଇ ତାର ମସ୍ତିଷ୍କ ବିଗିଡ଼ି ଯାଇଛି, ହୃଦ୍‌ଯନ୍ତ୍ର ସେ ଦାହ ସହ୍ୟ କରି ନ ପାରି ଆଜି ତାର କ୍ଷୁଦ୍ର ପ୍ରାଣଟିକୁ ବାହାର କରି ଦେବାକୁ ନିଜେ ନିଜେ ଦ୍ୱିଧା ହେବାକୁ ବସିଛି !

Digitized by srujanika@gmail.com

ଡାକ୍ତର ସେହିତା କହିଲ—କୌଣସି ଗଭୀର ଦୁଃଖର ଅବ୍ୟକ୍ତ ଯନ୍ତ୍ରଣା ଉର୍ମୀର ହୃଦ୍‌ବେଗର କାରଣ । ହିଷ୍ଟିରିଆର (ମୃଗୀ) ମୂଳ ଏଇଠି ।

ନିଧି ବାବୁ ଓ କନକ ଦୁହେଁ ସେ ରାତ୍ରି ସାରା ଉର୍ମୀକୁ ଜଗିବସି, ଏ ବିଷୟରେ ଗଭୀର ଗବେଷଣା କରି ସ୍ଥିର କଲେ ମିଳନ୍ତୁଙ୍କୁ ଏବେ ସଫା ନ କହିଲେ ଚଳୁ ନାହିଁ—ନ କହିଲେ କଣ, ରାଜି ନ କରାଇଲେ ବୋଲି କହିବାକୁ ହେବ । ନ ହେଲେ ତ ଉର୍ମୀର କଥା ଶେଷ ! ସମାଜ ପ୍ରତି ଆନ୍ତରିକ ଘୃଣା ସହିତ ନିଧି ବାବୁଙ୍କର ମନେ ହେଲା, ହାୟ, ପାଶ୍ଚାତ୍ୟ ଶିକ୍ଷା ଏ ଦେଶକୁ ଆସିବା ପୂର୍ବରୁ ଯଦି ସମାଜସଂସ୍କାର ଆସିଥାନ୍ତା ! ସମାଜର ଏପରି ଅବସ୍ଥାରେ କୌଣସି ଲୋକର—ପୁରୁଷ ବା ନାରୀ—ପାଶ୍ଚାତ୍ୟ ଶିକ୍ଷା ପାଇବା କେବଳ ଦୁଃଖ ଯନ୍ତ୍ରଣାର ମୂଳ ତ ! ସମାଜର ସେ ସଙ୍କୀର୍ଣ୍ଣତା ମଧ୍ୟରେ କୂପମଣ୍ଡୁକ ହୋଇ ରହିବୁ ସଙ୍ଗେ ସଙ୍ଗେ ନବ୍ୟ ଆଲୋକ ମଧ୍ୟ ଆମ ଭିତର ବାହାର ଉଭୟ ଉଦ୍ଭାସିତ କରି ପକାଇବ,—ଏହା ତ ସ୍ୱାଭାବିକ ନୁହେ ! କି ବିଡ଼ମ୍ବନା !

ଏଣେ, ମିଳନ୍ତୁ ବାବୁ ବଜାରରୁ ବରଫ ଇତ୍ୟାଦି କେତେକ ଆବଶ୍ୟକ ଜିନିଷ ଆଣି ଦେଇ, ବାହାର ଘରେ ଆଜିର ଘଟଣାବଳୀ ଭାବୁଁ ଭାବୁଁ ଗୋଟାଏ ଗଭୀର ଅସ୍ୱସ୍ତିରେ ଆକ୍ରାନ୍ତ ହୋଇ ବିଛଣାରେ ପଡ଼ି ରହିଛନ୍ତି;—ଆଖିରେ ନିଦ ନାହିଁ, ପୁଣି ଯେତେ ଭାବିଲେ ବି କିଛି କୂଳ କିନାରା ମିଳୁ ନାହିଁ ! ଏ ସବୁ ଘଟଣା ଯେ ତାଙ୍କୁ ଉପଲକ୍ଷ କରି ଘଟିଗଲା, ସ୍ୱାର ଅର୍ଥ କଣ ? ସେ ଏ ସବୁରେ କୌଣସି ଭାବରେ ହେଲେ ଅନ୍ତରଙ୍ଗ ନିଶ୍ଚୟ; ନ ଥିଲେ, ନିଜକୁ

Digitized by srujanika@gmail.com

ମନେ ମନେ ।

ନିଜେ ଅପରାଧୀ ବୋଲି ସେ ନ ଭାବି ରହି ପାରନ୍ତେ ନାହିଁ କାହିଁକି ! ଆଉ, ରଙ୍ଗୀର ସେ ଭର୍ତ୍ସନାପୂର୍ଣ୍ଣ ଦୃଷ୍ଟି ଓ ଉକ୍ତି, ଝାଡ଼ୁ କଥା ତାଙ୍କ ମନରୁ କୌଣସିମତେ ଯାଉ ନାହିଁ । ସେ ତ କେବେ ପରିହାସ ମାତ୍ର ହୋଇ ନ ପାରେ ! କି ରହସ୍ୟ ସେଥିରେ ଅଛି ? ଆହୁରି ପୁଣି ରଙ୍ଗୀ ଯାହା କହୁଁ କହୁଁ ପ୍ରଥମେ ମୂର୍ଚ୍ଛା ଗଲା, ତାର ବା ଅର୍ଥ କଣ ? ସେ ଏଠାକୁ ଆସିଲେ ରଙ୍ଗୀର କଣ କ୍ଷତି—ଏତେଦୂର କଣ ସେଥିରେ ରଙ୍ଗୀର ଅନିଷ୍ଟ ହେଉଛି, ଯେ ସେ ଆତ୍ମହତ୍ୟା କରିବ ! ସେ ଅଜ୍ଞାନରେ ସେତେବେଳେ ରଙ୍ଗୀ ଥିବା ଘର ଭିତରକୁ ପଶି ଯାଇଥିଲେ—ସେଥିଯୋଗେ କଣ ? ନାଃ, ନାଃ, ତା ତ ହୋଇପାରେ ନାହିଁ ! ସେ ତ କିଛି କହି ନାହାନ୍ତି, କି କରି ନାହାନ୍ତି ! ହଁ, ସେତେବେଳେ ମଧ୍ୟ ରଙ୍ଗୀ, ଭର୍ତ୍ସନା ସ୍ୱରରେ ଯାହା ମୀଚ କଣ୍ଠରେ କହି ଯାଇଥିଲା, ତାହାର ବା ଅର୍ଥ କଣ ? ତାଙ୍କୁ କେଉଁ କଥାର ଲାଜ ? ନାଃ ଯା ଭିତରେ ନିଶ୍ଚୟ ଆଉ କିଛି ଅଛି !

ଏହିପରି ଭାବୁଁ ଭାବୁଁ ପାହାନ୍ତା ପହରକୁ ଟିକିଏ ତନ୍ଦ୍ରା ଆସିଛି, ଏହିପରି ସମୟରେ ନିଧି ବାବୁ ଆସି ତାଙ୍କୁ ଉଠାଇଲେ ଓ କହିଲେ, "ନୀଳୁ ଭାଇ, ଟିକିଏ ଚାଲ ତମେ, ତମକୁ ଡାକୁଛି ।" "କିଏ, କନକ ?" "ହଁ, ତମେ ଚାଲ ଆଗେ !" ନୀଳୁ ବାବୁ ଦେଖିଲେ, ନିଧି ବାବୁଙ୍କ ମୁହଁ ଚିନ୍ତା ଓ ଅନିଦ୍ରାରେ ଶୁଖିଯାଇ କଳା ପଡ଼ି ଗଲାଣି ଓ ତା ଉପରେ ମଧ୍ୟ ଭୟର ଛାୟା ପରି କଣ ଟିକିଏ ଦିଶୁଛି ! ସେ ଧଡ଼ପଡ଼ ହୋଇ ଉଠି ଭିତରକୁ ବାହାରି ଚାଲେ । ନିଧି ବାବୁ ତାଙ୍କୁ ତାଙ୍କ ନିଜ ଶୋଇବା ଘର ଭିତରକୁ

Digitized by srujanika@gmail.com

ଦେଖାଇ ଦେଇ, ନିଜେ ବାହାରେ ରହିଲେ । ମାଲୁ ବାବୁ କହିଲେ, "ତେମେ ଆସୁ ନା, କଥା କଣ ?"

"ନାଇଁ, ନାଇଁ, ତେମେ ଯା । ବଳେ ବୁଝିବ ଯେ ।"

ମାଲୁ ଭିତରେ ପ୍ରବେଶ କରି ଦେଖିଲେ, ରଙ୍ଗୀ ଆଖି ବୁଜି ଶୋଇଛି—ଉପରକୁ ମୁହଁ କରିଛି ଓ ହାତ ଦୁଇଟି ଛାତି ଉପରେ ଚପି ଧରିଛି; କନକ ତା ମୁଣ୍ଡ ପାଖରେ ବସି ସାଶ୍ରୁନୟନରେ ତା ମୁହଁର ଭାବ ଲକ୍ଷ କରି ଦେଖୁଛି । ଧୀରେ ଧୀରେ ସେ କନକ ନିକଟକୁ ଯାଇ କହିଲେ, "କଣ ?" କଥାଟି ଅତି ନିମ୍ନ ସ୍ୱରରେ କହିଥିଲେ ମଧ୍ୟ ରଙ୍ଗୀ ଆଖି ଖୋଲି ଚାହିଁଲା, ମାଲୁଙ୍କୁ ଦେଖିଲା, ପୁଣି ଆଖି ବୁଜି ଦେଇ ରହିଲା—ଆଉ କିଛି ବୈଲକ୍ଷଣ୍ୟ ଦେଖାଗଲା ନାହିଁ । କନକ କହିଲା, "ଟିକିଏ ନିଦ ହୋଇଥିଲା, ଏଇନାଗେ ଚେତା ଅଛି—ଆଉ ବକୁ ନାହିଁ ।" "ମୋତେ କାହିଁକି ଡାକିଲୁ ? ତୁ ଯିବୁ ଟିକିଏ ଶୋଇବୁ ? ମୁଁ ଏଠି ବସୁଚି, ତୁ ଯା !" "ନା ମ, ତା ନୁହେଁ । ସେଇ କହିଲା, ତତେ ଡାକିବାକୁ ।" ଏହାଠାରେ ରଙ୍ଗୀ ପୁଣି ଆଖି ଖୋଲି, କନକକୁ ବାଧା ଦେଇ କହିଲା, "ମୁଁ ଡାକିବାକୁ କହିଥିଲି ? ସତ କହୁଚ ନା ଆଉ ?"

"କି ଗୋ, କହିଲ ପରି ସେତେବେଳେ ! ସଂସାର 'ଦେଖିମି ଦେଖିମି' ହଉଚ, ଫେରେ ଯୁ। କହୁଚ !"

"କାହିଁ, ମୁଁ ତ କହି ନାହିଁ, ମୋର ତ ମନେ ନାହିଁ ! ତମ ଭାଇ ସଙ୍ଗରେ ମୋର କଣ ଅଛି ? ମୁଁ କାହିଁକି ତାଙ୍କୁ ଡାକିବାକୁ କହିମି !"

Digitized by srujanika@gmail.com

ମନେ ମନେ ।

"ହଉ ହଉ, ତା ହେଲେ ତେମେ ଟିକଏ ଶୁଅ !"

"ତାଙ୍କୁ କହ, ସେ ଯାଆନ୍ତୁ, ମୁଁ ଶୋଉଛି ।"

"ନାଇଁ, ମୁଁ ପର ହୋଉଛି ଟିକଏ ଶୋଇମି—ସେ ଟିକଏ ଏଇଠି ବସୁ ।"

"ନା, ସେ ଯାଆନ୍ତୁ ! ଭାଇ କାହିଁ ? ବୋଉକୁ ଆଣିଲ ? ନା, ନୂଆ'ଉ, ତୁମକୁ ମୋ ରାଣେ, ଆସ ମେତେ କୋଳରେ ଧରିରଇ-କରି ଶୁଅ । ନିଦରେ ଶୋଇ ପଡ଼—ମୁଁ ଚୂପ୍ କରି ଶୋଇମି । ଏଠି କେହି ରହିବା ଦରକାର ନାହିଁ !"

ନିଧି ବାବୁ ଧୀରେ ଧୀରେ ପ୍ରବେଶ କରିବାରୁ ରଙ୍ଗୀ ମୁହଁ ବୁଲେଇ ଚାହିଁଲ; ମିଳନ୍ଙ୍କ ଉପରେ ଆଖି ପଡ଼ିବାରୁ ଟିକିଏ ଲଜ୍ଜିତ ହୋଇ ପୁଣି ଆଖି ବନ୍ଦ କଲ । ନିଧି ବାବୁ କୋମଳ ସ୍ୱରରେ କହିଲେ, "ରଙ୍ଗୀ, ମୋ ସୁନା ଭଉଣୀଟି ପରା ! ଏଇ ମିଳନ୍ ଭାଇ ଆସିଛ; କଣ କହିବୁ ପରା !" ରଙ୍ଗୀ ଲଜ୍ଜାରେ ମୁହଁ ବୁଲାଇ ମୁଣ୍ଡ ହଲାଇ ନାହିଁ କଲ । କନକ ଠାରି ଦେବାରୁ ନିଧି ବାବୁ ପୁଣି ଚାଲିଗଲେ । କନକ ମଧ୍ୟ ପଛେ ପଛେ ଉଠି ପଡ଼ୁଥିଲା, ରଙ୍ଗୀ ତା ହାତ ଧରି ପକାଇ କହିଲା, "ନୂଆ'ଉ, ମୋ ମୁଣ୍ଡ ଖାଇବ, କୁଆଡ଼େ ଯା ନାହିଁ । ତେମେ ଏଠି ରହ, ଆଉ କେହି ରହିବା ଦରକାର ନାହିଁ । ଆଉ ତମ ଭାଇଙ୍କୁ କହ, ସେ ଡରିବେ ନାହିଁ, ମୁଁ କେଉଁ ତାଙ୍କୁ ବା' ହବାକୁ ମାଗିବି ନାହିଁ !" ଏହା କହି ଅତି ବିକଳ ଅଥଚ କଠିନ ଭାବରେ କନକକୁ କୁଣ୍ଢାଇ ଧରିଲା । ମିଳନ୍ ବାବୁ କଣ ବୁଝିଲେ, ହଠାତ୍ କନକ ମନା କରୁଁ କରୁଁ ସେଠାରୁ ବାହାରି ଚାଲିଗଲେ । ଥରେ ମାତ୍ର ପଛକୁ ଅନାଇ ଦେଖିଲେ, କି ବେଦନା କି ମିନତିପୂର୍ଣ୍ଣ କନକର ଦୃଷ୍ଟି ! କ୍ଷଣକେ ପୁଣି ମୁହଁ ମୋଡ଼ି ଦେଇ

Digitized by srujanika@gmail.com

ଶୁଣିଗଲେ ! କନକ ହତାଶ ହୋଇ ବସି ପଡ଼ିଲା ! ରଙ୍ଗୀ ମଧ କନକ କୋଳରୁ ଉପୁଙ୍କୁ ନେଇଥରେ ମୁହଁ କାଢ଼ି ଗମ୍ଭୀର ଭାବରେ ଘରୁ ବାହାରି ଯାଉଥିବା ମାଳୁଙ୍କ ଆଡ଼କୁ ଥରେ ମାତ୍ର ଚାହିଁ, ହଠାତ୍ ଉଠି ବସି; ଦୁଇ ହାତରେ ନିଜ ମୁଣ୍ଡକୁ ବାଡ଼େଇବାକୁ ଲଗିଲା ! କନକ କୌଣସି ମତେ ତାକୁ ଧରି ନିଜ ଗୁଡ଼ି ଉପରକୁ ଆଉଜାଇ ଆଣିଲରୁ ଅତି କରୁଣ, ଅନୁତାପଦଗ୍ଧ ସ୍ୱରରେ କହିଲା, "ନୂଆଁଉ ମୁଁ ନ ମରି ଯା ବଞ୍ଚିଛି ! ଛି, ଛି ! ଏ ଜଳଜଳା ଜୀବନ କଣ ସହିହେବ ?" କନକ ସାନ୍ତ୍ୱନା ଦେବାରୁ କହିଲା, "ସତେ କଣ ନୂଆଁଉ, ମୁଁ ତାକୁ ଡାକୁଥିଲି ନା ? ଭାଇଙ୍କ ଆଗରେ ? ଛି, ଛି—ଏ ପୋଡ଼ା ଜୀବନ ବାହାରି ଯାଉ ନାହିଁ କାହିଁକି ! ଏ ପୋଡ଼ା ମୁହଁ ଆଉ ମୁଁ ଦେଖାଇବି କେମିତି !" ଏହା କହି ବଡ଼ୁଆ ଅସ୍ଥିର, ଅବସନ୍ନ ଭାବରେ ତା ସ୍ୱେଦସିକ୍ତ ପାଣ୍ଡୁର ମୁଖଟିକୁ ନୂଆବୋଉଙ୍କ କୋଳ ଭିତରେ ମୁରାଇ ବଛଣା ଉପରେ ଲୋଟି ହୋଇ ପଡ଼ିଲା । ମୁଣ୍ଡର ମୁକ୍ତ କେଶଦାମ ସାଙ୍ଗେ ସାଙ୍ଗେ ଘରଆଡ଼େ ମେଲିଯାଇ ତାର ଗଭୀର ଲଜ୍ଜାକୁ ଘୋଡ଼ାଇଲା ପରି !

× × ×

ନିଧି ବାବୁ ଥକ୍କା ହୋଇ କାନ୍ଥକୁ ଆଉଜି ପିଣ୍ଡାଟି ଉପରେ ଯେମିତି ବସି ପଡ଼ିଥିଲେ, ସେମିତି ବସିଥାନ୍ତି । ଅନେକ କ୍ଷଣ ପରେ କନକ ରଙ୍ଗୀକୁ ଶୁଆଇ ଧୀରେ ଧୀରେ ଦୁଆର ଖୋଲି ବାହାରିଲା, ସେତେବେଳକୁ ପ୍ରାୟ ରାତି ଆସି ପାହିଲଣି । ନିଧି ବାବୁ ଝାଡ଼ା-ଝୁଡ଼ି ହୋଇ ଉଠି ଅନିଶ୍ଚିତ ଭାବରେ ଠିଆ ହୋଇ ରହିଲେ— କନକ ଆଡ଼କୁ ଆଉ ଚାହିଁଲେ ନାହିଁ । କନକ ନିକଟକୁ ଯାଇ ନୈରାଶ୍ୟପୂର୍ଣ୍ଣ ସ୍ୱରରେ କହିଲା, "ମାଳୁଭାଇ କୁଆଡ଼େ ଗଲା ?"

Digitized by srujanika@gmail.com

ମନେ ମନେ ।

ନିଧି ବାବୁ ସ୍ଥିର ଭାବରେ କହିଲେ, "ସେଥିରୁ କଣ ପାଇବ ! ସେ ଆଉ ଏଠିକି ଆସିବ ନାହିଁ !" "ଆସିବ ନାହିଁ ? କ, କମିତି ଜାଣିଲ ?" "ମୋତେ ସେ ସେତକ କହିକରି ଯାଇଛି ।" ସ୍ୱାମୀ ସ୍ତ୍ରୀ କିଛି କ୍ଷଣ ମୌନ ହୋଇ ରହିଲେ । କନକ ଏଇଆ ହିଁ ଭୟ କରୁଥିଲା । ନିଧିବାବୁ ପଚାରିଲେ, "ତମକୁ ସେ କଣ କହିଲା କିଛି ?" କନକ ମନେ ମନେ ଗୋଟାଏ ଅନ୍ୟାୟ ଅଭିମାନ କରି କାନ୍ଦିବାର ଉପକ୍ରମ କରୁଥିଲା; ଏ କଥାରେ ଫୁଲି ଫୁଲି କାନ୍ଦି ଉଠିଲା । ନିଧି ବାବୁ ସାନ୍ତ୍ୱନାର ଚେଷ୍ଟା ମାତ୍ର ନ କରି ଗମ୍ଭୀର ଭାବରେ କହିଲେ, ମାଳ୍ତୁର କିଛି ଦୋଷ ନାହିଁ ତ—ନା, ନା ! ହାୟ, ସେ ଯା ଆମ ଉପରେ ଏତେ ରାଗ ରଖିକରି ଗଲା !" କନକ କାନ୍ଦି କାନ୍ଦି ବାଧା ଦେଇ କହିଲା, "କାହାରି ଉପରେ ତାର ରାଗ ନାହିଁ । ମୁଁ ଜାଣେ, ଖାଲି ମୋରି ଉପରେ ତାର ସବୁ ରାଗ !" ନିଧି ବାବୁଙ୍କ ଆଖିରେ କପରି ଗୋଟାଏ ମଳିନ ଜ୍ୟୋତି ଦେଖା-ଗଲା । ସେ କହିଲେ ଗମ୍ଭୀର ଉଦ୍ଭ୍ରାନ୍ତ ଭାବରେ—"ତାର ରାଗିବାର କଥା ତ—ତମର ଯଉଁ ବୁଦ୍ଧି !" କନକ ଆତ୍ମରକ୍ଷାଚ୍ଛଳରେ କହିଲା, "କି, ମାଳ୍ତୁଭାଇ ମୋତେ ଏପରି ଠକିବ, ମୁଁ କଣ ଜାଣିଥିଲି !" ନିଧି ବାବୁ ହସି ଉଠିଲେ, କହିଲେ, "ମାଳ୍ତୁଭାଇ ତମୁକୁ ଠକିଲା, ନାହିଁ ? ହା ହା ହା !" ଏହା କହି ନିଧି ବାବୁ ଅଧିକତର ବେଗରେ ହସିବାକୁ ଲାଗିଲେ !

ଲଜ୍ଜିତ, ବ୍ୟଥିତ ହୋଇ କନକ ସେଠାରୁ ପଳାଇ ଗଲା ! ନିଧି ବାବୁଙ୍କ ହସ ସେଥିରେ ବି ବନ୍ଦ ହେଲା ନାହିଁ ।

Digitized by srujanika@gmail.com

—ଚତୁର୍ଥ ଖଣ୍ଡ—

ମନେ ମନେ

ପନ୍ଦର କୋଡ଼ିଏ ଦିନ ମଧ୍ୟରେ ରଙ୍ଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଉଠିଲା । ଦେହର ପୂର୍ବ ଅବସ୍ଥା ଓ ବର୍ତ୍ତମାନ ଅବସ୍ଥା ଭିତରେ ପ୍ରଭେଦ ନାହିଁ କହିଲେ ଚଳେ, କିନ୍ତୁ ତା ମୁହଁଟିରେ ସ୍ୱାସ୍ଥ୍ୟର ଉଜ୍ଜ୍ୱଳ କାନ୍ତିଟିକ ନାହିଁ, ଆଖିଯୋଡ଼ିକର ସେ ଦୀପ୍ତି ନାହିଁ—ଗୋଟାଏ ଗମ୍ଭୀର ଅବସାଦ ଯେପରି ତା ଅଙ୍ଗ ପ୍ରତ୍ୟଙ୍ଗକୁ ଢାଙ୍କି ରଖିଛି । ଦୃଷ୍ଟି ସବୁବେଳେ ତଳକୁ, ଅଙ୍ଗ ପ୍ରତ୍ୟଙ୍ଗରେ ସ୍ଫୂର୍ତ୍ତି-ହୀନତା, ମନରେ ସଦା ଜାଗ୍ରତ ଗୋଟାଏ ଅନିଶ୍ଚିତ ଭୟ; କିପରି ଗୋଟାଏ, ଦୁର୍ବିଷହ ଭାର ଯୋଗୁ ତାର ମୁଣ୍ଡଟି ଯେପରି ଆଜି ଲଇଁ ପଡ଼ିଲାଣି । କିନ୍ତୁ ସବୁଥିରେ ଗୋଟାଏ ଦୃଢ଼ ସଂଯମ, ଗୋଟାଏ ସୁକଠିତ ବର୍ମାବୃତ ଶକ୍ତିର ଆଭାସ ମିଳୁଅଛି ।

ପାଠକେ, ଘୋର ଝଡ଼ବେଳେ ଗୋଟାଏ ଉନ୍ନତ ବୃକ୍ଷର ଅବସ୍ଥା ପର୍ଯ୍ୟବେକ୍ଷଣ କରି ଦେଖିବେ,—ସେ କିପରି ତାହାର ସ୍ୱଭାବଗାମ୍ଭୀର୍ଯ୍ୟ ଛାଡ଼ି, ବାତ୍ୟାବିତାଡ଼ିତ ହୋଇ ଛିନ୍ନ ଭିନ୍ନ ଅବସ୍ଥାରେ, କେତେବେଳେ ଧରାତଳର, କେତେବେଳେ ବା କ୍ଷୁଦ୍ରାକ୍ଷୁଦ୍ର ନିର୍ବିଗ୍ନରେ ନିକଟସ୍ଥ ବୃକ୍ଷ ଲତାର ଆଶ୍ରୟ ନେଇ ବୁଲୁଛି । ପୁଣି ଦେଖିବେ,—ଝଡ଼ର ଅବସାନରେ ବୃକ୍ଷଟି କିପରି ସକଳ ଭାବରେ ତାହାର ଲଜ୍ଜାନମ୍ର କ୍ଷତବିକ୍ଷତ ଅଙ୍ଗ-ପ୍ରତ୍ୟଙ୍ଗକୁ ଗୋଟାଇ ଆଣି ତାର ସେହି କ୍ଷଣିକ ଅସଂଯମର ନିଭୃତ ପ୍ରାୟଶ୍ଚିତ କରୁଛି ! ଆକସ୍ମିକ ଉତ୍ତେଜନାର ଉଦ୍ଦାମ ଶୃଙ୍ଖଳ ତାକୁ ଭୂତଳଶାୟୀ କରି

Digitized by srujanika@gmail.com

ମନେ ମନେ ।

ପାରି ନାହିଁ—ତାର ଉଚ୍ଚ ଶିର ତଳେ ନୁଇଁଛି । ଅଧୁନା ତାର ଲଜ୍ଜାର ପରିଭବ, ତାର ଭୟର ଲଜ୍ଜା; ଉଭୟେ ମିଳି ତାକୁ ବଜ୍ର କରିବାକୁ ଗ୍ରହୁଁଛନ୍ତି ! ଆଉ ମିଳାଇ ଦେଖିବେ—ରଙ୍ଗୀର ଅବସ୍ଥା ଆଜି ଠିକ୍ ସେହିପରି ।

ରଙ୍ଗୀର ବର୍ତ୍ତମାନ ପ୍ରଧାନ ଭୟ—ମନ୍ମଥ ବାବୁ ତ ଏ ବସାକୁ ପୂର୍ବପରି ଆସିବ, ଯିବ, ଏଥିରେ ସେ ଏଠି ରହିବ କପରି ! ତାର ମନେ ହେଉଛି, ମନ୍ମଥ ବାବୁର ଦୃଷ୍ଟି ପଡ଼ିଲେ, କି ତା କଣ୍ଠସ୍ୱର ତା କର୍ଣ୍ଣକୁ ଆସିଲେ ସେ ଏଥର ନିଶ୍ଚୟ ମରିଯିବ ! ତଥାପି କାହିଁ—ଆଜିକୁ ପଚିଶ ଦିନ ହୋଇଗଲା, ଧରେ ହେଲେ ତ ମନ୍ମଥ ବାବୁ ଏ ବସାକୁ ଆସିଥିବାର ଆଭାସ ଟିକିଏ ହେଲେ ସେ ପାଇ ନାହିଁ । କେତେବେଳେ ଭାବୁଛି—ଆସୁଥିବ ସେ ଜାଣି ପାରୁ ନାହିଁ, ପୁଣି କେତେବେଳେ ଭୟ ସହିତ ଭାବୁଛି—ନାଇଁ, ଆଉ ଆସୁ ନାହିଁ ପରା ! ନିଜ ମନକୁ ସେ ଯଥାସମ୍ଭବ ଶାସନ କରୁଛି, କହୁଛି, "ସେ ଆସିଲେ କେତେ ନ ଆସିଲେ କେତେ—ତାର ସେଥିରେ କଣ ଅଛି !" କିନ୍ତୁ ବାଇଆ ମନ କି ବୁଝେ ! ଅତି ଦମ୍ଭରେ ସେ ନିଜ ବିଶ୍ୱାସଘାତକ ମନ ସହିତ ଯୁଦ୍ଧ କରି ବସେ; କିନ୍ତୁ ଅଜ୍ଞାତରେ କେତେବେଳେ ସେହି ମିଳନକଥା ହିଁ ଭାବି ବସେ ଯେ, ଘଡ଼ିକ ପରେ ହଠାତ୍ ନିଦରୁ ଉଠିଲା ପରି ଉଠି ଦେଖେ, ସେ ପୁଣି ସେହି ଚିନ୍ତାରେ ମଗ୍ନ ! ସମୟ ସମୟରେ ଏପରି ବି ହୁଏ, ଯାହାର ଆସିବା ପାଇଁ ଏତେ ଭୟ ତାହାର ଆସିବା ସମୟ ହେଲେ ସେ ଚକିତ ଉତ୍ସୁକ ଭାବରେ ଖିଡ଼ିକିରେ ଆଶାନ୍ୱିତ ଚରଣରେ ଏ ଘର, ସେ ଘର ବି ହେଉଥାଏ । ଗ୍ଲୁହିଁ ଗ୍ଲୁହିଁ ଯେତେବେଳେ ନିରାଶ ହୁଏ,

Digitized by srujanika@gmail.com

ସେତେବେଳେ ମର୍ମାନ୍ତିକ ଅନୁତାପରେ ନିଜକୁ ତିରସ୍କାର କରେ, ଶାସନ କରେ ! ଏତିକି ସୌଭାଗ୍ୟ ତାର ଯେ, ତାର ଏ ମନୋଭାବ ବାହାରେ ପ୍ରକାଶ ହୋଇ ପଡ଼େ ନାହିଁ । ସେ ଯୋଗେ ସେ ଠିକ ଶିଖିଲାରୁ ନିଜକୁ ନିଜେ ପ୍ରସ୍ତୁତ କରି ରଖିଛି, କିନ୍ତୁ ମାଲୁଚିନ୍ତା ତାକୁ କୌଣସିମତେ ଛାଡ଼ିବାକୁ ନାହିଁ ।

ରଙ୍ଗୀ ଆଜ ବଡ଼ିସକାଳୁ ଉଠି, କାମଧନ୍ଦା ସାରି, କନକ-ଘରକୁ ଯାଇ ଦେଖିଲା—କନକ ଗୁମ୍ ହୋଇ ବସିଛି, ଗୋଟାଏ ହାତରେ ତାର ଖଣ୍ଡେ ଖୋଲାଚିଠି, ଅନ୍ୟ ହାତରେ ଗୋଟାଏ ବନ୍ଦ ଲଫାଫା—ଡାକରେ ଆସିଥିଲା ପରି ଲାଗିଲା । ରଙ୍ଗୀକୁ ଦେଖି କନକ ଖୋଲା ଚିଠି ଖଣ୍ଡିକ ତା ହାତକୁ ବଢ଼ାଇ ଦେଲା । ରଙ୍ଗୀ ପଢ଼ି ଦେଖିଲା, ପୁରୀରୁ ଗଉରୀଅପା ଲେଖିଛି—ଆଜ ଦିନ ଗାଡ଼ିରେ ସେମାନେ ସମସ୍ତେ ଅର୍ଥାତ୍ ବୋଉ ଗଉରୀ ନିଜେ ଓ ନିଧି ବାବୁ ଆସି କଟକରେ ପହଞ୍ଚିବେ । ପଢ଼ିସାରି ରଙ୍ଗୀ ଉଦ୍ଭ୍ରାନ୍ତ ବିହ୍ୱଳ ହେଲା ପରି ସେହିଠାରେ ବସିପଡ଼ି, ଗମ୍ଭୀର ନିଶ୍ୱାସଟିଏ ପକାଇ କହିଲା, "ନୂଆଁଉ ମୁଁ କଣ କରିବ !" କନକ ବି ଘୋର ଚିନ୍ତାରେ ବିଭୋର ଥିଲା, ସେ ରଙ୍ଗୀର କଥା ପ୍ରତି ଆଦୌ କର୍ଣ୍ଣପାତ କଲା ନାହିଁ, ଆଖିର ଏକ ଧ୍ୟାନରେ ପୂର୍ବୋକ୍ତ ବନ୍ଦ ଚିଠିଟିର ଶିରୋନାମା ପ୍ରତି ଅନାଇ ରହିଲା । ରଙ୍ଗୀର ମଧ୍ୟ କନକର ମନୋଭାବ ଲକ୍ଷ୍ୟ କଲା-ଭଳି ମନର ଅବସ୍ଥା ନ ଥିଲା । ସେ ବି ନିଜ ଚିନ୍ତାରେ ନିଜେ ବିଭୋର ହୋଇ ରହିଲା । କିଛିକ୍ଷଣ ପରେ କନକ ହଠାତ୍ ଉଠି ଲଫାଫାଟି ରଙ୍ଗୀ ହାତରେ ଦେଇ କହିଲା, "କହିଲ ନୂଆଁଉ—ନା ନା, ରଙ୍ଗୀ, ଏ ଚିଠି କୋଉଠୁ ଆସିଛି, କିଏ ଲେଖିଛି ?" ରଙ୍ଗୀ

Digitized by srujanika@gmail.com

ମନେ ମନେ ।

ଚିଠି ଖଣ୍ଡିକ ନେଇ ଏପଟ ସେପଟ ଦେଖି କନକ ହାତକୁ ଫେରାଇ ଦେଇ କହିଲା, "ମୁଁ ତ ଜାଣି ପାରୁ ନାହିଁ, ନୂଆ'ଉ, ଏଟା ତ ଭାଇଙ୍କ ନାଁରେ ଆସିଚି । ହଁ, ନୂଆ'ଉ, କିଏ ଦେଇଚି ?" କନକ ଅଳ୍ପ ଅଳ୍ପ ହସୁଥାଏ । କହିଲା, "ଚିହ୍ନି ପାରିଲ ନାହିଁ ? ଏଟା ନା— ନାଇଁ, ନାଇଁ, କେହି ନା—ମୁଁ କେମିତି ଜାଣିବ !" ଏହା କହି କନକ ମନେ ମନେ ଜିଭ କାମୁଡ଼ି ରହିଲା ଓ ଚିଠି ଖଣ୍ଡିକ ନେଇ ଟେବୁଲ ଉପରେ ରଖିଦେଲା । ରଙ୍ଗୀ ମଧ ନିଜ ଅବସ୍ଥା-ଚିନ୍ତାରେ ବ୍ୟସ୍ତ ଥିବାରୁ କନକର ଏ ଭାବ-ପରିବର୍ତ୍ତନ ଲକ୍ଷ କଲା ନାହିଁ, ନ ହେଲେ, ପ୍ରକୃତ ଘଟନାଟା ଜାଣିବାକୁ ତାକୁ ବିଳମ୍ବ ହୋଇ ନ ଥାନ୍ତା ।

ଚିଠି ଖଣ୍ଡିକ ମାଲୁଙ୍କର ।

ବାସ୍ତବିକ, ମାଲୁବାବୁ ସେ ଦିନଠୁ ଆଉ ଦେଖା ନାହାନ୍ତି— ଦେଖା ତ ଦୂରର କଥା, ତାଙ୍କର କୌଣସି ଖବର ବି କନକ ପାଇ ନାହିଁ । ସେ କଟକରେ ଅଛନ୍ତି, କି ଅନ୍ୟ କୁଆଡ଼େ ଗଲେଣି, ଏହା ବି କନକକୁ ଏ ପର୍ଯ୍ୟନ୍ତ ଜଣା ନ ଥିଲା । ଆଜ ଡାକରେ ତାଙ୍କ ହାତଲେଖା ଚିଠିଖଣ୍ଡି ଦେଖି ସେ ଭାବୁଚି ଯେ, ସେ ଏଠାରେ ନାହାନ୍ତି । ଇତିପୂର୍ବରୁ ଦିନକୁ ଶହେ ଥର ମାଲୁଙ୍କ କଥା ତାର ମନେ ପଡ଼ିଲେ ସୁଦ୍ଧା, ସେ କାହିଁକି କେଜାଣି ତାଙ୍କ ବିଷୟରେ କାହାରିକୁ କିଛି ପଚାରିପଚାରି କରି ନାହିଁ । ସେଇ—ସେ ଦିନର ଘଟନା ପରଠୁଁ ଆଜକୁ ପଚିଶି ଦିନ ହେଲା ନିଧି ବାବୁଙ୍କ କଥା ତ ଛାଡ଼ିଦିଅ ଚାକରବାକରକୁ ପର୍ଯ୍ୟନ୍ତ ମାଲୁ ବାବୁଙ୍କ ପ୍ରସଙ୍ଗରେ ପଦେ କଥା କହିବାକୁ ସୁଦ୍ଧା ସେ ସାହସ କରି ନାହିଁ । କି ଗୋଟାଏ କ୍ଷୁଦ୍ରତା

Digitized by srujanika@gmail.com

ଓ ନ୍ୟୂନତା ତା ମନକୁ ନୁଆଇଁ ଦେଇ ଯାଉଛି ଯେ, ସେ ସେହି ଦିନଠାରୁ ନିଜକୁ ଘୋର ଅପରାଧୀ ବୋଲି ଭାବୁଛି । କି ପ୍ରକାର ଯେ ତାର ଅପରାଧ, ସେ ନିଜେ ତାହା ବୁଝି ନାହିଁ; ଅଥଚ ମାଲୁଙ୍କ ବିଷ-ୟରେ ସେ ଆଉ ପାଟି ଫିଟାଇବାକୁ ସାହସ କରୁ ନାହିଁ । ଏ ବିଷୟରେ ନିଧି ବାବୁ ମଧ୍ୟ ସେହି ଦିନଠାରୁ ଏକାବେଳକେ ମୂକ ହୋଇଯାଇ ଅଛନ୍ତି । ସେ ଯୋଗେ ମଧ୍ୟ ଆହୁରି ତାର ସାହସ କମି କମି ଯାଉଛି । ସେ ବୁଝି ପାରୁଛି, ନିଧି ବାବୁ ଓ ତା ମଧ୍ୟରେ ସେହି ଦିନଠାରୁ ଗୋଟାଏ କି ବ୍ୟବଧାନ କ୍ରମେ ଘନୀଭୂତ ହୋଇ ଆସିଛି । ସେ ଦିନର ନିଧି ବାବୁଙ୍କ ହସ ତା ମନରୁ ଯାଇ ନାହିଁ, ଏବେ ତାଙ୍କର ତା ପରର ବ୍ୟବହାର ତାର ଆତ୍ମଗ୍ଲାନିକୁ ବଢ଼ାଇବା ସଙ୍ଗେ ସଙ୍ଗେ ତାର ଆତ୍ମାଭିମାନକୁ ମଧ୍ୟ ଉଦ୍ଦୀପିତ କରି ଦେଇଛି । ମାଲୁ ବାବୁଙ୍କ ଉପରେ ତ ତାର ଷୋଳ ପଣ ଅଭିମାନ; ତା ଉପରେ ପୁଣି ସ୍ୱାମୀଙ୍କର ଏ ବ୍ୟବହାରରେ ତା ମନରେ ଭୟ ସଙ୍ଗେ ସଙ୍ଗେ ଲଜ୍ଜା ଓ ଅଭିମାନ ଉଭୟ ଜାଗି ଉଠି, ବର୍ତ୍ତମାନ ଶ୍ରାବଣ ଆକାର ଧାରଣ କରି ପକାଉଅଛି । ଏ କେତେ ଦିନ ଦୁଇ ଜଣଙ୍କ ମଧ୍ୟରେ ଗାର୍ହସ୍ଥ୍ୟ ବ୍ୟାପାର ଛଡ଼ା ଅନ୍ୟ ବିଷୟରେ କଥାବାର୍ତ୍ତା ଆଦୌ ହୋଇ ନାହିଁ କହିଲେ ଚଳେ । ଫଳରେ ଆଜକୁ ଦୁଇଦିନ ପୂର୍ବେ ନିଧି ବାବୁ ପୁରୀ ଗଲା ବେଳକୁ, ଦୁଇ ଜଣଙ୍କର ସାକ୍ଷାତ ହେବାର ବଧ ଆବଶ୍ୟକ ହୋଇ ନାହିଁ । ଆଉ, ଆଜି ଗଙ୍ଗାଠାରୁ ଏ ପତ୍ର—ଗଙ୍ଗାଠାରୁ ! ନିଧିବାବୁ ତ ସ୍ୱଚ୍ଛନ୍ଦରେ ସେହି କଥା ଲେଖି ପାରିଥାନ୍ତେ । ସେଇଥିଯୋଗେ ଆଜି କନକ ନିଜକୁ ସ୍ୱାମୀଙ୍କ ନାମରେ ପତ୍ର ଲେଖିବାର ଅଧିକାରରୁ ବଞ୍ଚିତ ମନେ କଲା—ଯେଉଁ

Digitized by srujanika@gmail.com

ମନେ ମନେ ।

ପର ପୁଣି ସେ ସ୍ପଷ୍ଟ ବୁଝି ପାରୁଛି, ତାହାର ମାଲୁଭାଇଙ୍କଠାରୁହିଁ ଆସିଛି !

ଲଜ୍ଜାରେ, ଅପମାନରେ ତାକୁ ଆଜ ଜୀବନ ବିଷ ପରି ଲାଗୁଛି । କେବଳ ଗୋଟାଏ କଠିନ ଅଭିମାନ ତାକୁ ଟେକି ଧରି ଚଳାଇ ନେଉଛି !

ରଙ୍ଗୀ ଏ ସବୁର କିଛି ଜାଣେ ନାହିଁ । ସେ ବା କପରି ଜାଣିବ,—ତା ନିଜ ଚିନ୍ତା ତ ତାକୁ ଖାଇ ଯାଉଛି ! ବୋଉ ଓ ଗଉରୀଅପା ସଙ୍ଗରେ ଦିନେ ତ ନିଶ୍ଚୟ ଦେଖା ହେବ । ସେଥିପାଇଁ ସେ ନିଜକୁ ଆଗରୁ ଅନେକ ପ୍ରକାରେ ପ୍ରସ୍ତୁତ କରି ରଖିଥିଲେ ସୁଦ୍ଧା, ଆଜ ତାଙ୍କ ଆସିବା ଖବରରେ ତା ମୁଣ୍ଡରେ ବଜ୍ର ପଡ଼ିଲା ପରି ତାକୁ ବୋଧ ହେଲା । କିଛିକ୍ଷଣ ଚୁପ୍ ରହି ସେ ପୁଣି କନକକୁ ଧରି କହିଲା, "ନୂଆଁଉ, ମୁଁ ଆଜ କଣ କରିବି, ମୋତେ କହିଦିଅ !" କନକ ଟିକିଏ ହସି—ଏ ଅବସ୍ଥାରେ ତା ମୁହଁରୁ ହସ କିପରି କୁଆଡ଼ୁ ଆସିଲା କେଜାଣି, ହସିବାର ତ କୌଣସି କାରଣ ନ ଥିଲା—କହିଲା, "ତମ ଭାଇ ଆଗେ ବୋଉଙ୍କୁ କିଛି କହିଚନ୍ତି କି ନା, ଦେଖ !" ରଙ୍ଗୀ କହିଲା, "ଆଉ ଗଉରୀଅପା ?" "ତାଙ୍କୁ ଏତେ କଣ ଡର ?" "ମଲା, ତାକୁ ତ ମୋର ବଡ଼ଜ ଡର; ବୋଉକୁ କଣ ଏତେ ଡର କି ! ନ ହେଲେ—ଯା ଯା ! ନୂଆଁଉ, ମୁଁ କଣ କରିବି ସତେ !" "ନା, ତେମେ ଇମିତି ଗୁଣିଆ ହୁଅ ନାହିଁ । ଆସନ୍ତୁ ଆଗେ, କଣ ହଉଚି ଦେଖାଯାଉ ।" "ନା, ନା, ତେମେ ଦେଖିବ, ସେ ସବୁ ଆସିଲା ବେଳକୁ ମୁଁ କେଉଁଠି ଥିବି ! ସେ କୁଠୁରୀ ଘରେ କବାଟ ଦେଇକରି—" "ଯାଃ ଏତେ ଡର

Digitized by srujanika@gmail.com

କାହିଁକି ମ ! କଉଁ କଥାକୁ ଏତେ ଡର ? କଣ କଲ କି -ତମେ—ଗୃହ, ନା ନାଟ୍, ନା କଣ ! ଦେଖୁ ନା—କେତେ ଡରୁଛ !" ଏହା କହି କନକ ନିଜ ଚର୍ବିଳ କଥାରେ ନିଜେ ଫୁଲି ଉଠି ସେଠାରୁ ସଦନ୍ତରେ ବାହାର ଚାଲିଗଲ; ରର୍ଣ୍ଣୀ ଅଳ୍କା ହେଲ ପରି ତା ଆଡ଼କୁ ଅନାଇ ରହିଗଲ । ସେ କୌଣସିମତେ ହଠାତ୍ ବୁଝି ପାରିଲ ନାହିଁ, କନକର ତାହା ପର ଉତ୍ତରର କଣ କାରଣ ଅଛି । ସେ ଖାଲି ଅକୁଳ ହୋଇ ସେହି ବିଷୟ ଭାବିବାକୁ ଲଗିଲ ।

ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଏ ମତାନ୍ତର ବିଷୟଟି ଟିକିଏ ଖୋଲି ନ କହିଲେ ଚଳିବ ନାହିଁ । ନିଧି ବାବୁ ଓ କନକ ଏ ଦୁଇଜଣଙ୍କ ଗାର୍ହସ୍ଥ୍ୟ ଓ ଦାମ୍ପତ୍ୟ ଜୀବନ ବିଷୟରେ ଆଭାସ ମାତ୍ର ଦିଆ ହୋଇଅଛି । କନକ ହୃଦୟରେ ନିଧି ବାବୁଙ୍କ ସ୍ଥାନ କେଉଁଠି ଏ ବିଷୟରେ ପାଠକେ ସନ୍ଦିହାନ ହେବା ସ୍ୱାଭାବିକ । ତେବେ ଏତିକି କହିଲେ ଯଥେଷ୍ଟ ହେବ ଯେ କନକ ନିଜ ହୃଦୟକୁ ପ୍ରାଣପଣ ଯତ୍ନରେ ସ୍ୱାମୀପ୍ରେମ ଓ ସ୍ୱାମୀ ସେବାରେ ଲଗାଇ ଥିଲ ଓ ଗୋଟାଏ ଆଦର୍ଶ ଉପରେ ଅଟଣ୍ଡ ... ଧାରଣ କରି ସାମାନ୍ୟ କଥାରେ ମଧ୍ୟ ସେଥିରୁ ନିଜକୁ ବିଚଳିତ ହେବାକୁ ଦେଉ ନ ଥିଲ । ଆଉ ନିଧି ବାବୁ,—ସେ ତ କନକଗତପ୍ରାଣ ହୋଇ ଅଳପାଏଁ ବିବାହିତ ଜୀବନର ପ୍ରାୟ ଦେଡ଼ବର୍ଷ କାଳ କଟାଇଥିଲେ । ବିବାହର ଅତି ଅଳ୍ପ କାଳ ପରେ କନକର ମନଙ୍କ ପ୍ରତି ମନୋଭାବ ତାଙ୍କର ସୁଗୋଚର ହୋଇଥିଲେ ହେଁ ସେ ଯୋଗେ କନକକୁ ଦୋଷ ଦେବା ତ ଦୂରେ ଥାଉ, ସେ ତାକୁ ହୃଦୟର ସହାନୁଭୂତି ଛଡ଼ା ଆଉ କିଛି ଦେଇ ନ ଥିଲେ ସେଥିପାଇଁ । ତା ଛଡ଼ା ଅବ୍ୟକ୍ତ

Digitized by srujanika@gmail.com

ମନେ ମନେ ।

ଭାବରେ ଉଭୟଙ୍କ ମଧ୍ୟରେ ଗୋଟାଏ ସମ୍ପୂର୍ଣ୍ଣ ବୁଝା ପଡ଼ା ହୋଇଯାଇ ଥିଲା । ନିଧି ବାବୁ କନକର ସ୍ନେହ, ଯତ୍ନ ଆଦର ଓ ସେବା ଯେଉଁ ପରିମାଣରେ ପାଉଥିଲେ, ସେଥିରେ ସେ ପରମ ପରିତୃପ୍ତ ହୋଇ ତାର ଚରିତ୍ରବଳକୁ ପ୍ରଶଂସା ନ କରି ରହି ପାରୁ ନଥିଲେ । ଫଳରେ ଉଭୟଙ୍କ ଯତ୍ନ ଓ ଚେଷ୍ଟାରେ ଦାମ୍ପତ୍ୟ ପ୍ରେମର ଅନ୍ତରାୟ ସେହି ମାଳତୀକୁ ହିଁ ଦୁହେଁ ମଝିରେ ରଖି ଏ କେତେ ଦିନ ଅବଚ୍ଛିନ୍ନ ସୁଖ ଭୋଗ କରି ଆସିଥିଲେ ।

ଏହି ତାଙ୍କର ପ୍ରଥମ ମତାନ୍ତର ! ଇତିପୂର୍ବରୁ କଳହ ତ ଦୂରର କଥା, ଉଭୟଙ୍କ ମଧ୍ୟରେ ସାମାନ୍ୟ ପ୍ରେମାଭିମାନ ପର୍ଯ୍ୟନ୍ତ ହୋଇ ନାହିଁ । ଏଥିର କାରଣ ସହଜରେ ଅନୁମେୟ । ଉଭୟେ ଧରି ବସି-ଥିଲେ କର୍ତ୍ତବ୍ୟର ମାପକାଠି, ଯାହା ଜଣକର ପ୍ରକୃତ ପ୍ରେମମୟ ହୃଦୟକୁ ଅନ୍ୟର ପୂର୍ବାଧିକୃତ ସହଜ ପ୍ରେମହୀନ ହୃଦୟ ସହିତ ଏକସମାନ କରି ଆସୁଥିଲା । ଏପରି କ୍ଷେତ୍ରରେ ମତାନ୍ତର ସମ୍ଭବ ନୁହେ, ଯେ ପର୍ଯ୍ୟନ୍ତ କେହି ସେ ମାପକାଠିରେ ଦୋଷୀ ବୋଲି ପ୍ରମାଣିତ ନ ହୋଇଛନ୍ତି ।

ଅବଶ୍ୟ ନିଧି ବାବୁ ସମୟ ସମୟରେ ଭାବୁଛନ୍ତି, ସେ ଠିକ ସଚ୍ଚା ମାଲତି ପାଇ ନାହାନ୍ତି ବୋଲି, କିନ୍ତୁ ସମସ୍ତ ଅବସ୍ଥା ବିଚାରରେ ଓ କର୍ତ୍ତବ୍ୟଦୃଷ୍ଟିରେ ଏପରି ଭାବକୁ ସେ ସହଜରେ ଦୂର କରି ଦେଇ ପାରିଛନ୍ତି । ମାର୍ଜିତ ଶିକ୍ଷିତ ମନରେ ତାଙ୍କର ଏଥିପାଇଁ କନକ ଉପରେ ଲେଶମାତ୍ର ବିରକ୍ତି ବା ଅଶ୍ରଦ୍ଧା ନ ଥିଲା । କିନ୍ତୁ ସେ ଦିନ ରଙ୍ଗୀର ସେ ଦୁର୍ଘଟନା ଦିନ—ମାଳ୍ ଯେତେବେଳେ ସବୁ ଘଟନା ଲୁହି ପାରି ବୁଝି ଯିବାକୁ ବସିଲେ, ସେ ତାଙ୍କ ବ୍ୟବହାର ମର୍ମ

Digitized by srujanika@gmail.com

ବୁଝି ନ ପାରି ତାଙ୍କୁ ପଗ୍ଭରଲେ । ଇତିପୂର୍ବରୁ ନିଧିବାବୁ ଓ କନକ ମଧ୍ୟରେ ମାଳୁ ଓ ରଙ୍ଗୀ ବିଷୟରେ ଯେଉଁ ଚୁକ୍ତି, ଯେଉଁ ଅନୁକ୍ତ ବୁଝାପଡ଼ାଟି ହୋଇଥିଲା ସେ ବିଷୟର ଆଭାସ ପୂର୍ବେ ଦିଆ ଯାଇଅଛି । ସେ ଯୋଗେ ନିଧି ବାବୁଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା ଯେ, କନକ ଅବଶ୍ୟ ମାଳୁଙ୍କୁ ରଙ୍ଗୀ ବିଷୟ ଅନେକ ଆଗରୁ କହି ସାରିଥିବ । କନକ ସେ ଭାର ନେଇଥିଲା ଏବଂ ତାର ମଧ୍ୟ କହିବା ଉଚିତ ଥିଲା । କିନ୍ତୁ ମାଳୁଙ୍କର ଏ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞତା ସେ ଦିନ ତାଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିବା ସଙ୍ଗେ ସଙ୍ଗେ କନକ ପ୍ରତି ଗୋଟାଏ ସନ୍ଦିଗ୍ଧ ଅଶ୍ରଦ୍ଧା ତାଙ୍କ ମନରେ ଆଣି ଦେଇଥିଲା । ମାପ କାଠିର ସାହାଯ୍ୟରେ ତଥା ଆଦର୍ଶର ମହାୟସୀ ଶକ୍ତିବଳରେ ସେ ଯେଉଁ କ୍ଷୁଦ୍ରତା ଓ ନୀଚ ଧାରଣା ଆଜଯାଏଁ ତାଙ୍କ ମନରୁ ବିତାଡ଼ିତ କରି ଦେଇ ପାରି ଥିଲେ, ଆଜି ଆଉ ସେଠାକୁ ପରିହାର କରି ପାରିଲେ ନାହିଁ । ବଳେ ବଳେ ତାଙ୍କ ମନରେ ଏହି ନୀଚ ଧାରଣାଟି ମୁଣ୍ଡ ଟେକି ଉଠିଲା ଯେ, ସେ ପ୍ରବଞ୍ଚିତ ହୋଇଛନ୍ତି ଏ କେତେ ଦିନ,—କନକଦ୍ୱାରା ! ସମୟ ସମୟରେ ତାଙ୍କ ମନରେ କନକ ଏତେ ନୀଚ ହୋଇ ପାରେ, ଏ ବିଷୟରେ ଯଥେଷ୍ଟ ସନ୍ଦେହ ହେଉଥିଲା ପ୍ରଥମେ ପ୍ରଥମେ, କିନ୍ତୁ ମାଳୁର ବ୍ୟବହାର ଓ ଶେଷ କଥାଗୁଡ଼ିକ ସେ ଯେତେ ଭାବିଲେ, କନକ ପ୍ରତି ଅଶ୍ରଦ୍ଧାରେ ତାଙ୍କ ମନ ଠେଡିକ ଭରି ଉଠିଲା ଓ ତାଙ୍କର ଆଉ ସନ୍ଦେହ ରହିଲା ନାହିଁ ଯେ, କନକ ଜାଣି ଶୁଣି ମାଳୁଙ୍କୁ ରଙ୍ଗୀ ବିଷୟରେ ଲେଶମାତ୍ର ସୂଚନା ଦେଇ ନାହିଁ । ଜାଣି ଶୁଣି ! ଓଃ ଅବିଶ୍ୱାସିନୀ ନାରୀ ।

Digitized by srujanika@gmail.com

ମନେ ମନେ ।

ଆଉ କନକ—ଯେ ଆଜ ସୁଦ୍ଧା ଜାଣି ପାରି ନାହିଁ, ତାର ଦୋଷ କଣ, କେଉଁଥିରେ ସେ ନିଧିବାବୁଙ୍କ ଚରଣରେ ଅପରାଧିନୀ ! ମାଲ୍ତୀ ବାବୁଙ୍କ ଅନ୍ତର୍ଦ୍ଧାନ ସଙ୍ଗେ ସଙ୍ଗେ ନିଧି ବାବୁଙ୍କର ଏ ଭାବ-ବୈଲକ୍ଷଣ୍ୟ ସେ ଦେଖୁଛି ଓ ମନେ ମନେ ଭୟରେ, ଆତଙ୍କରେ ମୁହ୍ୟମାନ୍ୟ ହୋଇ ଉଠୁଛି । ତାର ସମୟ ସମୟରେ ଏପରି ବି ମନେ ହେଉଛି ଯେ, ସେ ଟିକିଏ ସୁବିଧା ପାଇଲେ ସ୍ୱାମୀଙ୍କ ଗୋଡ ଧରି କାନ୍ଦିକାଟି ପଚାରିବ—ତାର ଦୋଷ କଣ; କିନ୍ତୁ ଅଜ୍ଞାତରେ କି ଗୋଟାଏ ଦୁର୍ଭେଦ୍ୟ ପ୍ରାଚୀର ଦୁହିଙ୍କ ମଧ୍ୟରେ ନେମିତି ଦିନଠାରୁ କୁଆଡୁ ଆସି ଛିଡା ହୋଇ ଯାଇଛି ଯେ, ସେ ଲଙ୍ଘିପି କିଛି କହି ପାରି ନାହିଁ, ନା କରି ପାରି ନାହିଁ ! ବିଶେଷତଃ ନିଧି ବାବୁଙ୍କର ଛାଡ଼ ଛାଡ଼ ଅଲଗା ଅଲଗା ଭାବ ଓ ଉଦାସ ଆଚରଣରେ ତାର ସମସ୍ତ ହୃଦୟଟିକୁ ଓଲଟ ପାଲଟ କରି ଜାଗି ଉଠିଛି ଗୋଟାଏ ଦୁର୍ଜୟ ଅଭିମାନ, ଯାହା ତାକୁ ତାର ସାଧୁ ସଙ୍କଳ୍ପ ପଥରେ ଅଗ୍ର-ସର କରାଇ ଦେଇ ନାହିଁ । ଏକା ଥିଲାବେଳେ ସେ ଧୀର ସ୍ଥିର ଭାବରେ ଭାବେ ଯେ, କଥାଟା କ୍ରମେ ଖରାପ ହୋଇ ଆସୁଛି—ସଫା ସଫା ଖୋଲାଖୋଲି ହୋଇଯିବା ହିଁ ଭଲ; କିନ୍ତୁ ନିଧି ବାବୁଙ୍କ ସମ୍ମୁଖକୁ ଆସିଲେ, ତାଙ୍କ ମୁହଁରେ ସେହି ଉଦାସ ନିର୍ମମ ଭାବଟିକି ଦେଖିଲେ, ତାର ସବୁ ସଙ୍କଳ୍ପ, ସବୁ ପ୍ରତିଜ୍ଞା କୁଆଡେ ଉଡିଯାଏ । ନିଧି ବାବୁ ବି ସେ ପ୍ରସଙ୍ଗ ଉଠାଇବା ତ ଦୂରର କଥା, ଅନ୍ୟ କୌଣସି ବିଶେଷ କଥା ବି ସହଜ ଭାବରେ ତାକୁ ଆଜି-ସୁଦ୍ଧା କହି ନାହାନ୍ତି । ଫଳରେ ତାହାର ପୂର୍ଣ୍ୟ ସଙ୍କଳ୍ପ ଗତିରୁଦ୍ଧ ଓ ବାଧାପ୍ରାପ୍ତ ହୋଇ ଅନେକ ବାର ବ୍ୟର୍ଥ ହୋଇଯିବାରୁ ଆଉ

Digitized by srujanika@gmail.com

ସେ ସଙ୍କଳ୍ପର ଲେଶମାତ୍ର ବି ଆଜ ତା ମନରେ ନାହିଁ । ସେ ବି ଅଜ୍ଞାତରେ ନିଜକୁ ଠାଣି ଠାଙ୍ଗର କରି ପକାଇଲାଣି ।

ସେ ଆଜିଯାଏ ବୁଝି ପାରି ନାହିଁ ଯେ, ମାଲୁଙ୍କୁ ରଙ୍ଗୀ ବିଷୟ ଆଗରୁ ନ କହିଥିବା ସ୍ୱାମୀଙ୍କ ଚକ୍ଷୁରେ ଏତେ ଦୂଷଣୀୟ, ଏବଂ ସେଇଟା ହିଁ ତାର ଅପରାଧ ! ଅବଶ୍ୟ ସେ ମନେ ମନେ ନିଜକୁ ଧିକ୍କାର ଦେଉଛି—ରଙ୍ଗୀ ପାଇଁ, ନିଜ ପାଇଁ ଓ ମାଲୁଙ୍କ ପାଇଁ—କାହିଁକି ସେ ଆଗରୁ ମାଲୁଙ୍କୁ ଏ ବିଷୟରେ ନ କହିଛି ବୋଲି । କିନ୍ତୁ ସେଇଥିଯୋଗେ ଯେ ନିଧି ବାବୁଙ୍କଠାରେ ବି ତାକୁ ଆହୁରି ବେଶୀ ଘାରତର ଭାବରେ ଅପରାଧିନୀ ହେବାକୁ ହୋଇଛି, ସେଟା ତା କଳ୍ପନାର ଅତୀତ ! ସମସ୍ତଙ୍କ ଠାରେ ପ୍ରକୃତରେ ସେ ଦୋଷୀ—ନିଧି ବାବୁଙ୍କଠାରେ ବି ସେହି ପରିମାଣରେ, ଯେଉଁ ପରିମାଣରେ ଅନ୍ୟମାନଙ୍କଠାରେ,—ରଙ୍ଗୀର ଦୁଃଖର କାରଣ ବୋଲି ! ଏଇଟା ଏଡ଼େ ବଡ଼ ଦୋଷ କିଛି ନୁହେଁ ଯେ, ସେଥିଯୋଗେ କେହି ତା ଉପରେ ଏଡ଼େ ରାଗ କରିବ ! ଦୋଷ କଲେ ଦଣ୍ଡ ଅଛି, ଦଣ୍ଡ ଗ୍ରହଣ କରିବାକୁ ତ ସେ ପ୍ରସ୍ତୁତ ଅଛି ! ଅସାବଧାନତା ଓ ଭ୍ରାନ୍ତିର ଏଡ଼େ ଦଣ୍ଡ କଣ ହୁଏ ! ସ୍ୱାମୀ ତ ତାର ଏପରି ଅନ୍ୟାୟ ତା ପ୍ରତି କେବେଁ କରି ନାହାନ୍ତି । ଏଡ଼େ ଅବିଚାର ତ ସେ ନୁହନ୍ତି ମୂଳରୁ !

ହିଁ, ତାର ସେଠା ବଡ଼ ଭୁଲ୍ ହୋଇ ଯାଇଛି—ମାଲୁଙ୍କୁ ଆଗରୁ ନ କହିବା ! ସେଯୋଗେ ସେ ନିଜକୁ ନିଜେ ମାର୍ଜନା କରି ପାରୁ ନାହିଁ ! ଏତେ ଭୁଲ୍ ଟା କେଡ଼େ ସହଜରେ ହୋଇ ଯାଇଛି ! ବିବାହ ପ୍ରସଙ୍ଗ ତ ଭାଙ୍ଗି ଯାଇଥିଲା । କଟକ ଆସି ମାଲୁଙ୍କୁ ଯେତେବେଳେ ସେମାନେ ନିମନ୍ତ୍ରଣ କରି ଆଣି ଆଦର ଆପ୍ୟାୟନ କଲେ,

Digitized by srujanika@gmail.com

ମନେ ମନେ ।

ଯେତେବେଳେ କଣ ମାଳୁଙ୍କୁ ପ୍ରାପ୍ତ ଏହି ଆଶ୍ୱାସନା ଦିଆ ଯାଇ ନାହିଁ ଯେ, ସେଠା ପ୍ରକୃତରେ ରବିଦାନ ପାଇଁ ଭଗ୍ନ ଯାଇଚି ବୋଲି ! ସେତେବେଳେ କଥାରେ ନ ହେଉ, କାର୍ଯ୍ୟରେ ଓ ବ୍ୟବହାରରେ ତାଙ୍କୁ ତ ସ୍ପଷ୍ଟ ଜଣାଇ ଦିଆ ଯାଇଥିଲା ଯେ, ଆଉ ଲଙ୍ଗୀ ପ୍ରସଙ୍ଗ ଉଠିବ ନାହିଁ । ହଁ, ଏଇ କୌଶଳଟି ଜାଣି ଶୁଣି ଅବଲମ୍ବନ କରିବାକୁ ପଡ଼ିଥିଲା; ନ ହେଲେ ଯେ ସେ ମୂଳରୁ ଆସି ନ ଥାନ୍ତା ! ମାତ୍ର ଭାଇକୁ ତାର କଣ ସେ ଚିହ୍ନି ନାହିଁ ! ନିଧି ବାବୁ ବି ତ ଏ କଥା ଜାଣନ୍ତି । ଏଥିରେ ତାଙ୍କର ମୌନ ସମ୍ମତି ଥିଲା ବୋଲି ତାର ବିଶ୍ୱାସ ! କିନ୍ତୁ ତା ପରେ ମାସ ପରେ ମାସ ଏପରି କେତେ ମାସ କଟିଗଲା । ସେହି ବିଶ୍ୱାସରେହିଁ ମାଳୁ ବାବୁ ଯିବା ଆସିବା କରିବାକୁ ଲଗିଲେ । ତାଙ୍କର ଏ ଭୁଲ୍ ବିଶ୍ୱାସ ତ ଶେଷ ପର୍ଯ୍ୟନ୍ତ ଭଙ୍ଗାଇ ଦିଆ ଯାଇ ନାହିଁ । ଓଃ—କି ଭୁଲ୍ ହିଁ ସେଥି-ଯୋଗେ କନକ ହିଁ ଦାୟୀ ଓ ସେଥିଯୋଗେ ସେ ଅନୁତପ୍ତ ଓ ଦୁଃଖିତ; ତେବେ ସେ ଜାଣି ଶୁଣି ଯେ ତାଙ୍କର ଏ ଭୁଲ୍ ବିଶ୍ୱାସ —ତାର ଛଳନାର, କୌଶଳର ସରଳ ବିଶ୍ୱାସ—ଭାଙ୍ଗି ନାହିଁ, ତାହା ବି ତ ନୁହେ ! 'ଆଜି କହିବ', 'କାଲି କହିବ',—ଏହିପରି କ୍ରମେ ମାସ ମାସ କଟିଗଲା ପରେ ତା ପୋଡ଼ା ମନରୁ ସେ କଥା ବି ପୂରା ଭୁଲିଗଲା ! ସ୍ତ୍ରୀ ଛଡ଼ା ମାଳୁ ଓ ଲଙ୍ଗୀ ମଧ୍ୟରେ ସ୍ୱତଃ ଆକର୍ଷଣ ଜନ୍ମାଇବାହିଁ ତ ଥିଲା ତାଙ୍କର ପୂର୍ବ ବନ୍ଦବସ୍ତ—ମୌଳିକ ପ୍ଲେନ ! ଆଜି ମାଳୁଙ୍କ ଆସିବା ଯିବା ତା ପକ୍ଷରେ ଏତେ ସହଜ ଓ ସ୍ୱାଭାବିକ ହୋଇ ଉଠିଲା ଯେ, ସେ ପ୍ରକୃତରେ ଭୁଲିଗଲା ତାର କର୍ତ୍ତବ୍ୟ !

Digitized by srujanika@gmail.com

ସେହି କର୍ତ୍ତବ୍ୟ ଯେ ତା ସ୍ୱାମୀଙ୍କ ପ୍ରତି ସମସ୍ତଙ୍କଠାରୁ ବଳାକର ଏଇ ଏତକ ଅଭାଗୀ ବୁଝି ପାରି ନାହିଁ । ସେଇ ଯେ ଅବ୍ୟକ୍ତ ଚୁକ୍ତି ଦୁହିଙ୍କ ମଧ୍ୟରେ ହୋଇଥିଲା, ତାକୁ ହିଁ ଯେ ସେ ଭାଙ୍ଗି ବସିଛି, ଏହି କଥାଟି କେବଳ ତାର ଧାରଣାର ଅଜ୍ଞାତ । ସେଥିଯୋଗେ ସେ ନିଜକୁ ସମସ୍ତଙ୍କଠାରେ ଯେତିକ, ନିଧି ବାବୁଙ୍କ ଠାରେ ମଧ୍ୟ ସେତିକ ପରିମାଣରେ ଦୋଷୀ ବୋଲି ଭାବୁଛି—ବରଂ, ଉଙ୍ଗୀ-ଠାରେ ହିଁ ସମସ୍ତଙ୍କଠାରୁ ବେଶି ଦୋଷୀ ବୋଲି ସେ ନିଜକୁ ଧରି ନେଇଛି ! ଯେଉଁ ନିଚ ଅଭିଳାଷ ନିଧି ବାବୁ ତା ପ୍ରତି ଆରୋପିତ କରି ଏଡ଼େ ଆଘାତଟା ପାଇଛନ୍ତି, ସେ ନୀଚତା ତା ହୃଦୟର ବହୁ ଦୂରରେ ବୋଲି ସେ କଥା ତ ସେ ମୂଳରୁ ଭାବି ପାରି ନାହିଁ !

ନିଧି ବାବୁ ଧରି ନେଇଛନ୍ତି, କନକର ଚୁକ୍ତିଭଙ୍ଗ ପଛ ଆଡ଼େ ଗୋଟାଏ କୁତ୍ସିତ ନୀଚତା ରହିଛି, ଆଉ କନକ ଜାଣି ନାହିଁ ଯେ, ସେ ସେଥିପାଇଁ ତାଙ୍କଠାରେ କପରି ଦୋଷୀ ହୋଇ ପାରେ ! ଫଳରେ ସ୍ୱାମୀଙ୍କ ଅନ୍ୟାୟ ଆଚରଣରେ ବ୍ୟଥିତା ହୋଇ ସେ ଅଭିମାନ-ବର୍ମରେ ନିଜକୁ ଢାଙ୍କି ପକାଇଛି ! ଆଉ ଏହାକୁ କନକର ଦର୍ପ ବୋଲି ଭାବି, ନିଧି ବାବୁ ଆହୁରି କଠୋର ନିର୍ମମ ହୋଇ ଉଠି, ନିଜକୁ ତାଠାରୁ ପ୍ରାୟ ସମ୍ପୂର୍ଣ୍ଣ ତଫାତ୍ ରଖିବାକୁ ବସିଛନ୍ତି ।

× × × ×

(୨)

"ତମ ମାଳୁ ଭାଇ ଚିଠି ଦେଇଛନ୍ତି, ଦେଖିଚ ?"

"ହଁ, ନା—ମୁଁ କାହିଁକି ତମ ଚିଠି ଖୋଲିବି !"

Digitized by srujanika@gmail.com

ମନେ ମନେ ।

ଅନେକ ଦିନ ପରେ ଆଜ ସ୍ୱାମୀ ସ୍ତ୍ରୀଙ୍କର ମୁହାଁମୁହିଁ କଥା ଏଇ ପ୍ରଥମ ! ନିଧି ବାବୁ ରାତିରେ ଶୋଇବା ଘରକୁ ଆସି, କନକକୁ ଅପେକ୍ଷା କରୁଥିବାର ଦେଖି, ତରବର ହୋଇ ଖଟ ଉପରକୁ ଯାଇ, କାନି ପାରି କାନ୍ଥ ଆଡ଼କୁ ମୁହଁ ବୁଲାଇ ଏ ପ୍ରଶ୍ନ କଲେ । କନକ ତଳେ ଯେଉଁଠି ଶୋଇଥିଲା, ସେଠାରୁ ଧଡ଼ପଡ଼ ହୋଇ ଉଠି, ଅନ୍ୟ ଆଡ଼କୁ ମୁହଁ ବୁଲାଇ ଏ ଉତ୍ତରଟି ଦେଲା;— ଦରସି ଆଉ କିଛି କହି ପାରିଲା ନାହିଁ । ପୁଣି ନିଧି ବାବୁ ନୀରବ ହୋଇଯିବାରୁ ବାହା ଉପରେ ମୁଣ୍ଡ ଦେଇ ଭୂଇଁରେ ସେହିପରି ଗଡ଼ିଗଲା । ଆଉ ଆଖିରେ ତାର ନିଦ ପଶିଲା ନାହିଁ । ନୀରବରେ କେତେବେଳେ କି ଟିକିଏ ଲୁହ ତା ଆଖିରୁ ଗଡ଼ି ପଡ଼ିଲା । ନିଧି ବାବୁ ବି ହୁଏତ ଶୋଇ ପାରୁ ନ ଥିଲେ; ହଠାତ୍ ତା କନ୍ଦଣାରେ ନିଦ ଭାଙ୍ଗିଗଲା ପରି ଉଠି ବସି ତଳକୁ ଚକିତରେ ଥରେ ଚାହିଁ ଦେଲେ । କ୍ଷଣକେ କନକର କରୁଣ ଛବିଟି ତାଙ୍କୁ କିପରି ଗୋଟାଏ ବ୍ୟସ୍ତ କରି ପକାଇଲା । ବୋଧ ହୁଏ, ସେ ଜାଣି ପାରିଲେ ସେ କାନ୍ଦୁଛି । ଘରେ ଆଲୁଅ ନ ଥିଲା,—ଲଣ୍ଠନଟି କମାଇ ଦୁଆର ସେପଟେ ସେ ରଖି ଆସିଥିଲେ । ଖାଲି ଝରକାବାଟେ ଶାରଦୀୟ କୃଷ୍ଣନବମୀର ଅର୍ଦ୍ଧଚନ୍ଦ୍ର ଝଲକାଏ କିରଣ ଅଯତ୍ନରେ କନକର ମୁଣ୍ଡ ଦାହରେ ବୁଣି ଦେଇଥିଲେ । ଝିଣ୍ଡି ଓଢ଼ଣା ଭେଦ କରି ଗୋଟାଏ ରେଖା ସେଥିରୁ ଯାଇଁ ପଡ଼ିଥିଲା ତାର ସ୍ଫୁରିତ, ସ୍ଫୀତ ଅଧରୌଷ୍ଠଟି ଉପରେ,—ଯେଉଁଥିରେ କନକ ଓଢ଼ଣାର ଗୋଟାଏ ପ୍ରାନ୍ତ ଚିପି ଧରି ମୁହଁଟିକୁ ଅଧେ ଆବୃତ ରଖିଥିଲା । ନିଧି ବାବୁ ଅଭିଭୂତ ହେଲା ପରି କେତେ କାଳ ସେହି ମୃଦୁ-କମ୍ପମାନ ପ୍ରିୟ

Digitized by srujanika@gmail.com

ମୁଖଟି ଆଡ଼କୁ ଅନାଇ ରହିଲେ । କି ଗୋଟାଏ କରୁଣ ରସରେ ତାଙ୍କ ହୃଦୟ ଭରି ଉଠିଲା, ସେ ଧଡ଼ପଡ଼ ହୋଇ ବିଛଣାରେ ଉଠି ବସିଲେ । ଅନିଶ୍ଚିତ ଭାବରେ ଯାଉଁ ସ୍ୟାଉଁ ଥରେ ଅନାଇ, ଜୋର କରି କହିଲେ, ଅତି କୋମଳ ଆର୍ଦ୍ର କଣ୍ଠରେ, "କନକ, ତଳେ ଭୂଇଁଠାରେ କାହିଁକି ଶୋଇଚ ?" କନକ ନ ଶୁଣିଲା ପରି ପଡ଼ି ରହିଲା, ଭାବିଲା—ମୁଁ ମୋର ଶୋଇଲି, କି ମଲି ! ପୁଣି ନିଧି ବାବୁ କହିଲେ, "ଛି, କନକ ଭୂଇଁଠାରେ କାହିଁକି ଶୋଇଛ !" କନକ କଣ ଭାବିଲା, ହଠାତ୍ ଧଡ଼ପଡ଼ ହୋଇ ଉଠି ଗୃହ କୋଣରେ ଥିବା ସପ ମଶୁଣିଟିଏ ଆଣି ଧଡ଼୍ କରି ତାକୁ ପକାଇ ଦେଇ, ଏଥର ତା ଉପରେ ଶୋଇଗଲା ।

ପୁଣି ନୀରବ ! ନିଧି ବାବୁ କିନ୍ତୁ ଖଟ ଉପରେ ସେହିପରି ସିଧା ବସିଥାନ୍ତି । ହଠାତ୍ ପୁଣି ତାଙ୍କୁ ଜଣାଗଲା, ଯେପରି କନକ ପୁଣି କାନ୍ଦୁଛି । ସେ ଧୀରେ ଧୀରେ ଖଟରୁ ଓହ୍ଲାଇ, କନକର ମୁଣ୍ଡ ପାଖରେ ଯାଇ ଛିଡ଼ା ହେଲେ । କିଛିକ୍ଷଣ ମୌନ ଭାବରେ ସେହିଠାରେ ଛିଡ଼ା ହୋଇ କହିଲେ, "କନକ ମୁଁ ଏଇଠି ଟିକିଏ ସପ ଉପରେ ଶୁଏଁ ?" କନକ କିଛି ନ କହି, ଜାଗା ଛାଡ଼ି ଦେଇ ବୁଲି ଶୋଇଲା । ନିଧି ବାବୁ ବସି ପଡ଼ିଲେ ଲମ୍ବ ହୋଇ ଶୋଇବାର ଆୟୋଜନ କଲାବେଳେ କନକ ଝଟ କରି ଉଠି ବସିଲା । ନିଧି ବାବୁ କହିଲେ, "କି, ଉଠିଲ ଯେ ?" 'ଗୋଟାଏ ତକିଆ ଆଣି ଦିଏ' ବୋଲି କହି କନକ ଉଠି ପଡ଼ୁଥିଲା । ନିଧି ବାବୁ ହଠାତ୍ ତା ହାତ ଯୋଡ଼ିକ ଧରିପକାଇ ତାକୁ କଡ଼କ ଭିଡ଼ ଦେଲେ । କନକ

Digitized by srujanika@gmail.com

ମନେ ମନେ ।

ଅଧୋବଦନରେ ରହିଲା—ହୁଁ କି ନାହିଁ କିଛି କହିଲା ନାହିଁ । ଅଭିମାନରୁ ହେଉ ବା ଆଉ ଯାହା ହେଉ, ଗୋଟାଏ ଭରି ବଡ କୋହ ତା ଛାତିଟିକୁ ଫୁଲାଇ ଫୁଲାଇ ତା ତଣ୍ଟି ପର୍ଯ୍ୟନ୍ତ ଆସି, ବାହାରିବାର ପଥ ନ ପାଇ, ତାକୁ ବ୍ୟତିବ୍ୟସ୍ତ କରି ଦୋହଲାଇ ପକାଉଥାଏ ! ନିଧି ବାବୁ କନକର ହାତଟି ଧରିଥିବାରୁ ତା ଆନ୍ତରିକ ଯୁଦ୍ଧର ଆଭାସ ପାଇ, ନିଜେ ମଧ୍ୟ ବିଚଳିତ ହୋଇ କହିଲେ "କନକ, ଏତେ ଡର ନା ମୁଁ ତୋର !" କନକ ଆଉ ସମ୍ଭାଳି ହୋଇ ରହି ପାରିଲା ନାହିଁ—ନିଧି ବାବୁଙ୍କ କୋଳରେ ଲୋଟି ହୋଇ ପଡ଼ି ତାଙ୍କ ପାଦକୁ ଅଶ୍ରୁଜଳରେ ଧୌତ କରୁଁ କରୁଁ କହିଲା, "ତେମେ କିଏ ଜାଣ ନାହିଁ, ତେମେ ମୋର କିଏ !"

ଆଲିଙ୍ଗନପାଶରେ ଆବଦ୍ଧ ରହି ଦୁହେଁ ନୀରବରେ ଅନେକ କ୍ଷଣ ଏହିପରି କଟାଇଲେ । କନକ ଅନେକଦିନ ପରେ ଆଜି ତାର ହଜିଲା ଧନଟିକି ପାଇଛି,—କି ଆନନ୍ଦ ତା ଛାତିଟିରୁ ଠିକି ଠିକି ହୋଇ ଅଶ୍ରୁଜଳରେ ରହି ରହି ବାହାରି ଯାଉଛି ! ନିଧି ବାବୁ ମଧ୍ୟ ବିଚଳିତ ନୀରବ ଆବେଗରେ ତାକୁ ବକ୍ଷର ଅନ୍ତର କତିକୁ ଟାଣି ନେଇ, ତାର ଲୁହ ପୋଛି ଦେଇଁ ଦେଇଁ କି ଗୋଟାଏ ମଧୁର ଆବେଗରେ ଭରି ଯାଇ ନିଜେ ମଧ୍ୟ ଅଶ୍ରୁ ସମ୍ବରଣ କରି ପାରୁ ନାହାନ୍ତି ! ଉଭୟେ ନୀରବ !

ଅନେକ କ୍ଷଣ ପରେ ନିଧି ବାବୁ କନକର ମୁହଁଟିକୁ ତାଙ୍କ ବକ୍ଷ ଉପରୁ ଉଠାଇ ନିଜ ମୁହଁର ସମ୍ମୁଖୀନ କରିବାର ପ୍ରୟାସ କରୁଁ କରୁଁ ଡାକିଲେ, "କନକ ! କନକ ଭଲ ଭଳି ଆଖିଯୋଡ଼ିକ

Digitized by srujanika@gmail.com

ତାର ତଳକୁ କରି, ପଣନ୍ତ କାନରେ ମୁହଁକୁ ଗୁଞ୍ଜି ରଖି କହିଲା "ହଁ" । "ମୋତେ ଭଲକରି ଅନେଇଲୁ !" ବୋଲି କହି ନିଧିବାବୁ ପୁଣି ଥରେ ଜୋର କରି ତା ଓଠ ଧରି ମୁହଁଟିକୁ ଟେକି ଧରିଲେ । କନକ ଆଖିରୁ ଲୁହ ଶୁଖି ନାହିଁ । ସେ ଥରେ ମାତ୍ର ସଜଳ ଆଖି-ଯୋଡ଼ିକରେ ସ୍ନେହସଲଜ୍ଜ ହସଗୁଡ଼ାଏ ନେଇ ନିଧିବାବୁଙ୍କ ମୁହଁକୁ ଚାହିଁଲା । ଚାରି ଚକ୍ଷୁ ମିଳିତ ହେବା ମାତ୍ରକେ ହଠାତ୍ ଗୋଟାଏ ହସର ବେଗ ଉଠି ତାକୁ ଆଉ ସେପରି ଭାବରେ ଅନାଇ ଦେଲା ନାହିଁ—ମୁଣ୍ଡ ତଳକୁ ଲଇଁ ହୋଇଗଲା ବଳେ ବଳେ । ଆଉ ସେ ହସୁ ହସୁ ପୁଣି କାନ୍ଦପକାଇ, ନିଧିବାବୁଙ୍କ ବକ୍ଷରେ ମୁହଁ ଲୁଚାଇ ଦେଲା । ବଡ଼ ଆନନ୍ଦ ଆଜି ତାର—ବଡ଼ ସୁଖ ! ତାର ସବୁ ଜ୍ୱାଳା, ଯନ୍ତ୍ରଣା, ଅଭିମାନ, ଦୁଃଖ ଲୁହଆଡ଼େ ଧୋଇ ହୋଇ ସଫା ହୋଇ-ଗଲାଣି ସେତେବେଳକୁ ।

ନିଧି ବାବୁ ପୁଣି ଡାକିଲେ, "କନକ !" ତାଙ୍କର ବକ୍ଷ ଭିତରୁ ଜବାବ ଆସିଲା, "କ ?" "କନକ ! ମୁଁ ଭାରି ପାଷଣ୍ଡ ଗୋଟା !" "କି ?" "ମିଛରେ ତୋତେ ଖରାପ ବୋଲି ଭାବିଥିଲି, ରାଗିଥିଲି ତୋ ଉପରେ ।" କନକ ହଠାତ୍ ତାଙ୍କ ଗ୍ରୀବାରୁ ମୁଣ୍ଡ ଆସି ମୁହଁରେ ହାତ ଦେଇ ତାଙ୍କୁ ବନ୍ଦ କଲା, କହିଲା, "ଛି—ଥାଉ !" ନିଧି ବାବୁ ତା ହାତକୁ ଏଡ଼ି ଦେଇ ଆବେଗକମ୍ପିତ କଣ୍ଠରେ ପୁଣି କହିଲେ, —"ନା, କନକ, ଶୁଣ, ମୁଁ ତା କହୁଛି—ମୁଁ ବଡ଼ ନୀଚ, ବଡ଼ ହୀନ ! ତମକୁ ମୁଁ ସେହିପରି ହିଁ ଭାବିଥିଲି, କିନ୍ତୁ କନକ, ମୁଁ ତ ମୂର୍ଖ ଆଗରୁ କେବେହେଁ ଏପରି ଭାବ ନାହିଁ । ଏଥର କାହିଁକି ଏପରି ଭାବିଲି କେଜାଣି !" କନକ ତାଙ୍କ କଥାକୁ ମୂଳରୁ ଖିଆଲ ନ

Digitized by srujanika@gmail.com

ମନେ ମନେ ।

କଲ ପରି କୌତୁକ ଭାବରେ ପଚାରିଲ, "କିପରି ? ନାଇଁ ନାଇଁ, ଥାଉ, ମୁଁ ଶୁଣିବ ନାହିଁ ଯା—ଯାହାହେଉ ହବାର ହୋଇଗଲାଣି, ଆଉ ଶୁଣି କଣ ହବ ? ଖାଲି ଆହୁରି ଅଧିକ ମନ ଖରାପ ହେବ ।" "ନା, ଶୁଣ, କହେ !" "ନା, ନା, ମୁଁ ଶୁଣି ପାରେନାହିଁ ଯା । ସତ କହୁଚ, ସେଥିପାଇଁ ଆଉ ଟିକିଏ ବି କିଛି ମୋ ମନରେ ନାହିଁ । ମତେ ଅନ୍ତର କରି ଦେଇଥିଲ, ଏବେ ପୁଣି ନେଲ—ଏଇ ତ ମୋର ଢେର । ଆଉ କିଛି ମୋର ଲୋଡ଼ା ନାହିଁ । ସେତେବେଳେ ମୁଁ ଭାବୁଥିଲି, ଏତେ ନିଷ୍ଠୁର କମିତି ହେଲ ବୋଲି । ଏଇକ୍ଷଣି—।" "ହଁ, ମୁଁ ନିଷ୍ଠୁର ନିର୍ମମ ହୋଇଛି । ନା, ନା, ମୋ କଥା ଶୁଣି ଯା ନ ଶୁଣିଲେ ଛାଡ଼ିବ ନାହିଁ ।" କନକ ଆଉ ତାଙ୍କୁ ରୋକି ପାରିଲା ନାହିଁ—ସେ ଅନର୍ଗଳ ବକିଗଲେ ଓ ସେ ଶୁଣିଗଲା । କିପରି ସେ ଭାବିଥିଲେ ତାଙ୍କୁ ଅବିଶ୍ୱାସିନୀ ବୋଲି—ଚୁକ୍ତିଭଙ୍ଗ, ସେଥିରେ କନକର ଦାୟିତ୍ୱ । ତାଙ୍କର ଅସଲ ରାଗ ଓ ନୀଚ ଧାରଣା ଯେ, କନକ ତାଙ୍କୁ ମୂଳରୁ ଚାହେଁନାହିଁ ମାଳତୀଙ୍କୁହିଁ ଚାହେଁ ! ସେ ଯୋଗେ ଇଚ୍ଛା କରି ସେ ରଙ୍ଗୀ କଥା ମାଳତୀଙ୍କ ଠାରୁ ଲୁଚାଇ ରଖିଥିଲା । ଇତ୍ୟାଦି । କନକ ଶୁଣୁ ଶୁଣୁ କାଠ ହୋଇଗଲା; ନିଧି ବାବୁଙ୍କ ବକ୍ଷରେ ମୁହଁ ଗୁଞ୍ଜି ଧଡ଼୍‌ପଡ଼୍ ହେଉଥାଏ । ନିଧିବାବୁ ତାକୁ ଜୋରରେ ଭିଡ଼ି ଧରିଥାନ୍ତି । ହଠାତ୍ ସେ ବୁଝିପାରିଲା ତାର କେଉଁ ଦୋଷରୁ ସ୍ୱାମୀ ତାକୁ ଏତେ କଷଣ ଦେଇଛନ୍ତି ! ସତେ ତ, ତାଙ୍କର ବା ଦୋଷ କଣ । ତାଙ୍କର ସ୍ୱ ଭାବିବା ତ ଅନ୍ୟାୟ ନୁହେଁ । ହଠାତ୍ କନକ ନିଜକୁ ତାଙ୍କ ବକ୍ଷରୁ ଛଡ଼ାଇ ନେଇ ତାଙ୍କ ଗୋଡ଼ ଧରି—ପକାଇ କହିଲା, "ସବୁ ଦୋଷ ମୋର, ତମର କିଛି ଦୋଷ ନାହିଁ—

Digitized by srujanika@gmail.com

କାହିଁକି ଆଜି ନାକ ଦଉ୍ଚ ମତେ ! ତେବେ, ମୁଁ ଜାଣି ଶୁଣି ସ୍ୱା କର ନାହିଁ ପର୍" "ଦେଖ, କନକ, ମୁଁ ବୁଝିଲିଣି, କେଡ଼େ ନୀଚ ମୁଁ ! ମୋତେ ତମେ କ୍ଷମା କର ! ମୋର ଦୋଷ ନାହିଁ ? ସବୁ ଦୋଷ ମୋର ।" ନିଧି ବାବୁ କନକର ହାତ ଯୋଡ଼ିକ ଧରିପକାଇ ତାକୁ ଟାଣି ଆଣିଲେ ଆହୁରି ପାଖକୁ । କନକ ବାଲୁ ବାଲୁ ହୋଇ ର୍ହିଁଥାଏ ସ୍ୱାଙ୍କ ମୁହଁକୁ । "କି ଆଶ୍ଚର୍ଯ୍ୟ, ମୋର ହେଲା ସବୁ ଦୋଷ ପୁଣି କ୍ଷମା ଦେବ ମୁଁ ।" ନିଧି ବାବୁ କହିଲେ, "କନକ, କହ ମୋତେ କ୍ଷମା କଲୁ ?" "କଣ କ୍ଷମା ଦେମି ମୁଁ ? ମୋର ତ ନିଜର ସବୁ ଦୋଷ ।" ଏହା କହି କନକ କାନ୍ଦି ପକାଇଲା । ନିଧି ବାବୁ କହିଲେ, "ମୋର କଣ କିଛି ଦୋଷ ନାହିଁ ? ମୁଁ ଯେ ତତେ ଏଡ଼େ ଖରାପ ବୋଲି ଭାବିଲି—" "ମୁଁ ତ ଖରାପ !" "ନାଇଁ, ତୁ କଣ କଲୁ କି ?" "କି, ମନ୍ଦୁଭାଇକି ଆଗରୁ ନ କହିବା କଣ ମୋର ଠିକ୍ ?" "ଆରେ ବାଃ, ମନ୍ଦୁ ଭାଇଙ୍କୁ ତୁ ନ କହିଲୁ ଫେରେ କେମିତି । ଏଇ ନିଜେ ମନ୍ଦୁଭାଇ ଲେଖିଛନ୍ତି, ସେ ଆଗରୁ ଜାଣିଥିଲା ।" ଏହା କହି ନିଧି ବାବୁ ଖଣ୍ଡେ ଚିଠି କାଢ଼ି କନକ ହାତକୁ ବଢ଼ାଇ ଦେଲେ । କନକ ତାକୁ ନେଇ ଉତ୍କଣ୍ଠା ଓ ଆଗ୍ରହ ସହିତ ଘରୁ ବାହାରି ଗଲା; ଦୁଆର ସେପଟେ ଲଣ୍ଠନଟିକୁ ଟିକିଏ ତେଜି ଦେଇ ପଢ଼ି ବସିଲା !

ଏଣେ ନିଧି ବାବୁ ଯନ୍ତ୍ରଣାରେ ପଡ଼ି ଛଟପଟ ହେଉଥାନ୍ତି । କ୍ରମେ ଅଧ ଘଣ୍ଟାଏ ହୋଇଗଲା, କନକର ଆଉ ସୋର ଶବଦ ନାହିଁ । ନିଧି ବାବୁ ଉଠି ଆସି ଦୁଆର ଖୋଲି ବାହାରୁ ବାହାନ୍ତି କହିଲେ, "କି ପଢ଼ୁଥିବ କି ବସି ?" କିନ୍ତୁ ଶୁଣୁଛି କିଏ ? କନକ

Digitized by srujanika@gmail.com

ମନେ ମନେ ।

ଖୋଲା ଚିଠି ଖଣ୍ଡିକ ଆଗରେ ପକାଇ କାନ୍ଥକୁ ଆଉଜି କାଠି ପିତୁଳାଟି ପରି ବସିଛି—ଯେପରି ଚେତା ନାହିଁ ! ନିଧିବାବୁ ଯାଇ ତାକୁ ହଲାଇ ଦେଲାରୁ ଧଡ଼୍‌ପଡ଼୍ ହୋଇ ଉଠି ଠିଆ ହୋଇ କନକ ହଠାତ୍ ଭେ ଭେ କରି କାନ୍ଦି ଉଠିଲା ।

ନିଧି ବାବୁ କିଛି ବୁଝି ପାରିଲେ ନାହିଁ; କନକକୁ ଗୋଟାଏ ହାତରେ ଧରି ଭିଡ଼ି ଭିଡ଼ି ନେଇ ଗଲେ ଘର ଭିତରକୁ । ଖଟ ଉପରେ ନିଜେ ବସି, ତାକୁ ଉପରକୁ ଆଣିବାକୁ ଚାହିଁଲେ; କିନ୍ତୁ କନକ ମାନିଲା ନାହିଁ, ନା ଶୁଣିଲା ନାହିଁ,—ହଠାତ୍ ତାଙ୍କ ବାହୁପାଶ ଛଡ଼ାଇ, ତାଙ୍କ ଗୋଡ଼ ଧରି ଭୂଇଁରେ ବସି ପଡ଼ି ଉଚ୍ଛ୍ୱସିତ ଭାବରେ କାନ୍ଦିବାକୁ ଲାଗିଲା ! "କଣ, କଥା କଣ ! କଣ ହେଲା ?" ବୋଲି ପରିଶ୍ରା ଆଶ୍ଚର୍ଯ୍ୟାନ୍ୱିତ ନିଧି ବାବୁ କେତେ ଆଦରରେ ତାକୁ ଶାନ୍ତ କରିବାକୁ ଚେଷ୍ଟା କଲେ, କିନ୍ତୁ କିଛି ଫଳ ହେଲା ନାହିଁ । ଟିକିଏ କ୍ରନ୍ଦନ ବେଗ ପ୍ରଶମିତ କରି ତାଙ୍କ ଦୁଇ ଗୋଡ଼ ସନ୍ଧିରୁ କନକ ମର୍ମଦଗ୍ଧ ସ୍ୱରରେ କହିଲା, "ଆହେ, ଦୋଷ ମୋର—ସବୁ ଦୋଷ ମୋର ! ମାଳୁ ଭାଇ ମିଛ କଥା ଲେଖିଛି । ମୁଁ ତାକୁ ମୂଳରୁ କହି ନାହିଁ ରଙ୍ଗୀ କଥା ! ଆହେ, ମୁଁ ତମୁକୁ ଠକି ପାରିବି ନାହିଁ ! ତେମେ ମୋତେ କ୍ଷମା କର ! ମୋର ଭୁଲ ହୋଇ ଯାଇଥିଲା । ମୁଁ ଜାଣି ଶୁଣି ଯୁଆ କରିନି କେଭେଁ । ଆହେ, ମୁଁ କେମିତି ତମକୁ ଠକାନ୍ତି ! ନା, ନା, ମୋର ସବୁ ଦୋଷ । ମୋତେ କ୍ଷମାକର !"

ନିଧି ବାବୁ ଚମକି ଉଠିଲେ । ଦୁନିଆଟା ସାରା କଣ ତେବେ ଠକ, ମିଛୁଆ । ମାଳୁ କେତେ ଭଲେଇ ହୋଇ ଲେଖିଛି—ଆ ହା- "ମୋର ଆଗରୁ କଟକ ଘୁଡ଼ି ଚାଲି ଆସିବା ଉଚିତ ଥିଲା । ଜାଣି ଶୁଣି

Digitized by srujanika@gmail.com

ସେଠାରେ ରହିବା ଦ୍ୱାରା ସମସ୍ତଙ୍କୁ ତ ଠକୁଛି, ନିଜେ ନିଜକୁ ମଧ୍ୟ ଠକୁଛି !" ଆହା, ପେଟରେ କଣ ନା—"କନକ କହିଲେ ମଧ୍ୟ ମୁଁ ଯେ ରଙ୍ଗୀକୁ ବାହା ହୋଇ ପାରିବି ନାହିଁ, ଏକଥା ମୁଁ ତ ବେଶ୍ ଭଲରୂପେ ଜାଣିଥିଲି; ତେବେ କି ବୋକାମି କଲି—କାହିଁକି ବି'ବାହ ଆଗରୁ ଏଇପ୍ରାଣି ନ କଲି ! + + + ରଙ୍ଗୀପାଇଁ ମୁଁ ଯେତିକି ଦୁଃଖିତ, କନକ ପାଇଁ ମଧ୍ୟ ତେତିକି ! ସେ ବିଚାରୀର କିଛି ଦୋଷ ନାହିଁ । ମୁଁ ଯେ ତା କଥା ନ ମାନିବି, ସେ କିପରି ଜାଣନ୍ତା ! ସେ କହିବ ସିନା,—ଆଉ ତା ହାତରେ କଣ ଅଛି । + + + ନା, ନା, ସବୁ ଦୋଷ ମୋର ! ମୋହାନ୍ଧ ହୋଇ ଏତେ ଲୋକଙ୍କର ଦୁଃଖର କାରଣ ହୋଇଛି ମୁହିଁ ସିନା !" ନାଃ, ସମସ୍ତେ ଠକ—ଦୁନିଆସାରା ସ ଅ ମ ସ୍ତେ !

ଗୋଟିଏ ଅମିତ କୁଣ୍ଠା ଓ ଘୃଣାରେ ନିଧି ବାବୁଙ୍କ ମନ ଭରି-ଗଲା । ବଡ଼ କରି ବାଧିଲା ତାଙ୍କୁ ଏଇ କଥାଟି ଯେ, ସେ ତାଙ୍କ ସ୍ତ୍ରୀ ଦ୍ୱାରାହିଁ ପ୍ରତାରିତ ନାଃ ଇଏବି ଗୋଟାଏ ଛଳନା କନକର । ଯଦି ମାନୁକଥା ମିଛ, କନକ ନିଶ୍ଚେ ଜାଣି ଶୁଣି ମାନୁଙ୍କୁ ଏ ବିଷୟ କହି ନାହିଁ—ଜାଣି ଶୁଣି ଲୁଚାଇଛି ଓ ତାଙ୍କୁ ପ୍ରବଞ୍ଚିତ କରିଛି ! ତେବେ—ତେବେ, ଆଜ ପୁଣି ଏ କ୍ଷମା ଭିକ୍ଷା କାହିଁକି ? ଅନୁତାପ ନା ଛଳନା ? ଏତେ ବିକଳ ହୋଇ କ୍ଷମା ଭିକ୍ଷା କରୁଛି ! ହାୟ, କନକ—ମୋ ରାଣୀ, କାହିଁକି ମୋତେ ଠକିଲୁ, କାହିଁକି ପୁଣି ଠକୁଚୁ ! କ୍ଷମା, କ୍ଷମା—ନା, ସେଟା ମୋଠାରେ ସମ୍ଭବ ନୁହେଁ । ହଁ, କନକ ତ ଦୋଷ ସ୍ୱୀକାର କରୁଛି ନିଜେ, ମାନୁଙ୍କ କଥାକୁ ମିଛ ବୋଲି ଜାହିର କରି । ତେବେ, ତେବେ କଣ ସତ କନକ ଭୁଲି ଯାଇଥିଲା, ନା ଜାଣି ଶୁଣି ଏୟା କରିଥିଲା !

Digitized by srujanika@gmail.com

ମନେ ମନେ ।

ହଠାତ୍ ନିଧିବାବୁ କନକକୁ ଧରି ବଳପୂର୍ବକ ତାକୁ ଖଟ ଉପରକୁ ଉଡ଼ା ନେଇ କହିଲେ, "ସତ କହୁଚ କନକ, ମାଳୁ କଥା ମିଛ ? ତେବେ ତାକୁ ରଙ୍ଗୀ ବିଷୟ ଆଗରୁ କହି ନାହିଁ ? "ହଁ, ସତ କହୁଚି—ଏଇ ତମ ଗୋଡ଼ ଛୁଇଁ କହୁଛି । ଆଉ ରବି ଶୁଣ,—ମୁଁ ଭୁଲି ଯାଇଥିଲି, ହେଳାରେ କହି ନାହିଁ—ଜାଣି ଶୁଣି ନୁହେଁ ।" ନିଧି ବାବୁ କ୍ଷଣେ ମାତ୍ର ଆଉ ଦ୍ୱିଧା କଲେ, ପରକ୍ଷଣରେ କନକକୁ ଉଠାଇ, ଏକାବେଳକେ ଛାତି ଉପରକୁ ନେଇ ବାହୁ-ବନ୍ଧନରେ ଭିଡ଼ି ଧରୁ ଧରୁ ପୁଣି ହଠାତ୍ କ ଗୋଟାଏ ବିପରୀତ ଭାବରେ ତାଡ଼ନାରେ କନକକୁ ଦୂରକୁ ହଟାଇ ଦେଇ, ଧଡ଼ପଡ଼ ହୋଇ ବିଛଣାରୁ ଉଠି ସେ ଘରୁ ପାଂଶୁ ମୁଖରେ ଦୃଢ଼ପ୍ରତିଜ୍ଞ ଭାବରେ ଏକଦମ୍ ବାହାରି ଚାଲିଗଲେ ! କନକ ଏ କଠୋର ଆଚରଣରେ ସ୍ତମ୍ଭିତ ହୋଇ ରହିଗଲା !

(୩)

"ନିଧି, ଏଡ଼େ ବାୟା ନା ତୁ ? ଛି, ଛି !

"କି, କଣ ହେଲା କି ଅପା ?

"କଣ ହେଲା ! ତୁ ଏଠି ଦାଣ୍ଡଟାରେ କାହିଁକି ଶୋଉଚୁ କହନି ।"

"ଘର ଭିତରେ ତମକୁ ସବୁ ଜାଗା ଅଣ୍ଟୁ ନାହିଁ । ବର୍ଷା ପାଣି ଦିନ । ମୁଁ ବଡ଼ ଘରଟିରେ ଶୋଇଲେ ତୁମେ ସବୁ କେଉଁଠି ପଡ଼ିବ କହନି !"

"ମଲା, ଆମେ ତ ଘେରେ ଏଇଠି ସିମିତ ଚଳୁଥିଲୁଁ ନା—"

"ମଲା, ସେତେବେଳେ କଣ ଇମିତି ବର୍ଷା ଝଡ଼ ହଉଥିଲା ?

Digitized by srujanika@gmail.com

ଯା ଯା, ଅପା, ତୁ ତା କଡରେ ଶୋଇବୁ ବୋଉ ଇଙ୍ଗୀଙ୍କର କୋଠଘ୍ର ଘରେ ଶୋଇବେ, ମୁଁ ଏଇଠି ଶୋଇବ, ଯା !

"ନିଧି, ତୁ ମତେ ପାଠ ପଢ଼େଇବୁ, ନୁହେଁ ? ମୁଁ କଣ ଜାଣି ପାରି ନାହିଁ, ତୁ ବହୂଟା ଉପରେ ଅକାରଣେ ରାଗିଛୁ । ପିଲାଟା କାନ୍ଦି କାନ୍ଦି ସାରା ହେଲାଣି,—ତୋର ଇଏ କି କଥା ! ଛି ଛି ! ହିଁ, ଦୋଷ କରିଚି ଯଦି, ଦଣ୍ଡ ଦବୁ ତ ଦବୁ । ଦିନେ ଗଲା ଦି ଦିନ ଗଲା, ତିନିଦିନ ଗଲା—ଆଉ କେତେ ଦିନ ତାକୁ ଇମିତି କରିବୁ କହନା । ତୋତେ ମୋ ରାଣ, ଯା, ଘରକୁ ଯା !"

"ରାଣ ପକା ନା କହି ଦଉଚି, ଅପା, ମିଛଟାରେ । ମୁଁ କେଉଁଠି ଯିବି ନାହିଁ ସେ ଘରକୁ । ମୁଁ ଗୋଟେ ରାଗିଚି କାହିଁକି କା' ଉପରେ ! ତୁ ଯା ଶୋଇବୁ, ଯା ।"

"ସତ କହୁଚୁ ତୁ ରାଗି ନାହୁଁ ନିଧି ? ହଉ, ମୁଁ ବି ଆଜି ବହୂକୁ ପଚାରୁଚି ରହିଥା ସଫା କରି ? ଆଜ ତେବେ କାହିଁକି ଘରକୁ ଯାଉ ନାହୁଁ ଶୋଇବାକୁ ?"

"କହିଲି ପରା ଲୋ—ଜାଗା ହଉ ନାହିଁ ଟମକୁ !"

"ହଉ, ତାହେଲେ ମୁଁ ତ ଏଠି ନ ରହିନେ ଗଲି । ମୁଁ କାଲି ତାହେଲେ ମୋର ଯାଉଛି !"

ଏତା କହି ଗଉରୀ ମହାରାଗ ହୋଇ ନିଧି ବାବୁ ପଛଆଡ଼େ ତାକୁଁ ତାକୁଁ ସେଠାରୁ ଚାଲିଗଲା । ନିଧି ବାବୁ "କାଲି ଦେଖା-ଯିବ । ସମସ୍ତେ ଜାଣିଲେ ଜାଣିବେ, ଏବେ ଆଉ କଣ କରିମି ।" ବୋଲି ମନେ ମନେ କହି ପୁଣି ଶୋଇବାର ଆୟୋଜନ କରୁଛନ୍ତି, ଗଉରୀ ସଆଡୁ ପୁଣି ଆସି କହିଲା, "ଧନ୍ୟ ତୋ ହିଲୁଆ ହିସର !

Digitized by srujanika@gmail.com

ମନେ ମନେ ।

ବହୂଟିକ ନହାନ୍ତି ଭଲ ଦେଖି ତୁ ବ ଇମିତି ହେଲୁ ନିଧି ? ଛି—ଛି” “ମୋ ବଲୁଆବୁଦ୍ଧି ମୋର ଥାଉ—ତୁ—ଯା—ମୁଁ ଶୁଏ !”
ଗଉରୀ ହସି ହସି କହିଲା—“ହଉ, ଏଇଠି ପଦ ଶୋଇବୁ, ଶୁଅ, ବହୂକୁ ମୁଁ ଛାଡ଼ ଦେଇ ଯାଉଚ ଏଠି ! ହଁ, ସେତେବେଳକୁ ମୁଣ୍ଡ ହଲଉଥା ବସିକରି ! ମୁଁ ନିଶ୍ଚେ ଆଜ ବହୂକୁ ଏଠି ଛାଡ଼ ଦେଇ ଯିମି, ତୁ ଯାହା କହ । ମୁଁ ତ କାଲ ଯିମି । ତା ଆଗରୁ—’

“ନା ଅପା, ମୋ ରାଣ, ତୁ ସିମିତି କହ ନା ! ହ, ତତେ ଛାଡ଼ଲେ ଯିବୁ ନା, କମିତି ଯାଉଚୁ ଦେଖିବା ନେଇଁକ ! “ଆଚ୍ଛା—ମୁଁ ଆସେ ରହିଥା, ଯାଏଁ ବହୂକୁ ନେଇ ଆସେଁ ।”

ଯାଉଁ ଯାଉଁ ଫେରପଡ଼ି ଗଉରୀ କହିଲା “ନିଧି – ତୁ ବାୟା ! ତୁ ଯେ ବହୂର ଦୋଷ ଦଉଚୁ—ତୁ ନିଜେ ମାଙ୍କୁ ନ କହିଥିଲୁ କାହିଁକ ଭାବ ଦେଖିଲୁ ! ତୋର କଣ ଆଶା ଥିଲା ମନେ ନାହିଁ ? ତୁ ପରା ଭାବଥିଲୁ ଝିଅଟିକୁ ପାଠ ପଢ଼ାଇ ଯୋଗ୍ୟ କଲେ ମାଙ୍କୁ ବଲେ ତାକୁ ବାହାହବାକୁ ମଗିବ ? ତୁ ବ କହିଲୁ ନାହିଁ—ଆମେ ବ କହିଲେ ନାହିଁ—ବହୂ ବ କହି ନାହିଁ—ଏଥିରେ ବହୂର ଏକା ଦୋଷ ହେଲା ?”

ଏହା କହି ଗଉରୀ ହସି ହସି ସେଠାରୁ ବାହାର ଚାଲିଗଲା । ନିଧି ବାବୁ କିଛି କ୍ଷଣ ସେହିପରି ମୌନ ହୋଇ କଣ ଭାବିଲେ । ପ୍ରାୟ ଅଧଘଣ୍ଟାଏ ଚାଲିଗଲା- ଗଉରୀର ଦେଖା ନାହିଁ କି କନକର ବି ଦେଖା ନାହିଁ ! ମନେ ମନେ ଟିକିଏ ନିରାଶ ହୋଇ ସେ ପୁଣି ଶୋଇବାର ଆୟୋଜନ କରୁଁଛନ୍ତି ଏହିପରି ସମୟରେ ସେ

Digitized by srujanika@gmail.com

ଆଉ ଅଳ୍ପ ଅଳ୍ପ ମଲଶବ୍ଦ ଶୁଭିଲା । ହଠାତ୍ ଉଠି ବସି ନିଧି ବାବୁ ଘର ଭିତରେ ବୁଲିବାକୁ ଲାଗିଲେ । ମନରେ କପଟ ଗୋଟାଏ ହେଁଧା ଜାଗି ତାଙ୍କୁ ଆଉ ସ୍ଥିର କରି ଦେଉ ନ ଥିଲା । ମଲଶବ୍ଦ ଦୁଆର ନିକଟକୁ ଆସିଲା ମାତ୍ରକେ ନିଧି ବାବୁ ହଠାତ୍ ସଙ୍କଳ୍ପ ସ୍ଥିର କରି ନେଇ ଝଟ୍ ଯାଇଁ ଭିତରୁ ଜଞ୍ଜିର ଲଗାଇ ଦେଲେ !

× × × ×

ଗଉରୀ ଯେତେବେଳେ କନକର ଶୋଇଲା ଘରକୁ ଯାଇ ତାକୁ ନିଧି ବାବୁଙ୍କ ପାଖକୁ ଯିବାକୁ କହିଲା, ସେ ମୂଳରୁ ମଙ୍ଗିଲା ନାହିଁ । ଗଉରୀ ଯେତେ ବୁଝାଇଲା, ଯେତେ ଗାଳି ଦେଲା, କାହିଁରେ କିଛି ହେଲା ନାହିଁ । ଶେଷରେ ଗଉରୀ ଅଭିମାନରେ କହିଲା ଯେ ତା ହେଲେ କନକ ରାଗିଛି ନିଧି ବାବୁଙ୍କ ଉପରେ,—ଆଉ କିଛି ନୁହେଁ ! କନକ ସବୁବେଳେ ରାଗ ରୁଷା କଥା ମିଛ ବୋଲି ଉଡ଼ାଇ ଦେଉଛି ଇତି ପୂର୍ବରୁ । ଏହିଥରେ ଗଉରୀ ହାତ ଧରି କହିଲା, "ନାହିଁ, କେଜାଣି ନୁହେଁ"—ତା ମନରେ କିଛି ରାଗ ନାହିଁ । ତେବେ ନିଶ୍ଚେ ଯିବାକୁ ହେବ ! ସ୍ୱାମୀ ରାଗିଛନ୍ତି, ନ୍ୟାୟରେ ହେଉ କି, ଅନ୍ୟାୟରେ—ହେଉ,—ତାଙ୍କୁ ଶାନ୍ତ କରିବାକୁ ହେବ । ଦରକାର ପଡ଼ିଲେ ତାଙ୍କ ଗୋଡ଼ ବି ଧରିବାକୁ ହେବ ! ପତି ଦେବତା ! କନକ କୌଣସିମତେ ଗଉରୀକୁ ବୁଝାଇ ପାରିଲା ନାହିଁ ଯେ, ଏଟା ଇମିତି ସିମିତି ରାଗ ନୁହେଁ—ସେ ଆଉ ତା ମୁହଁ ଚାହିଁବେ ନାହିଁ କି କଣ, ଏଇପରି ଧାରଣା ତାର ଆମୂଳଚୂଳ ସବୁ ଘଟନା ଶୁଣି, ଗଉରୀ ଉପରେ ଉପରେ ହସି ଉଡ଼ାଇ ଦେଲା ସବୁ ! ଶେଷରେ କହିଲା, "ମୋ ମୁଣ୍ଡ ଖାଇବୁ—ଚାଲେ, ତୋତେ ଛାଡ଼ିଦେଇ

Digitized by srujanika@gmail.com

ମନେ ମନେ ।

ଆସେଁ ! ମୋର ପାଇଁ, ମୁଁ କହୁଚ ବୋଲି ଖାସେ, ଚୁ ଗ୍ଭଲେ ।”

କନକ ଆଉ ଗଉଣୀକୁ ଏଡ଼ି ଦେଇ ପାରିଲି ନାହିଁ ! ତା ମନରେ ବି ଗୋଟାଏ ଭାରି ଅଶାନ୍ତ ରହିଛି ସେହି ଦିନୁଁ । ସେ ମୂଳରୁ ବୁଝି ପାରୁ ନାହିଁ, କାହିଁକି ନିଧି ବାବୁ ତାକୁ ଏପରି ଭାବରେ ପକେଇ ଦେଲେ ! ସେ ତ ତା ଦୋଷ ସ୍ୱୀକାର କଲା, କ୍ଷମା ଭିକ୍ଷା କଲା, ଅତି ବ୍ୟାକୁଳ ଭାବରେ; ତେବେ ଆଉ ତାର ଦୋଷ କଣ ! ଏତକ ଜାଣିବା ପାଇଁ ତାର ଆଗ୍ରହ ଏ କେତେ ଦିନରେ ଯେତିକି ବଢ଼ିଛି, ତା ସଙ୍ଗେ ସଙ୍ଗେ ଗୋଟାଏ ଦୁର୍ଜୟ ଅଭିମାନ ବି ତାକୁ ସେତିକି ପାଷାଣ-କଠିନ କରି ଦେଇଛି । ଆଉ, ସୁବିଧା ବି ଆଦୌ ଘଟି ନାହିଁ ସ୍ୱାମୀଙ୍କ ସହିତ ଭେଟ ହେବାର ସେ ଯୋଗେ ଆଜ କନକ ସ୍ଥିର କଲା—ସେ ଯିବ । ଗଉଣୀ କହିଲା, ତାକୁ ନେଇ ସେ ଘରେ ଛାଡ଼ି ଆସିବ ବୋଲି; କିନ୍ତୁ କନକ କହିଲା, ସେ ନିଜେ ଗ୍ଭଲିଯିବ—ତାର ଯିବାର ଦରକାର ନାହିଁ । ସଂକଳ୍ପ ଥରେ ସ୍ଥିର ହୋଇ ଗଲାଠୁ ଆଉ ହଟିବାର ଭୟ କଣ ? ଆଉ ସେ ମଧ୍ୟ ଏ ଘରେ ନୂଆ ବୋହୂଟିଏ ନୁହେଁ ।

ଦୁହିଙ୍କୁ ଦୁହେଁ ଏ ଅବସ୍ଥାଟି ମୋଟେ ଭାବି ପାରି ନାହାନ୍ତି ଯେ ନିଧି ବାବୁ ଦୁଆର ଲଗାଇ ଦେଇଥିବେ ବା ଦେବେ ! କନକ ଯେତେବେଳେ ତା କର୍ତ୍ତବ୍ୟପାଳନ ପାଇଁ ମନ୍ଦ ମନ୍ଦ ଭାବରେ ଅଗ୍ରସର ହେଉଥିଲା ବାହାର ଘରଦୁଆର ଆଡ଼କୁ ସେତେବେଳେ ତା ମନରେ ଗୋଟାଏ କୁଣ୍ଠା, ଗୋଟାଏ ଆହତ ଅଭିମାନର ଅସୀମ ଲଜ୍ଜା ରହି ଜାଗି ଉଠୁଥିଲା; କିନ୍ତୁ ଯେତେବେଳେ ସେ ଦ୍ୱାରର ସମ୍ମୁଖୀନ ହେଲାମାତ୍ରକେ ଦ୍ୱାର

Digitized by srujanika@gmail.com

ଭିତରୁ ବନ୍ଦ ହୋଇଗଲା, ସେତେବେଳେ ତାର ସବୁ ବୁଦ୍ଧି ବୃତ୍ତି ଏକାବେଳେକେ କୁଆଡ଼େ ଲୋପ ପାଇଗଲା । ଗୋଟାଏ ଭାରି ବଡ଼ କୋହ ତା ଗଳାଭିତରୁ ଠେଲି ପକାଇଗଲା । ସେ କିଛିକ୍ଷଣ ଅନିଶ୍ଚିତ ଭାବରେ ସେହିଠାରେ ଠିଆ ହୋଇ, ରହିବ କି ଫେରିବ ଏ ବିଷୟ ଚିନ୍ତା କଲା । ରହି ବା କରିବ କଣ; ଫେରିବ ବା କିପରି ! ରହିଲେ, ଡାକିବା ତ ଅସମ୍ଭବ—ଫେରିଲେ, କେଉଁଠି ସେ ଗଉଡ଼ୁଣୀମୁହଁକୁ ଚାହିଁ ପାରିବ ନାହିଁ । ପୁଣି, ଗଉଡ଼ୁଣୀ ଜାଣିଲେ ସେ ନିଶ୍ଚୟ ଆସି ଡକାହକା କରିବ—ଗୋଟାଏ ଗୋଳମାଳ ହେବ । ତାର ଆଉ ସେଥିକି ଇଚ୍ଛା ନାହିଁ ସେ ତ ବଳେ ବଳେ ଆସିଥିଲା । ସେଥିରେ ଯଦି ଏ ବ୍ୟବହାର, ତାହେଲେ ଅନ୍ୟଙ୍କଦ୍ୱାରା ଜୋର କରି ଦୁଆର ଖୋଲାଇ ଭିତରକୁ ଗଲେ ବା କେଉଁ ଲାଭ । ଅଜାଣାରେ କନକଆଖିରୁ ଲୁହଧାର ଗଡ଼ିପଡ଼ିଲା । ନିଜ ଉପରେ ତାର ଭାରି ରାଗ ହେଲା, ସେ କାହିଁକି ଗଉଡ଼ୁଣୀ-କଥାରେ; ଭୁଲି ଏ ଅପମାନର ବୋଝ ବଳେ ପଶି ନିଜ ମଥାରେ ନେଲା ବୋଲି ? ତାଙ୍କୁ ଟାଣ ହୋଇ ଆସେ, ତାଙ୍କୁ କଣ ଆସେ ନାହିଁ । ବିନାଦୋଷରେ ଏତେ ଦଣ୍ଡ କାହିଁକି, ସେ କଣ ଏତେ କୋହଳ ହେଲା କିପରି !

ଶେଷରେ ଯେତେବେଳେ ଦେଖିଲା ଯେ, ଘରକୁ ଫେରି ଯିବା କଥା ହେବ ନାହିଁ, କନକ ଅଳସା ହୋଇ ସେହି ସରୁ ପିଣ୍ଡାଟି ଉପରେ ଦୁଆର ପାଖକୁ ଆଉଜି ବସି ପଡ଼ିଲା । ବସିଲାବେଳେ ଆଉ ଯେପରି ଶବ୍ଦ ନ ହୁଏ, ସେଥି ପ୍ରତି ଯଥେଷ୍ଟ ଲକ୍ଷ୍ୟ ରଖି ବସିଥିଲେହେଁ, ମୋଟକୁ ତା ଗୋଡ଼ ଲାଗି ହୋଇ ମଲ୍ଲିର ଘଡ଼ି ଗୋଟାଏ ବଡ଼ ଶବ୍ଦ ହେଲା । ଭିତରେ ସେ ଶବ୍ଦରେ କନକ ଚମକି

ମନେ ମନେ ।

ଉଠି ସମ୍ଭାଳି ହେଉଁ ହେଉଁ, ପୁଣି ମଲର ଶବ୍ଦ, ଚୂଡ଼ିର ଶବ୍ଦ—ଏହିପରି ଅନେକପ୍ରକାର ଶବ୍ଦ ହୋଇ ଉଠିଲା । ନିଧି ବାବୁ କାଳେ ବୁଝିଥିବେ ଯେ ସେ ଇଚ୍ଛା କରି ଶବ୍ଦ କରୁଛି ତାଙ୍କୁ ଜଣାଇବା ଲାଗି; ଏହି ଲଜ୍ଜାରେ ନିଜେ ବିରକ୍ତ ହୋଇ ପୁଣି କନକ ଉଠି ପଡ଼ିଲା ଓ ଅପେକ୍ଷାକୃତ ଅଧିକ ଶବ୍ଦ କରି ସେଠାରୁ ବାହାରି ଚାଲିଲା । ତାର ଇଚ୍ଛା, ନିଧି ବାବୁ ଜାଣନ୍ତୁ ଯେ, ସେ ଚାଲି ଗଲାଣି ବୋଲି । କିଛି ଦୂରକୁ ଯାଇ ମଲଯୋଡ଼ିକ ସଯତ୍ନରେ ଆଣ୍ଠୁ ପର୍ଯ୍ୟନ୍ତ ଉଡ଼ି ଦେଇ ଟିକିଏ ବସିଲା ଭଲ ଆଶ୍ରୟ ଖୋଜି ଖୋଜି ଥକିଲା, କିନ୍ତୁ ଆଉ କାହିଁ ଟିକିଏ ଥାନ ମିଳିଲା ନାହିଁ ! ଝଡ଼ ଅନ୍ଧାର, ଝିପୁଝିପୁ ବର୍ଷା ବି ହେଉଛି—ଶୀତ ଶୀତ ଲାଗୁଛି । ବିଜୁଳି ମାରିଲା ବେଳକୁ କନକ ଥରିଉଠୁଛି ଭୟରେ । ଘଡ଼ଘଡ଼ିଟାଏ ମାରିଲାବେଳକୁ ଏକାବେଳକେ ସେ କାନ୍ଥ ଦେହରେ ମିଶିବାର ଚେଷ୍ଟା କରୁଛି ! କାହିଁ ଆଉ ତାକୁ ଟିକିଏ ବୋଲି ଆଶ୍ରା ମିଳିଲା ନାହିଁ । ଘରକୁ ତ ଫେରିବାର ନାହିଁ !

ଦେହ ରଖିବାକୁ, ମୁଣ୍ଡ ଗୁଞ୍ଜିବାକୁ ତ ଟିକିଏ ଆଶ୍ରା ମିଳିଲା ନାହିଁ । ତାର ନିଜର ସର୍ବାଙ୍ଗୀନ ଅସହାୟତା, ନିରାଶ୍ରୟତା ଯେପରି ମୂର୍ତ୍ତିମନ୍ତ ହୋଇ ତା ଆଗରେ ବିକଟ କରାଳ ବେଶରେ ଠିଆହୋଇ ଗଲା ସେହି ଅନ୍ଧକାର ଝଡ଼ବରଷା ରାତିରେ ! ସେ ଆକୁଳ ହୋଇ ଚାରି ଆଡ଼କୁ ଚାହିଁଲା,—ଟିକିଏ ଆଲୋକ, ଟିକିଏ ସାହସ, ଟିକିଏ ସାମାନ୍ୟ ଆଶ୍ରୟ ପାଇଁ; କିନ୍ତୁ ତାକୁ ଆଉ କାହିଁ କିଛି ଦିଶିଲା ନାହିଁ, ନା ଯୋଗିଲା ନାହିଁ । ଅଭାଗୀର ବାହାରେ ଯେଉଁ ଅନ୍ଧାରକୁ ଭିତରେ ସେହି ଅନ୍ଧାର ! ମନରେ ତାର ଗୋଟାଏ ଧିକ୍କାର ଜାଗି ଉଠିଲା ନିଜ ପ୍ରତି—ନିଜ ଜୀବନ ପ୍ରତି !

Digitized by srujanika@gmail.com

ଜୀବନ ତାକୁ ଏକାବେଳକେ ବିଷମୟ ପରି ବୋଧ ହେଲା ! ଗାମ୍ଭୀର ବିତୃଷ୍ଣାର ଚରମ ଅବସ୍ଥାରେ ପହଞ୍ଚି ବିଶ୍ୱନାଥ ମନେ ମନେ ଭାବିଲା—ଆଉ ଏ ଜୀବନ ରଖିବ ନାହିଁ ! ଆଜି ତାକୁ କିଏ ଅଟକାଇବ ! ବିବାହ ପୂର୍ବରୁ ଥରେ ସେ ଏହିପ୍ରକାର ସଂକଳ୍ପ କରିଥିଲା —ଆତ୍ମହତ୍ୟାର ସଂକଳ୍ପ ! କାହିଁକି ସେତେବେଳେ ତାହା କଲା ନାହିଁ ! ହଁ, ସେତେବେଳେ ମରି ଯାଇଥିଲେ ଏତେ ଦହଗଞ୍ଜ ଫେରେ କିଏ ହୋଇଥାନ୍ତା ! ତାର ମନେ ପଡ଼ିଲା, ସେ କପରି ତା ସଂକଳ୍ପରୁ ଅବ୍ୟାହତି ପାଇଥିଲା ମାଳୁଭାଇ କଥା ଭାବି ! ସେତେବେଳେ ସେ ଭାବିଥିଲା, ବାହା ହେଲେ ମାଳୁଭାଇ ସହିତ ତାର ସମ୍ବନ୍ଧର ଅଣୁମାତ୍ର ତାରତମ୍ୟ ହେବ ନାହିଁ । ସ୍ନେହର ଅବସାନ ତ ହେବ ନାହିଁ, ତା ଛଡ଼ା ବିବାହଦ୍ୱାରା ତାର ଓ ମାଳୁଭାଇର ଯେଉଁ ସମ୍ବନ୍ଧ, ସେଥିରେ କୌଣସି ପରିବର୍ତ୍ତନ ବି ହେବ ନାହିଁ । ଏହି ବିଶ୍ୱାସରେ ସିନା ସେ ସହଜ ମୃତ୍ୟୁକୁ ଛାଡ଼ି ବିବାହକୁ ବରି ନେଇଥିଲା ! ଆଜି ତାର ମନେ ହେଲା, ଯଦି ବିବାହ ପରି ମୃତ୍ୟୁ ସେ ସ୍ନେହର କଣ୍ଟା କରି ନାହିଁ, ତା ହେଲେ ଅସଲ ମରଣ ବି ତାର କଣ୍ଟା କରି ପାରିବ ନାହିଁ ତ ! ତେବେ ସେ ବୃଥା ଏ ଜୀବନ ଆଉ ରଖିବ କାହିଁକି ! ହଠାତ୍ ତା ଆଖିରୁ ଲୁହ ଶୁଖିଗଲା, ସ୍ଥିର ଆଖିରେ ଗୋଟାଏ ବିଦ୍ୱେଷୀ ଦ୍ୟୁତି ଖେଳିଗଲା ଆଉ ସଙ୍ଗେ ସଙ୍ଗେ ଦେହରେ ଅମାନୁଷିକ ବଳ ଜାତ ହୋଇଗଲା !

(୪)

କନକକୁ ବିଦାୟ କରିଦେଇ ଗଉରୀ ବିଛଣାରେ ଚଢ଼ି ଭାବିବାକୁ ଲାଗିଲା, ଯାହା ସେ କନକଠାରୁ ଶୁଣିଲା ଏହିଆଗେ—

Digitized by srujanika@gmail.com

ମନେ ମନେ ।

ସ୍ୱାମୀ ସ୍ତ୍ରୀଙ୍କର ମତାନ୍ତର ବିଷୟରେ । ସେଥିର ଆଭାସ ସେ ନିଧିଙ୍କ ଠାରୁ ପୂର୍ବରୁ ଆଗରୁ ପାଇ ସାରିଥିଲା । କନକର ଯେ ଏହିପରି କଣ ଗୋଟାଏ ଗୁପ୍ତ କଥା ଅଛି, ଏ ସନ୍ଦେହ ତା ମନରେ ଅନେକ ଦିନରୁ ଜାଣିଥିଲେ ସୁଦ୍ଧା, ମଞ୍ଜୁ ଓ ତା ମଧ୍ୟରେ ଯେଉଁ ଗଭୀର ସ୍ନେହ ଅଛି, ତାକୁ ମଧ୍ୟ ଭଲରୂପେ ବୁଝିଥିଲେ ସୁଦ୍ଧା, ଦୁଇ କଥାକୁ ଯୋଡ଼ି ଗୋଟାଏ ମତରେ ଉପନୀତ ହେବାକୁ ସେ ଦେଇ ନ ଥିଲା ନିଜକୁ ଆଜଯାଏଁ । ଆହୁରି ମଧ୍ୟ ଏଠାକୁ ଆସିଲା ଦିନ ନିଧିର କନକର ଭେଟ ହୋଇଥିବାରୁ,—ରାତିରେ ଦୁହେଁ ଏକଠି ଶୋଇ-ଥିବାରୁ, ତା ମନରୁ ଚିନ୍ତା ଅନେକ ପରିମାଣରେ ହ୍ରାସ ପାଇ ଯାଇଥିଲା । ପରେ ଯେତେବେଳେ ସେ ସ୍ପଷ୍ଟ ବୁଝି ପାରିଲା ସେ କଥାଟା ଆହୁରି ବଢ଼ି ଗଲାଣି ବୋଲି, ସେ ତା ପ୍ରାଣପଣେ ସମସ୍ତଙ୍କୁ ବଞ୍ଚାଇ ଦୁହିଙ୍କ ମଧ୍ୟରେ ପୂର୍ବ ଭାବଟିକୁ ଫେରାଇ ଆଣିବାର ଅନେକ ଚେଷ୍ଟା କଲେ ସୁଦ୍ଧା, କେଉଁଠି ସେ ମୁହିଁ ଦେଇ କନକକୁ ପଚାରି ପାରି ନାହିଁ—ଏ ମତାନ୍ତର କାରଣ କଣ ବୋଲି ଆଜି କନକ-ଠାରୁ ସବୁ ହାଲ ଶୁଣି ସେ ସ୍ତମ୍ଭିତ ହୋଇଗଲା ଓ କନକ ପାଇଁ ତାର ଦୁର୍ଭାବନାର ଅନ୍ତ ରହିଲା ନାହିଁ । ସେ ତ କନକକୁ ଭଲ-ରୂପେ ଚିହ୍ନିଛି, ତେଣୁ କନକର କଥାରେ ସେ ଆଦୌ ଅବିଶ୍ୱାସ କରି ପାରିଲା ନାହିଁ !

ଆବେଗ, ଉତ୍କଣ୍ଠାରେ ତାକୁ ନିଦ ହେଲା ନାହିଁ । ସେ ବିଛଣାରେ ପଡ଼ି ଛଟପଟ ହେଉଁ ହେଉଁ ଭାବିବାକୁ ଲାଗିଲା—କନକକଥା, ମଞ୍ଜୁକଥା, ନିଧିକଥା, ରଙ୍ଗୀକଥା ଓ ତା ସଙ୍ଗେ ସଙ୍ଗେ ନିଜ କଥା ମଧ୍ୟ । ସମସ୍ତଙ୍କ ଦୁଃଖ ସେ ନିଜର କରି ଭାବିବାକୁ

Digitized by srujanika@gmail.com

ଲାଗିଲା, ସମସ୍ତଙ୍କ ଦୁଃଖ ମଧ୍ୟ ବୁଝିଲା ! ଏତେ ଅଭୁଆ କଣ ଖାଲି ଏ ସମାଜ ଯୋଗେ, ନା ଆଉ କିଛି ଅଛି ମଧ୍ୟ ଭିତରେ ! ସେ କିଛି ସ୍ଥିର କରି ପାରିଲା ନାହିଁ ସମାଜକୁ ବଦଳାଇ ଦେଲେ କଣ ସଂସାରରୁ ଦୁଃଖ ଉଠିଯିବ ? ଦୁଃଖୀ ଦୁଃଖିନୀ ନ ଥାଇ ସଂସାର ଚଳି ପାରେ—ଏପରି ସମାଜ ହୋଇ ପାରେ କି ? ନାଃ ନିଶ୍ଚେ ସେଥିରେ ଆଉ କଣ ଅଛି ? ତାର ନିଜ କଥା;—ସେ ଜାଣି ବିଧବା ଅଭାଗୀ; ସମାଜର ନିୟମାନୁସାରେ ତାର ଆଉ ବିବାହ ନାହିଁ— ଜୀବନରେ ଆଉ ସୁଖ ନାହିଁ । ସମାଜରେ ଯଦି ବିଧବା ବିବାହ ଥାଆନ୍ତା, ତା ହେଲେ ସେ କରିଥାଆନ୍ତା କି ? ନାହିଁ ପରି; ନା, ନା—କେବେହେଁ ନା ! ଏହିପରି କେତେ ବିଧବା—ଏ କାରଣ ହେଉ, ସେ କାରଣ ହେଉ,—କିଛି ନା କିଛି ଗୋଟାଏ କାରଣରୁ ତଥାପି ବାହା ହୋଇ ପାରନ୍ତେ ନାହିଁ, ବା ହୁଅନ୍ତେ ନାହିଁ ! ତେବେ ସମା- ଜରେ ବିଧବା-ବିବାହ ନାହିଁ ତ, ହେଲା କଣ ! ସେ ବା କାହିଁକି ଅଭାଗୀ ହେବ ! ତେବେ ବିଧବା ବିବାହ ସମାଜରେ ଚଳିବା ଉଚିତ ପରି—ଅନ୍ୟମାନେ, ଯେଉଁମାନେ ବିବାହ କରିବାକୁ ପ୍ରସ୍ତୁତ ଅଛନ୍ତି ସେମାନଙ୍କ ପାଇଁ । ଶଉଶୀର ମନେ ପଡ଼ିଗଲା ତାର ମୃତ ସ୍ୱାମୀଙ୍କ ବିଷୟ ! ସେ ଭାବି ବସିଲା—ସେ ତାର କେତେ ଦିନର ଚିହ୍ନା, କେତେ ଦିନର ବାଞ୍ଛିତ ! ସେ ଭାବି ଭାବି ଆକୁଳ ହେଲା, କିନ୍ତୁ କିଛି ସ୍ଥିର କରିପାରିଲା ନାହିଁ । ସେ କେବେ, କେବେ ପାଇଁ ତାଙ୍କର ତାର ଭେଟ ଏ ଜୀବନରେ ନୁହେଁ ପରି—ଅନନ୍ତ କାଳ ପୂର୍ବରୁ କି କଣ !! କେବେ ତାର ହୃଦୟଟି ସେ ଦେଇ ପକାଇଲା ତାଙ୍କୁ, ତାର ସେଟା ବି ମନେ ପଡ଼ିଲା ନାହିଁ । ଏପରି ଅନେକ ଥର ସେ

Digitized by srujanika@gmail.com

ମନେ ମନେ ।

ଏ ସବୁ କଥା ଭାବୁଛି, କିନ୍ତୁ କେବେ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇ ପାରି ନାହିଁ ! ଆଜି ମଧ୍ୟ ତାର ସବୁ ଚେଷ୍ଟା ପରାସ୍ତ ହୋଇଗଲା । ଫଳରେ ତା ମନରେ ଉଦ୍ଭବିଗଲା ଖାଲି ଗୋଟାଏ ଅସୀମତାର ସ୍ପୃହା, ତାର କ୍ଷୁଦ୍ର ହୃଦୟରେ ମେଲିଗଲା ଗୋଟାଏ ଅନନ୍ତ ଜାଗରଣ, ଗୋଟାଏ ଦିଗନ୍ତବ୍ୟାପୀ ପୂର୍ଣ୍ଣତା—ଯାହା ଇହ-କାଳ; ପରକାଳ ଭେଦ କରି କୁଆଡ଼େ ଶୂନ୍ୟରେ ମିଶି ଯାଇଛି—ତାର ନା ଅଛି ଏ ପାଖରେ ଠିକଣା, ନା ସେ ପାଖର ଅନ୍ତ !

ଅବାରିତ ପ୍ରସାରିତ ହୃଦୟରେ ତାର ବଡ଼ କରି ବାଜିଲା ତା ନିକଟତମ ଏଇ କେତୋଟି ହୃଦୟର ଆନ୍ତରିକ ଦୁଃଖ । ସହାନୁ-ଭୂତିରେ ଭିଜିଯାଇ ସେ ଭାବି ବସିଲା, ଏହାର ସମାଧାନ କେଉଁଠି । ଏଇ ଯେ ମାଳୁ କନକ—ଦୁହେଁ ଦୁହିଙ୍କର ପ୍ରିୟ, ବାଞ୍ଛିତ,—ଯଦି ବିବାହ ହେଲା ହୃଦୟର ସବୁ ଖେଳର ଶେଷ ନିଷ୍ପତ୍ତି, ତେବେ ଏ ଦୁହେଁ ତ ଆଜି ସମାଧାନର ଗଣ୍ଡି ଭିତରେ ନାହାନ୍ତି ! ରଙ୍ଗୀ ମାଳୁଙ୍କ ମଧ୍ୟରେ ଏ ନିଷ୍ପତ୍ତି ସମ୍ଭବ ହୋଇଥାନ୍ତା, ଯଦି ମାଳୁ ବିବାହକୁ ତାର ଶେଷ ନିଷ୍ପତ୍ତି ବୋଲି ନ ଭାବନ୍ତା ! ନ ଭାବିବ ବା କିପରି ? ହଁ, ସତେ କଣ ବିବାହଟା ଏଡ଼େ ପଦାର୍ଥ ? ସତେକଣ ଖାଲି ବିବାହରେ ହୃଦୟ ତାର ବାଞ୍ଛିତର ଠିକଣା ପାଏ ? ନାଃ, ଅସମ୍ଭବ । ତେବେ ନିଧି କନକର ବିବାହଟା କଣ ? ଏଟା ଏ ସମାଜର ଦୋଷ, ନା ଆଉ କିଛି ? ବିବାହରେ ଅନ୍ୟାୟ ମିଳନ ଓ ବ୍ୟର୍ଥ ପ୍ରେମ କଣ ଆଉ କେଉଁ ସମାଜରେ ନାହିଁ ତେବେ ? କେଜାଣି ! ତେବେ କାହିଁକି ମନେ ହୁଏ ଯେପରି ବିବାହଟା କିଛି ନୁହେ ବୋଲି ! ନାଃ, ନିଶ୍ଚୟ ବିବାହଟା ଗୋଟାଏ ଅନୁଷ୍ଠାନ ଛଡ଼ା କିଛି ନୁହେଁ;

Digitized by srujanika@gmail.com

ନିଷ୍ପ୍ରସ୍ତ ବିବାହ ହୃଦୟରାଜ୍ୟର ସମାଧାନର ଶେଷ ନୁହେ ! ସମାଜର ବିବାହ ସେ ସମାଜର—ସମାଜର ନର ନାରୀ ସେଥିରେ ସୁରଧୁନୀ ଖୋଜିଲେ ପାଇ ପାରନ୍ତି, ପ୍ରେମର ଅନନ୍ତ ବିଶ୍ରାମ ଖୋଜିଲେ ପାଇ ପାରନ୍ତି; କିନ୍ତୁ ତା ବୋଲି ସେହି ବିବାହ ହିଁ ସୁରଧୁନୀ ବା ସର୍ବସନ୍ତାପହାରିଣୀ, ଯୁ। କପର ହୋଇ ପାରେ ! ନାଃ, ସବୁ ଏଇ ହୃଦୟରେ ହିଁ ଅଛି !

ହିଁ ଏଇ କଥାଟି ମଞ୍ଜୁ କାହିଁକି ବୁଝିଲେ ନାହିଁ ! ତା ହେଲେ ହୁଏ ତ ରଙ୍ଗୀକୁ ବିବାହ କରିବାକୁ ରାଜି ହୋଇଥାନ୍ତେ, ତା ହେଲେ ଏ ସବୁ ଅଡୁଆ ମେଣ୍ଟି ଯାଇଥାନ୍ତା ପରା !

ଏହିପରି କେତେ କଣ ଭାବୁଁ ଭାବୁଁ କେତେବେଳେ ଗଡ଼ଶୀକୁ ନିଦ ଲାଗିଗଲା । ଆଜି ନିଜେ ଭାବ ଭାବ ସମାଧାନ ସାରି କରିବାକୁ ଯାଇ ଶୋଇବା ପୂର୍ବରୁ ସେ ତା ଠାକୁରଙ୍କୁ ଆଉ ଡାକି ପାରିଲା ନାହିଁ ।

× × × ×

ଏଣେ ନିଧି ବାବୁ ଦୁଆର ବନ୍ଦ କରିଦେଇ ଅନିଶ୍ଚିତ, ଭୟରେ ଚଞ୍ଚଳ, ଅସ୍ଥିର ହୋଇ ଶୋଇବା ତ ଦୂରେ ଥାଉ, ସେହି ଘରେ ଯ୍ୟାଡ୍ଡେ ସ୍ୟାଡ୍ଡେ ବୁଲି ବୁଲି ଭାବିବାକୁ ଲାଗିଲେ । ଦୁଆର ବନ୍ଦ କରି ଦେବାଯାଏଁ ତାଙ୍କର ସେ ଧାରଣା ମାତ୍ର ନ ଥିଲା; ବନ୍ଦ କରିଦେଇ ସାରି ତାଙ୍କ ମନ ଅଧେ ଦବିଗଲା । ଭାବିଲେ, ବୋଧ ହୁଏ ଠିକ୍ ହେଲା ନାହିଁ । ଯେତେବେଳେ କନକର ଅଳଙ୍କାରର ଆହ୍ୱାନ ତାଙ୍କ କାନରେ ପଡ଼ିଲା, ସେ ବ୍ୟସ୍ତ ହୋଇ ଉଠି ଚାଲି ଦ୍ୱାର ଖୋଲି ଦେବାକୁ । ଜଞ୍ଜିର ଉପରେ ହାତ ଦେଲା

Digitized by srujanika@gmail.com

ମନେ ମନେ ।

ମାତ୍ରକେ ପୁଣି ତାଙ୍କୁ କଏ ପଛକୁ ଓଟାର ଆଣିଲା । ନିଜ ପ୍ରତି ଧିକ୍କାର ଦେଇ କହିଲେ, "ପୁଣି ଦୁର୍ବଳତା !" ସେ ଫେରି ଆସି ଖଟ ଉପରେ ବସି ପଡ଼ିଲେ । କେଜାଣି କାହିଁକି ତାଙ୍କ ଆଖିରୁ ଲୁହ ଝର ଝର ହୋଇ ଗଡ଼ି ପଡ଼ିଲା । ଦୁର୍ବଳତା ପୁଣି ମାଡ଼ି ଆସୁଛି ବୋଲି ଭାବି, ଉଠି ଅଧିକତର ବେଗରେ ଧାଁ ଦଉଡ଼ି କରିବାକୁ ଲାଗିଲେ । ଏତିକିବେଳେ ତାଙ୍କ କାନକୁ ଆସିଲା କନକର ଚଞ୍ଚଳ ପଦଶବ୍ଦ । ଚାଲି ଯାଉଛି ଜାଣି ଦୁଆର ପାଖକୁ ସନ୍ତର୍ପଣରେ ଆସି ଫାଙ୍କ ବାଟେ ତାଙ୍କୁ ଥରେ ଦେଖିନେବାର ଲୋଭ ସମ୍ବରଣ କରି ପାରିଲେ ନାହିଁ, କିନ୍ତୁ କିଛି ମାତ୍ର ଦେଖାଗଲା ନାହିଁ । ବର୍ଷା ଅନ୍ଧାର ଯୋଗେ ! ପୁଣି ଦୁର୍ବଳତା, ପୁଣି ଅଶ୍ରୁଧାର ! ଏଥର ଅନେକ ଦୂରରୁ କନକର ପଦଶବ୍ଦ, ଅଳଙ୍କାରସିଞ୍ଜିତ କ୍ଷୀଣ ହୋଇ ଶୁଭୁଥାଏ । ହଠାତ୍ ନିଧି ବାବୁ ଦ୍ୱାର ଖୋଲି ପକାଇଲେ, ଭାବିଲେ—ଯାଏ; ଫେରାଇ ଆଣେ । ଘରୁ ବାହାରି ପଡ଼ିଲା ମାତ୍ରକେ ତାଙ୍କୁ ଭେଟିଲା ଗୋଟାଏ ବିରାଟ ଅନ୍ଧକାର । ପୁଞ୍ଜିଭୂତ ହୋଇ ! କେଜାଣି କାହିଁକି ନିଧିବାବୁ ପୁଣି ଦବିଗଲେ । ସେତେ-ବେଳକୁ କନକର ଆଉ ସୋର୍ ଶବ୍ଦ ନାହିଁ । ଆଉ ପଦ ତାଙ୍କର ଚାଲିଲା ନାହିଁ । ସେ ଭାବିଲେ, କନକ ଚାଲିଗଲାଣି ବୋଧ ହୁଏ । ନିଜଠାରେ ନିଜେ ଲଜ୍ଜିତ ହୋଇ, ଆହତ ଆତ୍ମସମ୍ମାନ ଯେମିତି ପୁଣି ଫେରି ଆସିଲେ ଭିତରକୁ । ଦୁଆର ଆଉଜାଇ ଦେଲା ମାତ୍ରକେ ହାତ ସ୍ୱତଃ ଚାଲିଗଲା ଜଞ୍ଜିର ପାଖକୁ । କିନ୍ତୁ ନିଧି ବାବୁ ଆଉ ଜଞ୍ଜିର ଲଗାଇଲେ ନାହିଁ—ଭାବିଲେ, ସେ ତ ଚାଲିଗଲାଣି, ଆଉ କଣ ! ଅଥବା ଦୁର୍ବଳ ନିର୍ଲଜ୍ଜ ମନରେ ପୁଣି ଟିକିଏ ଆଶା ରହିଲା, ଯଦି ଫେରି ଆସେ !!

Digitized by srujanika@gmail.com

କିନ୍ତୁ କନକ ଆଉ ଆସିଲା ନାହିଁ ମୋହରେ ଆଚ୍ଛନ୍ନ ହେଲା ପରି ନିଧିବାବୁ ବିଛଣାଟିରେ ପଡ଼ି ରହିଥାନ୍ତି । ନିଦ ହୋଇ ନାହିଁ କି ସମ୍ପୂର୍ଣ୍ଣ ଜାଗ୍ରତ୍ ବି ନାହାନ୍ତି । ମନରେ ଗୋଟାଏ ଘୋର ବିକାର ଭାବ—ଯାହା ଆଗରୁ ରହି ଯାଇଥିଲା, ସେଟାଏ ଅର୍ଦ୍ଧଜାଗ୍ରତ୍ ଅବସ୍ଥାରେ ଟିକିଏ ଲଇଁ ଯାଇଛି, ଆଉ ଭିତରର ଯେଉଁ ଆଶାର ଆଲୋକଟିକ ସେଥିରେ ଭସ୍ମାବୃତ ବହ୍ନି ପରି ଢାଙ୍କି ହୋଇ ରହିଥିଲା, ସେଟା ବର୍ତ୍ତମାନ ସ୍ୱାଧୀନ ଭାବରେ ମୁଣ୍ଡ ଟେକି ଉଠିଛି । ଏହିପରି ପ୍ରାୟ ଘଣ୍ଟାଏ କାଳ ଚାଲି ଯାଇଥିବ, ତା ପରେ ନିଧି ବାବୁ ଟିକିଏ ୨ କରି କ୍ରମେ କେତେ ସ୍ୱପ୍ନ ଦେଖିବାକୁ ଲାଗିଲେ । ବର୍ତ୍ତମାନ ତାଙ୍କ ମନର ସବୁ ବୃତ୍ତି ଶାନ୍ତ ହୋଇଯାଇ ରହିଛି ଖାଲି ଗୋଟାଏ ଚଞ୍ଚଳ ଉଦ୍‌ବିଗ୍ନତା—ଯାହା ତାଙ୍କୁ ରହି ରହି ଚମକିତ କରି ଦେଉଛି । ସେହି ଯେ ଆଶାଟିକ ମନରେ ତାଙ୍କର ଜାଗି ଉଠୁଛି ମୁକ୍ତ ସ୍ୱାଧୀନ ଭାବରେ, ସେହି ଆଶାରହିଁ ସେ ଉତ୍କଣ୍ଠା ! ହଠାତ୍ ଉଠି ପଡ଼ି ଅସଂଯତ ଭାବରେ ଘରର ଚାରି ଆଡ଼କୁ ଚାହିଁ, କେତେବେଳେ କେତେବେଳେ ପୁଣି ଦ୍ୱାର ପର୍ଯ୍ୟନ୍ତ ଯାଇ, ଦ୍ୱାର ପର୍ଯ୍ୟନ୍ତ ଅନାଇ ଦେଖୁଛନ୍ତି, ପୁଣି ନିରାଶ ହୋଇ ଆସି ସେହି ସ୍ୱପ୍ନରାଜ୍ୟରେ ନିଜକୁ ବିସର୍ଜନ ଦେଉଛନ୍ତି । ଏହିପରି କେତେ ଥର କଲେଣି, ତାର ସୀମା ନାହିଁ ।

ଥରେ ଏହିପରି ଯାଇ ବାଧ୍ୟମତେ ଶୋଇବାର ପ୍ରତିଜ୍ଞା କରି ବାବୁ ବିଛଣାରେ ଚଢ଼ିଗଲେ । ଟିକିଏ ଗାଢ଼ତର ଭାବରେ ଏଥର ମୋହ ତାଙ୍କୁ ଘାରି ପକାଇଲା । ସେ ସ୍ୱପ୍ନ ଦେଖିବାକୁ ଲାଗିଲେ । ଅନିୟମିତ ଭାବରେ ଏ କଥା ସେ କଥା ପରେ ହଠାତ୍ ତାଙ୍କୁ

Digitized by srujanika@gmail.com

ମନେ ମନେ ।

ଦେଖାଗଲା—ଗୋଟାଏ ସରୁ ଗୋହିର ବାଟ, ଦୁଇ ପାଖରେ କଣ୍ଟା-ବାଡ଼ ଅଙ୍କାବଙ୍କା ହୋଇ ବାଟ ଉପରକୁ ମାଡ଼ି ମାଡ଼ି ଆସିଛି; ସଞ୍ଜ-ଅନ୍ଧାର ତା ଉପରେ ପୁଣି ଝଡ଼ ପବନ ପରି ଶୁଖିଲା ବତାସ ଗୋଟାଏ ଧୂଳି ଗୁଡ଼ାଏ ଉଡ଼ାଇ ଆହୁରି ଅନ୍ଧାରମୟ କରି ପକାଇଛି । ସେହି ବାଟେ ସେ ନିଜ ଲୁଗାପଟା ସମ୍ଭାଳି ଧୀରେ ଧୀରେ ଚାଲିଛନ୍ତି ଏଣେତେଣେ ସ୍ୟାଡ଼େ ଅନାଇ ଅନାଇ ଅତି ଶଙ୍କିତ ଚରଣରେ । କ୍ରମେ ପବନ-ବେଗ ଟିକିଏ ମାନ୍ଦା ପଡ଼ିଗଲା, ଅନ୍ଧାର ଆହୁରି ଘନ ହୋଇଗଲା, ତାଙ୍କ ନାକ ସଳଖରେ ଯେଉଁ କ୍ଷୁଦ୍ର ତାରାଟି ଏହି ଲାଗେ ଦପ୍ ଦପ୍ ହୋଇ ଜଳୁଥିଲା ସେଟା ଆଉ ବାରିହେଲା ନାହିଁ, ତେବେ ବିଜୁଳି ଚମକିବାରୁ ଆଲୁଅ ଟିକିଏ ଟିକିଏ ହେଲା । ହଠାତ୍ ଗୋଡ଼ାଏ ଘଡ଼-ଘଡ଼ି ବିଜୁଳି ହେଲା ଯେ, ସେ ସେହିଠାଏ ଥକ୍କା ହୋଇ ଛିଡ଼ା ହୋଇଗଲେ ଦଣ୍ଡେକାଳ । ପୁଣି ଯେତେବେଳେ ଆଖି ଖୋଲିବାକୁ ସାହସ କଲେ,ସେତେବେଳେଦେଖନ୍ତି ତ,—ସେ ଆଉ ସେ ଗୋହିରି ବାଟରେ ନାହାନ୍ତି, ଝଡ଼ ନାହିଁ, ବର୍ଷା ନାହିଁ, ପବନ ନାହିଁ, ପାଣି ନାହିଁ;—ତାଙ୍କ ଅନ୍ତର ବାହାର ଗୋଟାଏ ମଧୁମୟ ହସରେ ଭରିଯାଇଛି । ସେ ମଧ୍ୟ ଏକା ନାହାନ୍ତି, କିଏ ଗୋଟାଏ ତାଙ୍କ ଗାତ୍ର ଆଲିଙ୍ଗନରେ ରହି କ୍ରମେ ତାଙ୍କଠାରେ ଅଧିକରୁ ଅଧିକ ମିଶି ମିଶି ଯାଉଛି;—ହୁଏତ ସେ କନକ ! ଏହିପରି ସମୟରେ ହଠାତ୍ ପୁଣି ପାଣି ଟପ ଟପ ପଡ଼ିଲା ପରି ତାଙ୍କୁ ଲାଗିଲା—ପଟା ଉପରେ ବର୍ଷା ହେଲେ ଯେପରି ଶବ୍ଦ ହୁଏ, ଠିକ୍ ସେହିପରି । ସେ ଟିକିଏ ମୁଣ୍ଡ ଟେକି ଏଣ୍ୟାଡ଼େ ସ୍ୟାଡ଼େ ଚାହିଁଲେ । ଏତିକି-ବେଳେ ତାଙ୍କର ମନେ ହେଲା, କିଏ ଯେପରି କୋମଳ ହସ୍ତରେ

Digitized by srujanika@gmail.com

ତାଙ୍କ ପିଠି ଆଉଁସି ଦେଉଛି । ଚେଷ୍ଟା କରି ସୁଦ୍ଧା ଆଉ ସେ ବୁଲି-କରି ଚାହିଁ ପାରିଲେ ନାହିଁ । ବିକଳ ନିଶ୍ଚେଷ୍ଟ ଭାବରେ କିଛି କ୍ଷଣ ପଡ଼ି ରହିଲା ପରେ ତାଙ୍କୁ ପୁଣି ଜଣାଗଲା, ଯେପରି କିଏ ଗୋଟିଏ ସେହିପରି ଧୀର ଭାବରେ ତାଙ୍କ ପାଦରେ ହାତ ବୁଲାଉଛି । ପୁଣି ସେ ଚେଷ୍ଟା କଲେ ନିଜ ପାଦ ଆଡ଼କୁ ଅନାଇ ଦେଖିବା ପାଇଁ । କିନ୍ତୁ ତାଙ୍କର ସବୁ ଚେଷ୍ଟା ବ୍ୟର୍ଥ ହେଲା । ଏତିକିବେଳେ ତାଙ୍କ କୋଳରୁ ତକିଆଟା କପରି ଖସିଯାଇ ଖଟ ତଳକୁ ଗଡ଼ି ପଡ଼ିଲାରୁ ଗୋଟାଏ ଶବ୍ଦ ହେଲା, ଆଉ ତାଙ୍କୁ ଜଣାଗଲା, ଯେପରି ଆହୁରି ଗୋଟାଏ ବଡ଼ ଶବ୍ଦ ତାଙ୍କର ଛାତି ଭିତରୁ ବାହାରୁଛି ! ନିଧି ବାବୁ ଧଡ଼୍‌ପଡ଼୍‌ ହୋଇ ଉଠି ବସିଲା ବେଳକୁ ବି ସେ ଶବ୍ଦ ମିଳାଇ ଯାଇ ନାହିଁ—ବରଂ ଗୋଟାଏ ଭାରି ପଦାର୍ଥ ପାଣିରେ ପଡ଼ିଲେ ଯେପରି ଶବ୍ଦ ହୁଏ, ସେହିପରି ଗୋଟାଏ ବଡ଼ ଶବ୍ଦ ସେହିକ୍ଷଣି ଦ୍ୱାର ଫାଙ୍କବାଟେ ତାଙ୍କ କର୍ଣ୍ଣଗୋଚର ହେଲା । ସ୍ୱପ୍ନ କି ସତ୍ୟ, ଏହିତା ଭାବୁଁ ଭାବୁଁ ଅଦୂରରେ ଶୁଣାଗଲା ମଲ ଓ ଅନ୍ୟାନ୍ୟ ଅଳଙ୍କାରର ରୁଣୁ ଝୁଣୁ ଶବ୍ଦ—ଚୁପି ହେଲା ପରି, ତଥାପି ବୁଝାଯିବା ଭଳି । ଏଥର ନିଶ୍ଚୟ ସ୍ୱପ୍ନ ନୁହେ ବୋଲି ଭାବି, ନିଧି ବାବୁ ଲଣ୍ଠନଟାକୁ ତେଜିଦେଇ, ହାତରେ ଧରି ବାହାରି ପଡ଼ିଲେ । ଦ୍ୱାର ପାଖକୁ ଆସି ଦେଖିଲେ, ଦ୍ୱାରଟା ଖୋଲା ଅଛି । ସେ ମେଲା ରଖି-ଥିଲେ କି ଆଉଜାଇ ଦେଇଥିଲେ, ଏ କଥା ଭାବିବା ପୂର୍ବରୁ ପୁଣି ସେହି ଅଳଙ୍କାର-ଶବ୍ଦ ନିକଟରୁ ଅଥଚ କପରି ଦୂରରୁ ଆସିଲା ପରି ତାଙ୍କୁ ଶୁଭିଲା । ସେ ବ୍ୟସ୍ତ ହୋଇ ସିଧା ଚାଲିଲେ ଉଠାର ଆଡ଼କୁ, ସେ ଶବ୍ଦ ତାଙ୍କ କାନ ପାଖରେ ହୋଇକରି ଶୁଭୁଥାଏ,

Digitized by srujanika@gmail.com

ମନେ ମନେ ।

ଅଥଚ ଯେପରି ଦୂରର ଶବ୍ଦ;—କୁଆଡ଼ୁ ଆସୁଛି, କିଛି ଠଉର ହେଉ ନାହିଁ ।

ସେତେବେଳକୁ ବର୍ଷା ଥମି ଗଲାଣି, ଆକାଶଗୋଟାକ ଭରି ଅସଂଖ୍ୟ ତାରା ଦାଉ ଦାଉ ଜଳୁଛନ୍ତି । ନିଧି ବାବୁ ପିଣ୍ଡା ପିଣ୍ଡା ଯାଇଁ, ମଝି ବାହାର ପାରି ହୋଇ, ଭିତର ଖଞ୍ଜା ଦୁଆରେ ପହଞ୍ଚିଲେ । ଅଳଙ୍କାର ରୁଣୁଝୁଣୁ ତାଙ୍କ କାନରେ ସେହିପରି ବାଜୁଥାଏ । ପହଞ୍ଚି ଦେଖିଲେ, ଦୁଆର ଭିତରୁ ବନ୍ଦ । ଫେରିଲେ । ସେହି ମଝି ବାହାର ବାଟେ ଆସିଲାବେଳକୁ ତାଙ୍କୁ ଜଣାଗଲା, ଯେପରି ସେ ଶବ୍ଦଟା ଆହୁରି ନିକଟରେ ତାଙ୍କର; ଅଥଚ କେଉଁଠୁ ଆସୁଛି, ଠିକ୍ ସେ ଧରି ପାରିଲେ ନାହିଁ । ପୁଣି ବାହାର ଘର ପିଣ୍ଡାକୁ ଆସି କୁଆଡ଼େ ଯିବେ, କଣ କରିବେ ଭାବୁଛନ୍ତି, ଏତିକି ବେଳେ ପାଣିରେ ଭାରି ଜିନିଷ କିଛି ବାଡ଼େଇ ହେଲେ ଯେପରି ଶବ୍ଦ ହୁଏ, ସେହିପରି ଶବ୍ଦଟାଏ ଲାଗେ ଲାଗେ ତିନି ଚାରି ଥର ତାଙ୍କରି କାନ ପାଖରେ ହୋଇକରି ବାଜିଗଲା । ଚମକି ପଡ଼ି ନିଧି ବାବୁ ଚାରିଆଡ଼କୁ ଚାହିଁଲେ । କାହିଁ କୁଆଡେ ତ ନାହିଁ କିଛି ! ଅଗଣା ମଝାମଝିରେ ଯେଉଁ ପକ୍କା କୂଅଟା, ସେଇଟା ଖାଲି ତାରା ଆଲୁଅରେ ଧଳା ହୋଇ ଦିଶୁଛି । ହଠାତ୍ ନିଧି ବାବୁଙ୍କ ମନରେ ଗୋଟାଏ ଅନିଶ୍ଚିତ ଭୟ ପଶିଗଲା । ସେତିକିବେଳେ ବି ଚାରିଆଡ଼େ ଶୂନ୍‌ଶାନ୍ ନିସ୍ତବ୍ଧ ହୋଇଗଲା—ଆଉ କିଛି ବୋଲି କିଛି କୁଆଡ଼ୁ ଶୁଭୁ ନାହିଁ ! ନିଧି ବାବୁ ଦ୍ରୁତପଦରେ ଭିତର ଖଞ୍ଜା ଦ୍ୱାର ପର୍ଯ୍ୟନ୍ତ ଧାଇଁ ଯାଇଁ କମ୍ପିତ ହସ୍ତରେ କବାଟରେ ହାତ ମାରି ଡାକିବାକୁ ଲାଗିଲେ । ସେ ମନେ ମନେ ସଂଯତ ଭାବରେ ହିଁ କବାଟରେ

Digitized by srujanika@gmail.com

ହାତ ମାରୁଛନ୍ତି ଓ ଯଥାସମ୍ଭବ ବଡ଼ ପାଟିରେ 'ବୋଉ, ବୋଉ' ବୋଲି ଡାକୁଛନ୍ତି; କିନ୍ତୁ ପ୍ରକୃତରେ କବାଟ ଭାଙ୍ଗିଲା ଭଳି ଦୈହିକ ବଳ ପ୍ରୟୋଗ କରୁଛନ୍ତି ଧକ୍କା ମାରିଲାବେଳେ; ଏଣେ ମୁହଁରୁ ଭାଷା ବାହାରିବାକୁ ନାହିଁ ! କଥା କହିଲା ଭଳି, ଡାକିଲା ଭଳି ମୁହଁ କରୁଥିଲେ ସୁଦ୍ଧା ଗୋଟାଏ ବୋଲି ଶବ୍ଦ ତାଙ୍କ ମୁହଁରୁ ଉଚ୍ଚାରିତ ହେଉ ନାହିଁ !

ଯାହା ହେଉ, କବାଟଟି ଭାଙ୍ଗିଯିବା ପୂର୍ବରୁହିଁ ଗଉଡ଼ଣୀ ଉଠି ଆସି, ଦୁଆର ଖୋଲୁଁ ଖୋଲୁଁ ସେପଟୁ କହିଲା, "ଏଡ଼େ ନିର୍ବୁଦ୍ଧି-ଯାଣୀ ନା ଲୋ ତୁ ବୋହୂ, ଏଡ଼େ ହେଁ କବାଟ ବାଡ଼ଉଛୁ ।" ଏହା କହି ଗୋଟାଏ ବଡ଼ ହାଇ ମାରି, ଗଉଡ଼ଣୀ ଦୁଆର ଖୋଲି ଦେଇ ଡିବଟି ହାତରେ ଧରି ଆଡ଼ ହୋଇ ଠିଆ ହେଲା, କନକ ଭିତରକୁ ଯିବ ବୋଲି । କିନ୍ତୁ କାହିଁ କନକ ! ଏ ଯେ ନିଧି ! ଏଣେ ନିଧି ବାବୁ ଗଉଡ଼ଣୀ କଥା ଶୁଣି ସ୍ତମ୍ଭିତ ହୋଇଯାଇ ଥିଲେ —କନକ କାହିଁ ତା ହେଲେ ? ପ୍ରଶ୍ନ କଲାପରି ବାଲୁ ବାଲୁ ହୋଇ ଗଉଡ଼ଣୀ ମୁହଁକୁ କିଛି କ୍ଷଣ ଚାହିଁ ରହି, ନିଧି ବାବୁ ଶେଷରେ ଅତି କଷ୍ଟରେ କହିଲେ, "କନକ ?" "କି ରେ ବୋହୂ ପରା ତୋତି ପାଖକୁ ଆସିଥିଲା !" ବୋଲି କହି ଗଉଡ଼ଣୀ ନିଧି ବାବୁଙ୍କ ଆଡ଼କୁ ଭଲ କରି ଏତେବେଳେ ଏଇ ପ୍ରଥମ ଅନାଇଲା । ନିଧି ବାବୁଙ୍କୁ ଦେଖି ତା ଗୋଡ଼ଠାରୁ ମୁଣ୍ଡପାଏଁ ଖାଲି କଞ୍ଚାପାଣି ହୋଇଗଲା ! ଏ କଣ ସେହି ନିଧି ଯାହାକୁ ସେ ଶୋଇଲା ବେଳେ ଦେଖି ଯାଇଥିଲା !

Digitized by srujanika@gmail.com

ମନେ ମନେ ।

ଏଣେ ନିଧି ବାବୁ ସବୁ ବୁଦ୍ଧି ବୃତ୍ତି ଫେରି ପାଇଲା ପରେ ଝାଉଁଳ୍ପଡ଼ ହୋଇ କହିଲେ, "ଅପା, ମୁଁ ତ ଦୁଆର ଦେଇଥିଲି ତୁ କିପରିତ ଆସିଲୁ । ସେ ଦୁଆର ପାଖକୁ ଯାଇଥିଲା, ହଁ—ଫେରି ଫେରି ଆସିଲା ତ ଭିତରକୁ ।" "ଆରେ ଇସ୍ସେ କଣ, କୁଆଡ଼େ ଗଲା !" ଗଉରୀ ମଧ୍ୟ ଅନିଶ୍ଚିତ ଭୟରେ ଥରି ଉଠିଲା ! ଭେଲ୍‌କା ମାରିଲା ପରି ଦୁହେଁ ଦୁହିଙ୍କ ମୁହଁକୁ ଅନାଇ କିଛି କ୍ଷଣ ସେହିଠାରେ ରହିଲେ । ହଠାତ୍ ଏତିକବେଳେ ସେହିଠାରୁ କେଉଁଠୁ ନିକଟରୁ ଗୋଟାଏ ଶବ୍ଦ ଆସି ଦୁହିଙ୍କୁ ଏକାବେଳକେ ଚମକାଇ ଦେଲା । ଯେପରି କିଛି ଗୋଟାଏ ପାଣିରେ ବାଡ଼େଇ ହେଉଛି; ଏହିପରି ଶବ୍ଦ ! ସାଙ୍ଗେ ସାଙ୍ଗେ ଗଉରୀ ଆଖି ଆଗରେ ଘଟନାଟା ସଫା ହୋଇ ଖେଲିଗଲା ! ସେ ନିଧିଙ୍କୁ ଠେଲିଦେଇ କହିଲା, "ଆରେ ଉଲୁ, ଦେଖ ସେଇ କୂଅ ଭିତରେ କିଏ ପଡ଼ିଛି ! ବୋଉ, ବୋଉ ।—"

ଦୁହେଁ କୂଅ ପାଖକୁ ଧାଇଁଗଲେ । ଦୁଇଟାଯାକ ଆଲୁଅ ଭିତରକୁ ଦେଖାଇ ଝୁଙ୍କି ପଡ଼ି ଦୁହେଁ ଯାକ ଚାହିଁଲେ । ପ୍ରଥମେ କିଛି ଦେଖାଗଲା ନାହିଁ, ପରେ ଗୋଟାଏ ଧଳା ଲୁଗା ବୁଜୁଳା ପରି ଫୁଲି ରହିଥିବାର ଓ କୂଅ ଭିତରେ ସ୍ୱାଡ଼େ ସ୍ୱାଡ଼େ ଧୂଆଁ ବୁଲୁଥିବାର ଦେଖାଗଲା । ନିଧି ବାବୁ ଲଣ୍ଠନଟାକୁ କୂଅ ଉପରେ ଥୋଇଦେଇ ଲୁଗା ଭିଡ଼ ଭିତରକୁ ପଶିବା ପାଇଁ ଉଦ୍ୟତ ହୋଇ ପଡ଼ିଲେ !

(୪)

ମିତ୍ର ବାବୁଙ୍କ ସହିତ ପାଠକ ପାଠିକାଙ୍କର ଅନେକ ଦିନରୁ ସାକ୍ଷାତ ହୋଇ ନାହିଁ । ଏଡ଼େ ଅଘଟନ ଘଟାଇ ସେ କୁଆଡ଼େ ଚାଲି ଯାଇଛନ୍ତି, ସେ ଦିନୁ ତାର ବି ଖବର ନାହିଁ । ସେହି ଦିନ—

Digitized by srujanika@gmail.com

ଠାରୁ—ଯେଉଁ ଦିନ ରଙ୍ଗୀର ସେ ଦୁର୍ଦ୍ଦଶା ଘଟିଥିଲା—ତାଙ୍କ ପ୍ରତିବଧି ଟିକଏ ଉଲ୍ଲେଖ ନ କଲେ ଆଉ ଚଳୁ ନାହିଁ ।

ପୂର୍ବରୁ ବୋଲି ଯାଇଅଛୁ ଯେ ମାଳୁ ବାବୁଙ୍କୁ ଶେଷ ପର୍ଯ୍ୟନ୍ତ ଜଣା ନ ଥିଲା ଯେ, ରଙ୍ଗୀ ପାଇଁ ହିଁ ନିଧି ବାବୁଙ୍କ ଘରେ ତାଙ୍କର ଏତେ ଆଦର ଓ ଅବାଧ ଗତି । ବରଂ ପ୍ରଥମେ ଯେତେବେଳେ ଏମାନେ କଟକ ଆସିଲେ, ସେତେବେଳେ ତାଙ୍କୁ ପ୍ରକାରାନ୍ତରରେ ସମଝାଇ ଦିଆ ଯାଇଥିଲା ଯେ, ରଙ୍ଗୀପ୍ରସଙ୍ଗ ଚିରଦିନପାଇଁ ଭାଙ୍ଗି ଦିଆଯାଇଅଛି । ସେ ଦିନ ତାଙ୍କୁ ଉପଲକ୍ଷ୍ୟ କରି ଯେ ଏତେ ଗୁଡ଼ିଏ ଘଟନା ଘଟିଗଲା, ଏହା ତାଙ୍କ ନିକଟରେ ପ୍ରହେଳିକା ଭଳି ରହିଥିଲା—ଯେ ପର୍ଯ୍ୟନ୍ତ ଭିତରୁ ତାଙ୍କର ଡାକ ଆସି ନ ଥିଲା । ଭିତରକୁ ଆସି ରଙ୍ଗୀକୁ ଛଦବସ୍ଥ ଦେଖି ତାଙ୍କ ହୃଦୟ ମନ ଗୋଟାଏ ଗଭୀର କରୁଣାରେ ଭରି ଉଠିଥିଲା । ପୁଣି ଯେତେବେଳେ କଥା କଥାକେ ସେ ଜାଣିଲେ ଯେ, ରଙ୍ଗୀହିଁ ତାଙ୍କୁ ଦେଖିବାକୁ ଡାକିଥିଲା—ସଜ୍ଞାନରେ ବା ଅଜ୍ଞାନରେ ହେଉ,—ସେତେବେଳେ ଆଉ ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସମସ୍ତ ଅବସ୍ଥା ବିଷୟରେ ଅବଶ୍ୟ ରଙ୍ଗୀ ପ୍ରତି ତାଙ୍କର ସହାନୁଭୂତି ଛଡ଼ା ଆଉ କିଛି ଭାବ ମନରେ ହେଲା ନାହିଁ, କିନ୍ତୁ ସଙ୍ଗେ ସଙ୍ଗେ ସମାଜ ପ୍ରତି ଗୋଟାଏ ବିତୃଷ୍ଣା ଓ ଘୃଣାରେ ତାଙ୍କ ମନ ନିଜର ଅସହାୟତା ଉପଲବ୍ଧି କରି ହଠାତ୍ କଠିନ ହୋଇ ଉଠିଲା । ଗୋଟାଏ ମୁହୂର୍ତ୍ତରେ ପୂର୍ବାପର ସମସ୍ତ ଘଟନା ଚ୍ଛାୟାଚିତ୍ର ପରି ସ୍ପଷ୍ଟ ହୋଇ ତାଙ୍କ ଆଖି ଆଗରେ ଖେଳିଗଲା । ବର୍ତ୍ତମାନ ସବୁଥିର ଅର୍ଥ ସେ ସୁସ୍ପଷ୍ଟ ହୃଦୟଙ୍ଗମ କରି ପାରିଲେ । ଯେତିକି ସେ ସବୁ କଥା

Digitized by srujanika@gmail.com

ମନେ ମନେ ।

ଭାବଲେ, ସେତକ ରଙ୍ଗୀର ଅସହାୟତା ଉପଲବ୍ଧି କଲେ ସୁଦ୍ଧା ତାଙ୍କ ମନ ଟଳିଲା ନାହିଁ, ହୃଦୟ ତରଳିଲା ନାହିଁ—କେଉଁଠାରେ କି ଗୋଟାଏ ଅବରୁଦ୍ଧ କଠିନତା ପୁଞ୍ଜୀଭୂତ ହୋଇ ତାଙ୍କୁ ସ୍ୱାଭାବିକ ସମସ୍ତ କୋମଳ ପ୍ରବୃତ୍ତିର ବହୁଦୂରରେ ନେଇ ଥୋଇଦେଲା; ଗୋଟାଏ ଅଭିମାନର ଭାଷାହୀନ ଆଲୋଡ଼ନରେ ତାଙ୍କ ମନ ଅସ୍ଥିର ହୋଇ ରହି ରହି ତାଙ୍କୁ ଆପାଦମସ୍ତକ ଦୋହଲାଇ ଦେବାକୁ ଲାଗିଲା । ସେ କରୁଣରୁ କରୁଣତର ଦୃଶ୍ୟଟି ସମକ୍ଷରେ ଯେଉଁ ଅଶ୍ରୁ ତାଙ୍କ ସ୍ଥିର ନୟନରୁ ଗଡ଼ି ପଡ଼ିବାକୁ ବସୁଥାଏ, ସେଟା ଯେତେ କରୁଣାର ନୁହେଁ, ତେତେ କ୍ରୋଧର ! କାହାପ୍ରତି ଯେ ଅକ୍ଷମ ଅସହାୟ କ୍ରୋଧ, ସେ ନିଜେ ବି ହଠାତ୍ ବୁଝିପାରି ନାହାନ୍ତି । ଯେତେବେଳେ କନକ ତାର ଅଶ୍ରୁଭରା ଆଖିଯୋଡ଼କ ଆଶା ଓ ମିନତିରେ ପୂର୍ଣ୍ଣ କରି ତାଙ୍କର ମୁହଁ ଉପରେ ଶଙ୍କିତ ଭାବରେ ଥରକୁ ଥର ସ୍ଥାପନ କଲା, ସେତେବେଳେ ତାଙ୍କ ଆପାଦମସ୍ତକ ପ୍ରକମ୍ପିତ କରି ଯେଉଁ ବିଜୁଳି ଖେଳିଗଲା, ସେଥିରେ ସେ ବିଶ୍ୱବ୍ରହ୍ମାଣ୍ଡ ଭୁଲିଯାଇ ଦେଖିଲେ କେବଳ ନିଜକୁ ଓ କନକକୁ—ହୃଦୟରେ ରଙ୍ଗୀପାଇଁ ସୋରିଷ ପରିମାଣ ସ୍ଥାନ ବି ରହିଲା ନାହିଁ । ଏଣେ କନକର ଅନ୍ୟାୟ ଆଶାର ଦୁଃସାହସ ତାର ମୂଳରୁ ଶେଷ ପର୍ଯ୍ୟନ୍ତ ଅବିହିତ ଆଚରଣର ଚରମ ସାକ୍ଷୀ ହୋଇ ତାଙ୍କୁ ଆହୁରି କ୍ରୋଧରେ ଅଧୀର କରି ପକାଇଲା । ତା ଅବ୍ୟକ୍ତ ଅନୁରୋଧ ବା ଯାଚ୍ଞା ବୁଝି ପାରି ତାଙ୍କ ମୁଣ୍ଡଠାରୁ ଗୋଡ଼ଯାଏଁ ଏକାବେଳକେ ଜଳି ଉଠିଲା ! ରଙ୍ଗୀ ପ୍ରତି ଅନୁକମ୍ପା, ତଥା ସମାଜ ପ୍ରତି ବିଶ୍ରଦ୍ଧା. ସବୁକୁ ଡୁବାଇ ପକାଇ ତାଙ୍କ ମନ ସମ୍ମୁଖରେ ଲେଖି ହୋଇଗଲା ଏହି କଥାଟି

Digitized by srujanika@gmail.com

ଯେ କନକହିଁ ଏ ସବୁର ମୂଳ; କନକ, ଯାହାଠାରୁ ସ୍ୱପ୍ନରେ ସୁଦ୍ଧା ସେ ଏ ପ୍ରତ୍ୟାଶା କରି ନାହାନ୍ତି—ଆଜି କେହି ନୁହେଁ, ତାଙ୍କର କନକ, ନିଜେ !

କ୍ଷଣକ ମଧ୍ୟରେ ସଂକଳ୍ପ ସ୍ଥିର କରି ନେଇ କିଛି ନ କହି ସେ ସେଠାରୁ ବାହାରିଗଲେ । ବାହାରେ ନିଧି ବାବୁଙ୍କ ସଙ୍ଗେ ଦେଖା ହେଲାରୁ ଯେଉଁ କଥା ଭାଷା ହୋଇଥିଲା, ତାହାର ଆଭାସ ପାଠକେ ପାଇଛନ୍ତି । ଆଜି ଯେ କେବେହେଁ ସେ ସେଠାକୁ ଆସିବେ ନାହିଁ, ଏଇ କଥାଟିହିଁ ସେ ଭିନ୍ନ ଭିନ୍ନ ପ୍ରକାରରେ ସେହି ଗତ ମୁହୂର୍ତ୍ତରେ ନିଧି ବାବୁଙ୍କୁ ଜଣାଇଦେଇ ଗଲେ । ନିଧି ବାବୁଙ୍କୁ ସେତିକବେଳେ ସ୍ପଷ୍ଟ ଜଣାଗଲା ଯେ, ବର୍ତ୍ତୃଗଙ୍କୁ ଆଗରୁ ଋଙ୍ଗୀପ୍ରସଙ୍ଗ ଆଦୌ ଛୁଆଯାଇ ନାହିଁ ।

ଏଣେ ମିଳୁ ବାବୁ ସଳଖେ ଗଲେ କଲେଜ ହୋଷ୍ଟେଲକୁ । ସେଠାରେ କୌଣସିମତେ ପ୍ରବେଶ ଲାଭ କରି ଛଟପଟ ହୋଇ ରାତିର ଶେଷ ଘଣ୍ଟାକ କଟାଇ, ସକାଳ ହେବା ମାତ୍ରକେ ପ୍ରିନ୍‌ସିପାଲ୍ ସାହେବଙ୍କ ସଙ୍ଗେ ସାକ୍ଷାତ୍କାର କରିବାକୁ ବାହାରି ଗଲେ । ତାଙ୍କର ସଂକଳ୍ପ କେତେବେଳୁଁ ସ୍ଥିର ହୋଇ ସାରିଥିଲା— ଆଉ କଟକରେ ରହିବାକୁ ହେବ ନାହିଁ, କଲିକତାରେ ଯାଇ ପଢ଼ିଲେ ପଢ଼ିବେ ନ ହେଲେ ଆଉ କିଛି କରିବେ । କଟକରେ ରହିବାର ଆଉ ହେବ ନାହିଁ, ଏଇଟା ଠିକ୍ । ଏଫ୍. ଏ. ରେ ସ୍କଲାରସିପ ପାଇ ବି. ଏ. ପଢ଼ିଲାବେଳେ କଲିକତା ଯାଇ ପ୍ରେସିଡେନ୍‌ସୀ କଲେଜରେ ଭର୍ତ୍ତି ହେବା କଥା ଆଗରୁ ଉଠିଥିଲା । ଆହୁରି ଭଲ କରି ପାରିବେ ସେଠି ବୋଲି ଅନେକେ ତାଙ୍କୁ ସେ ଉପଦେଶ

Digitized by srujanika@gmail.com

ମନେ ମନେ ।

ଦେଇଥିଲେ; କିନ୍ତୁ ସେତେବେଳେ ସେ ଗଳ୍ପ ହୋଇ ନ ଥିଲେ । ବର୍ତ୍ତମାନ ସେହି କଥାହିଁ ସାର ହେଲା ।

ଫଳରେ ସେହିଦିନ ରାତିଗାଡ଼ିରେ ଆଉ କାହାରିକୁ କିଛି ନ କହି ମିଲୁ ବାବୁ ବାହାରି ଗଲେ କଲିକତାକୁ । ଭଦ୍ରକ ଷ୍ଟେସନ ପାଖରେ ଥରେ ଓହ୍ଲାଇ ହରି ବାବୁଙ୍କୁ ଦେଖା କରି ଯିବାର-ଲୋଭ ସମ୍ବରଣ କରି ପାରିଲେ ନାହିଁ । ସମସ୍ତେ ତାଙ୍କୁ ଜୋର କରି କଲିକତା ପଠାଇଲେ ବୋଲି ସମସ୍ତଙ୍କୁ ସହଜରେ ବୁଝାଇ ଦେଇ, ପୁଣି ରାତିଗାଡ଼ିରେ ଯେ ବିଦାୟ ହୋଇଗଲେ । କଟକ ପ୍ରିନ୍‌ସିପାଲ୍ ସାହେବଙ୍କ ଦୟାରେ ପ୍ରେସିଡେନ୍‌ସୀ କଲେଜରେ ଓ ହୋଷ୍ଟେଲରେ ଭର୍ତ୍ତି ହେବାକୁ ତାଙ୍କୁ କିଛିମାତ୍ର କଷ୍ଟ ପଡ଼ିଲା ନାହିଁ ।

ସଂକଳ୍ପର ଅଦମ୍ୟ ଉତ୍ସାହରେ ଓ ଆହତ ଅଭିମାନର ଏକ-ମୁଖୀ ବେଗରେ ଭଲ ମନ୍ଦ ବିଚାର କରିବାର ଶକ୍ତି, ସମୟ ବା ସୁବିଧା ଆଜିଯାଏଁ ମିଲୁଙ୍କର ହୋଇ ନ ଥିଲା । କଲିକତା କଲେ-ଜରେ ଭର୍ତ୍ତି ହୋଇ ନୂତନତ୍ୱର ମୋହ ଟିକିଏ କଟିଗଲାଠୁଁ, ପୁଣି ସବୁ କଥା ଓଲଟ ପାଲଟ ହୋଇ ତାଙ୍କ ମନରେ ଉଙ୍କି ଉଙ୍କି ବୁଲିବାକୁ ଲାଗିଲା । ଏ ପର୍ଯ୍ୟନ୍ତ ସେ ନିଜ କଥାହିଁ ଭାବି ଆସିଲେ—ଅନ୍ୟ କଥା ଭାବିବାକୁ ଅବସର ମଧ୍ୟ ନ ଥିଲା ତାଙ୍କର । ଏବେ କିନ୍ତୁ ବାଧ୍ୟ ହୋଇ ତାଙ୍କୁ ସବୁ କଥା ପୁଣି ନୂଆ କରି ବାରମ୍ବାର ଭାବିବାକୁ ପଡ଼ିଲା । ରାଗ, ଅଭିମାନ ସୁଦ୍ଧା ଟିକିଏ ନରମ ହୋଇ-ଗଲାରୁ ନ୍ୟାୟ ଅନ୍ୟାୟ ବିଚାରର ସହଜ ଶକ୍ତି ମଧ୍ୟ ତାଙ୍କର ଫେରି ଆସିଲା । ଜନକ ଓ ନିଜ ମଧ୍ୟରେ ଏହି ଯେ ଏଡ଼େ ବଡ଼ ବ୍ୟବଧାନ

Digitized by srujanika@gmail.com

ଭିତର ବାହାର ଉଭୟତଃ ସୃଷ୍ଟି ହୋଇଗଲା, ସେଇଟାର ମୂଳ କେଉଁଠି, ସେ କଥା ଭାବିବା ପୂର୍ବରୁ ତାଙ୍କ ହୃଦୟରୁ ନ୍ୟାୟ ପକ୍ଷର ଆଣ୍ଟିକ କେତେବେଳେ ଯେ କୁଆଡ଼େ ଉଭେଇ ଗଲା, ସେ ଆଜି ତାର କିଛି ଠିକଣା ପାଇଲେ ନାହିଁ । ମନରେ ରହି ରହି ଗୋଟାଏ ସଙ୍କୋଚ ଜାଗିବାକୁ ଲାଗିଲା ଯେ, ହୁଏତ ସେ ଭୁଲ ବୁଝିଛନ୍ତି ବା ଭୁଲ୍ କରିଛନ୍ତି, ହୁଏ ତ କନକର ଦୋଷ ଏତେ ବଡ଼ କିଛି ନୁହେଁ ! ସଙ୍କୋଚ ଓ ଦ୍ୱିଧା ଅନୁଶୋଚନାରେ ପରିଣତ ହେବାକୁ ବେଶି ସମୟ ଲାଗିଲା ନାହିଁ । ଫଳରେ ମାନ୍ଟୁ ବାବୁ ନିଜକୁ ସବୁଠାରୁ ବେଶି ଦୋଷୀ ବୋଲି ସ୍ଥିର ଜାଣି ଏବେ ଅହରହ ଆତ୍ମଗ୍ଲାନି ଓ ପଶ୍ଚାତ୍ତାପରେ ଦଗ୍ଧ ହେବାକୁ ଲାଗିଲେ ।

କନକକୁ ସେଦିନ ଶେଷଥର ସେ ଯେପରି ଦେଖିଥିଲେ, ସେପରି ଆଉ କେବେ ଜୀବରେ ଦେଖି ନାହାନ୍ତି କି ? ସେ କି ବିକଳ.....ତାଙ୍କୁ ବ୍ୟସ୍ତ ଆକୁଳ କରି ଦେଉଛି ଅଥଚ ଆଜି ତାଙ୍କର ମନେ ପଡ଼ୁଛି ସ୍ଥିର ଭାବରେ ଭାବିଲା ବେଳକୁ ନିଃସନ୍ଦେହରେ ତାଙ୍କର ମନେ ପଡ଼ୁଛି ତାର କରୁଣ ମିନତିଭରା ଦୃଷ୍ଟିଭିତରେ ରହି ରହି ଗୋଟିଏ କଠୋର ନିର୍ଦ୍ଦେଶ ମଧ୍ୟ ପ୍ରକାଶ ପାଇବାକୁ ବସିଥିଲା ଯାହା ସେ ତତ୍କାଳୀନ ମୋହରେ ଉପଲବ୍ଧି କରିପାରି ନଥିଲେ—ଯେଉଁ ବ୍ରହ୍ମାଣୀର ଜ୍ୟୋତି ସେ ଦିନ କନକ ଆଖିରେ ଦେଖିଥିଲେ ତା ବିବାହ ସମୟରେ ଯେଉଁ ବ୍ରହ୍ମାଣୀର ମୂକ ଆବେଶ ସେ ସାଗ୍ରହେ ଗ୍ରହଣ କରି 'ମାନ୍ଟୁ ଭାଇ' ହୋଇଥିଲେ ସେହି ଦିନଠାରୁ ଯାହାର ପ୍ରଭାବରେ ସେ ସ୍ୱତଃପ୍ରବୃତ୍ତ ହୋଇ ତାପାଇଁ ଘରଧରିରେ ଗଲେ ! ସେ ବ୍ରହ୍ମାଣୀର ନିର୍ଦ୍ଦେଶ ସେ ଏଥର ଲଙ୍ଘନ କରି ନାହାନ୍ତି—ବୁଝିପାରି ନାହାନ୍ତି ଆଦୌ ସେତେବେଳେ !

Digitized by srujanika@gmail.com

ମନେ ମନେ ।

ଛି-ଛି—କେତେ ଭୁଲ ସେ କରି ନାହାନ୍ତି ! ଦୋଷ ତାଙ୍କର ନିଜର ଭାଇଭଉଣୀଭାବକୁ ଦୂରରେ ପକାଇ ସେ ନିଶ୍ଚୟ ଅନ୍ୟଭାବରେ ବିଭୋର ଥିଲେ ଅନ୍ୟ ଆଶା ଅନ୍ୟ କାମନା ତାଙ୍କ ମନକୁ ପ୍ରଭାବିତ କରିଥିଲା ନିଶ୍ଚୟ । ତା ନ ହେଲେ ସେ ଅବଶ୍ୟ ବୁଝିଥାନ୍ତେ ଓ ନିର୍ଦ୍ଦେଶ ଗ୍ରହଣ କରି ପାରିଥାନ୍ତେ ! ତାଙ୍କର କନକ ସହିତ ସମ୍ବନ୍ଧ ଯେ ଭାଇଭଉଣୀରେ ନିବଦ୍ଧ ସେ ବା ଭୁଲିଥିଲେ କିପରି ? ଏତେକାଳ ପରେ ଏ ପୁଣ୍ୟ ସମ୍ବନ୍ଧଟି ଆହୁରି ପ୍ରବୃଣା, ଆହୁରି ଅାଣ ହେବା ପରିବର୍ତ୍ତେ ତାଙ୍କ ପାପମନର ଦୁଷ୍ଟ କାମନା ତାଙ୍କୁ ମୋହ ଜାଲରେ ଜଡ଼ିତ କରି କି ଭୀଷଣ ବ୍ୟତିପାତ ସୃଷ୍ଟି କଲା ସତେ ! ବିଚାରି କନକ—ତାଙ୍କୁ ବିବାହ ପାଶରେ ଆବଦ୍ଧ କରିବାକୁ କି ଆଗ୍ରହ ଦେଖାଉଛନ୍ତି, କେତେ ଅନବରତ ଚେଷ୍ଟା ବା ନ କରିଛନ୍ତି ! ସେ କାହିଁକି ସେଥିରେ ସମ୍ମତ ନ ହେଲେ ବା ହୋଇ ନ ପାରିଲେ ? କନକ ନିଜେ କି ସାହସରେ ନିଜେ ବିବାହ କରିଗଲା, ସେ କାହିଁକି ସେ ଆଦର୍ଶ ଗ୍ରହଣ କରି ନ ପାରିଲେ ? ତାଙ୍କ ପାପର ପ୍ରାୟଶ୍ଚିତ୍ତ କାହିଁରେ ହେବ ? ହାୟ—ବିଚାରି କନକ କିପରି ଅପ୍ରସ୍ତୁତ ହୋଇ ନ ଥିବ ସେ ଦିନ ! ଓଃ—ତା'ପରେ ତାର କଣ ହୋଇଥିବ କେଜାଣି—ସେ ତ ପଳାଇ ଆସିଛନ୍ତି ବୀରପଣ ଦେଖାଇ । ଛି ଛି—

କନକକୁ ଶେଷ ଥର ସେ ଯେପରି ଦେଖିଥିଲେ, ସେପରି ଆଉ କେବେଁ ଜୀବନରେ ଦେଖି ନ ଥିଲେ । ସେ କି ବିକଳ, କି କରୁଣ ଚାହାଣି ! କି ବ୍ୟଗ୍ର, ଆଶା-ଆଶଙ୍କାପୂର୍ଣ୍ଣ ସେ ମୁଖମଣ୍ଡଳ ! କନକମୁଖରେ ଶେଷବେଳକୁ ଯେଉଁ ଭିକ୍ଷାର କରୁଣ ଆବେଦନଟିକ

Digitized by srujanika@gmail.com

ଲେଖି ହୋଇ ଯାଇଥିଲି—ଯାହା ସେ ମୁହୂର୍ତ୍ତରେ ତାଙ୍କୁ ସମ୍ପୂର୍ଣ୍ଣ ଆତ୍ମହରା କରି ଦେଇଥିଲି—ତାକୁ ଆଉ ମାଲ୍ଟି ବାବୁ ଭୁଲି ପାରୁ ନାହାନ୍ତି ! ତାର ସେତେବେଳର କରୁଣ ଛବିଟି ରହି ରହି ତାଙ୍କୁ ଏ ପର୍ଯ୍ୟନ୍ତ ବ୍ୟସ୍ତ, ଆକୁଳ କରିଦେଉଛି ।

ମାଲ୍ଟି ବାବୁ କଲିକତା ଆସିବାର କୋଡ଼ିଏ ପଚିଶ ଦିନ ହୋଇ ଗଲାଣି, ତଥାପି ସେ ନିଧି ବାବୁ ବା କନକ କାହାରିକୁ କୌଣସି ସମ୍ବାଦ ଦେଇ ନାହାନ୍ତି । ହରି ବାବୁଙ୍କୁ ଯେଉଁ ଠିକଣା ଦେଇ ଆସିଥିଲେ, ସେହି ଠିକଣାରେ ତାଙ୍କଠାରୁ କ୍ଷିପ୍ରମନ୍ତ ଚିଠିପତ୍ର ଆସିଥିଲେହେଁ ସେ ତାର ମଧ୍ୟ କୌଣସି ଉତ୍ତର ଦେଇ ନାହାନ୍ତି । ପ୍ରଥମେ ସେ ସ୍ଥିର କରିଥିଲେ, କାହାରିକୁ କିଛି ଖବର ଦେବେ ନାହିଁ; ହରି ବାବୁଙ୍କୁ ଦେଲେ ଦେଇ ପାରନ୍ତି, କିନ୍ତୁ ନିଧି ବାବୁ ବା କନକଙ୍କୁ ତ କେବେହେଁ ନା; କିନ୍ତୁ ସେ ସଂକଳ୍ପ ଅଜାଣତରେ କୁଆଡ଼େ ଭାସି ଗଲାଣି । ନିଧିବାବୁଙ୍କ ପାଖରେ ଯେ ସେ ଏକାନ୍ତ ଅପରାଧୀ, ଏହି କଥାଟି ମନରେ ବଦ୍ଧମୂଳ ହୋଇଯାଇ ଥିବାରୁ ସେ ଆଜି ବସିଛନ୍ତି ତାଙ୍କଠାକୁ ପତ୍ର ଲେଖି କ୍ଷମା ଭିକ୍ଷା କରିବାକୁ । ଇତିପୂର୍ବରୁ ଥରେ ଦି ଥର ଏ ଚେଷ୍ଟା କରିଥିଲେହେଁ ସେ କୌଣସି ମତେ ଭଲ କରି ମନମାଫିକେ ଖଣ୍ଡେ ପତ୍ର ଲେଖି ଉଠି ପାରି ନ ଥିଲେ । ଆଜି ସ୍ଥିରପ୍ରତିଜ୍ଞ ଭାବରେ ଲେଖି ବସିଲେ; କିନ୍ତୁ ଲେଖା ସରିବା ପୂର୍ବରୁ ହଠାତ୍ ନିଜର ଅପରାଧଗୁଡ଼ିକ ଯାହା ସେ ଅମାୟିକ ଉଦାରତାରେ ଲିପିବଦ୍ଧ କରି ସାରିଥିଲେ, ଆଖି ଆଗରେ ଏପରି ସ୍ପଷ୍ଟ ଭାବରେ ବର୍ତ୍ତିତ ଦେଖି, ନିଜେ ଚମକି ଉଠି ଲେଖା ବନ୍ଦକରି ଦେଲେ ! ହୃଦୟର ପ୍ରତିବିମ୍ବସ୍ୱରୂପ ଏହି ଯେ ସ୍ୱହସ୍ତଲିଖିତ ପତ୍ରଖଣ୍ଡି

Digitized by srujanika@gmail.com

ତାଙ୍କର, ସେ ଯେପରି ତାଙ୍କ ଉଦାରତା ଓ ମହାନୁଭବତାକୁ ଉପହାସ କରିବାକୁ ଲାଗିଲା ! ଅବଶ୍ୟ ସେହି ପତ୍ରଲିଖିତ ସବୁ କଥା ତାଙ୍କ ନିଜର ଲେଖା—ତାଙ୍କର ହୃଦୟ ମନରୁ ତାର; କିନ୍ତୁ ତଥାପି, ମନରେ ଭାବିବା ଏକରକମ; ଲେଖାଟାଏ ପଢ଼ିବା ଅନ୍ୟ ରକମ । ମନ ଭିତରେ ତନ୍ନ ତନ୍ନ କରି ସବୁ ଭାବିଥିଲେ ସୁଦ୍ଧା ଏପରି ସ୍ପଷ୍ଟ ଭାବରେ ଏକାଧାରରେ ତାଙ୍କର ସବୁ ଗ୍ଲାନି ଓ ପାପ ତାଙ୍କ ଆଖିରେ କେବେଁ ଦୃଶ୍ୟମାନ ହୋଇ ନ ଥିଲା । ସେ ଭାବିଥିଲେ, ସେ ଏପରି ଭାବରେ ସବୁ ଦୋଷ ସ୍ୱୀକାର କରିନେବେ ଯେ, କନକଠାରେ ଆଉ ଆଞ୍ଚଟି ପର୍ଯ୍ୟନ୍ତ ଲାଗିବ ନାହିଁ । ଏହି ହିସାବରେ ନିଜକୁ ମହତ୍ କାର୍ଯ୍ୟରେ ଆତ୍ମପ୍ରସାଦ ଚଖାଉଁ ଚଖାଉଁ ଟିକେ ଢାଙ୍କି ସେ ନିଜର ଦୋଷଗୁଡ଼ିକ ନିର୍ବିକାରରେ ବ୍ୟାଖ୍ୟାନ କରି ଯାଇଥିଲେ—ଏତେ ଗୁଡ଼ାଏ ଦୋଷର ଭାଗୀ ଯେ ସେ ନୁହନ୍ତି, ଏହି ଧାରଣାଟି ମନ କୋଣରେ ନିଭୃତ ପୋଷଣ କରି ! କିନ୍ତୁ ଯେତେବେଳେ ସେ ନିଜର ଲିପିବଦ୍ଧ ପାପର କାହାଣୀ ମନେ ମନେ ଥରେ ପଢ଼ିଗଲେ, ସେତେବେଳେ ତାଙ୍କୁ ଚମକି ପଡ଼ିବାକୁ ହେଲା ! ଆରେ, ଇଏ ତ ସବୁ ସତ ପରି ବୋଧ ହେଉଛି ! କନକ ପ୍ରତି କି ଦୟାଟା, ତାର କି ଉପକାରଟା ଆଉ ସେ କରୁଛନ୍ତି । ଏଗୁଡ଼ା ସବୁ ଯେ ଅବିକଳ ସତ ! ହାୟ୍ ମିଲୁ, ଚିଠିଖଣ୍ଡି ଯେପରି ସହଜରେ ପଢ଼ି ପାରୁଛ ସେହିପରି ସହଜରେ ନିଜକୁ ପଢ଼ିବାର ଶକ୍ତି ଯଦି ଈଶ୍ୱର ଦେଇଥାନ୍ତେ ମନୁଷ୍ୟକୁ··· !

ଲେଖା ବନ୍ଦ କରି ମିଲୁ ବାବୁ ଭାବିବାକୁ ଲାଗିଲେ—ଚିଠିରେ ଯାହା ଲେଖା ହୋଇଛି, ସବୁ ଅକ୍ଷରେ ଅକ୍ଷରେ ସତ୍ୟ ! ସେ ଅନ୍ଧ,

ସେ ବୁଦ୍ଧିହୀନ, ଅନଭିଜ୍ଞ—ଠିକ୍ ତ ! କନକ ଅବଶ୍ୟ କଥାରେ କହୁ କହୁ ନାହିଁ । ସେଥିଯୋଗେ କଣ ତାଙ୍କର ଦେଖିବାର ବୁଝି-ବାର ଉଚିତ ନ ଥିଲା ! ଯେଉଁ ମୋହ ତାଙ୍କୁ ଘେରି ରଖିଥିଲା, ସେଟା ତ ବାସ୍ତବିକ ନିତାନ୍ତ ଅଳୀକ, ନିତାନ୍ତ ଗର୍ହିତ ! ସେ କାହିଁକି କନକର ନିର୍ଦ୍ଦେଶ ନ ମାନିଲେ ? ସେଟା ତ ପ୍ରକୃତରେ ତାଙ୍କର ଲଘୁତାର ପରିଚୟସୂଚକ । କନକ ଜାଣି ଶୁଣି କାହିଁକି ବାଧା ଦେଲା, ସେ ବା କାହିଁକି ବାଧା ଦେବାକୁ ଅମଙ୍ଗ ହେଲେ ? ହିଁ, ସେଇ କଥାଟି ବି ସାବ୍ୟସ୍ତ କରି ଦେବାକୁ ହେବ ଆଜି ! କନକ ସମାଜକୁ ମାନି ଚଳିଲା—ସେ ସେଟାକୁ ନିତାନ୍ତ ଅପମାନସୂଚକ ମନେ କରନ୍ତି ! କୁତ୍ସିତ ଓଡ଼ିଆ ସମାଜକୁ ମାନି ଚଳିବା ଗୋଟାଏ ଅସୀମ ଲଜ୍ଜା ! ଆଚ୍ଛା, କନକ ସତେ କଣ ସମାଜକୁ ମାନି ଚଳିଲା ନା ଆଜିକାଲି ? ଏକ ପକ୍ଷରେ ସମାଜକୁ ମାନି ଚଳିଲା ସତ୍ୟ, କିନ୍ତୁ ଅନ୍ୟ ପକ୍ଷରେ—ନାଃ ଅଳ୍ପବୟସ୍କା ବାଳିକା, ପୁଣି ଅଶି-କ୍ଷିତା, ସେ ଏତେ ଦୂର କଣ ଭାବି ପାରିଥିବ ! ତେବେ—ତେବେ ସେଇ ଯେ ଦୃଷ୍ଟି, ସେଇ ଯେ ମନେ ମନେ ଆଦର୍ଶର ବିନିମୟ ହୋଇଥିଲା ସେ ଦିନ ତାଙ୍କ ସଙ୍ଗରେ, ତା ବିବାହ ଦିନେ ଦୁଇ ଦିନ ପୂର୍ବରୁ, ସେଟା କୁଆଡ଼ୁ ଆସିଲା ? ତେବେ କଣ ସେ ସବୁ ସତ୍ତ୍ୱେ ହୃଦୟଟାକୁହିଁ ବଡ଼ କରି ଚିହ୍ନିଥିଲା, ଚିହ୍ନିଛି ! ଯା କି ସମ୍ଭବ ? ସାମାନ୍ୟ ଅଶିକ୍ଷିତା ବାଳିକା, ତାର ଏତେ ବଡ଼ ମନ । ହୃଦୟରାଜ୍ୟରେ ବିବାହ ଯେ କୌଣସି ପ୍ରକାରେ ହସ୍ତକ୍ଷେପ କରି ପାରେ ନାହିଁ, ଏଟା ତ ସହଜ କଥା ନୁହେଁ ଭାବିବାକୁ—ସେ ଅନୁସାରେ କାର୍ଯ୍ୟ କରିବା ତ ଦୂରର କଥା ! ହିଁ, ଏଥିରେ ତ ଛଳେ

Digitized by srujanika@gmail.com

ମନେ ମନେ ।

ସନ୍ଦେହ ନାହିଁ ଯେ କନକର ସ୍ନେହ ତାଙ୍କ ପ୍ରତି ଅକୃତ୍ରିମ ଥିଲା ଆଜଯାଏଁ ! ବିବାହ ଦ୍ୱାରା କନକର କି ପରିବର୍ତ୍ତନ ହୋଇଛି ତାଙ୍କ ପ୍ରତି ବ୍ୟବହାରରେ ବା ଅନ୍ତରରେ—ନାଃ କିଛି ତ ନୁହେଁ ! ତେବେ ? ସମାଜ କଣ କଲା ? ବିବାହ ବା କି କ୍ଷତିଟା କଲା ? କନକର ହୃଦୟ କଣ ଏତେ ଉଚ୍ଚ ତା ହେଲେ ! ଅଶିକ୍ଷିତା ବାଳିକା ସେ । ସେ ପୁଣି ଏଡ଼େ ବଡ଼ ତଥ୍ୟ ଏଡ଼େ ସହଜରେ ହୃଦୟଙ୍ଗମ କରି ତଦନୁଯାୟୀ କାର୍ଯ୍ୟ କରି ପକାଇଲା । ଆଉ ସେ ଉଚ୍ଚଶିକ୍ଷିତ ଯୁବକ ଦର୍ଶନଶାସ୍ତ୍ରର ପୋଥି ଘାଣ୍ଟିବାକୁ ଏହିମାତ୍ର ଆରମ୍ଭ କରିନାହାନ୍ତି !

ମୂଢ଼ ଯୁବକ ! ମୂଢ଼ ପୁରୁଷ ! ଶିକ୍ଷା, ଶିକ୍ଷା ଯେ କରୁଛ, ତମ ଶିକ୍ଷା ଯେ କେଡ଼େ ତୁଚ୍ଛ, କେଡ଼େ ନଗଣ୍ୟ—ନାରୀହୃଦୟର ସହଜ ଶିକ୍ଷା ସମକ୍ଷରେ, ତମ ନ୍ୟାୟ, ଦର୍ଶନ ଶାସ୍ତ୍ର ଯେ ନାରୀର ପଦପଦକ କଥାରେ ଗୋଟାଏ ଗୋଟାଏ ଅକିଞ୍ଚିତ୍କର କାର୍ଯ୍ୟରେ ପରାସ୍ତ ହୋଇ ପୋଥିକୁ ଆଶ୍ରୟ କରିବାକୁ ବାଧ୍ୟ ହୁଏ, ଏଇଟା କାହିଁକି ବୁଝୁ ନାହିଁ ! ପ୍ରକୃତିର ପୋଥିରୁ ଶିକ୍ଷା ନିଅ, ଯଦି ଶିକ୍ଷାର ବଡ଼ାଇ କରିବାକୁ ଚାହଁ ! ଆଉ ସମାଜ—ସମାଜ ପ୍ରତି ଯେ ଏଡ଼େ ବିଦ୍ୱେଷ ପୋଷଣ କରୁଛ, ତାର ଦୋଷଟା କେଉଁଠି, ତା ଭାବିଛ କେବେ ? ସମାଜଟା କେଉଁଠି, କେହି ଦେଖାଇ ପାରିବ ନାହିଁ, କେହି ଚହ୍ନାଇ ଦେଇ ପାରିବ ନାହିଁ । ସମାଜ ବାହାରେ ନା ତମ ଭିତରେ ? ଦେଖ ଭଲ କରି ବୁଝ !

ନିଜକୁ ଚିହ୍ନ, ତମର ଚରିତ୍ର ବଳ ନାହିଁ; ହୃଦୟବଳ ନାହିଁ । ବୋଧହୁଏ ହୃଦୟ ବି ନାହିଁ କି କଣ ଏହି ଯେ ଚିତ୍କାର ପୁତ୍କାର କରୁଛ ଯାଉଛି, ସ୍ୱାଧୀନ ପ୍ରେମ ଏ ସମାଜରେ ଅସମ୍ଭବ—ଏଡ଼େ ସଙ୍କୀର୍ଣ୍ଣତାଟା

Digitized by srujanika@gmail.com

ସଂସାରରେ କେଉଁଠି ବଗଜମାନ, ଟିକଏ ଦେଖାଇ ଦେଇ ପାରିବ ? ସମାଜରେ ? ସମାଜର ମୁଣ୍ଡରେ ନା ଗୋଡ଼ରେ ? ହାୟ, ତମ ହୃଦୟ ଯଦି ପ୍ରେମ ଖୁଜିଥାନ୍ତା, ସ୍ୱାଧୀନତା ଖୋଜିଥାନ୍ତା ବା ଖୋଜନ୍ତା, କିଏ ସେଥିରେ ବାଧା ଦେବାକୁ ଅଛି ? କିଏ ତମକୁ ମନା କରୁଛି ପ୍ରେମପାଇଁ ମରିଯିବାକୁ, ଆତ୍ମବଳି ଦେବାକୁ, ଦେଶାନ୍ତରୀ ହେବାକୁ ? ଆଜି କେତେଟା ସ୍ତ୍ରୀ କରୁଛ ତେମେ ? ହୃଦୟ ଯଦି ତମର ଥାନ୍ତା, ଚରିତ୍ରବଳ ଯଦି ଥାନ୍ତା, ତେବେ ଦେଶ ବିଦେଶର ଅସନା ସମାଜ ପ୍ରତି, ଧର୍ମ ପ୍ରତି ଲୋଲୁପ ଦୃଷ୍ଟି ଦେଇ ଏପରି ହାସ୍ୟକର ଭାବରେ ଦୁଇ ନାହାରେ ଗୋଡ଼ ଦେଇ ଘର ଅବସ୍ଥାରେ ପଡ଼ିଥିବ ନ ଥାନ୍ତ ଆଜି ! ଆଜି ସ୍ତ୍ରୀ-ସ୍ୱାଧୀନତା, ସ୍ତ୍ରୀ-ଶିକ୍ଷା—ଏ ସବୁ କାହିଁକି ଲୋଡ଼ା ପଡ଼ୁଛି ? ସେମାନେ ଗୋଟାଏ ନାଆରେ ଦୁଇ ଗୋଡ଼ ଦେଇ ଦମ୍ଭ କରି ବସିଛନ୍ତି, ଏଇଥିପାଇଁ ତ ? ଯେଉଁ ପୁରୁଷ ସ୍ତ୍ରୀ ଶିକ୍ଷା ସପକ୍ଷରେ, ତାଙ୍କୁ ମୁଁ କହେଁ—ଲଙ୍ଗୁଳକଟା ଶିଆଳ, ସେଇ ଯେ ଅନ୍ତର ଗୋଟାଏ କମ୍ପୁକାଗ୍ରଣୀ ମାଳବର୍ତ୍ତି ଧାରଣ କରିଥିଲା, ତାହାର ଗଳ୍ପ ବି ଏ ପ୍ରସଙ୍ଗରେ ମୋର ମନେ ପଡ଼େ । ଆଜି ଯେଉଁ ସ୍ତ୍ରୀ-ରତ୍ନମାନେ ଆଲୋକ ଓ ଶୃଙ୍ଖଳମୁକ୍ତି ପାଇଁ ଆଗଭର ହୋଇ ବାହାରୁଛନ୍ତି, ସେମାନଙ୍କୁ ବି ମୁଁ କହେଁ,—ଅନ୍ଧାର ଛଡ଼ା ଆଲୁଅ ନାହିଁ, ଶୃଙ୍ଖଳା ଛଡ଼ା ମୁକ୍ତି ନାହିଁ । ଆଲୋକ ବୋଲି ଯାହାକୁ ବୋଲି ଯାଉଛି, ସେଟା ଆଲୋକ ହେଉ ବା ନ ହେଉ, ନିଜଠାରେ ଯେଉଁ ଆଲୋକ ରହିଛି ସେହିଟାହିଁ ସବୁଠାରୁ ବଡ଼ । ସେହିଟାକୁହିଁ ଚିହ୍ନିଲେ ଓ ପାଇଲେ, ଅନ୍ୟ ଆଲୋକର ପ୍ରୟୋଜନ ନାହିଁ । ହୃଦୟର, ଅନ୍ତରର ଆଲୋକ କଥା କହୁଛି,—ଯାହାକୁ ଥରେ ପାଇଲେ ସର୍ବପ୍ରକାର ଆଲୋକ ବଳେ ବଳେ ମିଳେ, ଯାହାର

Digitized by srujanika@gmail.com

ମନେ ମନେ ।

ଅଭାବହିଁ ଆମ ସମାଜର ଯାବତୀୟ କୁସଂସ୍କାର, ସଂକୀର୍ଣ୍ଣତା ଓ କ୍ଷୁଦ୍ରତାର ମୂଳରେ । ସ୍ତ୍ରୀ ଶିକ୍ଷା, ସ୍ତ୍ରୀ ସ୍ୱାଧୀନତା ଇତ୍ୟାଦି ଯାହା ଉପରେ ସମ୍ଭବ ଓ ସୁପ୍ରତିଷ୍ଠିତ ହୋଇ ପାରେ, ଆଜି ଶୃଙ୍ଖଳ-ମୁକ୍ତ, ସେହି ଉଚ୍ଛୃଙ୍ଖଳତାର ନାମାନ୍ତର ନ ହେଲେ ସୁଦ୍ଧା ହେବା ଅତି ସହଜ ଯଦି ହୃଦୟର ଆଲୋକ ନାହିଁ ! ସେଥିଯୋଗେ ମୁଁ କହେଁ—ଶିକ୍ଷା ସମାଜ, ଧର୍ମ ଯୁଆଡ଼େ ଯାଉଛି ଯାଉ, ତମକୁ ଯୁଆଡ଼େ ନେଉଛି ନେଉ, ତେମେ ସମସ୍ତେ ସ୍ତ୍ରୀ ପୁରୁଷ ହୃଦୟକୁ ଚାହଁ, ତାହାର ଶିକ୍ଷାରେ ମହୀୟାନ୍ ହୁଅ, ତାହାର ସମାଜର ସ୍ରଷ୍ଟା ହୁଅ, ତାହାର ଧର୍ମରେ ଦୀକ୍ଷିତ ହୋଇ ତାହାର ମୁକ୍ତି, ତାହାର ଆଲୋକ, ତାହାର ନିବେଦ-ନିର୍ବାଣର ଭାଗୀ ହୁଅ ! ଏହି ଏକମାତ୍ର ଆଲୋକ କଥା ମୁଁ କହୁଛି ।

× × × ×

ମିନୁ ବାବୁ ନିଜ ହୃଦୟର ସ୍ୱରୂପ ନିଜ ହାତରେ, ନିଜ ଆଗରେ ରଖି ନିଜର ଦୈନ୍ୟ ଦୁର୍ବଳତା ଓ କ୍ଷୁଦ୍ରତାରେ ନିଜେ ଚମକିତ ହୋଇଗଲେ । ହଠାତ୍ ତାଙ୍କର ମନେ ହେଲା, ସେ ତ କେବଳ ଦେଶ ସଂସାର, ନିଧି ବାବୁ ହରି ବାବୁ ଏହିମାନଙ୍କଠାରେ ଦୋଷୀ ନୁହନ୍ତି । ସେ କନକଠାରେ ତହୁଁ ବଡ଼ିକରି ଦୋଷୀ, ନିଜଠାରେ ଆହୁରି ବେଶି । ପ୍ରେମର, ହୃଦୟର ଆଦର୍ଶ ଯାହା, ସେ କନକଠାରୁ ମନେ ମନେ ପାଇ, ପାଇ ନ ଥିଲେ । ତାହାର ମାପକାଠିରେ ମାପି ବସିଲା ବେଳକୁ ସେ ଦେଖିଲେ, କନକ ଯେଉଁଠି, ସେ ତାହାଠାରୁ ତେର୍ ତେର୍ ତଳେ ! ସେ ଆଦର୍ଶକୁ ସେ ଅନେକ ଦିନରୁ ଆଖି ଆଗରେ ରଖିଥିଲେହେଁ, ତାକୁ ସମ୍ୟକ୍ ଅନୁଧାବନ,

Digitized by srujanika@gmail.com

ହୃଦୟଙ୍ଗମ କରି ପାରି ନ ଥିଲେ । ଆଜି ବୁଝିଲେ—ସେଟା କେତେ ଉଚ୍ଚ, କେତେ ମହତ ! ସଙ୍ଗେ ସଙ୍ଗେ ଏହା ମଧ୍ୟ ବୁଝିବେ ଯେ, କନକ ସାମାନ୍ୟ ଅଶିକ୍ଷିତା ବାଳିକା ହୋଇ ଯାହା ଅତି ସହଜ ଭାବରେ ନ ଜାଣିଲା ପରି କରିଛି, ତାହା ତାଙ୍କ ଶିକ୍ଷିତ ମାର୍ଜିତ ଯୁବକହୃଦୟ ପକ୍ଷରେ ଅତି ଦୁଷ୍କର ! କନକ ତ ତାଙ୍କୁ ସେହି ଆଦର୍ଶପଥର ପଥିକ କରାଇବାକୁ ଆଜି ସୁଦ୍ଧା ଚୂଡ଼ାନ୍ତ ଚେଷ୍ଟାର ତ୍ରୁଟି କରି ନାହିଁ । ତେବେ ତାର ଦୋଷ କଣ ! ନିଜକୃତ ଘୃଣାରେ ମନ ତିକ୍ତ ହୋଇ ଉଠିଲା, ଆଉ ମଙ୍ଗ ସଙ୍ଗେ କନକ ପ୍ରତି ଶ୍ରଦ୍ଧାରେ ହୃଦୟ ଭରିଯାଇ ସେଠାରେ ପୁଞ୍ଜିଭୂତ ସବୁ ତିକ୍ତ କ୍ଷାରକୁ ଧୋଇ ନିର୍ମଳ କରିଦେଲା !

ମାନ୍ତୁ ବାବୁ ଅପୂର୍ଣ୍ଣ ଚିଠିର ଶେଷ ଆଡ଼କୁ ଅନ୍ତରର ସହିତ କେତେଗୁଡ଼ିଏ ଛନ୍ଦ ଯୋଗ କରି ଏକମୁହାଁ ହୋଇ ଯାଇ ଚିଠି ଡାକଘରେ ଦେଇ ଆସିଲେ । ସେହି ପଦର କିୟଦଂଶ ପୂର୍ବରୁ ଉଦ୍ଧୃତ କରାଯାଇଛି ।

ଚିଠି ଖଣ୍ଡିକ ଡାକଘରେ ଦେଇ ଫେରି ଆସିଲା ବେଳକୁ ମାନ୍ତୁ ବାବୁ ଭାବୁଛନ୍ତି, ଖାଲି ଭାବୁଛନ୍ତି—ବର୍ତ୍ତମାନ ବର୍ତ୍ତବ୍ୟ କଣ ? ଫେରିଯିବ ? ଫେରି ଗଲେ ତ ଯିବ, ଆଗେ ଏ ଚିଠିର ଉତ୍ତର ଆସୁ । କନକ ନିଶ୍ଚୟ ଏଥର ପତ୍ରଦ୍ୱାରା ରଙ୍ଗୀକୁ ବାହା ହେବାପାଇଁ ଅନୁରୋଧ ବା ଆଦେଶ କରିବ । ବାହା ହେବ ତ ନିଶ୍ଚୟ, କିନ୍ତୁ ଯଦି ସେ ରାଗିଥାଏ ମୋ ଉପରେ ! କନକ ରାଗ କଥା ତ ମୁଁ ଜାଣେ ! ତା ହେଲେ ସେ ତ କେବେ ଲେଖିବ ନାହିଁ ! ମୁଁ କାହିଁକି ସେ ଚିଠିରେ ଲେଖି ନ ଦେଲି ଯେ, ମୁଁ ରଙ୍ଗୀକୁ ବାହା ହେବାକୁ

Digitized by srujanika@gmail.com

ମନେ ମନେ ।

ପ୍ରସ୍ତୁତ ବୋଲି ! ହାୟ, ସେ କଥା ଯେ ମୋର ସେତେବେଳେ ଆଦୌ ମନେ ନାହିଁ । ନ ଲେଖିଲେ କଣ ହେବ ସେଥିରେ ଶେଷ ଆଡକୁ ମୁଁ ଯାହା ଲେଖିଛି, ସେଥିରୁ କଣ ତାର ସ୍ପଷ୍ଟ ଆଭାସ ମିଳିବ ନାହିଁ କି ? ନିଶ୍ଚୟ ମିଳିବ; ନିଧି ବାବୁ ବୁଝି ପାରିବେ ଯେ ! କିନ୍ତୁ କନକ—ତାକୁ ତ କିଛି ଲେଖା ହୋଇନାହିଁ—ନ ହେଲେ ବି ସେ ବୁଝିବ—ନିଶ୍ଚୟ ବୁଝିବ ମନେ ମନେ ତା ମିନ୍ତୁଭାଇକୁ ସେ ନିଶ୍ଚୟ ବୁଝିବ ।

ଆଶାରେ ଆଶାରେ ଦୁଇଦିନ କଟିଗଲା, ତଥାପି ଉତ୍ତର ଆସିଲା ନାହିଁ । ତିନିଦିନ ଦିନ ଯେତେବେଳେ ଡାକଘରୁ ନିରାଶ ହୋଇ ଫେରିଲେ, ସେତେବେଳେ ମିନ୍ତୁଙ୍କ ମନରେ ହଠାତ୍ ଗୋଟାଏ ଭୟ ପଶିଗଲା କଣ ହେଲା କି ଆଉ ! ସେଡିକବେଳୁ ତାଙ୍କର ଆଉ କାହିଁରେ ମନ ଲାଗିବାକୁ ନାହିଁ ! ଗୋଟାଏ ଅନିଶ୍ଚିତ ଭୟରେ ପ୍ରାଣ ରହି ରହି ଯେପରି ଚମକି ଉଠୁଛି ! ପାଠରେ, ଖେଳରେ, ସଙ୍ଗମେଳରେ,— କାହିଁରେ ମନ ନ ଲାଗିଲା କେଉଁଠି । କ୍ରମେ ସନ୍ଧ୍ୟା ହେଲା, କଲେଜ ପିଲାମାନେ ଦଳ ଦଳ ହୋଇ ବୁଲି ବାହାରିଲେ । ମିନ୍ତୁ ବାବୁ ମଧ୍ୟ ଗୋଟାଏ ଦଳର ଅନୁସରଣ କରି କରି ଯନ୍ତ୍ରଚାଳିତ ପରି ଇଡେନ୍ ଗାର୍ଡେନରେ ଯାଇଁ ପହଞ୍ଚିଲେ । ଏଆଡ଼େ ସେଆଡ଼େ ଅନିଶ୍ଚିତ ଭାବରେ ବୁଲୁଁ ବୁଲୁଁ ସେ ଗୋଟାଏ ନିର୍ଜନ ସ୍ଥାନରେ ଖଣ୍ଡିଏ ବେଞ୍ଚ୍ ଉପରେ ଅବସନ୍ନ ଭାବରେ ବସି ପଡ଼ିଲେ । ଆଉ ଭାବିବାକୁ ତାଙ୍କ ମନରେ ବଳ ନାହିଁ, ଭାବିବେ ବା କଣ ? ଗୋଟାଏ ଅଜଣା କାରଣରୁ ତାଙ୍କ ହୃଦୟ ଉପରେ କିପରି ଗୋଟାଏ ବଡ଼ ଭାରି ବୋଝ ଥୁଆ ହେଲା ପରି ତାଙ୍କୁ ଲାଗୁଛି । କାର୍ଯ୍ୟକ୍ଷମ

Digitized by srujanika@gmail.com

ସବୁ ପ୍ରବୃତ୍ତି ତାଙ୍କର ଏହିକଲାଗେ ଅବସନ୍ନ ହେଲା ପରି ଆଉ କାର୍ଯ୍ୟ କରିବାକୁ ମନ୍ନ ନାହାନ୍ତି ! ଫଳରେ ବସୁ ବସୁ କେତେବେଳେ ସେହିଠାରେ ପଡ଼ିଗଲେ ଓ କେତେବେଳେ ନିଦ ଲାଗିଗଲା, ତାଙ୍କୁ ଆଉ ଜଣା ନାହିଁ । କେତେବେଳଯାଏଁ ଏହିପରି ଶୋଇଛନ୍ତି, ତାହା ବି ତାଙ୍କୁ ଜଣା ନାହିଁ । ଯେତେବେଳେ କିଛି ବୁଝି ପାରି ବାର ଶକ୍ତି ହେଲା, ସେତେବେଳେ ତାଙ୍କୁ ଲାଗିଲା ଯେପରି କିଏ ଗୋଟିଏ ପ୍ରବୀଣ ପକ୍ୱକେଶ ଗମ୍ଭୀରମୂର୍ତ୍ତି ଇଂରାଜ—ସମ୍ଭବତଃ ତାଙ୍କ କଲେଜର ପ୍ରିନ୍‌ସିପାଲ୍—ତାଙ୍କ ମୁଣ୍ଡପାଖରେ ଛିଡ଼ା ହୋଇ କୋମଳ କଣ୍ଠରେ କହୁଛନ୍ତି, "କ୍ଳାନ୍ତ ଯୁବକ କ୍ଳାନ୍ତି ଦୂର କର, ଆଳସ୍ୟ ତ୍ୟାଗ କର ! ଅଳସ ଶେଯରେ ପଡ଼ି ରହିବାର ସମୟ ଇଏ ନୁହେ ତୁମ୍ଭର,— ଉଠ ! ଜୀବନରେ କଣ ତମର କିଛି କର୍ତ୍ତବ୍ୟ ନାହିଁ ? ଏତିକିରେ ମିନ୍ଟୁ ବାବୁ ଧଡ଼ପଡ ହୋଇ ଉଠି ବସିଲେ । ଦେଖିଲେ, ଢେର ଖରା ହୋଇ ଗଲାଣି । ସତକୁ ସତ, ଜଣେ ବୃଦ୍ଧ ଇଂରାଜ,—ପ୍ରିନ୍‌ସିପାଲ୍ ନୁହନ୍ତି—ଯଷ୍ଟିରେ ଭର ଦେଇ ଅଦୂରରେ ଦଣ୍ଡାୟମାନ—ମୁଖରେ ତାଙ୍କର କରୁଣ ହାସ୍ୟର ରେଖା ! ବୃଦ୍ଧ ପଚାରିଲେ, "ବୋଧ ହୁଏ ତୁମେ ଜଣେ ଯୁବକ ! ଯୁବକଜୀବନରେ ଏ ଆଳସ୍ୟ କାହିଁକି ? କର୍ତ୍ତବ୍ୟ କଣ ତମର କିଛି ନାହିଁ ? ସେ ଶୁଏ, ଯାହାର କର୍ତ୍ତବ୍ୟ ଶେଷ ହୋଇ ଯାଇଛି !"

"ଆଜ୍ଞା, ମୋର କର୍ତ୍ତବ୍ୟ ଢେର ପଡ଼ି ରହିଅଛି । ଗୋଟିଏ ବିଷୟରେ କର୍ତ୍ତବ୍ୟ ସ୍ଥିର କରି ନ ପାରି ତ ଭାବି ଭାବି କ୍ଳାନ୍ତ ହୋଇ ଶୋଇ ପଡ଼ିଥିଲି !"

"ଦେଖ, ତେବେ ତମ କର୍ତ୍ତବ୍ୟବିଚ୍ୟୁତ ହେବାରୁ ଆଜି, ମୋର ମଧ୍ୟ କର୍ତ୍ତବ୍ୟରେ ବାଧା ପଡ଼ିଲା ।"

Digitized by srujanika@gmail.com

ମନେ ମନେ ।

"କେପରି ମହାଶୟ ?"

ଯେଉଁ ବେଞ୍ଚ ଉପରେ ତମେ ଶୋଇ ପଡ଼ିଥିଲ, ସେହି ବେଞ୍ଚଟିରେ ଠିକ୍ ରାତ୍ର ୭ଘଣ୍ଟା ଠାରୁ ୮ଘଣ୍ଟା ପର୍ଯ୍ୟନ୍ତ ବସିବା ମୋର ଗୋଟିଏ ନିତ୍ୟ ପୁଣ୍ୟ କର୍ତ୍ତବ୍ୟ, ଯାହା ମୁଁ ଆଜକୁ ୨୨ ବର୍ଷହେଲା ପାଳି ଆସୁଅଛି ! ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି କଥା ନାହିଁ । କର୍ତ୍ତବ୍ୟ—କର୍ତ୍ତବ୍ୟ ! ଜାଣ, ଯୁବକ, ଏହି ସ୍ଥାନରେହିଁ ମୋର ପରଲୋକଗତା ପ୍ରାଣର ଲିରିକୁ ପ୍ରଥମେ ଦେଖିଥିଲି । ସେ ଆଜକୁ ୫୦ ବର୍ଷ ପୂର୍ବର କଥା । ଏହିଠାରେହିଁ ବିବାହ ପୂର୍ବରୁ ଦୁହେଁ ପାଞ୍ଚ ବର୍ଷ କାଳ ପ୍ରତିଦିନ ନିୟମିତରୂପେ ୭ଘଣ୍ଟା ଠାରୁ ୮ଘଣ୍ଟା ପର୍ଯ୍ୟନ୍ତ ଆଳାପ କରିଥିଲୁଁ । ଏହିଠାରେହିଁ ବିବାହ ପରେ ଅଠର ବର୍ଷ କାଳ ନିତ୍ୟ ସନ୍ଧ୍ୟାରେ ସେହି ନିୟମରେ ବସି ଆସିଥିଲୁ ; ଯେଉଁଦିନ ଭଗବାନ ତାକୁ ନେଇଗଲେ—"

ବୃଦ୍ଧ ଆଉ କହି ପାରିଲେ ନାହିଁ—ବାଷ୍ପଜଡ଼ କଣ୍ଠ ସଫା କରି ଦେଉଁ ଦେଉଁ ଅବଶ ହୋଇ ବସି ପଡ଼ିଲେ । ଆଖିରେ ସମ୍ଭ୍ରମ ଓ ଶ୍ରଦ୍ଧା ନେଇ ମାନ୍ତୁବାବୁ ତାଙ୍କୁ ଅନାଇ ରହିଲେ । ହଠାତ୍ ବୃଦ୍ଧର ଆଖି ଜଳ ଜଳିଲା ପରି ଦିଶିଲା । ସେ କହିଲେ, "ଯୁବକ, ମୋତେ ତମେ ପ୍ରଶଂସାନେତ୍ରରେ ଦେଖୁଛ—ବଡ଼ ଅନ୍ୟାୟ ! ମୋର କର୍ତ୍ତବ୍ୟ ମୁଁ କରୁଛି ! ଦେଖ, ତାଙ୍କୁ ଈଶ୍ୱର ନେଇଗଲା ପରେ ମୁଁ ଏଠାକୁ ଆସି ନ ଥାନ୍ତି, ବରଂ ଏ ସ୍ଥାନ ତ୍ୟାଗ କରି ଯାଇଥାନ୍ତି; କିନ୍ତୁ ମରିବା ପୂର୍ବ ମୁହୂର୍ତ୍ତରେ ମୋ ଲିରି କହିଲେ,—ତାଙ୍କୁ ଏହି ସ୍ଥାନକୁ ନେଇ ଆସିବାକୁ ! ବହୁ କଷ୍ଟରେ ତ ତାଙ୍କୁ ନେଇ ଆସିଲି; କିନ୍ତୁ ଠିକ୍ ଏହିଠାରେ, ଠିକ୍ ଏହି ବେଞ୍ଚ ଉପରେ ତାକୁ ନୁଆଇଁ-

Digitized by srujanika@gmail.com

ଦେଲା ମୁହୂର୍ତ୍ତରେହିଁ—" ଏତିକି କହି ଏଥର ବୃଦ୍ଧ ବାଳକ ପରି ଭେଉଁ ଭେଉଁ କରି କାନ୍ଦି ଉଠିଲେ । କିଛିକ୍ଷଣ ପରେ ସେ ଶାନ୍ତ ହୋଇ କହିଲେ, "ଦେଖ ଯୁବକ, ପ୍ରେମ କଣ, ତମେ ବୁଝିନା । ଯଦି କେବେ ପ୍ରେମ କର, ଏଇ କଥାଟି ମୋର ମନେ ରଖିଥିବ—ପ୍ରେମିକାର ଇଚ୍ଛାହିଁ ପ୍ରେମିକର ଆଇନ, ଶାସ୍ତ୍ର, ଧର୍ମ ସବୁର ଶେଷ ! ମୁଁ ଯେ ଏଇ ୨୭ ବର୍ଷ କାଳ ଏ କର୍ତ୍ତବ୍ୟଟିକ କେଭେଁ ଭୁଲିନାହିଁ, ତାର କାରଣ ମୁଁ ଗର୍ବ କରି କହିପାରେ, ମୁଁ ମୋ ଲିଲିକୁ ପ୍ରକୃତରେ ପ୍ରେମ କରେଁ ! ପ୍ରେମର ପଥ, କର୍ତ୍ତବ୍ୟର ପଥ ଦୁଃଖମୟ, କିନ୍ତୁ ସେଥିଯୋଗେ ଯେଉଁ ଦୁଃଖ ହୁଏ, ତାର ସ୍ୱାଦ ସବୁ ସୁଖରୁ ବଳି ସୁଖ ! ଜାଣ ଯୁବକ, ଦିନେ ଯଦି ଏଠାକୁ ଆସି ଠିକ୍ ସମୟରେ ଘଣ୍ଟାଟିଏ ନ କାନ୍ଦିବ ତ ମୁଁ ସେହିଦିନ ନିଶ୍ଚୟ ମରିବ !"

ମାଲୁଙ୍କ ଆପାଦମସ୍ତକ ପ୍ରକମ୍ପିତ କରି ଗୋଟାଏ ବାଷ୍ପୋଚ୍ଛ୍ୱାସ ଉଠି କ୍ରମେ ମିଳାଇଗଲା । ସେ ହଠାତ୍ ଭୂଲୁଣ୍ଠିତ ହୋଇ ବୃଦ୍ଧଙ୍କ ପାଦତଳେ ପଡ଼ି ପାଦ ଧାରଣ କରିବାକୁ ଚାହିଁବେଳେ ବୃଦ୍ଧ ଦୂରକୁ ହଟିଯାଇ କହିଲେ, "ଯୁବକ, ମୁଁ ଜାଣିପାରୁଛି, ତମେ ଗୋଟିଏ ଭଲ ପ୍ରେମିକ ହେବ । କିନ୍ତୁ ଏ ଦୈନ୍ୟ ତୁମଠାରେ ଶୋଭା ପାଏ ନାହିଁ । ଯଦି ପ୍ରକୃତରେ ତୁମ୍ଭେ ମୋ କଥା ହୃଦୟଙ୍ଗମ କରିଛ ତ ଯାଅ, ଏହି ଦଣ୍ଡରେ ପ୍ରକୃତ କର୍ତ୍ତବ୍ୟର ପରିଶେଷ ପାଇଁ ଅଗ୍ରସର ହୁଅ । ଯାଅ, ଆଉ ବିଳମ୍ବ କରନାହିଁ । ଦେଖୁ ନାହିଁ—ମୋ କର୍ତ୍ତବ୍ୟରେ ବାଧା ଘଟୁଛି ।

ମାଲୁ ବାବୁ ବିତାଡ଼ିତ ହୋଇ ସେଠାରୁ ଧୀରେ ଧୀରେ ପ୍ରସ୍ଥାନ କଲେ । ହୋଷ୍ଟେଲରେ ପହଞ୍ଚିଲା ବେଳକୁ ପ୍ରାୟ ଆଠଟା । ରାତି ଦଶଟାରେ କଟକ ଗାଡ଼ି—

Digitized by srujanika@gmail.com

ମନେ ମନେ ।

(୬)

କନକ ଯେତେବେଳେ ତାର ସମସ୍ତ ମାନସିକ ଶକ୍ତି ପ୍ରୟୋଗ କରି କମ୍ପମାନ ଦେହଟିକୁ ବଶକୁ ଆଣି କୂଅ ଭିତରକୁ ଗଳାଇଦେଲା, ସେତେବେଳେ ଭୂତ, ଭବିଷ୍ୟତ୍, ବର୍ତ୍ତମାନ ଓ ନିଧି, ମିଳୁ, କାହାରି କଥା ବା କୌଣସି କଥା ତା ମନରେ ନ ଥିଲା । କେବଳ ଯେଉଁ କାର୍ଯ୍ୟଟି କରିବାକୁ ସେ ସଂକଳ୍ପ କରିଥିଲା, ସେହି କାର୍ଯ୍ୟରେହିଁ ତା ମନ ଏକାବେଳକେ ଡୁବି ରହିଥିଲା । ତାହାର ଅସୀମ ଧୈର୍ଯ୍ୟ ଓ ସାହସ ସେହି ମୁହୂର୍ତ୍ତରେ କୁଆଡ଼େ ଉଭେଇ ଯାଇଥିଲା— ଗୋଟାଏ ଅନିର୍ଣ୍ଣିତ ଆଶଙ୍କା ହଠାତ୍ ତା ମନଟିକୁ ଅଧିକାର କରି ପକାଇଥିଲା । ଯାହାର କାରଣ ସେ କିଛି ବୁଝି ପାରିଲା ନାହିଁ । ଘୋର ଅନ୍ଧକାର ଭିତରକୁ ଜାଣି ଶୁଣି ଗୋଡ଼ ବଢ଼ାଇବାବେଳେ ଯବ- ନିକା ସେ ପାଖର କଥା ଭାବିବା ଭଳି ଅବସ୍ଥା ତାର ନ ଥିଲା ସେତେବେଳେ । ତଥାପି ଗୋଟାଏ ଭୌତିକ ଭୟ ତାକୁ ଅଜ- ଣାରେ ଅଭିଭୂତ କରି ପକାଇବାକୁ ଚାହିଁଲା । ସେ ତାହାର ସମସ୍ତ ଶକ୍ତି ପ୍ରୟୋଗ କରୁଥିଲା ସେହି ଭୟଟିକୁ ଦୂରରେ ରଖିବାକୁ । ସେ ଏହିମାତ୍ର ନିଧିବାବୁଙ୍କୁ ସନ୍ତର୍ପଣରେ ଥରେ ଦେଖି ଆସିଥିଲା । ଶେଷ ଦେଖାରେ ତା ଆଖିରୁ ଲୁହ ବହିନଥିଲା । ସବୁ ଭାବ ନିକାଶ କରି ଆସିଥିଲା ସେ—ନିଧିବାବୁଙ୍କ ମୁଣ୍ଡ ଓ ଗୋଡ଼ ଉପରେ ହାତ ଦେଇ ସେ କାତର ଭାବରେ ମନାସିଥିଲା ତାଙ୍କର ଭବିଷ୍ୟତ୍ ସୁଖ, ଭବିଷ୍ୟତ୍ ଜୀବନର ଦାମ୍ପତ୍ୟ ସୌଭାଗ୍ୟ । ତାଙ୍କ ଚରଣଧୂଳି ନେଇ ମୁଣ୍ଡରେ ଲଗାଇ ସେ ପ୍ରାର୍ଥନା କରିଥିଲା, ତାର ସବୁ ଜଣା ଅଜଣା ଦୋଷ ଯେପରି ମାଫ୍ ହୁଏ । ଏତକ କରି ସାରି ତାର ଗୋଟାଏ

Digitized by srujanika@gmail.com

ଗମ୍ଭୀର ସ୍ୱସ୍ତି ମନରେ ଜାତ ହୋଇଥିଲା । ସେ ଭାବିଲା, ଏ ସଂସାରରେ ତାର ସବୁ ଦେଣା ପାଉଣାର ହିସାବ ନିକାଶ ହୋଇଗଲା; ଏଥର ତାର ବଡ଼ ଦୁଃଖର ଅସହ୍ୟ ଯନ୍ତ୍ରଣା ପ୍ରଶମିତ ହୋଇ ଯାଉଥିଲା । ତାର ସ୍ଥିର ସଂକଳ୍ପରୁ ଜାତ ମୁକ୍ତିର ଆନନ୍ଦ ଗୁଣୁଁ ଗୁଣୁଁ ସେ କୂପ ପାଖକୁ ଆସିଥିଲା । ସେଇଠାରେ ତା ଜୀବନର ଗୋଟିଏ ମାତ୍ର ମୁହୂର୍ତ୍ତ ବାକି ଥାଇ, ସେ ହଠାତ୍ ଭୟରେ ଅଭିଭୂତ ହୋଇ ପଡ଼ିଲା ।

ତା ଦେହଟି ପାଣିରେ ପଡ଼ି ଯେତେବେଳେ ଗୋଟାଏ ଝପକିନା ଶବ୍ଦ ତା କୂଅଆଡ଼େ ଗୁମରି ଉଠିଲା, ସେତେବେଳେ ତାର ମନେ ପଡ଼ିଗଲା ମିନୁ କଥା । ନା ସଙ୍ଗରେ ତ ତାର ହିସାବ ନିକାଶ ହୋଇ ପାରି ନାହିଁ ! ସେ ଭାବିଥିଲା, ସଂସାରରେ ସେ କିଛି ପକାଇ ରଖି ଯାଉ ନାହିଁ ବୋଲି—ତାର ତ କିଛି ଛାଡ଼ିଯିବା ଭଳି ନାହିଁ ! କିନ୍ତୁ ବର୍ତ୍ତମାନ ତାର ମନେହେଲା, ତାର ସବୁ ପଛରେ ପଡ଼ି ରହିଲା । ହେଉ ପଛକେ ! କିନ୍ତୁ ମିନୁ, ସେ କଣ କରିବ—ତାର ତ କିଛି ସେ କରି ଆସି ପାରିଲା ନାହିଁ ! ସେ ଯଦି ତାର ଅନୁସରଣ କରେ—! ସେତିକିବେଳେ ପାଣି ତାକୁ କ୍ରମେ ଅଭିଭୂତ କରି ପକାଇଲା । ସେ ଦୁଇ ହାତ ଦେଇ ପଙ୍କ ମଧ୍ୟରେ ଗୋଟାଏ ସ୍ଥୂଳ ପଦାର୍ଥ ଖୋଜି ବୁଲିଲା, ଆଶ୍ରୟ ଭାବରେ ଧରି ଆତ୍ମରକ୍ଷା କରିବାକୁ—ହିଁ ଆତ୍ମରକ୍ଷା କରିବାକୁ ! ଆତ୍ମରକ୍ଷାର ସହଜ ଆଗ୍ରହ—ଯାହା ଜୀବନର ଏକମାତ୍ର ଧର୍ମ—ତାକୁ ବ୍ୟାକୁଳ କରି ପକାଇଲା । ପାଣିଗୁଡ଼ାଏ ପିଉଁ ପିଉଁ ସେ ବିକଳ ଭାବରେ ଆଉ କିଛି ନ ପାଇ ଶେଷରେ ଅଦମ୍ୟ ଚେଷ୍ଟାରେ ଥରେ ଉପରକୁ ଉଠି-

Digitized by srujanika@gmail.com

ମନେ ମନେ ।

ବାର ଚେଷ୍ଟା କରି କୌଣସିମତେ ନିଜକୁ ପଙ୍କରୁ ଉଠାଇ ନେଲା ଓ ଅଧବାଟରେ ବାମ୍ପୀର ପାବଚ୍ଛର କରିଟାଏ ଧରିପକାଇ ଭାବିଲା—ବଞ୍ଚିଗଲି ! କିନ୍ତୁ ସେତିକିବେଳେ ତାର ଚେତା ବୁଡ଼ିଗଲା ।

× × × ×

କେତେ ସମୟ ପରେ କେଜାଣି,—କନକକୁ ଯୁଗ ଯୁଗ ପରି ଲାଗିଲା,—ସେ ଆଖି ମେଲି ଚାହିଁଲା; କିନ୍ତୁ ପ୍ରଥମେ କିଛି ବୁଝି ପାରିଲା ନାହିଁ । ନିଧି ବାବୁ, ଗଉଡ଼ଣୀ, ରଙ୍ଗୀ ପ୍ରଭୃତିଙ୍କ ମୁହଁକୁ ସେ ବାଲୁ ବାଲୁ କରି ଚାହିଁଲା କିଛିକ୍ଷଣ । ଗୋଟିଏ ଭଦ୍ରଲୋକ ତାକୁ ଆଖି ଖୋଲିବାର ଦେଖି ତା ପାଖକୁ ଧାଇଁ ଆସିଲେ ଓ ଆସି ଗୋଟାଏ କଣ ତା ପାଟିରେ ଢାଳିଦେଲେ । କନକ ଥରେ ଆଖି ବୁଜି ଭାବିବାର ଚେଷ୍ଟା କଲା । ବିଶେଷ କିଛି ଭାବିବା ପୂର୍ବରୁ ପୁଣି ଆଖି ଖୋଲି ଚାହିଁଲା । ଚାହିଁବା ମାତ୍ରକେ ନିଧିବାବୁଙ୍କ ସ୍ନେହ, ଚକିତ, ଆଗ୍ରହପୂର୍ଣ୍ଣ ଆଖିଯୋଡ଼ିକ ତା ମୁହଁ ଉପରେ ବ୍ୟାକୁଳ ଉତ୍କଣ୍ଠାରେ ସ୍ଥାପିତ ଦେଖିଲା । ହାତ ଦିଟା ତାର ଥରି ଉଠିଲା, ତା ଆଖିରେ ଗୋଟାଏ ଅଗ୍ରହ ଲେଖି ହୋଇଗଲା । କିନ୍ତୁ ତା ହାତ ସେହିପରି ଅଚେଷ୍ଟ ହୋଇ ପଡ଼ିରହିଲା—ହଲିଲା ନାହିଁ, ନା ଉଠିଲା ନାହିଁ । କନକ ନିଧିବାବୁଙ୍କୁ ଚିହ୍ନିଲା, ଆଉ ସମସ୍ତଙ୍କୁ ମଧ୍ୟ ଚିହ୍ନି ପାରିଲା; କିନ୍ତୁ କଥା କହିବାର ବା ଅନ୍ୟ କୌଣସି ପ୍ରକାରରେ ସେଟା ଜଣାଇବାର ଶକ୍ତି ତାର ନାହିଁ । ପୁଣି ସେ ଆଖି ବୁଜିଲା । ଫେର୍ ଆଖି ଖୋଲିଲା ବେଳକୁ ତାକୁ ଭେଟିଲା ଛଳଛଳ ଉତ୍କଣ୍ଠାପୂର୍ଣ୍ଣ ଆଖିଯୋଡ଼ିକ ରଙ୍ଗୀର । ଏଥର କନକ ଟିକିଏ ହସିବାକୁ ଚେଷ୍ଟା କଲା—ମୁଖବିକୃତିରୁ ଆଉ ଯେ ଯାହା ବୁଝୁ, ରଙ୍ଗୀ ବୁଝିଲା,

Digitized by srujanika@gmail.com

ମନେ ମନେ ।

କନକ ତାକୁ ଚିହ୍ନି ହସିଲା ବୋଲି । ରଙ୍ଗୀ ହଠାତ୍ କାନ୍ଦି କାନ୍ଦି ହୋଇ କାନ୍ଦି ଉଠିଲା । ଗଉଣୀ ସେତିକିବେଳେ ତାକୁ ପଛଆଡ଼ୁ ଭିଡ଼ି ଅନ୍ୟ ଆଡ଼କୁ ନେଇଗଲା । କନକ ମୁହଁରୁ କଥା ଆଉ କୌଣସିମତେ ବାହାରିଲା ନାହିଁ । ଡାକ୍ତର ସାହାବ ରାତି ଜଗି ରହିଲେ—ଆଉ ସମସ୍ତେ ମଧ୍ୟ ସେହିପରି ।

ଠିକ୍ ପାହାନ୍ତା ବେଳକୁ କନକ ପୁଣି ଆଖି ଖୋଲି ଚାହିଁଲା; ଚାରିଆଡ଼କୁ ବହୁକଷ୍ଟରେ ଉତ୍ସୁକଦୃଷ୍ଟି ନିକ୍ଷେପ କରି ଜଣାଇଲା, ଯେପରି ସେ କାହାରିକୁ ଖୋଜୁଛି । ସମସ୍ତେ ସେଠାରେ ଥିଲେ— ଅଥଚ କନକ ଆଖି କାହାରି ଉପରେ ନ ରହି ଅପ୍ରତିଭ ହୋଇ ପୁଣି ବନ୍ଦ ହୋଇଗଲା । ହଠାତ୍ ଗଉଣୀ ଉଠି ଆସି ନିଧି ବାବୁଙ୍କୁ କହିଲା, "ନିଧି, ମାଲୁକୁ ଗୋଟାଏ ତାର କର ।" ନିଧି ବାବୁ ବ୍ୟସ୍ତ ହୋଇ କହିଲେ "ଠିକ୍ ଠିକ ! କିନ୍ତୁ ତା ଠିକଣା ? ହଁ, ହଁ, ତା ଚିଠିରେ ଅଛି — ଦେଖେଁ ।" ନିଧି ବାବୁ ଖୋଜି ଖୋଜି ସେ ଚିଠିଖଣ୍ଡିକ ଆଉ ପାଇଲେ ନାହିଁ । ଏତିକିବେଳେ ବାହାର ଦାଣ୍ଡରେ ଗୋଟାଏ ଗାଡ଼ି ଆସି ରହିଲା । ସେ ଶବ୍ଦ ସଙ୍ଗେ ସଙ୍ଗେ କବାଟରେ ହାତ ମାରିବାର ଶବ୍ଦ ମଧ୍ୟ ଶୁଣାଗଲା ଖୁବ୍ କ୍ଷୀଣ ହୋଇ । କନକ ସେହିପରି ଆଖି ବୁଜିଥିଲା । ହଠାତ୍ ଆଖି ଖୋଲି ଅମିତବଳ ପ୍ରୟୋଗ କରି କରି ଲେଉଟାଇ ଦ୍ୱାର ଆଡ଼କୁ ଚାହିଁ ପଡ଼ି ରହିଲା । ଏକା ଗଉଣୀ ଜାଣିଲା, କେତେ ଉଦବେଗ ଉତ୍କଣ୍ଠା ତା ଆଖିରେ ନେଇ କନକ କାହାର ପ୍ରତୀକ୍ଷା କରୁଛି । ରଙ୍ଗୀ ମଧ୍ୟ ସେହିଠାରେ ଥିଲା । କନକ ଫେର ତା ଆଡ଼କୁ ଚାହିଁ କରୁଣ ହସ ଟିକିଏ ହସିଲା—ମୁଖବିକୃତିରୁ ରଙ୍ଗୀ କନକର ମନୋଭାବ ବୁଝି ଅଧୋବଦନରେ ରହିଲା । ଗଉଣୀ

Digitized by srujanika@gmail.com

ମନେ ମନେ ।

କହିଲା, "କିଏ ଆସିଲା, ଦେଖିବୁ ରେ ନିଧି !" ନିଧି ବାବୁ ନିଜ ଚିନ୍ତାରେ ନିଜେ ବିଭୋର ଥିଲେ, ଚମକି ପଡ଼ି ଉଠି ଗଡ଼ଗଡ଼ି କଥା ଶୁଣି ବାହାରି ଗଲେ । ଦ୍ୱାର ଦେଇ ଯାଉଁ ଯାଉଁ କନକର ଦୃଷ୍ଟି ତାଙ୍କ ଉପରେ ପଡ଼ିଲାବେଳେ ତା ମୁହଁ ଉପରେ ଗୋଟାଏ ନୂଆ ଭାବ ଖେଳିଗଲା କ୍ଷଣକ ପାଇଁ, ପୁଣି ସେହି ବ୍ୟାକୁଳ ପ୍ରତୀକ୍ଷାର ନିର୍ନିମେଷ ଦୃଷ୍ଟି !

କିଛି କ୍ଷଣ ପରେ ଦୀର୍ଘନିଶ୍ୱାସଟିଏ ପକାଇ କନକ ଆଖି ବୁଜିଲା କିନ୍ତୁ ଛନଛନ ଭାବ ତା ଦେହରୁ ଗଲା ନାହିଁ । ହଠାତ୍ ମିନ୍ତୁ ବାବୁ ବ୍ୟସ୍ତସମସ୍ତ ହୋଇ ନିଧି ବାବୁଙ୍କ ସାଙ୍ଗେ ସେ ଘରେ ପ୍ରବେଶ କରି ତା ବିଛଣା ପାଖକୁ ଧାଇଁ ଆସି, ସେହିଠାରେ ଥକ୍କା ହୋଇ ମୂକ ନିଶ୍ଚଳ ପରି ଛିଡ଼ା ହୋଇଗଲେ—ଦୃଷ୍ଟି କନକର ସୁପ୍ତିପୂର୍ଣ୍ଣ ଉଜ୍ଜ୍ୱଳ ମୁଖଟି ଉପରେ । ହଁ, କନକ ମୁହଁ ହଠାତ୍ କାହିଁକି ଉଜ୍ଜ୍ୱଳ ହୋଇ ଉଠିଲା ! ସେ ଆଉ ଆଖି ଖୋଲିଲା ନାହିଁ; ଅଥଚ କିଏ ଯେ ଆସି ତା ମୁଣ୍ଡ ପାଖରେ ଛିଡ଼ା ହୋଇଛି, ଏ କଥା ସେ ଭଲ ବୁଝି ପାରି ଥିଲା ପରି ଜଣାଗଲା । ତାର ଅଧରକୋଣରେ ଦିବ୍ୟ ହସ ଟିକିଏ ସେତିକିବେଳୁ ଲାଗି ହୋଇ ରହିଲା । ହଠାତ୍ ମିନ୍ତୁ ଜାଗ୍ରତ ହେଲା ପରି କିରି କନକ ମୁଣ୍ଡ ପାଖରେ ବସି ପଡ଼ି ଡାକିଲେ—"କନ୍କି, କନକ—ମତେ ଶୁଣି ଯା ।" କିଏ ଉତ୍ତର ଦେଉଛି ! ସେହି ହସଟିକ ଖାଲି ଶେଷ ଉତ୍ତର ପରି କନକମୁହଁରେ ଲାଗି ରହିଥାଏ । ମିନ୍ତୁ ବ୍ୟାକୁଳ ହୋଇ କନକ ମୁଣ୍ଡରେ ହାତ ଦେଇ କହିଲେ, "କନ୍କି, ମୁଁ ତୋ ପାଇଁ ନିମନ୍ତ୍ରଣ ନେଇ ଆସିଛି କନକ, ଥରେ ଶୁଣ—ମୁଁ ବାହା ହେବି ! ତୁ କହିଥିଲୁ ମୋ ବାହାଘରକୁ ତୋତେ ନେବି

Digitized by srujanika@gmail.com

ବୋଲି,—ଏଇ ତତେ ନବାକୁ ଆସିଛୁ ପରା ! କନକ—।" କନକ
କପାଳ ଉପରେ ମାଳୁଙ୍କ ଶୀତଳ ସ୍ପର୍ଶ ବୋଧ ହୁଏ ଏତେବେଳେ
ତା ଅନୁଭବ ଭିତରେ ଆସିଲା । ହଠାତ୍ କନକ କଷ୍ଟରେ ଆଖି
ଖୋଲି ଚାହିଁଲା ଓ ମାଳୁଙ୍କୁ ଦେଖି ତାର ସମସ୍ତ ମୁଖମଣ୍ଡଳ, ସମସ୍ତ
ଦେହଲତା କ ଗୋଟାଏ ମଧୁର କମ୍ପନରେ ଥରି ଥରି ଉଠିଲା । ସେ
ଅପଲକ ନେତ୍ରରେ ମାଳୁଙ୍କ ମୁହଁକୁ କିଛିକ୍ଷଣ ଦୂର ଦୃଷ୍ଟିରେ ଚାହିଁ,
କଣ କହିବାକୁ ଚାହିଁଲା—ମୁହଁରୁ କିନ୍ତୁ କଥା ବାହାରିଲା ନାହିଁ;
ଖାଲି ରହିଗଲା, ଗୋଟାଏ ହାସ୍ୟ-ରେଖା ଆଧରେ ଟିକିଏ ପରିସ୍ଫୁଟ
ହୋଇ । ସେ ଅନ୍ୟ ହାତ ଟେକି ଠାରିଲା—ରଙ୍ଗୀକୁ ନିକଟକୁ
ଆସିବାକୁ; ଗଉଣୀ ରଙ୍ଗୀକୁ ସବଳେ ଟାଣି ଆଣିଲା ବେଳକୁ ରଙ୍ଗୀ
କନକର ଗୋଡ଼ଟାଏ ଧରି ରହିଗଲା—ସେଠାରୁ ଘୁଞ୍ଚିବାକୁ ଚାହିଁଲା
ନାହିଁ; କିନ୍ତୁ କନକ ପୁଣି ବାଁ ହାତଟି କଷ୍ଟରେ ଟେକି ତାକୁ ଦେଖାଇ
ଦେଲା—ବୁଲି ଆସି ମାଳୁ କଣ୍ଠରେ ଛୁଡ଼ା ହେବାକୁ । ଗଉଣୀ ରଙ୍ଗୀକୁ
ଆଣି ଠିଆ କଲାରୁ କନକ ମାଳୁ ହାତ ସହିତ ନିଜର ଡାହାଣ
ହାତଟି ତା ଆଡ଼କୁ ପ୍ରସାରିତ କରି ଠାରି ହାବ ତାର (ରଙ୍ଗୀର)
ହାତ ବି ନିଜ ହାତକୁ ନେବାକୁ ଚାହିଁଲା । ଗଉଣୀ ପଛଆଡ଼ୁ ରଙ୍ଗୀର
ଦକ୍ଷିଣ ହସ୍ତଟି କନକ ହାତରେ ମାଳୁ ହାତ ସଙ୍ଗରେ ରଖି ଦେଇ
ଘୁଞ୍ଚିଗଲା । କନକ ଦୁଇ ହାତକୁ ସବଳେ ଏକ ସଙ୍ଗରେ ଚାପି ଧରି,
ଅକୁଣ୍ଠିତ ଆଖିପୋଡ଼କ ଟେକି ଥରେ ମାଳୁଙ୍କ ମୁହଁକୁ ଓ ଥରେ ରଙ୍ଗୀ
ମୁହଁକୁ ଚାହିଁଲା । ରଙ୍ଗୀ ନୀରବରେ କାନ୍ଦୁଥାଏ, ମାଳୁ କିନ୍ତୁ ଏଥର
ପିଲାଙ୍କ ପରି କାନ୍ଦି ଉଠି ରହିଲେ "କଙ୍କି, କଙ୍କି—" ସେହି ସ୍ଥିର
ଅପାର୍ଥିବ ହସଟିକ ନେଇ କନକ ଖର ଦୃଷ୍ଟିରେ ଥରେ ତାଙ୍କ ମୁହଁକୁ

Digitized by srujanika@gmail.com

ମନେ ମନେ ।

ଚୁହିଁ ଦେଲା । ସେ ଗୋଟାଏ ଅଜ୍ଞାତ କାଳର ଗୋଟାଏ ଶତସ୍ମୃତି-ଯୁକ୍ତ ଦୃଷ୍ଟିର ତୀକ୍ଷ୍ଣ ଆଦେଶ ନେଇ ମାଳୁଙ୍କୁ ସ୍ତମ୍ଭିତ କରିଦେଲା । ମାଳୁ କିଛିକ୍ଷଣ ଚୁପ୍ ରହି ଗଦ୍ ଗଦ୍ ଜଡ଼ିତ କଣ୍ଠରେ କହିଲେ "କଙ୍କି, ଠିକ କଏ--ତୁ ନା ମୁଁ ?" ଚମକି ଉଠିଲା ପରି ହୋଇ କନକ ପୁଣି ଥରେ ତାଙ୍କ ଆଡ଼କୁ ଅନାଇଲା; କିଛିକ୍ଷଣ ପରେ କି ଗୋଟାଏ ଦୁଃଖର ବେଗରେ ଦୃଷ୍ଟି ଫେରାଇ ଆଣିଲା । ମାଳୁ ଓ ରଙ୍ଗୀଙ୍କ ହାତଯୋଡ଼କୁ ଥରେ ଆଗ୍ରହରେ ଚିପି ଦେଇ, କଷ୍ଟରେ ନିଜ ହାତଟି ନିଜ ମୁଣ୍ଡ ପର୍ଯ୍ୟନ୍ତ ନେଇ, ନିଜ କପାଳରେ ତିନି-ଥର ସ୍ପର୍ଶ କରି ଜଣାଇଲା ପରି—କିଏ ଠିକ ! କନକର ଆଖି ଛଳଛଳ ହୋଇ ଆସୁଥିଲା, ସେ ହଠାତ୍ ବଳ ସଞ୍ଚୟ କରି ନେଇ କପାଳରୁ ନିଶ୍ଚେଷ୍ଟ ହାତଟି ଧୀରେ ଧୀରେ ଉଠାଇ ନେଇ ଅନ୍ୟ ପାଖରେ ନିଧି ବାବୁଙ୍କ ଗୋଡ଼ ଆଡ଼କୁ ଦରିଣ୍ଡି ବଢ଼ାଇଲା । ସେତିକିବେଳେ ତାର ପ୍ରାଣର ସମସ୍ତ ସଞ୍ଚିତ ଆବେଗ ପ୍ରୟୋଗ କରି ତା ମୁଣ୍ଡ ଓ ଛାତି ଥରେ ମାତ୍ର ବିଛଣାରୁ ଉପରକୁ କେତେ ଦୂର ଉଠି ପଡ଼ିଲା କାହାକୁ ଆଗ୍ରହରେ ଥରେ ଗ୍ରହଣ କରିବା ପାଇଁ, କିନ୍ତୁ ନିଧି ବାବୁ ଦୁଇ ବାହୁରେ ତାଙ୍କୁ କୁଣ୍ଢାଇ ଧରୁଁ ଧରୁଁ ଦେହ ତାର ନିଶ୍ଚେଷ୍ଟ ହୋଇ ପୁଣି ବିଛଣାରେ ଲେଟି ହୋଇ ପଡ଼ିଲା !

ମୁଦ୍ରାକର—ଶ୍ରୀ ଲିଙ୍ଗରାଜ ବେହେରା, ସ୍ୱର୍ଣ୍ଣପ୍ରଭା ପ୍ରିଣ୍ଟର୍ସ,
ତିଗରପଡ଼ା, କଟକ—୨

Digitized by srujanika@gmail.com

—: ପ୍ରାପ୍ତିସ୍ଥାନ :—

ଉତ୍କଳ ପ୍ରିଣ୍ଟିଂ ପ୍ରେସ୍

ଦଗରପଡ଼ା, କଟକ-୧

ଓ

ଅନ୍ୟାନ୍ୟ ବହି ଦୋକାନ

Digitized by srujanika@gmail.com